# ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 33 | ISSUE 292 | ଭାଗ ୩୩ | ସଂଖ୍ୟା ୨୯୨
Wednesday 14 January 2026 | Page 8 Rs. 5.00
ଭୁବନେଶ୍ୱର ବୁଧବାର ୧୪ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା





ପାକିସ୍ତାନକୁ ସେନାମୁଖ୍ୟଙ୍କ ଚରମ ଚେତାବନୀ

ପୃଷ୍ଠା ୪


## ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

ଯୋଗାଯୋଗ

Mail :- sancharodisha@gmail.com
Whatsapp :- +91 8093008776


### କେନ୍ଦୁଝରରେ ୧୯୦୦ କୋଟିର ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ବିକାଶରେ ବାଧକ ହେବନି ଆଞ୍ଚଳିକ ବୈଷମ୍ୟ




**ଏବେ କେନ୍ଦୁଝର ବିକାଶ ପାଇଁ ଠିକ୍ ସମୟ**

**୧୭୦୮ କୋଟିର ୩୫ଟି ପ୍ରକଳ୍ପର ଶିଳାନ୍ୟାସ**

**୧୯୪ କୋଟିର ୩୬ଟି ପ୍ରକଳ୍ପ ଉଦ୍‌ଘାଟିତ**

**ଆଞ୍ଚଳିକ ବୈଷମ୍ୟ ଦୂରହେବ**

**ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳ ହେବ ବିକଶିତ**

**ପ୍ରତ୍ୟେକ ଜିଲ୍ଲାରେ ହେବ ଶିଳ୍ପାୟନ**

ଭୁବନେଶ୍ୱର,୧୩।୧(ସଂଚାର ବ୍ୟୁରୋ): ବର୍ତ୍ତମାନ କେନ୍ଦୁଝର ବିକାଶ ପାଇଁ ଠିକ୍ ସମୟ। ଯେବେଠାରୁ ମା' ତାରିଣୀଙ୍କ ପ୍ରକଳ୍ପର ଶିଳାନ୍ୟାସ ହୋଇଛି, ସେବେଠାରୁ କେନ୍ଦୁଝର ବିକାଶର ଡବଲ ଇଞ୍ଜିନ ଗାଡ଼ିରେ ରକେଟ୍ ଇଞ୍ଜିନ ଲାଗିଛି ବୋଲି ଆଜି କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପାଇଁ ୧୯୦୦ କୋଟିରୁ ଊର୍ଦ୍ଧ୍ୱ ୭୧ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି ସମୁଦାୟ ୧୭୦୮ କୋଟି ଟଙ୍କା ମୂଲ୍ୟର ୩୫ଟି ପ୍ରକଳ୍ପର ଶିଳାନ୍ୟାସ କରାଯିବା ସହ ପ୍ରାୟ ୧୯୪ କୋଟି ଟଙ୍କାର ପ୍ରକଳ୍ପ ଲୋକାର୍ପିତ ହୋଇଛି। ଏଥିରେ କେନ୍ଦୁଝରର ସ୍କୁଲ, ହଷ୍ଟେଲ, ଇରିଗେସନ, ପାର୍କିଂ ଜୋନ, ରାସ୍ତା ନିର୍ମାଣ, ପୋଖରୀ ଉନ୍ନତିକରଣ, ପର୍ଯ୍ୟଟନ ପ୍ରକଳ୍ପ, ଲାଇବ୍ରେରୀ, କ୍ୟାରିଅର କାଉନ୍ସେଲିଂ ସେଣ୍ଟର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଅଙ୍ଗନବାଡ଼ି ବିଲ୍ଡିଂ ଆଦି ରହିଛି।

ପୂର୍ବରୁ ଘୋଷଣା ଅନୁଯାୟୀ, କେନ୍ଦୁଝରରେ ରିଜିଓନାଲ୍ ପ୍ଲାଣ୍ଟ୍ ରିସୋର୍ସ ସେଣ୍ଟର୍ ପାଇଁ ୫୦ କୋଟି ବିନିଯୋଗରେ ଶିଳାନ୍ୟାସ କରାଯାଇଛି। ଏଥିସହ ୩୮ କୋଟି ୨୨ ଲକ୍ଷ ଟଙ୍କାରେ ୧୪୭ଟି ମଡେଲ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା ପାଇଁ ମଧ ଶିଳାନ୍ୟାସ ହୋଇଛି। ୧୦୧ କୋଟି ଟଙ୍କା ବିନିଯୋଗରେ ୬ଟି ବ୍ଲକ୍‌ରେ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ମଧ ଶିଳାନ୍ୟାସ କରାଯାଇଛି। କେନ୍ଦୁଝରର ବିଭିନ୍ନ ସ୍ଥାନରେ ୨୧.୫୦ କୋଟି ଟଙ୍କା ବିନିଯୋଗରେ ୧୦୪ଟି ଏସିଆର୍, ➪ପୃଷ୍ଠା-୬

### ଟଙ୍କା ଆଗରେ ମମତା ତୁଚ୍ଛ

# ମାସକର ଶିଶୁକନ୍ୟାକୁ ୨୦ ହଜାରରେ ବିକିଦେଲେ



**ବାପା-ମା' ମୁଖ୍ୟ କାର୍ପେଟଦାର**

**ଏତଲା ଦେଲେ ଜେଜେମା'**

ଭଦ୍ରକ,୧୩।୧(ସଂଚାର ବ୍ୟୁରୋ): ଭଦ୍ରକରେ ସାମ୍ନାକୁ ଆସିଛି ଏକ ଅଭାବନୀୟ ଘଟଣା। ଜନ୍ମର ମାତ୍ର ମାସେ ପରେ ନିଜଠାରୁ ଛୁଆକୁ ଅଲଗା କରିବା ସହ ବାପା-ମା' ତାକୁ ମାତ୍ର ୨୦ ହଜାର ଟଙ୍କାରେ ଅନ୍ୟ କୋଳକୁ ଟେକିଦେଇଛନ୍ତି। ନିଜେ ଉକ୍ତ ଶିଶୁକନ୍ୟାର ଜେଜେମା' ଥାନାରେ ଏପରି ଅଭିଯୋଗ କରିବା ପରେ ସ୍ଥାନୀୟ ପୁଲିସ୍ ଚାଇଲ୍‌ଡଲାଇନ୍ ସହଯୋଗରେ ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନାନୁସାରେ, ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅଧୀନସ୍ଥ ବୟାବନାପୁର ଗ୍ରାମର ସାବିତ୍ରୀ ଦାସ ତାଙ୍କ ନାତୁଣୀକୁ ପୁଅ ସିପୁ ଓ ବୋହୂ ରୀନା ଦାସ ମାତ୍ର ୨୦ ହଜାର ଟଙ୍କାରେ ➪ପୃଷ୍ଠା-୬

### ଏଏସ୍‌ଡି ପ୍ରସଙ୍ଗରେ ଟାଟା ପାୱାରକୁ ଝଟକା

# ରିପୋର୍ଟ ତଲବ କଲେ ହାଇକୋର୍ଟ




**ଓଇଆରସି ଓ ଶକ୍ତି ବିଭାଗକୁ ନୋଟିସ**

କଟକ,୧୩।୧(ସଂଚାର ବ୍ୟୁରୋ): ଅତିରିକ୍ତ ବିଦ୍ୟୁତ ସୁରକ୍ଷା ଜମା (ଏଏସ୍‌ଡି) ଆଦାୟ ପ୍ରସଙ୍ଗରେ ଟାଟା ପାୱାରକୁ ରିପୋର୍ଟ ତଲବ କରିଛନ୍ତି ଓଡ଼ିଶା ହାଇକୋର୍ଟ। ଏଥିସହ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ଏବଂ ରାଜ୍ୟ ସରକାରଙ୍କୁ ମଧ ନୋଟିସ୍ ଜାରି ହୋଇଛି। ଦୁଇ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ସମସ୍ତ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ତିନି ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଆଜି ଦିନ ଧାର୍ଯ୍ୟ ହୋଇଛି। ଭଏସ ଅଫ କଟକ ପକ୍ଷରୁ ଏଏସ୍‌ଡି ଓ ସ୍ମାର୍ଟ ମିଟରକୁ ବିରୋଧ କରି ହାଇକୋର୍ଟରେ ରୁଜୁ ହୋଇଥିଲା ଜନସ୍ୱାର୍ଥ ମାମଲା। ଓଇଆର୍‌ସି ଓ ଓଡ଼ିଶା ବିଦ୍ୟୁତ ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ ଅଭିଯୋଗ ଦର୍ଶାଇ ଆବେଦନକାରୀ ଜଣଙ୍କ ମାମଲା ଦାୟର କରିଥିଲେ। ➪ପୃଷ୍ଠା-୬

# ନିଶାମୁକ୍ତ ଅଭିଯାନ ରାଷ୍ଟ୍ର ପ୍ରତି ଏକ ସଂକଳ୍ପ: ଧର୍ମେନ୍ଦ୍ର

### ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଆରମ୍ଭ



**ଉପରାଷ୍ଟ୍ରପତିଙ୍କ ଦ୍ୱାରା 'ସ୍ୱତନ୍ତ୍ର ଇ-ଶପଥ' ଉନ୍ମୋଚିତ**

ନୂଆଦିଲ୍ଲୀ,୧୩।୧(ସଂଚାର ବ୍ୟୁରୋ): ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପରିସରରେ ଆଜି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା 'ନିଶାମୁକ୍ତ କ୍ୟାମ୍ପସ ଅଭିଯାନ' ଆରମ୍ଭ ହୋଇଛି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହା କେବଳ ଏକ ଅଭିଯାନ ନୁହେଁ, ବରଂ ଆମର ଯୁବଶକ୍ତି, ସମାଜ ଓ ରାଷ୍ଟ୍ର ପ୍ରତି ଏକ ଦୃଢ଼ ସଂକଳ୍ପ। ଦିଲ୍ଲୀ ବିଶ୍ୱବିଦ୍ୟାଳୟ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ବରଂ ଏହା ନୂତନ ଚିନ୍ତାଧାରା ଓ ମୂଲ୍ୟବୋଧ ସୃଷ୍ଟିର ଏକ ସଶକ୍ତ କେନ୍ଦ୍ର। ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଶା ସେବନ ଭଳି ଏକ ଗମ୍ଭୀର ଆହ୍ୱାନର ସମାଧାନ ପାଇଁ ନିଆଯାଇଥିବା ଏହି ପଦକ୍ଷେପ ବେଶ୍ ପ୍ରଶଂସନୀୟ। ଏହି ଅଭିଯାନ ମାଧ୍ୟମରେ ବିଶ୍ୱବିଦ୍ୟାଳୟ ଏକ ଅତ୍ୟନ୍ତ ଗମ୍ଭୀର ଓ ଯୁବକେନ୍ଦ୍ରିକ ଆହ୍ୱାନର ସମାଧାନ ଦିଗରେ ଏକ ସଫଳ ପଦକ୍ଷେପ ଗ୍ରହଣ କରିଛି। ଏହି ପରିପ୍ରେକ୍ଷୀରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଏହି ଅଭିଯାନ ନିଶା ବିରୋଧରେ ଚାଲିଥିବା ଦେଶବ୍ୟାପୀ ଆନ୍ଦୋଳନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବେ ଉଭା ହେବ ବୋଲି ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

କେନ୍ଦ୍ର ମନ୍ତ୍ରୀ ଆହୁରି କହିଛନ୍ତି ଯେ ନିଶା କେବଳ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ନୁହେଁ, ବରଂ ଦେଶର ଭବିଷ୍ୟତ ତଥା ➪ପୃଷ୍ଠା-୬

### ପ୍ରଥମ ପ୍ରସ୍ତୁତି ବୈଠକରେ ରଥ ପରିଚାଳନା ନେଇ ଆଲୋଚନା

# ତ୍ରୁଟିଶୂନ୍ୟ ରଥଯାତ୍ରା ଉପରେ ଗୁରୁତ୍ୱ




**ବଡ଼ଦାଣ୍ଡରେ ମାଗଣା ଖାଦ୍ୟ ଷ୍ଟଲ୍‌କୁ ନା'**

**ସମୁଦ୍ରକୂଳରେ ହୋଇପାରିବନି ମେଗା ଇଭେଣ୍ଟ**

ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ଏଥିପାଇଁ ଆଗୁଆ ପ୍ରସ୍ତୁତି ନିମନ୍ତେ ଆଜି ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଛନ୍ତି। ଚଳିତ ବର୍ଷ ରଥଯାତ୍ରା ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏହା ପ୍ରଥମ ବୈଠକ ଥିଲା। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଅଗ୍ନିଶମ ଡିଜି ଡ଼ଃ. ସୁଧାଂଶୁ ଷଡଙ୍ଗୀ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ସମେତ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପୂର୍ତ୍ତ, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଜିଲ୍ଲାପାଳ, ଏସପି ଏବଂ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭିନ୍ନ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ, ରଥଯାତ୍ରା ସହିତ ସଂପୃକ୍ତ ଅନ୍ୟ ବିଭିନ୍ନ ସଂସ୍ଥାର ବରିଷ୍ଠ କର୍ତ୍ତୃପକ୍ଷ, ଶ୍ରୀମନ୍ଦିର ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।

ପ୍ରତିବର୍ଷ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟାରେ ବିଶ୍ୱ ପ୍ରସିଦ୍ଧ ପୁରୀର ରଥଯାତ୍ରା ଅନୁଷ୍ଠିତ ହୋଇଆସିଥିବା ବେଳେ ଆସନ୍ତା ଜୁଲାଇ ୧୬ରେ ରଥଯାତ୍ରା ଅନୁଷ୍ଠିତ ହେବା ନେଇ ବିଭିନ୍ନ ପଞ୍ଜିକାରେ ତାରିଖ ରହିଛି। କିନ୍ତୁ ଏନେଇ ଶ୍ରୀମନ୍ଦିରର ପାରମ୍ପରିକ ନୀତି ଅନୁସାରେ ଛତିଶା ନିଯୋଗ କମିଟି, ମୁକ୍ତି ➪ପୃଷ୍ଠା-୬

# ୧୮ରେ ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର,୧୩।୧ (ସଂଚାର ବ୍ୟୁରୋ): ସୁଭଦ୍ରା ଟଙ୍କା ନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଆସନ୍ତା ୧୮ ତାରିଖ ସୁଦ୍ଧା ହିତାଧିକାରୀମାନଙ୍କୁ ଏହି ଟଙ୍କା ମିଳିବ ବୋଲି ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଉକ୍ତ ଦିନ ୪ ଲକ୍ଷ ୫୭ ହଜାର ୬୮୧ ଜଣ ହିତାଧିକାରୀ ଏକକାଳୀନ ଦୁଇଟି କିସ୍ତି ପାଇବେ। ପ୍ରଥମ ଥର ପାଇଁ କିସ୍ତି ପାଇବେ ନୂଆ କରି ହିତାଧିକାରୀ ହୋଇଥିବା ୧ ଲକ୍ଷ ୭୮ ହଜାର ୩୯୮ ମହିଳା। ଏହାଛଡ଼ା ପ୍ରଥମ ଓ ଦ୍ୱିତୀୟ କିସ୍ତିରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ ମହିଳା ବି ପାଇବେ। ପୂର୍ବରୁ ଏହି ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିଥିବା ମହିଳା ଏକକାଳୀନ ୨ଟି କିସ୍ତି ପାଇବେ। ଅଭିଯୋଗ ଶୁଣାଣିରେ ୨୪ ହଜାର ୧୮ ଜଣ ହିତାଧିକାରୀ ସାମିଲ ହୋଇଛନ୍ତି। ଏ ବାବଦରେ ମୋଟ ୨୫୦ କୋଟି ଟଙ୍କାର ସହାୟତା ରାଶି ଖାତାକୁ ଯିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ନଭେମ୍ବରରେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା।


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in




# ୨୬୮ ବୋତଲ ମଦ ଜବତ

● ବାପାକୁ ଜେଲ, ପୁଅକୁ ମାଫ



**ରାଜନଗର, ୧୩।୧ (ସଂଚାର ବ୍ୟୁରୋ):** ରାଜନଗର ପୁଲିସ ମଦ ସହିତ ଚୋରା ମଦ ବେପାରୀଙ୍କୁ ଧରି ଥାନାକୁ ଆଣିଲା। ଚୋରା ମଦ ସହିତ ବାପ ପୁଅଙ୍କୁ ଧରିଥିବା ନେଇ ଧରିଥିବା ପୁଲିସ ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଲା। କିନ୍ତୁ ଥାନାରେ ଦୀର୍ଘ ସାଢେ ୩ ଘଣ୍ଟା ଅଭିଯୁକ୍ତ ରହିବା ପରେ ପୁଲିସ ବାପାକୁ ଜେଲ ପଠାଇଥିବା ବେଳେ ପୁଅକୁ ଥାନାରୁ ଛାଡିଦେଇଛି।

ସୂଚନା ମୁତାବକ ରାଜନଗର ଥାନା ଅନ୍ତର୍ଗତ ଜୁଣୁପାଙ୍ଗରା ଛକରେ ଭରତ ଜେନା ପିତା -ଉଦ୍ଧବ ଜେନା ଓ ବାବୁନି ଜେନା ପିତା – ଭରତ ଜେନାଙ୍କର ପାନ, ଥଣ୍ଡା ଓ ଷ୍ଟେସନାରୀ ଦୋକାନ ରହିଛି। ନିୟମିତ ଭାବେ ଚୋରା ମଦ ବ୍ୟବସାୟ କରନ୍ତି। ଗତକାଲି ସନ୍ଧ୍ୟାରେ ରାଜନଗର ଥାନାର ଏଏସଆଇ ଶିଶିର କୁମାର ସାହୁ ସଦଳବଳେ ଜୁଣୁପାଙ୍ଗରା ଛକରେ ଭରତ ଜେନାଙ୍କ ଦୋକାନରେ ଚଢାଉ କରିଥିଲେ। ମଦ ବିକୁଥିବା ଓ ଷ୍ଟକ ରଖିଥିବା ଭରତ ଜେନା ଓ ତାଙ୍କ ପୁଅ ବାବୁନି ଜେନାଙ୍କୁ ପୋଲିସ କାବୁ କରିବା ସହିତ ଦୋକାନରୁ ୨୬୮ ବୋତଲ ମଦ ବିଦେଶୀ ମଦ ଜବତ କରିଥିଲେ। ସନ୍ଧ୍ୟା ପ୍ରାୟ ୭ଟା ବେଳେ ପୋଲିସ ଉଭୟଙ୍କୁ ମଦ ସହିତ ଥାନାକୁ ଆଣିଥିଲା। କିନ୍ତୁ ରାତି ପ୍ରାୟ ୧୧ଟା ବେଳେ ଭରତ ଜେନଙ୍କୁ ଥାନାରେ ରଖି ତାଙ୍କ ପୁଅ ବାବୁନିଙ୍କୁ ପୁଲିସ ଛାଡି ଦେଇଛି। ଏଥି ପାଇଁ ଜଣେ ନେତା ଓ ଚୋରା ମଦ ବେପାରୀଙ୍କ ଠାରୁ ମାସିକିଆ ଆଣୁଥିବା ଜଣେ କର୍ମଚାରୀଙ୍କ ମାଧ୍ୟମରେ ବଡ ଅଙ୍କର ଡିଲ ପରେ ଅଭିଯୁକ୍ତଙ୍କୁ ପୁଲିସ ଛାଡି ଦେଇଥିବା ଅଭିଯୋଗ ହୋଇଛି ।

# ଅକାଳରେ ଚାଲିଗଲା ସ୍ୱାମୀଙ୍କ ଜୀବନ

# ଶୁଦ୍ଧିକ୍ରିୟା ପାଇଁ ଅର୍ଥ ଅଭାବ

**ମହାକାଳପଡ଼ା, ୧୩।୧ (ସଂଚାର ବ୍ୟୁରୋ):** ଅକାଳରେ ସ୍ୱାମୀଙ୍କ ଦେହାନ୍ତ ପରେ ଏବେ ଶୁଦ୍ଧିକ୍ରିୟା ପାଇଁ ମୃତକଙ୍କ ପତ୍ନୀ ଓ ତାଙ୍କ ଝିଅ ଚିନ୍ତାରେ ପଡ଼ିଛନ୍ତି। ପାଖରେ ଟଙ୍କାଟିଏ ସମ୍ବଳ ନଥିବା ଏହି ଅଭାବି ପରିବାର ଏବେ ଶୁଦ୍ଧିକ୍ରିୟା ପାଇଁ ସରକାରୀ ଓ ବେସରକାରୀ ସହାୟତା ପାଇଁ ଗୁହାରି କରିଛନ୍ତି। ଏମିତି ପରିସ୍ଥିତିରେ ପ୍ରଶାସନ ଏ ଘଟଣାରେ ହସ୍ତକ୍ଷେପ କରି ଅଭାବି ପରିବାରଙ୍କ ପାଖରେ ମୌଳିକ ସୁବିଧା ସୁଯୋଗ ଯୋଗାଇବା ସହ ଶୁଦ୍ଧିକ୍ରିୟା ପାଇଁ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

ଏମିତି ଏକ ଆଖିଭିଜା ଓ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ମହାକାଳପଡା ପଞ୍ଚାୟତ ଅଧିନସ୍ଥ ଚଡାଇଗୁଆଁ ଗ୍ରାମରେ। ସେହି ଗ୍ରାମର ପ୍ରମୋଦ ଦାସ ଓରଫ ହଗୁରା (୭୦) ଜଣେ ଦିନ ମଜୁରୀଆ ଭାବେ କାର୍ଯ୍ୟ କରି ତାଙ୍କ ପରିବାର ପ୍ରତିପୋଷଣ କରିଆସୁଥିଲେ। ପରିବାର କହିଲେ ତାଙ୍କର ପତ୍ନୀ ସୁଶାନ୍ତି ଦାସ (୬୦)



**ସହାୟତା ପାଇଁ ସୁଶାନ୍ତିଙ୍କ ଗୁହାରି**

**ନାହିଁ ପକ୍କାଘର, ପହଞ୍ଚିନି ବିଦ୍ୟୁତ୍**

ଓ ୧୮ ବର୍ଷୀୟ ଝିଅ ଲକ୍ଷ୍ମୀପ୍ରିୟା ଦାସ। ଆଜିକୁ ନଅ ଦିନ ହେବ ପ୍ରମୋଦଙ୍କ ଦେହାନ୍ତ ହୋଇଯାଇଛି। ଘରର ଏକମାତ୍ର ରୋଜଗାରିଆ ବୋଲାଉଥିବା ପ୍ରମୋଦଙ୍କ ଦେହାନ୍ତ ପରେ ପତ୍ନୀ ଓ ଝିଅ ସଂପୂର୍ଣ୍ଣ ବେସାହାରା ହୋଇପଡିଛନ୍ତି। ଯେଉଁ ଚାଳ ଛପର ଘର ଖଣ୍ଡିଏ ରହିଛି ତାହା ମାଟିରେ ମିଶିବାକୁ ସଙ୍ଘର୍ଷ କରୁଛି। କାନ୍ଥ ଭୁଷୁଡି ଗଲାଣି ଓ ୩ ବର୍ଷ ହେବ ଛପର ନହୋଇ ପାଲ ଖଣ୍ଡିଏ ପଡ଼ିଛି । ଆଜି ପର୍ଯ୍ୟନ୍ତ ତାଙ୍କ ପାଖରେ ପହଞ୍ଚିନି ବିଦ୍ୟୁତ୍ ସୁବିଧା। ଏମିତି ଅବସ୍ଥାରେ ସେହି ଭଙ୍ଗା ଦଦରା କୁଡିଆରେ ବଞ୍ଚିବା କଷ୍ଟଠାରୁ ସ୍ୱାମୀଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟ କିପରି ହେବ ସେହି କଷ୍ଟରେ ଏବେ ସନ୍ତୁଳି ହେଉଛନ୍ତି ବିଧବା ମାଆ ସହିତ +୨ ପଢୁଆ ଏକମାତ୍ର ଝିଅ। ଗ୍ରାମବାସୀ ମାନଙ୍କ ସହଯୋଗରେ ପ୍ରମୋଦଙ୍କ ଶବ ସତ୍କାର କରାଯାଇଥିଲା। ଏବେ ସ୍ୱାମୀଙ୍କ ଶୁଦ୍ଧିକ୍ରିୟା ପାଇଁ ସରକାରଙ୍କୁ ସହାୟତା ପାଇଁ ଗୁହାରି କରିଛନ୍ତି ପତ୍ନୀ ସୁଶାନ୍ତି ଓ ଝିଅ ଲକ୍ଷ୍ମୀପ୍ରିୟା।

ଅନ୍ୟପଟେ ଖବର ପାଇ ମାରୁତି ଯୁଥ ସେବା ଟ୍ରଷ୍ଟ ଓ କ୍ରିଷ୍ଟା ଏଣ୍ଟରପ୍ରାଇଜ ତରଫରୁ ପରିବାରକୁ ଜରୁରୀକାଳୀନ ଭିତ୍ତିରେ ବେସରକାରୀ ସହାୟତା ପ୍ରଦାନ କରାଯାଇଛି। ପ୍ରଶାସନ ତରଫରୁ ଶୁଦ୍ଧିକ୍ରିୟା ପାଇଁ ଆର୍ଥିକ ସହାୟତା କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ଆଦର୍ଶ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ପଟ୍ଟାମୁଣ୍ଡାଇ, ୧୩।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଓ ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ସଡ଼କ ସୁରକ୍ଷା ସପ୍ତାହ-୨୦୨୬ ପାଳନ ଅବସରରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଓ ଏମଏନ ହାଇସ୍କୁଲ ମିଳିତ ଭାବେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରିଥିଲେ। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇ ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସ୍ଥାନରେ ସଚେତନତା ସୃଷ୍ଟି କରାଯାଇଥିଲା ।

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଏମଏନ ହାଇସ୍କୁଲ ଏନସିସି ଶିକ୍ଷକ ସରୋଜ ସ୍ୱାଇଁ, ଖେଳ ଶିକ୍ଷକ ଶଶାଙ୍କଶେଖର ସାହୁ, ସହକାରୀ ଶିକ୍ଷକ ଅଶୋକ ଦାଶ, ସହକାରୀ ଶିକ୍ଷୟିତ୍ରୀ ଅନିତା ଧଳ, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ହାଇସ୍କୁଲର ଏନ ସି ସି, ସ୍କାଉଟ ଓ ଶହ ଶହ ଛାତ୍ରଛାତ୍ରୀ ଏମଏନ ହାଇସ୍କୁଲରୁ ସଡ଼କ ସୁରକ୍ଷା ଜୀବନ ରକ୍ଷା, ନିଶା ସେବନ କରି ଗାଡି ଚଳାଇବା ନାହିଁ, ହେଲମେଟ ପିନ୍ଧି ଗାଡି ଚଳାଇବା,ସରକାରୀ ନୀତି ନିୟମ ଓ ଟ୍ରାଫିକ ନିୟମ ମାନିବା ଆଦି ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ବାହାରି ପୋଖରୀଆପଡା, ବେଲତଳ ପଟ୍ଟାମୁଣ୍ଡାଇ ସହର ସମେତ ବିଭିନ୍ନ ଅଂଚଳ ପରିକ୍ରମା କରି ସଡ଼କ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରିଥିଲେ ।

### ମହଙ୍ଗା ପଡିଲା ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

# ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ



**ମହାକାଳପଡା, ୧୩।୧ (ସଂଚାର ବ୍ୟୁରୋ):** ଜଣେ ଯୁବକଙ୍କୁ ସ୍ୱାମୀ, ସ୍ତ୍ରୀ ଓ ପୁଅ ମିଳିତ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣର ଶୀକାର ହୋଇଥିବା ଯୁବକ କଟକର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏନେଇ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ ପରେ ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

ସୂଚନା ମୁତାବକ ମହାକାଳପଡ଼ା ଥାନା ଅନ୍ତର୍ଗତ ବିଲିପଦା ଗ୍ରାମର ନାରାୟଣୀ ରାଇସ୍ ମିଲ୍ କାନ୍ଥର ପ୍ଲାଷ୍ଟର କାମ ଚାଲିଥିବା ସମୟରେ ସେଠାରେ ସୁପରଭାଇଜର ଭାବେ ଅଳାଇଲୋ ଗ୍ରାମର ସୁଶାନ୍ତ ନାୟକ କାର୍ଯ୍ୟ ତଦାରଖ କରୁଥିଲେ। କାମକୁ ନେଇ ସୁଶାନ୍ତଙ୍କ ସହିତ ବିଲିପଦା ଗ୍ରାମର ରବୀନ୍ଦ୍ର ପଣ୍ଡାଙ୍କ ମଧ୍ୟରେ ପ୍ରବଳ ବାକ୍-ବିନିମୟ ହୋଇଥିଲା। ସୂଚନା ପାଇ ସୁଶାନ୍ତଙ୍କ ଭାଇ ପ୍ରଶାନ୍ତ ନାୟକ ଘଟଣାସ୍ଥଳରେ ପହଞ୍ଚି ବିବାଦକୁ ଶାନ୍ତ କରିଥିଲେ। ଏହା ପରେ, ସକାଳ ପ୍ରାୟ ୧୦ ଘଟିକା ସମୟରେ ସୁଶାନ୍ତ ନାୟକ ଏବଂ ପ୍ରଶାନ୍ତ ନାୟକ ବିଲିପଦା ଦେଇ ସେମାନଙ୍କ ଗାଁ ଅଳାଇଲୋକୁ ଫେରୁଥିବା ବେଳେ, ସେଠାରେ ପୂର୍ବରୁ ଉପସ୍ଥିତ ଥିବା ରବୀନ୍ଦ୍ର ପଣ୍ଡା, ଆଦିତ୍ୟ ପଣ୍ଡା, ସଚିନ ପଣ୍ଡା ଏବଂ ବିଶ୍ୱରାଣୀ ପଣ୍ଡା ସେମାନଙ୍କୁ ଅଟକାଇଥିଲେ। ସଚିନ ପଣ୍ଡା ସୁଶାନ୍ତ ନାୟକଙ୍କ ମୁଣ୍ଡରେ ଏକ ଧାରୁଆ ଲୁହା ଅସ୍ତ୍ରରେ ଆକ୍ରମଣ କରିଥିଲେ। ରବୀନ୍ଦ୍ର ପଣ୍ଡା ପୁଣି ଏକ ଧାରୁଆ ଲୁହା ମାରଣାସ୍ତ୍ରରେ ସୁଶାନ୍ତ ନାୟକଙ୍କ ମୁଣ୍ଡରେ ଆକ୍ରମଣ କରିଥିଲେ। ଆକ୍ରମଣ ଫଳରେ, ସୁଶାନ୍ତ ନାୟକଙ୍କ ମୁଣ୍ଡର ବାମ ପାର୍ଶ୍ୱରେ ଗଭୀର ଆଘାତ ଲାଗି ଗୁରୁତର ହୋଇଥିଲେ।

# ଚୋରାମଦ ସହ ଗଞ୍ଜେଇ ଜବତ, ୧୧ଗିରଫ





**କେନ୍ଦ୍ରାପଡ଼ା, ୧୩।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର.ଆୟାରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଗ୍ରାମାଳ, ଆଳି, ପାଟକୁରା, ମାର୍ଶାଘାଇ ଓ ରାଜନଗର ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଏହି ଚଢାଉ ଫଳରେ ମାଳପଟଣା ଗ୍ରାମର ଅକ୍ଷୟ ଲେଙ୍କା(୬୮)ଙ୍କ ଠାରୁ ୧ କିଗ୍ରା ଗଞ୍ଜେଇ, ଅଠରବାଟିଆ ଗ୍ରାମର ଜିତେନ୍ଦ୍ର ସେଠୀ(୨୮)ଙ୍କ ଠାରୁ ୨୭ ଲିଟର ବିଦେଶୀ ମଦ, ଲୋକନାଥ ଗ୍ରାମର ବଳରାମ ମଳିକ(୩୨)ଙ୍କ ଠାରୁ ୨୩ ଲିଟର ଦେଶୀ ମଦ, ବଡପଡା ଗ୍ରାମର ଚନ୍ଦନ ମଳିକ(୫୦)ଙ୍କ ଠାରୁ ୧୫ ଲିଟର ବିଦେଶୀ ମଦ, ବାରତୁଙ୍ଗା ଗ୍ରାମର ଅମୂଲ୍ୟ ସ୍ୱାଇଁ(୩୪)ଙ୍କ ଠାରୁ ୧୪ଶହ ଲିଟର ଦେଶୀ ରନ୍ଧା ମଦ ଓ ଗୁଡ ପୋଚ, ଡିଖିରୀ ଗ୍ରାମର କମଳା ବେହେରା(୫୫ )ଙ୍କ ଠାରୁ ୧୮ ଲିଟର ବିଦେଶୀ ମଦ, ପାଟଳିପଙ୍କ ଗ୍ରାମର କୈଳାଶ ବେହେରା(୫୫ଙ୍କ ଠାରୁ ୧୭ ଲିଟର ଦେଶୀ ମଦ, କେରଡାଗଡ ଗ୍ରାମର ସସ୍ମିତ ସାହୁ(୩୮)ଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ, ରିଘାଗଡ ଗ୍ରାମର ସଞ୍ଜୟ ମାଝୀ(୪୯)ଙ୍କ ଠାରୁ ୨୧ ଲିଟର ବିଦେଶୀ ମଦ ଓ ଶିବ ସେଠୀ(୪୯)ଙ୍କ ଠାରୁ ୨୮ ଲିଟର ବିଦେଶୀ ମଦ ଏବଂ ରାଧାମଳିପୁର ଗ୍ରାମର ମୁମାଇତୀ(୪୯)ଙ୍କ ଠାରୁ ୧୩ ଲିଟର ବିଦେଶୀ ମଦ ସହ ଏକ ମୋଟର ସାଇକେଲ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ ୧୫୮୧ ଲିଟର ଦେଶୀ, ବିଦେଶୀ, ଦେଶୀ ରନ୍ଧା, ଗୁଡ ପୋଚ ମଦ ଓ ଏକ ମୋଟର ସାଇକେଲ ସମେତ ଏକ କିଗ୍ରା ଗଞ୍ଜେଇ ଜବତ କରାଯାଇ ୧୧ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ।

### ଜିଲ୍ଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# କେନ୍ଦ୍ରାପଡ଼ାର ବିକାଶ ହେଲେ ରାଜ୍ୟର ବିକାଶ ହେବ



**କେନ୍ଦ୍ରାପଡ଼ା, ୧୩।୧ (ସଂଚାର ବ୍ୟୁରୋ):** ଜିଲ୍ଲା ମହୋତ୍ସବ, ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଏବଂ ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ମେଳା ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ହେବା ସହିତ, ପଟ୍ଟାମୁଣ୍ଡାଇ ଠାରେ ଏମ ଏସ ଏମ୍ ଇ ପାର୍କ କରାଯିବ ବୋଲି କହିଛନ୍ତି। ଏହାଛଡା ସୁଭଦ୍ରା, କୃଷକ, ଯୁବ ଗୋଷ୍ଠି, ଶିକ୍ଷା ଗ୍ରାମୀଣ ବିକାଶ ଇତ୍ୟାଦି ଉପରେ ଡବଲ ଇଞ୍ଜିନ ସରକାର କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି । ରାଜ୍ୟକୁ ଅର୍ଥନୀତି କ୍ଷେତ୍ରରେ ଏକ ନମ୍ବର କରିବା, ବିକଶିତ ଓଡିଶା ବିକଶିତ ଭାରତ ସହ ତୁଳସୀ କ୍ଷେତ୍ରର ମହତ୍ତ୍ୱ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

ଆଜିର କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ ନାୟକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକୃଷ୍ଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପୂର୍ବରୁ କେନ୍ଦ୍ରାପଡ଼ାର ଶ୍ରୀ ବଳଦେବଜୀଉ ଏକାଡେମୀ ଅଫ ଡ୍ରାମା ଏବଂ କଲଚରର ଲୋକ ନୃତ୍ୟ, ନିଉ ଷ୍ଟାର ଡ୍ୟାନ୍ସ ଏକାଡେମୀ, ଗଡ଼ମେକରର ଓଡିଶୀ ନୃତ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲେ । ମାନ୍ୟବର ମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ ଜିଲ୍ଲା ପାଇଁ ଗୌରବ ଆଣିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଆଜି ମାନ୍ୟବର ମନ୍ତ୍ରୀଙ୍କ ଜନ୍ମଦିନ ଥିବାରୁ ଜିଲ୍ଲାପାଳ ରଘୁରାମ ଆର ଆୟର ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ରସାବଳି ପ୍ରଦାନ କରିଥିଲେ । ବୈଠକ ପରେ ପରେ ମାନ୍ୟବର ମନ୍ତ୍ରୀ ଓରମାସର ବିଭିନ୍ନ ଷ୍ଟଲ ବୁଲିଥିଲେ। ଦ୍ୱିତୀୟ ଦିନରେ ଶେଷରେ ଓଡିଶାର ସୁନାମ ଧନ୍ୟ କଳାକାର ରୁକୁ ସୁନା ସୁନ୍ଦର ସୁନ୍ଦର ଗୀତରେ ଦର୍ଶକଙ୍କୁ ଝୁମେଇଥିଲେ ।

# ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଜନ୍ମଦିନ ଧୁମଧାମରେ ପାଳିତ



**ପାରାଦୀପ, ୧୩।୧ (ସଂଚାର ବ୍ୟୁରୋ):** ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଙ୍କ ଜନ୍ମଦିନ ସାରା ନିର୍ବାଚନ ମଣ୍ଡଳୀ ରେ ଧୁମଧାମ ରେ ପାଳନ କରାଯାଇଛି! ଜିରୋପଏଣ୍ଟ ରେ ଥିବା ବିଜେପି ପାର୍ଟି ଅଫିସ ରେ ମହାଆଡ଼ମ୍ବର ରେ ଜନ୍ମଦିନ ପାଳନ କରାଯାଇଅଛି! ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରି ନିର୍ବାଚନ ମଣ୍ଡଳୀ ର ମନ୍ଦିର ରେ ଦ୍ୱୀପ ଦାନ କରାଯାଇଛି ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଯେମିତି କି ବୃକ୍ଷ ରୋପଣ,ମାଗଣା ସ୍ୱାସ୍ଥ୍ୟ ଶିବିର, ଗରିବ ଲୋକ ମାନଙ୍କୁ କମ୍ବଳ ବଣ୍ଟନ, ଅନ୍ନ ଦାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି!

# ୯୮ ଗ୍ରାମର ହେରୋଇନ ଜବତ, ମହିଳାଙ୍କ ସମେତ ଦୁଇ ଗିରଫ

**ପାରାଦୀପ, ୧୩।୧ (ସଂଚାର ବ୍ୟୁରୋ):** ମଙ୍ଗଳବାର ଦିନ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଚଢାଉ କରି ଦୁଇ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ବିଭାଗ। ଜଗତସିଂହପୁର ଥାନା ଅନ୍ତର୍ଗତ ମାର୍କଣ୍ଡପୁର ଗ୍ରାମରେ ଦୀର୍ଘ ଦିନ ହେବ ବ୍ରାଉନସୁଗାର କାରବାର ଲୁଚାଛପାରେ ଚାଲୁଥିବାର ଏକ ଅଭିଯୋଗକୁ ଭିତ୍ତି କରି ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଇନ୍ସପେକ୍ଟର ପ୍ରଭାସ ଚୋଧୁରୀଙ୍କ ନେତୃତ୍ୱରେ ଏକ ଟିମ ମାର୍କଣ୍ଡେଶ୍ୱର ମନ୍ଦିର ନିକଟରେ ଅଭିଯୁକ୍ତ ମହିଳା ଜଣଙ୍କ ଗ୍ରାହକଙ୍କୁ ହେରୋଇନ ବିକ୍ରି କରିବା ପାଇଁ ଆସିଥିବା ବେଳେ ପୂର୍ବରୁ ଛକି ରହିଥିବା ଟିମ୍ ତାଙ୍କୁ କାବୁ କରିନେଇଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ୮୨ ଗ୍ରାମର ବେଆଇନ ହେରୋଇନ ଏବଂ ଏକ ଆଣ୍ଡ୍ରଏଡ ଫୋନ ଜବତ କରାଯାଇଥିଲା ଯାହାର ଆନୁମାନିକ ମୂଲ୍ୟ ୮,୨୦,୦୦୦ ଟଙ୍କା ହେବ। ଗିରଫ ଅଭିଯୁକ୍ତ ଜଣକ ହେଲେ କଣ୍ଟାବଲ୍ଲଭପୁର ଗ୍ରାମର ରବିନ୍ଦ୍ରନାଥ ଭୋଇଙ୍କ ପତ୍ନୀ ଟୁନି ଭୋଇ(୫୦)। ସେହିପରି ଅନ୍ୟ ଏକ ଘଟଣାକ୍ରମ ଜଗତସିଂହପୁର ଅବକାରୀ ରେଞ୍ଜର ଇନ୍ସପେକ୍ଟର ଶ୍ରୀକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରର ଅନ୍ୟ ଏକ ଟିମ ବାଲିକୁଦା ଥାନା ଅନ୍ତର୍ଗତ ମାଛଗାଁ ବଜାରରେ ଚଢାଉ କରି ୧୬ ଗ୍ରାମର ହେରୋଇନ ଜବତ କରିବା ସହ ହେରୋଇନ ବ୍ୟବସାୟରେ ଜଡିତ ଥିବା ସିଙ୍ଗିତାଳିଆ ଗ୍ରାମର ସ୍ୱର୍ଗତ ଗୁରୁଚରଣ ନାୟକ ଙ୍କ ପୁଅ ସୂର୍ଯ୍ୟକାନ୍ତ ନାୟକ(୨୯) ଙ୍କୁ ଗିରଫ କରିଛି।

# କୃଷି ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



**ରାଜନଗର, ୧୩।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସଦର ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ବିଶ୍ୱ ପ୍ରକାଶ ସାମଲ ଓ ରାଜନଗର ସେବା ସମବାୟ ସମିତିର ସଭାପତି ଦଧିବାମନ ଭୁଁୟା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନି ଉତ୍ସବରେ ସମିତିର ନିର୍ଦ୍ଦେଶକ ରବିନାରାୟଣ ଲେଙ୍କା, ଅକ୍ଷୟ କୁମାର ନାୟକ, ଗଣେଶ୍ୱର ସାହୁ, ଚିତ୍ତରଂଜନ ଦାସ, ଦାମୋଦର ସାମଲ, ଖଗେଶ୍ୱର ସେଠୀ, ମାଳତୀ ସ୍ୱାଇଁ, ରଂଜନ କୁମାର ପ୍ରଧାନଙ୍କ ସମେତ ମଇଷାସୁର ସରପଞ୍ଚ ଅଶୋକ କୁମାର ମହାନ୍ତି, ଚାଷୀ ଅରକ୍ଷିତ ପ୍ରଧାନ,ବାଇଧର ସେଠୀ, ଗୌରାଙ୍ଗ ରାଉତ, ନୀଳମଣି ସାହୁ,ବିର କିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ନୁଧା ବସନ୍ତ ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଧାନମଣ୍ଡି ଉଦଘାଟନ ହୋଇଯାଇଛି । ସମିତିର ସଭାପତି ରତ୍ନାକର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମଣ୍ଡିକୁ ଉଦଘାଟନ କରିଥିଲେ। ବାଲିସାହିପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ମଧ ଧାନମଣ୍ଡି ଉଦଘାଟନ ହୋଇଯାଇଛି।

# ଜିଲ୍ଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷର ଉଦ୍‌ଯାପନୀ ଉତ୍ସବ



**କେନ୍ଦ୍ରାପଡା, ୧୩।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜଳସେଚନ ବିଭାଜନ ପକ୍ଷରୁ ଜଷ୍ଟିଲୋ ଜଳସେଚନ ଡାକବଙ୍ଗଳା ପରିସରରେ ଜିଲ୍ଲାସ୍ତରୀୟ ପାଣିପାୟତ ପକ୍ଷ-୨୦୨୬ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜଳସେଚନ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଇଂ ଉମେଶ ଚନ୍ଦ୍ର ସେଠୀ ଅଧ୍ୟକ୍ଷତା କରିଥିଲେ । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର. ଆୟାର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପସଭାପତି ଭୀଷ୍ମ ମହାନ୍ତି, ଜିଲ୍ଲାପରିଷଦ ସଦଶ୍ୟ ରଶ୍ମିରଞ୍ଜନ ରାଉତ, ନିର୍ମଳା ମହାନ୍ତି, ଜିଲ୍ଲା ମୁଖ୍ୟ ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ, ଉଠା ଜଳସେଚନର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ସ୍ୱାଇଁ, ଡ୍ରେନେଜ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ବିଜୟ ସେଠୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ନିର୍ମଳ କୁମାର ଜେନା, ଉଦ୍ୟାନ କୃଷି ଅଧିକାରୀ ସୌମ୍ୟରଞ୍ଜନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ ।

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ପାଣି ପଞ୍ଚାୟତ ଯୋଜନାକୁ ଗଣତାନ୍ତ୍ରିକ ପଦ୍ଧତିରେ ସଫଳ ଓ ଦୀର୍ଘ ସ୍ଥାୟୀ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ କରିବା, ଜଳ ବନ ଜନିତ ବିବାଦର ଗଣତାନ୍ତ୍ରିକ ପଦ୍ଧତିରେ ଆପୋଷ ସମାଧାନ କରିବା ସମ୍ପର୍କରେ ସମସ୍ତଙ୍କୁ ଶପଥପାଠ କରାଇଥିଲେ । ଫସଲ ବିବିଧକରଣ, ଅର୍ଥକରୀ ଫସଲ ଯଥା ଡାଲି ଜାତୀୟ ଫସଲ ଉତ୍ପାଦନ, ଜଳବାୟୁ ଅନୁକୂଳ, ଚାଷ ପଦ୍ଧତି ଏବଂ ସମନ୍ୱିତ ଚାଷ ପଦ୍ଧତି ଉପଯୋଗ କରିପାରିଲେ କୃଷକମାନେ ନିଜ ଜୀବିକାର ମାନ ବୃଦ୍ଧି କରିପାରିବେ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ବ୍ରାଜିଲ ଭଳି ଦେଶର କୃଷକମାନେ ଚଣା ବା ଡାଲି ଜାତୀୟ ଫସଲ ଉତ୍ପାଦନ କରି ବିଦେଶକୁ ରପ୍ତାନି କରନ୍ତି ଓ ନିଜର ଆର୍ଥିକ ମାନଦଣ୍ଡ ବୃଦ୍ଧି କରିପାରିଛନ୍ତି ବୋଲି ତାଙ୍କ ଅଭିଭାଷରେ କହିଥିଲେ । ଆୟୋଜିତ ଏହି ଦିବସ ଉପଲକ୍ଷେ ଜଳସେଚନ ବିଭାଜନ ପକ୍ଷରୁ ଜିଲ୍ଲାସ୍ତରୀୟ ରଚନା, କୁଇଜ, ଚିତ୍ରକଳା, ବକ୍ତୃତା ଓ ମଡେଲ ପ୍ରତିଯୋଗିତାର ୧୪ ଜଣ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଯଥାକ୍ରମେ ୩୦୦୦, ୨୫୦୦, ୨୦୦୦ ଟଙ୍କାର ଅର୍ଥ ରାଶି ସହ ପ୍ରମାଣ ପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ ।

# ବାଲି ଚୋରି କରୁଛି କୁଦାନଗରୀ ପୁଲିସ

- ନିଶା କାରବାରଠୁ ବଳିଗଲାଣି ବାଲି ଚୋରି
- କାଁଭାଁ ଚଢ଼ଉ କରି ରାଜସ୍ୱ ବିଭାଗ ଚୁପ୍
- ଚାଲାଣ ପଛରେ ପୋଲିସ୍ ବାବୁ !
- ବାଲି ଚାଲାଣରୁ ବଢୁଛି ଅପରାଧ

**କେନ୍ଦ୍ରାପଡା, ୧୩।୧ (ସଂଚାର ବ୍ୟୁରୋ):** ଅବୈଧ ନିଶା କାରବାର ଭଳି କେନ୍ଦ୍ରାପଡା ଜିଲ୍ଲାରେ କୋଟି କୋଟି ଟଙ୍କାର ବେଆଇନ୍ ବାଲି ଚାଲାଣ ରାଜସ୍ୱ ବିଭାଗର ନିଦ ହଜାଇ ଦେଇଛି। କେବଳ ଜିଲ୍ଲା ମଧ୍ୟରେ ସୀମିତ ରହିନି ଏହି କାରବାର, ପଡ଼ୋଶୀ ଜିଲ୍ଲାକୁ ଲମ୍ବିଛି ଏହାର ଚେର। ଜିଲ୍ଲାରେ ବାଲି ଟ୍ରିପ୍ ପିଛା ଅଢ଼େଇରୁ ୩ ହଜାର ଟଙ୍କା ମଧ୍ୟରେ ବିକ୍ରି ହେଉଥିବା ବେଳେ ପଶ୍ଚିମବଙ୍ଗକୁ ଚାଲାଣ କଲେ ଟ୍ରିପ୍ ପିଛା ୫ରୁ ୬ ହଜାର ଯାଏ ମିଳୁଛି। ଯାହାଫଳରେ ବାଲି ଭଳି ଲଘୁ ଖଣିଜ ସାମଗ୍ରୀ ଉପରେ ଆଖି ପକାଇଛନ୍ତି ମାଫିଆ।

ନଦୀରୁ ଟ୍ରାକ୍ଟରରେ ବୋହି ନେଇ ଚୋରା ଡିପୋରେ ଗଦା କରି ରଖୁଛନ୍ତି। ବର୍ଷ କେଇଟାରେ ବାଲି ମାଫିଆ ବିତ୍ତଶାଳୀ ହେବା ସାଙ୍ଗକୁ କୋଟି କୋଟି ଟଙ୍କାର ସରକାରୀ ରାଜସ୍ୱ ହାତଉଛନ୍ତି। ଏହି ବେଆଇନ୍ କାରବାରକୁ ନେଇ ଜିଲ୍ଲାରେ ଦ୍ରୁତ ବେଗରେ ଅପରାଧ ବି ବୃଦ୍ଧି ପାଉଛି। ବାଲି ଖାଦାନରେ ଚଢ଼ଉ ବେଳେ ସରକାରୀ ଅଧିକାରୀଙ୍କୁ ବାଲି ମାଫିଆମାନେ ନାଲି ଆଖି ଦେଖାଇବାକୁ ପଛାଉ ନାହାନ୍ତି। ଏହା ପଛର ମୁଖ୍ୟ କାରଣ ଏବେ ସାଜିଛନ୍ତି ସ୍ଥାନୀୟ ପୋଲିସ। ପୋଲିସ ଅଧିକାରୀଙ୍କ ଭିତରି ସମ୍ପର୍କ ପାଇଁ ବାଲି ମାଫିଆ କେଉଁ ଅଧିକାରୀଙ୍କୁ ଭୟ କରୁନାହାନ୍ତି । ଯାହାର ଉଦାହରଣ ଦେଖିବାକୁ ମିଳିଛି କୁଦାନଗରି ଥାନା ଅଂଚଳରେ।

ଦିନ ଦ୍ୱିପ୍ରହରରେ ମଙ୍ଗଳବାର ଦିନ ବାଲି ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳିଥିଲା। ଏକାଧିକ ଟ୍ରାକ୍ଟର ଦ୍ୱାରା ଗରଦପୁର ତହସିଲ ଅଧିନରେ ଥିବା କୁଦାନଗରୀ ନିକଟରେ ଥିବା ବାଲି ଶଯ୍ୟାରୁ ବେଆଇନ ଭାବେ ବାଲି ଲୁଟ୍ ହେଉଥିଲା । ଏହି ଦୃଶ୍ୟ ଦେଖିବା ପରେ ସମ୍ପୂର୍ଣ୍ଣ ଦୃଶ୍ୟଙ୍କୁ କ୍ୟାମେରାରେ କଏଦ୍ କରାଯାଇଥିଲା। ଏହା ପରେ ଉପସ୍ଥିତ ସଂଚାର ଟିମ୍ ଏବଂ ଉପସ୍ଥିତ ସାମ୍ବାଦିକ ପ୍ରଥମେ ସ୍ଥାନୀୟ କୁଦାନଗରୀ ଥାନା ଅଧିକାରୀଙ୍କୁ ଫୋନ୍ ଯୋଗେ ଖବର ଦେଇଥିଲେ। ଅଧିକାରୀ ଜଣଙ୍କ ଥାନାର ଷ୍ଟାଫ ଚୋରା ଚାଲାଣ ହେଉଥିବା ସ୍ଥାନକୁ ଯାଉଛନ୍ତି ବୋଲି କହିଥିଲେ । କିନ୍ତୁ ଫୋନ୍ କଲ୍ କରିବାର ମାତ୍ର କିଛି ସମୟ ମଧ୍ୟରେ ପୋଲିସ ଅଧିକାରୀ ଘଟଣା ସ୍ଥଳକୁ ଆସିବା ପରିବର୍ତ୍ତେ ବାଲି ଚୋରା ଚାଲାଣ ପଛରେ ଥିବା ଯୁବକ ଜଣଙ୍କ ସାମ୍ବାଦିକଙ୍କ ପାଖରେ ପହଞ୍ଚିଥିଲେ । ସାମ୍ବାଦିକଙ୍କ ନିକଟରେ ଯୁବକ ଜଣଙ୍କ ପହଞ୍ଚିବା ଖେଣି ପ୍ରଥମେ ଆଇଆଇସିଙ୍କୁ କାହିଁ ଫୋନ୍ କଲ ବୋଲି ପ୍ରଶ୍ନ କରିଥିଲେ । ଯୁବକ ଜଣଙ୍କ ପାଖରୁ ଏହା ଶୁଣିବା ପରେ ସାମ୍ବାଦିକ ପ୍ରଥମେ ଚକିତ ହୋଇଯାଇଥିଲେ। ସିଧା ସଳଖ ମାଫିଆଙ୍କ ସହ ସ୍ଥାନୀୟ କୁଦାନଗରୀ ପୁଲିସ ଏହି ବେଆଇନ୍ ବାଲି ଚୋରା ଚାଲାଣ ପଛରେ ହାତ ଥିବା ସ୍ପଷ୍ଟ ହୋଇଛି।



କିଛି ଦିନ ହେବ ଏହି ଅଞ୍ଚଳରେ ଅସାମାଜିକ କାର୍ଯ୍ୟ କଳାପ ବୃଦ୍ଧି ପାଇବାରେ ଲାଗିଛି। ହତ୍ୟା, ଡ଼କାୟତି , ରହାଜାନି ଠୁ ଆରମ୍ଭ କରି ବେଆଇନ୍ ବନ୍ଧୁକ ମଧ କାରବାର ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲାରେ ଅନ୍ୟ ଥାନା ଅଞ୍ଚଳଠୁ କୁଦାନଗରୀ ଏବେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ କଲେଜ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ପଟ୍ଟାମୁଣ୍ଡାଇ, ୧୩।୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ ମହାବିଦ୍ୟାଳୟର ୨୫ ତମ ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଶ୍ରୀଧର ବେହେରା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ +୨ମହିଳା କଲେଜର ଅଧକ୍ଷା ଡକ୍ଟର ରାଜଲକ୍ଷ୍ମୀ ମହାନ୍ତି ଯୋଗଦେଇ ଶିକ୍ଷା ସହ କ୍ରୀଡ଼ା ର ଭୂମିକା ବିଷୟରେ ଉଦବୋଧନ ଦେଇଥିଲେ , କ୍ରୀଡା ଶିକ୍ଷକ ଅଳକା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କ୍ରୀଡା ସଂଯୋଜିକା ଶୁଭଶ୍ରୀ ପ୍ରିୟଦର୍ଶନୀ ତରାଇ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଏହି ବାର୍ଷିକ କ୍ରୀଡା ପ୍ରତିଯୋଗିତାକୁ ଅଧାପକ ରମେଶ ଦେଠୀ, ଅଧାପିକା ଗୀତାଞ୍ଜଳି କର, ବନ୍ଦନା ରାଣୀ ପଣ୍ଡା, ସରିତାରାଣୀ ଦାସ, ସୁକାନ୍ତ ନାଥ, ନିର୍ମଳ ସେଠୀ, ଅମିତ ନାୟକ, ରୋଜାଲିନ ସାହୁ , ଲିତାଲି ଲେଙ୍କା , ସ୍ୱପ୍ନାରାଣୀ ମଲିକ , ବିନୋଦିନୀ ନାୟକ, ଅନନ୍ୟା ଆତ୍ମଜା ମଲିକ, ସୋନାଲି ଦାସ ପ୍ରମୁଖ ପରିଚାଳନା କରିଥିଲେ । ଏହି ବାର୍ଷିକ କ୍ରୀଡା ଉତ୍ସବରେ ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ କଲେଜ ଓ ମହିଳା ଉଚ୍ଚମାଧମିକ ବିଦ୍ୟାଳୟର ଅଧାପକ/ଅଧାପିକା ଓ କର୍ମଚାରୀ ଓ ଛାତ୍ରୀମାନେ ଯୋଗ ଦେଇଥିଲେ। ପରିଶେଷରେସହସଂଯୋଜିକା ଜ୍ୟୋର୍ତିମୟୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନକିଣାରେ ଓଡ଼ିଶାର ସ୍ଥିତି ଚିନ୍ତାଜନକ: ବିଜେଡି



ଭୁବନେଶ୍ୱର,୧୩।୧(ସଂଚାର ବ୍ୟୁରୋ): ରାଜ୍ୟରେ ଧାନ କିଣାକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଚାଷ ଉପରେ ନିର୍ଭର କରୁଥିବା ପ୍ରାୟ ୭୦ ପ୍ରତିଶତ ଲୋକ ଆଜି ସରକାରଙ୍କ ପ୍ରତାରଣାର ଶିକାର ହୋଇଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ସ୍ଥାନୀୟ ଶଙ୍ଖ ଭବନରେ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା, ଗଣମାଧ୍ୟମ ସଂଯୋଜକ ତଥା ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି ଓ ଗଣମାଧମ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଧାନକିଣାରେ ଅବ୍ୟବସ୍ଥା ଓ ଚାଷୀକୁଳ ପ୍ରତି ସରକାରଙ୍କ ଉଦାସୀନତା ନେଇ ବର୍ଷିଛନ୍ତି। ଶ୍ରୀ ଦାସବର୍ମା କହିଛନ୍ତି ଯେ ଓଡ଼ିଶାର ପ୍ରାୟ ୭୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରୁଥିବାରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। କିନ୍ତୁ ଚଳିତ ବର୍ଷ ଧାନ ସଂଗ୍ରହ କାର୍ଯ୍ୟ ସମ୍ପୂର୍ଣ୍ଣ ଅବ୍ୟବସ୍ଥିତ ହୋଇ ପଡ଼ିଛି। ନିର୍ବାଚନ ସମୟରେ ବିଜେପି ଚାଷୀମାନଙ୍କୁ ରାଜ୍ୟର ସମସ୍ତ ବଳକା ଧାନ କିଣାଯିବ ନେଇ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। କାରଣ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଧାନ ସଂଗ୍ରହ ହେଉନାହିଁ ଅର୍ଥାତ୍ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। କାରଣ ରାଜ୍ୟରେ ପଞ୍ଜିକୃତ ୧୯ ଲକ୍ଷ ୬୬ ହଜାର ୧୮୧ ଚାଷୀଙ୍କ ମଧ୍ୟରୁ ମାତ୍ର ୩ ଲକ୍ଷ ୪୦ ହଜାର ୨୧୪ ଜଣ ଧାନ ବିକିପାରିଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ତାରିଖ ସୁଦ୍ଧା ବି ୮ଟି ଜିଲ୍ଲାରେ ମଣ୍ଡି ଖୋଲାଯାଇପାରିନାହିଁ। ପରେ ମୁଖ୍ୟ ଶାସନ ସଚିବ ମଧ ମଣ୍ଡି ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ ବି ମିଲରମାନେ ସେମାନଙ୍କ କଥା ମାନିନାହାନ୍ତି। ଓଡ଼ିଶାର ଟାର୍ଗେଟ ୭୩ ଲକ୍ଷ ମେଟ୍ରିକ ଟନ ଥିବା ବେଳେ ଅଦ୍ୟାବଧି ମାତ୍ର ୧୭.୮୫ ଲକ୍ଷ ଟନ ଧାନ ସଂଗ୍ରହ ହୋଇଛି। ଏ କ୍ଷେତ୍ରରେ ଓଡ଼ିଶା ଛତିଶଗଡ଼ଠାରୁ ଯଥେଷ୍ଟ ପଛରେ ରହିଛି ବୋଲି ଶ୍ରୀ ଦାସବର୍ମା କହିଛନ୍ତି। ସେହିପରି ଡ. ମହାନ୍ତି ଚାଷୀଙ୍କ ସମସ୍ୟାର ସମାଧାନ ନ ହେଲେ ବିଜେଡି ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି।

ଭିବି ଜି ରାମ ଜି’ ଜନଜାଗରଣ ଓ ରାଜ୍ୟସ୍ତରୀୟ କର୍ମଶାଳା

# କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବଢ଼ିବ ସମନ୍ୱୟ: ରାଜକୁମାର



ଭୁବନେଶ୍ୱର,୧୩।୧(ସଂଚାର ବ୍ୟୁରୋ): ମନରେଗାରେ ବ୍ୟାପକ ଦୁର୍ନୀତି ଚାଲିଥିଲା। ଏଥିରେ ସଂସ୍କାର ଆଣିବା ଉଦ୍ଦେଶ୍ୟରେ ‘ଭିବି ଜି ରାମ ଜି-୨୦୨୫’ ବିଲ୍‌କୁ ଆଇନରେ ପ୍ରଣୟନ କରାଯାଇଛି, ଯାହା ଗ୍ରାମାଞ୍ଚଳର ଗରିବ, ଚାଷୀ, ମଜୁରିଆଙ୍କ ଜୀବନରେ ପରିବର୍ତ୍ତନ ଆଣିବ ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ‘ଭିବି ଜି ରାମ ଜି’ ଜନଜାଗରଣ ଓ ରାଜ୍ୟସ୍ତରୀୟ କର୍ମଶାଳାରେ କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ରାଜକୁମାର ଚହର କହିଛନ୍ତି। ସେ କହିଛନ୍ତି ଯେ ପୂର୍ବରୁ ମନରେଗାରେ କେବଳ ୧୦୦ ଦିନର ରୋଜଗାର ମିଳୁଥିଲା। ଅଧିକନ୍ତୁ ଅନେକ ସମୟରେ ୧୦୦ ଦିନର କାମ ମିଳୁ ନ ଥିଲା। କିନ୍ତୁ ଏବେ ‘ଭିବି ଜି ରାମ ଜି’ ଯୋଜନାରେ କର୍ମନିଯୁକ୍ତି ଅବଧିକୁ ୧୨୫ ଦିନ କରାଯାଇଛି। ଗ୍ରାମାଞ୍ଚଳର ଏକ ପରିବାର ଏତିକି ଦିନର କାମ ପାଇବା ନିଶ୍ଚିତ। ପୂର୍ବ ସରକାର ସମୟରେ ପ୍ରକଳ୍ପ ନାଁରେ ଗାଁରେ କେବଳ ଗାତ ଖୋଳାଯାଉଥିଲା ଆଉ ପୁଣି ତାହା ପୋତା ଯାଉଥିଲା। ମାତ୍ର ମୋଦି ସରକାର ଗାଁର ମୌଳିକ ବିକାଶର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ବିକଶିତ ଗାଁ ଗଠନ ନିଷ୍ପତ୍ତି ନେଇଛନ୍ତି। କାରଣ ବିକଶିତ ଗାଁ ଦ୍ୱାରା ହିଁ ବିକଶିତ ରାଷ୍ଟ୍ର ଗଠନ ହୋଇପାରିବ। ଫଳରେ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବାର ଲକ୍ଷ୍ୟ ପୂରଣ ହୋଇପାରିବ। ଏବେ ଗାଁଗୁଡ଼ିକର ସମ୍ପୂର୍ଣ୍ଣ ବିକାଶର କାମ ‘ଭିବି ଜି ରାମ ଜି’ ମାଧ୍ୟମରେ ହୋଇପାରିବ। ଏହାଦ୍ୱାରା ଗ୍ରାମଗୁଡ଼ିକ ବିକାଶ ଅଭିମୁଖେ ଅଗ୍ରସର ହୋଇପାରିବ। ଏହି ଯୋଜନା ଦ୍ୱାରା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ବଢ଼ିବ। ଏଆଇ, ଜିପିଏସ୍ ଓ ମୋବାଇଲ୍ ଜରିଆରେ ସ୍ୱଚ୍ଛତା ଅବଲମ୍ବନ କରାଯାଇପାରିବ। କିନ୍ତୁ ବିରୋଧୀ ଦଳଗୁଡ଼ିକ ଏହି ଆଇନ ସମ୍ପର୍କରେ ଅପପ୍ରଚାର ଚଳାଉଛନ୍ତି, ଯେଉଁଥିରେ ସେମାନେ କିଛି ବି ଫାଇଦା ପାଇବେନି ବୋଲି ଶ୍ରୀ ଚହର କହିଛନ୍ତି। ସେହିପରି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ‘ଭିବି ଜି ରାମ ଜି’ରେ ଆମୂଳଚୂଳ ପରିବର୍ତ୍ତନ କରାଯାଇଛି। ଏଥିରେ ଲୋକଙ୍କ ପାଖରେ ଯୋଜନା ସୁଫଳ ପହଞ୍ଚାଇବାକୁ ବ୍ୟବସ୍ଥା କରାଯାଇଛି।

## ଅପପ୍ରଚାର କରୁଛନ୍ତି ବିରୋଧୀ

ମନରେଗାର ତ୍ରୁଟିବିଚ୍ୟୁତିର ସଂଶୋଧନ କରାଯାଇଛି। ୧୫ ଦିନରେ କାମ ନ ମିଳିଲେ, ଭତ୍ତା ଦିଆଯିବ। ଏହି ସାମ୍ବାଦିକ ସମ୍ମିଳନୀରେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ସାଂସଦ ବଳଭଦ୍ର ମାଝୀ, ବିଧାୟକ ଅମର ନାୟକ ଉପସ୍ଥିତ ଥିଲେ।

ଚିପ୍ସ ପ୍ୟାକେଟ୍ ଖେଳଣା ହେଲା କାଳ

# ବିସ୍ଫୋରଣରେ ଆଖି ହରାଇଲେ ନାବାଳକ



ବଲାଙ୍ଗୀର,୧୩।୧(ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ଥାନା ଅନ୍ତର୍ଗତ ଶଗଡ଼ ଘାଟ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଚିପ୍ସ ପ୍ୟାକେଟରେ ଥିବା ଖେଳଣା ଅଚାନକ ବିସ୍ଫୋରଣ ହେବାରୁ ଗ୍ରାମର ଜଣେ ନାବାଳକ ଆଖି ହରାଇଛନ୍ତି।

ମିଳିଥିବା ସୂଚନାନୁସାରେ, ବରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ଏକ କମ୍ପାନୀ ଚିପ୍ସ ତିଆରି କରି ପିଲାଙ୍କୁ ଆକର୍ଷିତ କରିବା ସକାଶେ ଉକ୍ତ ପ୍ୟାକେଟରେ ଖେଳଣା ଦେଇଆସୁଛି। ଏହି କ୍ରମରେ ଗ୍ରାମର ଏକ ଦୋକାନରେ ଉକ୍ତ ଚିପ୍ସ ପ୍ୟାକେଟ ବିକ୍ରି ହେଉଥିବା ବେଳେ ଗତ ରବିବାର ଲବ ହରପାଲଙ୍କ ପୁଅ ଅଙ୍କେଶ (୮) ଉକ୍ତ ଦୋକାନରୁ ଗୋଟିଏ ଚିପ୍ସ ପ୍ୟାକେଟ କିଣିଥିଲେ। ଏହାକୁ ସେ ଘରେ ଖାଇବା ପରେ ସେଥିରେ ଥିବା ଖେଳଣାକୁ ନିଆଁରେ ପକାଇଦେଇଥିଲେ। ତେବେ ତାହା ହଠାତ୍ ବିସ୍ଫୋରଣ ହେବା ଫଳରେ ଅଙ୍କେଶଙ୍କ ଆଖିରେ ଆଘାତ ଲାଗିବା ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ଲାଗି ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସିତ ହୋଇଥିଲେ ହେଁ ତାଙ୍କର ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଡାକ୍ତର କହିଛନ୍ତି। ଏନେଇ ଅଙ୍କେଶଙ୍କ ମା’ ଓ ବାପା ଗତକାଲି ଟିଟିଲାଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ଚିପ୍ସ ବିକୁଥିବା ଉକ୍ତ କମ୍ପାନୀ ବନ୍ଦ କରିବା ସହ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ଆଖି ହରାଇଥିବା ନାବାଳକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବା ସକାଶେ ଦାବି ହୋଇଛି।

ଶିଶିର ମେଳାରେ ଜମିବ ମକର ମାହୋଲ

# ଆଜି କାଇଟ୍ ଶୋ’, ୧୫ରେ ପ୍ରତିଯୋଗିତା




ଭୁବନେଶ୍ୱର,୧୩।୧(ସଂଚାର ବ୍ୟୁରୋ): ଆସନ୍ତାକାଲି ପବିତ୍ର ମକର ସଂକ୍ରାନ୍ତ ସମଗ୍ର ରାଜ୍ୟରେ ପାଳିତ ହେବାକୁ ଯାଉଥିବା ବେଳେ ଗୁଡ଼ି ଉଡ଼ାଇବାର ପୁରୁଣା ଲୋକ ପରମ୍ପରା, ଆନନ୍ଦ ଓ ଉତ୍ସବର ମାହୋଲକୁ ନୂଆ ପିଢ଼ି ସହ ଯୋଡ଼ିବା ଉଦ୍ଦେଶ୍ୟ ନେଇ ଓରମାସ ଓ ସୁଭଦ୍ରା ଶକ୍ତି ପକ୍ଷରୁ ଚଳିତ ‘ଶିଶିର ସରସ-୨୦୨୬’ ମେଳା ପରିସରରେ ଏକ ବିଶେଷ ‘କାଇଟ୍ ଶୋ’ର ଆୟୋଜନ କରାଯିବ। ଏହି ‘କାଇଟ୍ ଶୋ’ ସନ୍ଧ୍ୟା ୪ଟାରୁ ୫ଟା ପର୍ଯ୍ୟନ୍ତ ଚାଲିବ, ଯେଉଁଠାରେ ପାରମ୍ପରିକ ଓ ଆଧୁନିକ ଡିଜାଇନର ବିଭିନ୍ନ ପ୍ରକାର ଗୁଡ଼ିରେ ଆକାଶ ରଙ୍ଗିନ ହେବ। ଏଥିସହ ପଶୁପକ୍ଷୀ ଆକୃତିର ବେଲୁନ୍ ଗୁଡ଼ି ପିଲାମାନଙ୍କ ମନ ମୋହିବ। ଚଳିତ ବର୍ଷ ସମସ୍ତ ପରିଦର୍ଶକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କୌଣସି ମାଞ୍ଜା ବ୍ୟବହାର କରାଯିବ ନାହିଁ, ଯାହା ମେଳାକୁ ଏକ ସୁରକ୍ଷିତ ଉତ୍ସବର ରୂପ ଦେବ। ଏଥିସହ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ଗୁଡ଼ି ତିଆରି କଳାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏକ ବିଶେଷ କର୍ମଶାଳା ମଧ ଆୟୋଜିତ ହେବ। ଏଥିରେ ଶିଶୁ ଓ ଯୁବକଯୁବତୀମାନେ ପାରମ୍ପରିକ ଓ ସୃଜନାତ୍ମକ ଗୁଡ଼ି ପ୍ରସ୍ତୁତ କରିବା ସହ ଏହାକୁ ଉଡ଼ାଇ ମକର ପର୍ବର ଆନନ୍ଦ ନେବେ। ଦକ୍ଷ ଗୁଡ଼ି ଉଡ଼ାଳିଙ୍କୁ ନେଇ ଆସନ୍ତା ୧୫ ତାରିଖରେ ଏକ ପ୍ରତିଯୋଗିତା ଆୟୋଜିତ ହେବ। ଓରମାସର ଏପରି ଏକ ଉଦ୍ୟମକୁ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ

## ଗାଁ ଗାଁରେ ପହଞ୍ଚିବ ମକର ପର୍ବ ଖୁସି: ମନ୍ତ୍ରୀ

ସ୍ୱାଗତ କରିବା ସହ ମେଳାରେ ଭିଡ଼ ଜମିଲେ ଗ୍ରାମୀଣ ଉତ୍ପାଦର ବିକ୍ରି ବୃଦ୍ଧି ପାଇବା ସହ ମକର ପର୍ବର ଖୁସି ଗାଁ ଗାଁରେ ପହଞ୍ଚିବ ବୋଲି ଆଶା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ମେଳାର ପ୍ରଥମ ୩ ଦିନରେ ୩.୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଛି।

# ୧୭ରେ ଶ୍ରମ କୋଡ୍ ବିରୁଦ୍ଧରେ ରାଜ୍ୟ ସମ୍ମିଳନୀ

ଭୁବନେଶ୍ୱର,୧୩।୧(ସଂଚାର ବ୍ୟୁରୋ): ଆଗାମୀ ଫେବୃଆରୀ ୧୨ ତାରିଖରେ ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ଓ ସ୍ୱାଧୀନ ଫେଡେରେସନ ସମୂହ ପକ୍ଷରୁ କେନ୍ଦ୍ର ସରକାରଙ୍କ ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର, ଶ୍ରମିକ କର୍ମଚାରୀମାନଙ୍କର ୧୪ ଦଫା ଦାବି, ମହାତ୍ମା ଗାନ୍ଧି ଜାତୀୟ ନିଯୁକ୍ତି ଯୋଜନାର ନାମ ପରିବର୍ତ୍ତନ, ବିଦ୍ୟୁତ ବିଲ୍-୨୦୨୫, ବିହନ ବିଲ୍-୨୦୨୫, ଶାନ୍ତିବିଲ ୨୦୨୫, ପେନସନ ବିଲ ଓ ବୀମା ନିଯୁକ୍ତି, ୧୦୦ ପ୍ରତିଶତ ପ୍ରତ୍ୟେକ୍ଷ, ବିଦେଶୀ ପୁଞ୍ଜି ଲଗାଣ ପ୍ରଭୃତି ଜନ ବିରୋଧୀ ନୀତି ବିରୋଧରେ ସର୍ବଭାରତୀୟ ଧର୍ମଘଟ କରାଯିବା ସକାଶେ ନିଷ୍ପତ୍ତି ହୋଇଛି। ଆଜି ଆଇଏନ୍‌ଟିୟୁସି ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ସାଂସଦଙ୍କ ସଭାପତିତ୍ୱରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନତା ଫେଡେରେସନ ସମୂହମାନଙ୍କ ବୈଠକରେ ସ୍ଥିର ହୋଇଛି। ଫେବୃଆରୀ ୧୨ରେ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ଲାଗି ସମାଜର ବିଭିନ୍ନ ସ୍ତରର ଜନସାଧାରଣ ତଥା ମହିଳା ଯୁବକ, ଛାତ୍ର, ଶ୍ରମିକ, ଆଇନଜୀବୀ, ସ୍କିମ୍ ୱାର୍କର୍ସ, ପରିବହନ ଶ୍ରମିକ, ନିର୍ମାଣ ଶ୍ରମିକ ଓ ଅଣସଂଗଠିତ ଶ୍ରମିକମାନଙ୍କୁ ସାମିଲ କରିବା ସହ ବିଭିନ୍ନ ରାଜନୈତିକ ଦଳଙ୍କୁ ଏହି ଧର୍ମଘଟକୁ ସମର୍ଥନ ଦେବା ସକାଶେ ଲାଗି ନିବେଦନ କରାଯିବ। ଆଜିର ବୈଠକରେ ଏଆଇଟିୟୁସିର ନେତା ବିଜୟ ଜେନା, ଏଚଏମଏସର ବିଏନ ମହାପାତ୍ର, ସିଆଇଟିୟୁର ନେତା ଦୁଷ୍ମନ୍ତ ଦାସ, ଏଆଇୟୁଟିୟୁସିର ନିରଞ୍ଜନ ମହାନ୍ତି, ଏଆଇସିସିଟିୟୁର ନେତା ରାଧାକାନ୍ତ ସେଠୀ, ବେଫିର ଅଜୟ ମହାନ୍ତି, କେନ୍ଦ୍ର ସରକାରୀ କର୍ମଚାରୀ ସମନ୍ୱୟ ସଂଗଠନର ନେତା ବୃହସ୍ପତି ସାମଲ ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚର ସଂଯୋଜକ ମହେନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

● ଠିକାଦାରଙ୍କ ଗୋଦାମ ଜାଳିଦେଲେ

# ପୋଷ୍ଟର୍‌ରେ କର୍ମଚାରୀଙ୍କୁ ହତ୍ୟା ଧମକ



ଭବାନୀପାଟଣା,୧୩।୧ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ନର୍ଲା ଥାନା ଅନ୍ତର୍ଗତ ଛତାମହୁଲସ୍ଥିତ ଏକ ଗୋଦାମରେ ଗତକାଲି ବିଳମ୍ବିତ ରାତିରେ ନିଆଁ ଲାଗିଯାଇଛି। ଉକ୍ତ ଗୋଦାମଟି ରୁପ୍ରା ରୋଡ଼ର ଜନୈକ ଠିକାଦାର ଦୀନେଶ ଅଗ୍ରୱାଲଙ୍କର ହୋଇଥିବା ବେଳେ ସକାଳୁ ଲୋକେ ଏହା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ତୁରନ୍ତ ଅଗ୍ନିଶମ ବିଭାଗର ୨ଟି ଗାଡ଼ି ଆସି ନିଆଁକୁ ଆୟତ୍ତ କରିଥିଲେ। ତେବେ ଗୋଦାମର ଅନେକ ସ୍ଥାନରେ ମାଓବାଦୀ ନାମରେ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ଆଗାମୀ ବର୍ଷକ ମଧ୍ୟରେ ଆହୁରି ଗୋଦାମମାନଙ୍କରେ ନିଆଁ ଲଗେଇବା ନେଇ ଧମକ ଦିଆଯାଇଛି। ସେହିପରି ଠିକାଦାର ଦୀନେଶ ଅଗ୍ରୱାଲଙ୍କର କାର୍ତ୍ତିକ ନାମକ ଜଣେ କର୍ମଚାରୀଙ୍କୁ ୪୮ ଘଣ୍ଟା ଭିତରେ ହତ୍ୟା କରିବା ସକାଶେ ମଧ ଉକ୍ତ ପୋଷ୍ଟର୍‌ରେ ଧମକ ଦିଆଯିବା ସହ ଆହୁରି ଅନେକ ଧମକ ବି ଦିଆଯାଇଛି। ତେବେ ଏହି ଘଟଣାରେ ମାଓବାଦୀମାନଙ୍କର କୌଣସି ସମ୍ପର୍କ ନାହିଁ ବୋଲି କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା ସ୍ପଷ୍ଟ କରିଛନ୍ତି।

## ଟ୍ରକ୍ ଚାପାରେ ମହିଳା ମୃତ

ଆନନ୍ଦପୁର,୧୩।୧(ସଂଚାର ବ୍ୟୁରୋ): ବାଇକରୁ ଖସି ପଡ଼ିବା ପରେ ଏକ ଟ୍ରକ୍ ଚଢ଼ିଯିବାରୁ ଜନୈକା ମହିଳାଙ୍କର ମୃତ୍ୟୁ ଘଟିଛି। ଏଭଳି ଅଘଟଣ କେନ୍ଦୁଝର ଜିଲ୍ଲାର ୨୦ ନମ୍ବର ଜାତୀୟ ରାଜପଥ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଖଲଣା ଛକ ନିକଟରେ ଘଟିଛି। ମୃତ ମହିଳାଙ୍କ ଘର ଯାଜପୁର ଜିଲ୍ଲା ପାଣିକୋଇଲି ବଡ଼ଚଣା ଅଞ୍ଚଳରେ ହୋଇଥିବା ବେଳେ ତାଙ୍କ ନାମ ଝରଣା ସାହୁ ବୋଲି ଜଣାପଡ଼ିଛି। ସେ ତାଙ୍କ ପୁଅ ସହ ବାଇକ୍ ଯୋଗେ ମା’ ତାରିଣୀଙ୍କ ଦର୍ଶନ ସାରି ଫେରୁଥିବା ବେଳେ ହଠାତ୍ ବାଇକ୍‌ରୁ ଖସିପଡ଼ିଥିଲେ। ପରେ ପଛପଟୁ ଆସୁଥିବା ଟ୍ରକ୍ ତାଙ୍କ ଉପରେ ଚଢ଼ିଯାଇଥିଲା। ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ରାମଚନ୍ଦ୍ରପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

● ପୀତବାସ ପଣ୍ଡା ହତ୍ୟା ମାମଲା

## ୬ ଅଭିଯୁକ୍ତଙ୍କ ଜାମିନ ଖାରଜ

ବ୍ରହ୍ମପୁର,୧୩।୧(ସଂଚାର ବ୍ୟୁରୋ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ୬ ଅଭିଯୁକ୍ତଙ୍କ ଜାମିନ୍ ଆଜି ଖାରଜ ହୋଇଛି। ଏହି ଅଭିଯୁକ୍ତମାନଙ୍କ ଜାମିନ୍ ଆବେଦନକୁ ଏସଡିଜେଏମ ଖାରଜ କରିଛନ୍ତି। ଏହି ୬ ଅଭିଯୁକ୍ତ ହେଲେ ମଳୟ ବିଷୋୟୀ, ସୁନୀଲ ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାୟକ, ଶିଶୁପାଳ କୁମାର ପାଶୱାନ ଓ କୁନ୍ଦନ କୁମାର। ଏନେଇ ଆଇନଜୀବୀ କୃଷ୍ଣପ୍ରସାଦ ପଟ୍ଟନାୟକ ଓ ଚକ୍ରପାଣି ନାହାକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ବର୍ଷ ଅକ୍ଟୋବର ୬ ରାତିରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ମାମଲାରେ ପୁଲିସ ୧୬ ଜଣଙ୍କୁ ଗିରଫ କରିଥିବା ବେଳେ ୫ ଜଣ ଜାମିନ ପାଇଁ ଆବେଦନ କରିଥିଲେ। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମାନସ ଚାନ୍ଦ, ଦୀପକ ପଟ୍ଟନାୟକ, କୁମାରକାନ୍ତ ବେହେରା, କୈଳାସ ପଣ୍ଡା ଏବଂ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି କାଳୀଚରଣ ମିଶ୍ର, ଅବିନାଶ ପାଢ଼ୀ, ପିପି ବିଶ୍ୱଜିତ ବରାଳ ମାମଲା ପରିଚାଳନା କରୁଥିଲେ।

ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଅବଦାନ ଅବିସ୍ମରଣୀୟ




ଭୁବନେଶ୍ୱର,୧୩।୧(ସଂଚାର ବ୍ୟୁରୋ): ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ ପକ୍ଷରୁ ମିଳିତ ଭାବେ ଆଜି ସ୍ଥାନୀୟ ଜୟଦେବ ଭବନଠାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ପୁରୋଧା, ଓଡ଼ିଶାର ସୁଯୋଗ୍ୟ ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ବିଭାଗର ମନ୍ତ୍ରୀ ବିଭୁତି ଭୂଷଣ ଜେନା ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଅବଦାନ, ରାଜନୈତିକ ଦୃଷ୍ଟିକୋଣ ଓ ଜନସାଧାରଣଙ୍କ ସହ ତାଙ୍କ ଗଭୀର ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ସେହିପରି ସମ୍ମାନିତ ଅତିଥି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଏମଏସଏମଇ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉତ୍କଳ ପ୍ରଦେଶ ଗଠନରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିବା ବେଳେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓଡ଼ିଶାର ଗରିମାମୟ ଇତିହାସ ତଥା ଓଡିଶାର କଳା, ବିଜ୍ଞାନ, ଶିକ୍ଷା ଓ ସଂସ୍କୃତିର ସମୃଦ୍ଧି ନିମନ୍ତେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କର ଅବଦାନ ନେଇ ଆଲୋଚନା କରିଥିଲେ। ଏଥିସହ ସେ ଓଡ଼ିଆ ବରପୁତ୍ରମାନଙ୍କ ବୀରଗାଥାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାର ଆବଶ୍ୟକତା ଉପରେ ମଧ ଗୁରୁତ୍ୱାରୋପ କରିଥିଲେ।

କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପାଦକ ଚନ୍ଦ୍ରଶେଖର ହୋତା, ଖଲ୍ଲିକୋଟ ରାଜପରିବାରର ସଦସ୍ୟ ଡା. ସାକେତ ରାମରାଓ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂଜ୍ୟପୂଜା ସାହିତ୍ୟ ସଂସଦ ସମ୍ପାଦକ ମହେଶ୍ୱର ବରାଡ଼ ଧନ୍ୟବାଦ ଦେଇଥିଲେ। ପରିଶେଷରେ ଗଞ୍ଜାମର ପ୍ରାଚୀନ ଲୋକନୃତ୍ୟ ‘ଭାରତ ଲୀଳା’ ପରିବେଷିତ ହୋଇଥିଲା। ସକାଳେ ସ୍ଥାନୀୟ ଏଜି ଛକସ୍ଥିତ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂ, ଉପନିର୍ଦ୍ଦେଶକ ଶ୍ରୀମତୀ ପ୍ରିୟଦର୍ଶିନୀ, ଉପନିର୍ଦ୍ଦେଶକ ଅଶ୍ୱିନୀ ଭୋଇ, ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଆଇଆଇଏମଟି ଭୁବନେଶ୍ୱରରେ ଜାତୀୟ ଯୁବ ଦିବସ




ଭୁବନେଶ୍ୱର,୧୨।୧(ସଂଚାର ବ୍ୟୁରୋ): ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି), ଭୁବନେଶ୍ୱର ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ୧୬୪ତମ ଜନ୍ମ ଜୟନ୍ତୀ ‘ଜାତୀୟ ଯୁବ ଦିବସ’ ଭାବେ ପାଳନ କରାଯାଇଥିଲା। ଏଥିରେ ‘ସ୍ୱଦେଶୀ ଓ ସ୍ୱାବଲମ୍ବନ’ ବିଷୟରେ ଏକ ପ୍ରେରଣାଦାୟକ ବ୍ୟାଖ୍ୟାନ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଆଇଆଇଏମଟି ଅଧକ୍ଷ ପ୍ରଫେସର ଡ. ଶ୍ରୀକାନ୍ତ ପଟ୍ଟନାୟକ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ଆସୋସିଏଟ୍ ଡିନ୍ (ଆର୍‌ଆଣ୍ଡ୍‌ପି) ଆସୋମା ମିତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଡିନ୍ ଏକାଡେମିକ୍ସ ପ୍ରଫେସର ଡ. ପ୍ରମୋଦ କୁମାର ପୃଷ୍ଟି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ରେଭେନ୍ସା ୟୁନିଭର୍ସିଟିର ମୁଖ୍ୟ ବ୍ୟାଖ୍ୟାନ ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ଡ. କମଳା ପ୍ରସାଦ ମହାପାତ୍ର, କଟକ ଶ୍ରୀଶ୍ରୀ ୟୁନିଭର୍ସିଟିର ପୂର୍ବତନ ଇଂରାଜୀ ପ୍ରଫେସର ‘ସ୍ୱଦେଶୀ ଓ ସ୍ୱାବଲମ୍ବନ’ ବିଷୟରେ ମତାମତ ଦେଇଥିଲେ। ଏହି ଅବସରରେ ଡ. କମଳା ପ୍ରସାଦ ମହାପାତ୍ର, ଦୁଇ ଜଣ ଛାତ୍ର ଲମ୍ବୋଧର ଜେନା ଓ କିରଣ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଡାଇରେକ୍ଟର ଡ. ଜୟଦେବ କର ଅଭିଭାଷଣ ଦେଇଥିବା ବେଳେ ପ୍ରଫେସର ଡ. କବିରାଜ ସେଠୀ ଧନ୍ୟବାଦ ଦେଇଛନ୍ତି।

# ରେଲୱେ ଷ୍ଟେସନ୍‌ରେ ଅଗ୍ନିକାଣ୍ଡ



ଝାରସୁଗୁଡ଼ା,୧୩।୧(ସଂଚାର ବ୍ୟୁରୋ): ଝାରସୁଗୁଡ଼ା ମୁଖ୍ୟ ରେଳ ଷ୍ଟେସନ୍‌ରେ ଆଜି ଅଗ୍ନିକାଣ୍ଡ ଘଟିଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ସୂଚନାନୁସାରେ, ଆଜି ସକାଳୁ ଝାରସୁଗୁଡ଼ା ମୁଖ୍ୟ ରେଲୱେ ଷ୍ଟେସନ ପ୍ଲାଟଫର୍ମ ନମ୍ବର-୧ରେ ବିଦ୍ୟୁତ ମରାମତି କାର୍ଯ୍ୟ ଚାଲିଥିବା ସମୟରେ ଏକ ବିଦ୍ୟୁତ ତାର ଛିଣ୍ଡିଯାଇଥିଲା। ଫଳରେ ଶର୍ଟସର୍କିଟ୍ ହୋଇ ପ୍ଲାଟଫର୍ମ ଭିତରେ ଓ ବାହାରେ ବହୁ ପରିମାଣର ଧୂଆଁ ବାହାରିଥିଲା। ପରେ ରେଲୱେ ବିଭାଗର ବିଦ୍ୟୁତ କର୍ମଚାରୀ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବାରୁ ବିଶେଷ କୌଣସି କ୍ଷୟକ୍ଷତି ହୋଇନାହିଁ।

କିଷାନ୍ କଂଗ୍ରେସର ଅଭିଯୋଗ

# ଧାନମଣ୍ଡି ପ୍ରସଙ୍ଗରେ ମିଛ କହୁଛନ୍ତି ସରକାର




ଭୁବନେଶ୍ୱର,୧୩।୧(ସଂଚାର ବ୍ୟୁରୋ): ଗତ ୬ରୁ ୧୨ ପର୍ଯ୍ୟନ୍ତ ପ୍ରଦେଶ କିଷାନ କଂଗ୍ରେସର ଏକ ଟିମ୍ ଅଧକ୍ଷ ଅଭୟ ସାହୁଙ୍କ ନେତୃତ୍ୱରେ ଦକ୍ଷିଣ ଓଡ଼ିଶା ଗସ୍ତ କରି ବିଭିନ୍ନ ମଣ୍ଡିରେ ପରିସ୍ଥିତି ପରଖିଥିଲେ। ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାର ବିଭିନ୍ନ ମଣ୍ଡିରେ ୧୦ରୁ ୧୫ ହଜାର ଧାନବସ୍ତା ଗଦା ହୋଇଛି। ପ୍ରବଳ ଶୀତରେ ଚାଷୀମାନେ ଧାନକୁ ଜଗିଛି। ଜାଣିଶୁଣି ସରକାର ମିଲରଙ୍କ ଧର୍ମଘଟ ମାଧ୍ୟମରେ ଅଚଳାବସ୍ଥା ସୃଷ୍ଟି କରିଛନ୍ତି। ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେବା ନିଶ୍ଚିତ ମନେ ହେଉଛି ବୋଲି ଏଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଏଥିସହ ସରକାର ପ୍ରତି ଚାଷୀର ବଳକା ଧାନ ସିଧାସଳଖ କୌଣସି ତୃତୀୟ ପକ୍ଷ ଭୂମିକା ନ ଥାଇ ବିନା କଟନୀ ଛଟନୀରେ, ବିନା ମାନ ନିର୍ଦ୍ଧାରଣରେ କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କା ଦେଇ କିଣିବା ସହ ଚାଷୀକୁ ଧାନ ଅଖାର ବଜାର ଦର ଓ ପରିବହନ ଖର୍ଚ୍ଚ ପ୍ରଦାନ କରିବା ଓ ଆହୁରି କେତେକ ଦାବି ଉପସ୍ଥାପନ କରାଯାଇଛି। ଆସନ୍ତା ୨୦ରେ ବରଗଡ଼ଠାରେ ଏକ ପ୍ରତିବାଦ ସମାବେଶ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଆଜିର ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ, ବରିଷ୍ଠ କୃଷକ କଂଗ୍ରେସ ଉପସଭାପତି ଡଃ କାର୍ତ୍ତିକ ଚନ୍ଦ୍ର ବରାଳ, ଅରୁଣ ଜେନା, ଉପସଭାପତି ଶୀତିକଣ୍ଠ ମହାନ୍ତି, କୃଷକ କଂଗ୍ରେସ ମିଡିଆ ବିଭାଗ ମନୋଜ ମହାନ୍ତି ଉପସ୍ଥିତ ଥିଲେ।

# ନୂଆ ବିଧାନସଭା, ଚତୁର୍ଥ ଥର ପାଇଁ ହେବ

ଭୁବନେଶ୍ୱର,୧୩।୧: ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପୂରିବା ପୂର୍ବରୁ ଓଡ଼ିଶା ବିଧାନସଭା ତା’ର ଚତୁର୍ଥ ସୌଧ ଦେଖିବ। ଶହେ ବର୍ଷ ଭିତରେ ବୋଧହୁଏ ଏହା ହେବ ଓଡ଼ିଶାର ରେକର୍ଡ। ୧୯୩୬ରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଅବିଭକ୍ତ କୋରାପୁଟ, ଗଞ୍ଜାମ, ପୁରୀ, କଟକ, ବାଲେଶ୍ୱର ଓ ସମ୍ବଲପୁର ଜିଲ୍ଲାକୁ ନେଇ ଗଠନ କରାଯାଇଥିଲା। ଏହାପରେ ୧୯୩୭ରେ ଓଡ଼ିଶା ବିଧାନସଭା ପାଇଁ ପ୍ରଥମ ନିର୍ବାଚନ ହୋଇଥିଲା। ସେତେବେଳେ ବିଧାନସଭା କଟକର ଐତିହ୍ୟସମ୍ପନ୍ନ ରେଭେନ୍ସା କଲେଜରେ ଅନୁଷ୍ଠିତ ହେଉଥିଲା। ସେତେବେଳେ ଓଡ଼ିଶା ବିଧାନସଭାର ସଦସ୍ୟ ସଂଖ୍ୟା ଥିଲା ୬୦, ଯେଉଁଥିରୁ ୫୬ ଜଣ ନିର୍ବାଚିତ ଓ ୪ ଜଣ ମନୋନୀତ ହେଉଥିଲେ। ୧୯୪୬ରେ ଦ୍ୱିତୀୟ ଥର ପାଇଁ ବିଧାନସଭା ନିର୍ବାଚନ ପ୍ରାକ୍=ସ୍ୱାଧୀନତା କାଳରେ ହୋଇଥିଲା ଓ ସେତେବେଳେ ବି ବିଧାନସଭା ଓ ରାଜ୍ୟ ସଚିବାଳୟ ଓଡ଼ିଶାର ତତ୍କାଳୀନ ରାଜଧାନୀ କଟକରେ ଚାଲୁଥିଲା। ଡକ୍ଟର ହରେକୃଷ୍ଣ ମହତାବ ଓଡ଼ିଶାର ପ୍ରଧାନମନ୍ତ୍ରୀ ଥିବା ବେଳେ ଭୁବନେଶ୍ୱରରେ ରାଜଧାନୀ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଥିଲା ଓ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ ନୂଆ ରାଜଧାନୀ ଭୁବନେଶ୍ୱରର ଶିଳାନ୍ୟାସ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଏବର ୟୁନିଟ୍ ୧,୨,୩,୪ ଓ ୬ ଅଞ୍ଚଳରେ କିଛି ସରକାରୀ କ୍ୱାର୍ଟର୍ସ ନିର୍ମାଣ କରାଯିବା ସହ ସଚିବାଳୟ ପାଇଁ ଅସ୍ଥାୟୀ ବ୍ଲକ୍ ନିର୍ମିତ ହୋଇଥିଲା। ବସ୍ତୁତଃ ଡକ୍ଟର ମହତାବ କେନ୍ଦ୍ରମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଭୁବନେଶ୍ୱରର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। କଟକରୁ ଭୁବନେଶ୍ୱରକୁ ବିଧାନସଭା ସ୍ଥାନାନ୍ତରିତ ହେବା ବେଳେ ବର୍ତ୍ତମାନର ୟୁନିଟ୍-୨ରେ ଥିବା ସର୍ଦ୍ଦାର ପଟେଲ ହଲରେ ବିଧାନସଭା ଅଧିବେଶନ ବସୁଥିଲା। ବିଧାନସଭା ସଚିବାଳୟ ମଧ ଏହି ପରିସରରେ ଥିବା କେତେକ ଏକ ମହଲା କୋଠାରେ ହେଉଥିଲା। ଗଡ଼ଜାତ ମିଶ୍ରଣ ପରେ ବର୍ତ୍ତମାନର ଓଡ଼ିଶାର ଭୌଗୋଳିକ ମାନଚିତ୍ର ତିଆରି ହେଲା ଓ ବିଧାୟକଙ୍କ ସଂଖ୍ୟା ୧୪୦କୁ ବଢ଼ିଲା।

ପରବର୍ତ୍ତୀ ପର୍ଯ୍ୟାୟରେ ଏହା ୧୪୭ରେ ପହଞ୍ଚିଲା। ଆବଶ୍ୟକତାକୁ ଦୃଷ୍ଟିରେ ରଖି ବର୍ତ୍ତମାନର ରବୀନ୍ଦ୍ର ମଣ୍ଡପ ଛକ ନିକଟରେ ବିଧାନସଭାର ନୂତନ ସୌଧ ନିର୍ମିତ ହେଲା ଓ ଏଥିସହ ଜୟଦେବ ଭବନ ସମ୍ମୁଖସ୍ଥ ସଚିବାଳୟର ନାଲିକୋଠାରେ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସହ ଅନ୍ୟ ମନ୍ତ୍ରୀ, ସଚିବଙ୍କ ଅଫିସ ଚାଲିଲା ଓ ସେଠାରେ ରାଜ୍ୟ ସଚିବାଳୟ କାମ କଲା। ପରବର୍ତ୍ତୀ ସମୟରେ ଏବର ଲୋକସେବା ଭବନ ସୌଧ ନିର୍ମିତ ହୋଇ ସଚିବାଳୟ ସହିତ ମିଶିଲା। ଏବେ ରାଜ୍ୟ ସରକାର ସୂଚନା ଦେଇଛନ୍ତି ଯେ ଭୁବନେଶ୍ୱରରେ ନୂତନ ସଚିବାଳୟ ଓ ନୂତନ ବିଧାସଭା ସୌଧ ନିର୍ମିତ ହେବ। ଏହି ପରିପ୍ରେକ୍ଷୀରେ ଏବର ବିଧାନସଭା ଭବନକୁ ନଭାଙ୍ଗି ତାକୁ ସ୍ମାରକୀ ଭାବେ ରଖାଯିବ। ନୂଆ ଯୋଜନା ମୁତାବକ ଭୁବନେଶ୍ୱରର ପ୍ରଥମ ନ’ ମହଲା କୋଠା ଭାବେ ପରିଚିତ ବିଭାଗୀୟ ମୁଖ୍ୟ ଦପ୍ତର ସୌଧ ଓ ରାଜୀବ ଭବନ ସମେତ ଅନ୍ୟ ଯେଉଁସବୁ ସରକାରୀ କୋଠାବାଡିକୁ ଅସୁରକ୍ଷିତ ଘୋଷଣା କରାଯାଇଛି, ସେଗୁଡିକୁ ଭାଙ୍ଗି ନୂଆ ସଚିବାଳୟ ନିର୍ମିତ ହେବ ଏବଂ ସଚିବାଳୟ ଓ ନୂଆ ବିଧାନସଭା ଗୋଟିଏ ପରିସର ଭିତରେ ରହିବ। (ତଥ୍ୟ)

# ଆଇନ ଶୃଙ୍ଖଳା ଛାଡ଼ି ଗାଡ଼ି ପଛରେ ପୁଲିସ

ଭୁବନଶ୍ୱେର,୧୩।୧(ସଂଚାର ବ୍ୟୁରୋ): ଆଇନ ଶୃଙ୍ଖଳା ନିୟନ୍ତ୍ରଣ ଛାଡ଼ି ପୁଲିସ ଏବେ ସଡ଼କ ସୁରକ୍ଷା ନାଁରେ ଗାଡ଼ିମୋଟର ପଛରେ ପଡ଼ିଲାଣି। ପରିବହନ ବିଭାଗର ଟିକସ ଚଢ଼ାଉରେ ଯାନବାହନ ମାଲିକ ନୟାନ୍ତ ହେଉଥିବା ବେଳେ ପୁଲିସ୍ ବିଭାଗ ଦାଉ ସାଧୁଛି। ସଡ଼କରେ ଗାଡ଼ିମୋଟର ଯାଞ୍ଚ କରି ଗୋଟିଏ ଦିନରେ ୪ ଲକ୍ଷ ୭୦ ହଜାର ଟଙ୍କା ଜୋରିମାନା ଆଦାୟର ହିସାବ ଦେଇଛି ପୁଲିସ୍। ରାଜ୍ୟସ୍ତରୀୟ ସଡ଼କ ସୁରକ୍ଷା ଅଭିଯାନ ଆରମ୍ଭ ପରେ ପୁଲିସ୍ ତା’ର ଜରିମାନା ଆଦାୟ କାର୍ଯ୍ୟ ଆରମ୍ଭ କରିଦେଇଛି। ରାସ୍ତାଘାଟରେ ଗାଡ଼ିମୋଟର ଅଟକାଇ ଯାଞ୍ଚ କରୁଛି। ପୁଲିସ୍ ବିଭାଗ ଦେଇଥିବା ତଥ୍ୟ ଅନୁଯାୟୀ, ଯାଞ୍ଚ ସମୟରେ ୧୨ଟି ବସ୍, ୮ଟି ଟ୍ରକ୍ ଓ ୧୪୦୧ଟି ଅନ୍ୟାନ୍ୟ ଗାଡ଼ିରୁ ୪ ଲକ୍ଷ ୭୦ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ତେବେ ପରିବହନ ବିଭାଗ ଦ୍ୱାରା ହଲାପଟା ହେଉଥିବା ଗାଡ଼ି ଚାଳକ ଏବେ ପୁଲିସ୍ ଦେଖିକୁ ଦୂରରୁ ନଜରରେ ରଖି ଗାଡ଼ି ଚଳାଇବା ଆରମ୍ଭ କରିଛନ୍ତି। ତେବେ ଏହା ସରକାରଙ୍କ ରାଜକୋଷ ବଢ଼ାଉଥିଲେ ହେଁ ସାଧାରଣ ଲୋକଙ୍କୁ ଦହଗଞ୍ଜ କରୁଛି।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ବୁଧବାର ୧୪ ଜାନୁଆରୀ ୨୦୨୬, ଭୁବନେଶ୍ୱର
Wednesday 14 January 2026, Bhubaneswar

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ତୃତୀୟ ବିଶ୍ୱଯୁଦ୍ଧ ମୁହାଁ ବିଶ୍ୱ!



ବର୍ତ୍ତମାନର ବିଶ୍ୱ ରାଜନୀତିରେ ଉତ୍ତେଜନାର ପରିବେଶ ଦେଖାଦେଉଛି। ରୁଷ-ୟୁକ୍ରେନ୍ ଯୁଦ୍ଧ ପଞ୍ଚମ ବର୍ଷରେ ପ୍ରବେଶ କରିଛି, ମଧ୍ୟପ୍ରାଚ୍ୟରେ ଇସ୍ରାଏଲ-ହମାସ୍ ସଂଘର୍ଷ ଅବ୍ୟାହତ ରହିଛି, ଚୀନ୍-ତାଇୱାନ୍ ଉତ୍ତେଜନା ବୃଦ୍ଧି ପାଉଛି ଏବଂ ଉତ୍ତର କୋରିଆର ପରମାଣୁ ପରୀକ୍ଷଣ ବିଶ୍ୱକୁ ଆତଙ୍କିତ କରୁଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଦ୍ୱିତୀୟ କାର୍ଯ୍ୟକାଳରେ ଭେନେଜୁଏଲା ଉପରେ ସୈନ୍ୟ ଆକ୍ରମଣ ଏବଂ ରୁଷିଆ-ଚୀନ୍-ଇରାନ୍-ଉତ୍ତର କୋରିଆର ମିଳିତ ସୈନ୍ୟ ଅଭ୍ୟାସ ଯେପରି ଘଟଣାଗୁଡ଼ିକ ବିଶ୍ୱକୁ ତୃତୀୟ ବିଶ୍ୱଯୁଦ୍ଧର ଭୟରେ ପକାଉଛି। ୨୦୨୬ ବର୍ଷକୁ ଅନେକ ବିଶେଷଜ୍ଞ ଏକ 'ଟର୍ଣ୍ଣିଂ ପଏଣ୍ଟ' ବୋଲି ବର୍ଣ୍ଣନା କରୁଛନ୍ତି, ଯେଉଁଠାରେ ଛୋଟ ସଂଘର୍ଷଗୁଡ଼ିକ ବଡ଼ ଯୁଦ୍ଧରେ ପରିଣତ ହୋଇପାରେ। ପ୍ରଥମ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧର ଇତିହାସକୁ ଦେଖିଲେ ସମାନତା ଦେଖାଯାଏ। ପ୍ରଥମ ବିଶ୍ୱଯୁଦ୍ଧରେ ସର୍ବିଆରେ ହୋଇଥିବା ଏକ ରାଜନୈତିକ ହତ୍ୟା ସମଗ୍ର ୟୁରୋପ୍‌କୁ ଯୁଦ୍ଧରେ ଜଡ଼ିତ କରିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜର୍ମାନୀର ଆକ୍ରମଣକାରୀ ନୀତି ଏବଂ ମିତ୍ରଶକ୍ତିର ବିରୋଧ ବଡ଼ ସଂଘର୍ଷର କାରଣ ହୋଇଥିଲା। ଆଜିର ପରିସ୍ଥିତିରେ ରୁଷିଆର ପୁଟିନ୍ ଏବଂ ଚୀନ୍‌ର ସି ଜିନପିଙ୍ଗ୍ ଭଳି ନେତାମାନେ ଆତ୍ମସମ୍ମାନ ଏବଂ ଅନ୍ୟମାନଙ୍କୁ ଦୋଷାରୋପ କରି ନିଜ ନୀତିକୁ ଯଥାର୍ଥ କରୁଛନ୍ତି। ଆମେରିକା ଏବଂ ପଶ୍ଚିମ ଦେଶଗୁଡ଼ିକ ନାଟୋର ବିସ୍ତାର ଏବଂ ନିର୍ବନ୍ଧନକୁ ଆହ୍ୱାନ ଦେଉଛନ୍ତି, ଯାହା ରୁଷିଆକୁ ଆହୁରି ଉତ୍ତେଜିତ କରୁଛି। ଏକ ରିପୋର୍ଟ ଅନୁଯାୟୀ, ୪୦ ପ୍ରତିଶତ ବିଶେଷଜ୍ଞ ଆଗାମୀ ଦଶନ୍ଧିରେ ବିଶ୍ୱଯୁଦ୍ଧର ସମ୍ଭାବନା ଦେଖୁଛନ୍ତି। ଚୀନ୍‌ର ତାଇୱାନ୍ ଉପରେ ସୈନ୍ୟ ଅଭ୍ୟାସ ଏବଂ ଆମେରିକାର ଅସ୍ତ୍ର ପ୍ୟାକେଜ୍ ଏହି ଭୟକୁ ବଢ଼ାଉଛି।

କିନ୍ତୁ ସମସ୍ତେ ଏହି ଭୟରେ ସହମତ ନୁହଁନ୍ତି। ଅନେକ ବିଶ୍ଳେଷକ କହୁଛନ୍ତି ଯେ ପରମାଣୁ ଅସ୍ତ୍ରର ଭୟ, ଅର୍ଥନୈତିକ ପରସ୍ପର ନିର୍ଭରତା ଏବଂ ଆନ୍ତର୍ଜାତୀୟ ସଂଗଠନ ଭଳି ରାଷ୍ଟ୍ରସଂଘ ଯୁଦ୍ଧକୁ ରୋକିପାରିବେ। ଶୀତଳ ଯୁଦ୍ଧ ସମୟରେ ମଧ୍ୟ ଅନେକ ଉତ୍ତେଜନା ଥିଲା, କିନ୍ତୁ କୌଣସି ବଡ଼ ଯୁଦ୍ଧ ହୋଇ ନଥିଲା। ଟ୍ରମ୍ପଙ୍କର ଶାନ୍ତି ପ୍ରୟାସ, ଯେପରିକି ୟୁକ୍ରେନ୍ ଏବଂ ମଧ୍ୟପ୍ରାଚ୍ୟରେ ଶାନ୍ତି ଚୁକ୍ତି, ଏହି ଦିଗରେ ଆଶା ଜଗାଉଛି। ତେବେ ତାଙ୍କର ଅନିର୍ଦ୍ଧାରିତ ନୀତି ଏକ ଜୋକର୍ କାର୍ଡ ଭଳି କାର୍ଯ୍ୟ କରିପାରେ। ଆମେରିକାର ଭେନେଜୁଏଲା ଆକ୍ରମଣ ରୁଷିଆ ଏବଂ ଚୀନ୍‌କୁ ତାଇୱାନ୍ କିମ୍ବା ୟୁରୋପ୍‌ରେ ଆକ୍ରମଣର ବାହାନା ଦେଇପାରେ।

ଏହି ପରିପ୍ରେକ୍ଷୀରେ ଭାରତର ଭୂମିକା ମହତ୍ୱପୂର୍ଣ୍ଣ। ଭାରତ ରୁଷିଆ ଏବଂ ପଶ୍ଚିମ ଦେଶଗୁଡ଼ିକ ସହିତ ସନ୍ତୁଳନ ରକ୍ଷା କରି ଶାନ୍ତି ପ୍ରୟାସରେ ଯୋଗଦାନ କରିପାରିବ। କିନ୍ତୁ ଚୀନ୍‌ର ସୀମା ବିବାଦ ଏବଂ ପାକିସ୍ତାନର ଆତଙ୍କବାଦ ଭାରତକୁ ମଧ୍ୟ ଜଡ଼ିତ କରିପାରେ। ବିଶ୍ୱଯୁଦ୍ଧର ପରିଣାମ ଭୟଙ୍କର ହେବ – ଲକ୍ଷାଧିକ ମୃତ୍ୟୁ, ଅର୍ଥନୈତିକ ଧ୍ୱଂସ ଏବଂ ପରିବେଶଗତ କ୍ଷତି କେବଳ ସଂଘର୍ଷ ନୁହେଁ, ସମ୍ଭାବ୍ୟ ପରମାଣୁ ଯୁଦ୍ଧ ମାନବଜାତିର ଅସ୍ତିତ୍ୱକୁ ପ୍ରଶ୍ନବାଚୀ କରିବ।

ସାରାଂଶରେ କହିବାକୁ ଗଲେ, ବିଶ୍ୱ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଅଗ୍ରସର ହେବାର ସଙ୍କେତ ଦେଖାଉଛି, କିନ୍ତୁ ଏହା ଅବଶ୍ୟମ୍ଭାବୀ ନୁହେଁ। ଆନ୍ତର୍ଜାତୀୟ କୂଟନୀତି, ସହନଶୀଳତା ଏବଂ ଆର୍ଥିକ ସହଯୋଗ ଦ୍ୱାରା ଏହି ଭୟକୁ ଦୂର କରାଯାଇପାରିବ। ନେତାମାନେ ଇତିହାସରୁ ଶିକ୍ଷା ନେଇ ଶାନ୍ତିର ପଥ ବାଛିବା ଉଚିତ୍। ଯଦି ନହୁଏ, ତେବେ ୨୦୨୬ ଏକ ବିପଦପୂର୍ଣ୍ଣ ବର୍ଷ ହୋଇପାରେ।

# ମକର ଚେତନା: ଉପାସନା ଓ ସତକର୍ମ

**ଡ଼ଃ. ଅରୁନ୍ଧତୀ ଦେବୀ**



ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ। ସୂର୍ଯ୍ୟ ନାରାୟଣଙ୍କ ସ୍ତୁତି କରି ଅନ୍ଧକାରରୁ ଆଲୋକ ଆଡ଼କୁ ଯିବା ଲାଗି ଏହି ପର୍ବ ପ୍ରେରଣା ପ୍ରଦାନ କରିଥାଏ। ଏହି ପର୍ବ ଜୀବନରେ ଶୁଷ୍କତାକୁ ସମାପ୍ତ କରି ନୂତନ ଶକ୍ତି ଭରିଥାଏ। ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବାକୁ ମକର ସଂକ୍ରାନ୍ତି କୁହାଯାଏ। ଭାରତ ଭୂଖଣ୍ଡ ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଅବସ୍ଥିତ। ମକର ସଂକ୍ରାନ୍ତି ପୂର୍ବରୁ ସୂର୍ଯ୍ୟ ଦକ୍ଷିଣ ଗୋଲାର୍ଦ୍ଧରେ ଥାଆନ୍ତି। ମକର ସଂକ୍ରାନ୍ତି ପର ଠାରୁ ସେ ଉତ୍ତର ଗୋଲାର୍ଦ୍ଧକୁ ପ୍ରବେଶ କରିଥାନ୍ତି। ଏହାର ଅର୍ଥ ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ ସୂର୍ଯ୍ୟ ଉତ୍ତର ଗୋଲାର୍ଦ୍ଧରେ ଥାଆନ୍ତି। ସୂର୍ଯ୍ୟ ନିକଟକୁ ଆସୁଥିବାର ମକର ସଂକ୍ରାନ୍ତିରେ ତାଙ୍କର ପୂଜା କରାଯାଇଥାଏ।

ଓଡ଼ିଆ ସାହିତ୍ୟର ରୀତିଯୁଗୀୟ କବି ସୂର୍ଯ୍ୟ ବଳଦେବ ରଥଙ୍କ ରଚିତ କାଳଜୟୀ କାବ୍ୟ କିଶୋରଚନ୍ଦ୍ରାନନ୍ଦ ଚମ୍ପୂ 'ଗ ଚମ୍ପୂ'ର ଆଦ୍ୟ ପଂକ୍ତିଟି ହେଉଛି 'ଗଲାଣି ତ ଗଲା କଥାରେ ସଙ୍ଗାତ, ଗଲାଣି ତ ଗଲା କଥା।' ସେହିପରି ପାରମ୍ପରିକ ଜଣାଣ 'ଦେଖିଲୋ ସଙ୍ଗାତ ବଡ଼ଦାଣ୍ଡେ ବିଜେ ଜଗନ୍ନାଥ...' କିମ୍ବା ଅକ୍ଷୟ ମହାନ୍ତିଙ୍କ ଗୀତ 'ଉଡିଗଲେ ଗେଣ୍ଡାଳିଆ ଝାଡ଼ି ଦେଲେ ପର...'ର 'ବସିବା ସଙ୍ଗାତ ଚାଲ, ତୋହାର ମୋହରଃ ଉଡି ଉଡି ଯିବା ଆମେ, ମେଘରଜା ଘର...'। ଆଦିରେ ସଙ୍ଗାତ ଶବ୍ଦର ପ୍ରୟୋଗ ଏହାର ପ୍ରାଚୀନତାକୁ ଦର୍ଶାଏ। ଅନ୍ୟପକ୍ଷରେ ଏହା ପ୍ରଗାଢ଼ ବନ୍ଧୁତ୍ୱର ପରିଭାଷାକୁ ପ୍ରତିପାଦିତ କରେ। ଆଗରୁ ଓଡ଼ିଆ ସମାଜରେ ଦୁଇ ଘନିଷ୍ଠ ବନ୍ଧୁ ସଙ୍ଗାତ ବସୁଥିଲେ। ଏହାଦ୍ୱାରା ଉଭୟଙ୍କ ପରିବାର ମଧ୍ୟରେ ଏକ ସାମାଜିକ ବନ୍ଧନ ବି ସ୍ଥାପନ ହେଉଥିଲା। ଦୁଇ ସଙ୍ଗାତ ପରିବାର ମଧ୍ୟରେ ବିବାହ, ବ୍ରତାଦି ଉତ୍ସବରେ ବେଭାର, ଗୁଆ ନିମନ୍ତ୍ରଣ ଭଳି ପରମ୍ପରା ପ୍ରଚଳିତ ହେଉଥିଲା। ସଙ୍ଗାତ ବସିଥିବା ମହିଳା ଓ ପୁରୁଷ ପରସ୍ପରକୁ ସଙ୍ଗାତ ସମ୍ବୋଧନ କରିବା ସହ ସଙ୍ଗାତଙ୍କ ପତ୍ନୀଙ୍କୁ ସଙ୍ଗାତୁଣୀ ଡକାଯିବାର ଉଦାହରଣ ମଧ ରହିଛି।

ଓଡ଼ିଆରେ କଥାନିକାଟି ଅଛି ମକର ଠାରୁ ଦିନ ହୁଏ ବକରା ଅର୍ଥାତ୍ ମକର ସଂକ୍ରାନ୍ତିରୁ ଦିନର ଅବଧି କ୍ରମଶଃ ବୃଦ୍ଧି ପାଏ। ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଯାଉଥିବାରୁ ଖରା ଧୀରେ ଧୀରେ ପ୍ରଖର ହୁଏ। ମକର ଦିନ ଠାରୁ ସୂର୍ଯ୍ୟ ଉତ୍ତର ଦିଗକୁ ଯାତ୍ରା କରି ଛଅ ମାସ ଅବସ୍ଥାନ କରୁଥିବାରୁ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ, ଗୃହ, ଦେବାଳୟ ପ୍ରତିଷ୍ଠା ଆଦି ସମସ୍ତ ଶୁଭକର୍ମ ଅନୁଷ୍ଠିତ ହୋଇଥାଏ। ଖାଲି ସେତିକି ନୁହେଁ, ମକର ସଂକ୍ରାନ୍ତି ଓଡ଼ିଆ ମାନଙ୍କ ପାଇଁ ବନ୍ଧୁତ୍ୱର ଦିନ। ଏହି ଦିନ ବନ୍ଧୁଙ୍କୁ ମକର ଚାଉଳ ଖୁଆଇ ଓଡ଼ିଆମାନେ ମକର ବସିଥାନ୍ତି। କେବଳ ମକର କାହିଁକି, ଓଡ଼ିଶାରେ ପ୍ରତିଟି ପବିତ୍ର ଦ୍ରବ୍ୟ ଓ ନୈବେଦ୍ୟକୁ ନେଇ ସମ୍ପର୍କର ସୂତ୍ର ଯୋଡ଼ିବାର ପରମ୍ପରା ବହୁ ପ୍ରାଚୀନ।

ମକର ସଂକ୍ରାନ୍ତି ବେଳକୁ ଓଡ଼ିଶାରେ ଧାନ ଓ ଆଖୁ ଆଦି ନୂଆ ଫସଲ ଅମଳ ହୋଇଥାଏ। ଏଣୁ ଏ ନୂଆଧାନରୁ ପ୍ରସ୍ତୁତ ଅପକ୍ୱ ଅରୁଆ ଚାଉଳ, ନୂଆଗୁଡ଼, ଛେନା, ନଡ଼ିଆ, ପାଚିଲା କଦଳୀ, ଘିଅ ଓ କ୍ଷୀର ଇତ୍ୟାଦି ଚକଟା ହୋଇ ଏକ ସୁମିଷ୍ଟ ଭୋଗ ପ୍ରସ୍ତୁତ କରାଯାଏ। ଏହି ଚକଟାକୁ ଗୃହ ଦେବତାଙ୍କୁ ଓ ଧାନ ଖଳାରେ ଭୋଗ ଲଗାଯାଏ। ଏହି ସୁମିଷ୍ଟ ବ୍ୟଞ୍ଜନ ମକର ଚାଉଳ ଭାବେ ପରିଚିତ। ଏହି ଭୋଗ ପରସ୍ପରକୁ ଖୁଆଖୋଇ ହୋଇ ପୁଅ ଓ ଝିଅମାନେ ମକର ବସନ୍ତି।

ମକର ସଂକ୍ରାନ୍ତିରୁ ଉତ୍ତରାୟଣ ପର୍ବ ଆରମ୍ଭ ହୁଏ। ଏହା ଦେବତା ମାନଙ୍କ ଦିନ ହୋଇଥିବା ଯୋଗୁଁ ଏହି ଦିନ ଜପ, ତପ, ଦାନ, ସ୍ନାନ, ଶ୍ରାଦ୍ଧ, ତର୍ପଣ ଆଦି ଧାର୍ମିକ କାର୍ଯ୍ୟର ବିଶେଷ ମହତ୍ୱ ରହିଛି। ଏହିଦିନ ଠାରୁ ଦିନ ବଡ଼ ହେବାକୁ ଲାଗେ ଏବଂ ରାତି ଛୋଟ ହେବାକୁ ଲାଗେ। ଦିନ ବଡ଼ ହେବା ଯୋଗୁଁ ଅଧିକ ଆଲୋକ ମିଳେ। ଫଳରେ ତାପମାତ୍ରା କମେ। ଅର୍ଥାତ୍ ମକର ସଂକ୍ରାନ୍ତି ଠାରୁ ଶୀତର ପ୍ରକୋପ କମ୍ ହୋଇଯାଏ। ଅଧିକ ଆଲୋକ ଯୋଗୁଁ ମନୁଷ୍ୟର ଚେତନା ଓ କାର୍ଯ୍ୟଶକ୍ତି ବୃଦ୍ଧି ପାଏ। ଏହି ଦିନ ସୂର୍ଯ୍ୟଙ୍କ ରାଶିରେ ହୋଇଥିବା ପରିବର୍ତ୍ତନକୁ ଅନ୍ଧକାରରୁ ଆଲୋକ ଆଡ଼କୁ ଅଗ୍ରସର ହେବାର ପ୍ରତୀକ ଭାବରେ ବିବେଚନା କରାଯାଏ। ହିନ୍ଦୁ ଧର୍ମର ପ୍ରତ୍ୟେକ ପର୍ବ କୌଣସି ନା କୌଣସି ଦେବତାଙ୍କ ପାଇଁ ଉଦ୍ଦିଷ୍ଟ। ଉତ୍ତରାୟଣ ପର୍ବ ଅର୍ଥାତ୍ ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ। ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି। ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ଯୋଗୁଁ ମନୁଷ୍ୟ ମନରେ ମଧ ପରିବର୍ତ୍ତନ ଆସେ। ସମସ୍ତେ ମିଳିମିଶି ରୁହନ୍ତୁ, ସମସ୍ତଙ୍କ ଜୀବିକା ନିର୍ବିଘ୍ନରେ ଚାଲୁ, ସମସ୍ତେ ଶକ୍ତିମାନ ହୁଅନ୍ତୁ, ସତ୍‌କର୍ମରୁ ଆମକୁ ଶକ୍ତି ମିଳୁ - ଏହା ମକର ସଂକ୍ରାନ୍ତିର ସନ୍ଦେଶ। ଓଡ଼ିଆ ଆଧାତ୍ମିକ ଓ ଜନଜୀବନ ଚେତନାରେ ମକର ସଂକ୍ରାନ୍ତିର ସ୍ଥାନ ସ୍ୱତନ୍ତ୍ର ଏବଂ ଏହି ଦିନଟି ଓଡ଼ିଆ ପରମ୍ପରାରେ ଘରେ ଘରେ ସମ୍ପର୍କ ସୁଦୃଢ଼ କରିବା ପାଇଁ ଯୁଗବତ୍ ଯେଉଁ ପରମ୍ପରା ରହିଆସିଛି ତାହା ମଧ ସ୍ମରଣୀୟ।

**ସମ୍ପାଦିକା-ନିର୍ଦ୍ଦେଶିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋବାଇଲ୍: ୯୯୩୭୧୭୨୮୧୦**



# ଜାତିପ୍ରାଣ ସଂକ୍ରାନ୍ତି ପୁରୁଷ ଫକୀରମୋହନ

**ଡକ୍ଟର ଲକ୍ଷ୍ମଣ ସାହୁ**



ଜାତିପ୍ରାଣ ଫକୀରମୋହନ ସେନାପତି ତାଙ୍କ ସାହିତ୍ୟ କୃତି ପାଇଁ ମକର ସଂକ୍ରାନ୍ତିରେ ମନେ ପଡନ୍ତି। ଉଣବିଂଶ ଶତକରେ ଓଡିଶାରେ ଯେତେବେଳେ ନବଜାଗରଣର ଜୁଆର ଉଠିଲା। ନୂତନ ରୁଚି ପରିଚର୍ଯ୍ୟାର ଇଚ୍ଛାର ସୃଷ୍ଟି ଘଟିଲା। ନୂତନ ଚିନ୍ତା ଓ ଚେତନାର ସୁଅ ପ୍ରବାହିତ ହେଉଥିଲା। ତା'ର ଅନ୍ତରାଳରେ ଯେଉଁ କେତେଜଣ ମୁଷ୍ଟିମେୟ ଜାତିପ୍ରାଣ ଓଡିଆ ଥିଲେ , ସେମାନଙ୍କ ମଧ୍ୟରୁ ଫକୀରମୋହନ ଅନ୍ୟତମ ସାରଥୀ। ଫକୀରମୋହନ ଜଣେ ଏଭଳି ସ୍ରଷ୍ଟା ଭାରତୀୟ ସାହିତ୍ୟ ଜଗତରେ ଏ ଯାବତ୍ କେହି ତାଙ୍କପରି ହୋଇଥିବା ମନେହୁଏନାହିଁ। ତାଙ୍କର ଜନ୍ମ ବାଲେଶ୍ୱରର ଏକ ସମ୍ଭ୍ରାନ୍ତ ବଂଶରେ ଘଟିଥିଲା। ହେଲେ ସେ ଥିଲେ ଶୈଶବରୁ ପିତୃମାତୃହୀନ, କପର୍ଦ୍ଦକଶୂନ୍ୟ, ସ୍ୱଳ୍ପଶିକ୍ଷାପ୍ରାପ୍ତ ଓ ରୁଗ୍ ଣ ବ୍ୟକ୍ତିଟିଏ। ବାଲ୍ୟବସ୍ଥାରେ ବୃଦ୍ଧା ପିତାମହୀଙ୍କ ପାଖରେ ପାଳିତ ହୋଇଥିଲେ ଓ ସ୍ୱଳ୍ପଶିକ୍ଷାପ୍ରାପ୍ତ ପରେ ଅର୍ଥାଭାବରୁ ବାଲେଶ୍ୱର ବନ୍ଦରରେ ପାଲ ସିଲେଇ କାମ ତଦାରଖ କରିବା ନିମନ୍ତେ ସେ ନିଜକୁ ନିୟୋଜିତ କରିଥିଲେ।

ଫକୀରମୋହନ ଏକାଧାରରେ କବି, ଔପନ୍ୟାସିକ, ଶାସକ, ପଣ୍ଡିତ, ସମାଜ-ସଂସ୍କାରକ, ମୁଦ୍ରାକର, ସଂପାଦକ, ବ୍ୟବସାୟୀ, ସର୍ବୋପରି ଜଣେ ଦେଶଭକ୍ତ ଓ ଜାତି ସେବକ ଥିଲେ। ତାଙ୍କ ଜୀବନ ଅତି ରୋମାଂଚକର। ଯାହାଫଳରେ ସେ ତାଙ୍କର ଅନବଦ୍ୟ ଗଳ୍ପ-ଉପନ୍ୟାସ ଦ୍ୱାରା ନିଜମାତୃଭାଷାକୁ ପ୍ରଚୁର ଉର୍ବର କରିବାରେ ସଫଳ ହୋଇପାରିଥିଲେ। ଅଧିକ ବିସ୍ମୟ ସେ ଦୁଇଟି ବର୍ଷରୁ ଅଧିକ ସ୍କୁଲ ମାଡିପାଠପଢିବାର ସୁଯୋଗ ପାଇନଥିବା ବେଳେ ସେ ନିଜ ଚେଷ୍ଟାବଳରେ ଶିକ୍ଷକତା କରିବା ସମୟରେ ଇଁରାଜୀ ଓ ସଂସ୍କୃତ ସମେତ ପାଂଚଟି ଭାଷାକୁ ଆୟତ୍ତକରି ଏକ ବିରାଟ ପ୍ରତିଭାର ପରିଚୟ ଦେଇଥିଲେ। ସେ ଓଡ଼ିଆ, ଇଂରାଜୀ, ସଂସ୍କୃତ , ବଙ୍ଗାଳୀ ଓ ପାର୍ସୀ ଆଦି ଭାଷାରେ ଦକ୍ଷତା ହାସଲ କରିଥିଲେ। ବିଭିନ୍ନ ଆଲୋଚନାମାନଙ୍କରେ ଭାଗ ନେଇ ବାଲେଶ୍ୱରର ବୁଦ୍ଧିଜୀବି ମହଲରେ ନିଜର ସ୍ୱତନ୍ତ୍ର ସ୍ଥାନ ପ୍ରତିଷ୍ଠା କରିଥିଲେ। ତାଙ୍କ ଅସାଧାରଣ ବିଚକ୍ଷଣତା ଯୋଗୁ ତତ୍କାଳୀନ ବହୁ ଉଂଚପଦସ୍ଥ ଇଁରେଜ କର୍ମଚାରୀଙ୍କ ବନ୍ଧୁ ହେବା ସଂଗେ ସଂଗେ ସେ ଦେଶୀୟ ରାଜ୍ୟମାନଙ୍କର ଶାସକ ମଧ ହୋଇଥିଲେ।

ସେ ଖ୍ରୀଷ୍ଟୀଆନ ମିଶନ ସ୍କୁଲର ପ୍ରଧାନଶିକ୍ଷକ ଥିବା ବେଳେ ଓଡ଼ିଆ ଛାତ୍ରମାନେ ସମସ୍ତ ପାଠ ବଙ୍ଗଳାରେ ପଢୁଥିଲେ। ତେଣୁ ସେ ଓଡ଼ିଆରେ ବିଭିନ୍ନ ବିଷୟରେ ପାଠ୍ୟପୁସ୍ତକମାନ ରଚନା କରିଥିଲେ। ଜଣେ ଗର୍ବିତ ଓଡ଼ିଆ ଭାବରେ ସେ ଓଡ଼ିଆରେ ପାଠ୍ୟପୁସ୍ତକ ସବୁକୁ ଅନୁବାଦ କରି ଓଡ଼ିଶାର ଓ ଓଡ଼ିଆ ଭାଷାର ସମ୍ମାନ ବଢାଇଥିଲେ। ଖ୍ରୀଷ୍ଟୀଆନ ମିଶନ ସ୍କୁଲରେ ସେ ୧୮୭୧ ଯାଏ କାର୍ଯ୍ୟ କରିଆସିଥିଲେ। ଯାହା ଫଳରେ ତାଙ୍କର ପରିଚୟ ହୁଏ ବାଲେଶ୍ୱରର ତତ୍କାଳୀନ କଲେକ୍ଟର ଜନ୍ ବିମ୍ସଙ୍କ ସହ। 'ସୁନା ଚିହ୍ନେ ବଣିଆ, ଗୁଣ ଚିହ୍ନେ ଗୁଣିଆ' ପରି ବିମ୍ସ ସାହେବ ଯିଏ ନିଜେ ଜଣେ ପଣ୍ଡିତ ଥିଲେ, ଫକୀରମୋହନଙ୍କ ଅନ୍ତର୍ନିହିତ ପାଣ୍ଡିତ୍ୟକୁ ଚିହ୍ନିପାରିଥିଲେ। ସୁବର୍ଣ୍ଣ ସୁଯୋଗ ସଂଯୋଗ ହେତୁ ବିମ୍ସ ସାହେବ ବିଭିନ୍ନ ଭାରତୀୟ ଭାଷାର ତୁଳନାତ୍ମକ ବ୍ୟାକରଣ ଉପରେ ଗୋଟିଏ ପୁସ୍ତକ ରଚନା କରୁଥିଲେ। ସେ ଫକୀରମୋହନଙ୍କଠାରୁ ଏଥିଲାଗି ଓଡ଼ିଆ ଶିକ୍ଷା କରିଥିଲେ।

ଫକୀରମୋହନ କେବଳ ମୌଳିକ ରଚନାରେ ନୁହଁନ୍ତି, ଛାପାଖାନାପ୍ରତିଷ୍ଠା, ପାଠ୍ୟପୁସ୍ତକ ପ୍ରଣୟନ, ପତ୍ରପତ୍ରିକା ସଂପାଦନ, ପ୍ରଶାସନ, ସମାଜସେବା, ଭାଷା ଓ ସାହିତ୍ୟର ସୁରକ୍ଷା ଆଦି ପ୍ରତ୍ୟେକକ୍ଷେତ୍ରରେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ନିର୍ବାହ କରିଛନ୍ତି, ସେଥିପାଇଁ ଓଡିଆଜାତି ତାଙ୍କ ପାଖରେ ଯୁଗେଯୁଗେ ଋଣୀ ହୋଇରହିଥିବ। ସେ ଥିଲେ ମନ ଓ ମନନରେ ଖାଣ୍ଟି ଓଡିଆ। ଭାଷା ଆନ୍ଦୋଳନରେ ଓ ଦେଶମିଶ୍ରଣ ଆନ୍ଦୋଳନରେ ସେ ଯେପରି ସଫଳ ଭୂମିକା ଗ୍ରହଣ କରିଛନ୍ତି। ସେପରି ମଧ ତାଙ୍କ ଭାଷା ଓ ପ୍ରକାଶଭଙ୍ଗୀ ସ୍ପଷ୍ଟ ଓ ନିର୍ଭୀକ ଯାହା ଓଡିଆ ଜାତିର ପ୍ରାଣକୁ ନିବିଡ ଭାବରେ ସ୍ପର୍ଷ କରିଛି। ତେଣୁ କଥାଶିଳ୍ପୀ ଫକୀରମୋହନ ଏ ଜାତିର ସାହିତ୍ୟରେ ଅଦ୍ୱିତୀୟ ଓ ଚିରନମସ୍ୟ ହୋଇରହିଛନ୍ତି।

ଫକୀରମୋହନ ମାନବ ଜୀବନର ବାସ୍ତବ ଅନୁଭୂତି, ନାନାବିଧ ସମସ୍ୟା, ଅନ୍ତଦ୍ୱନ୍‌ଦ୍ୱ ଆଦିକୁ ନାନା ବର୍ଣ୍ଣବିଭାରେ ଉଦ୍ଘାଟନ କରିଛନ୍ତି। ଜୀବନ ଓ ଜଗତକୁ ଆଧାରର କ୍ଷେତ୍ରଭାବରେ ଧାରଣ କରି ସୃଷ୍ଟିକର୍ମରେ ମନୋନିବେଷ କରିଛନ୍ତି। ଜୀବନର ବିଶ୍ଳେଷଣ ସହିତ ସମାଜର ମୂଲ୍ୟବୋଧକୁ ନିରୂପଣ କରିଛନ୍ତି। ତାଙ୍କର ସୃଷ୍ଟି ମଧ୍ୟରେ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, କବିତା ଓ ଆତ୍ମଜୀବନୀ ଆଦି ଖୁବ୍ ଗୁରୁତ୍ୱପୂର୍ଣ୍ଣ। ତାଙ୍କର କୃତିସମୂହ ଓଡିଆ ସାହିତ୍ୟ ଭଣ୍ଡାରର ଏକ ଏକ ଅନନ୍ୟ ସାଧାରଣ ଲିପି-ସଂପଦ। ତାଙ୍କର ଅମ୍ଳାନ କୃତିଗୁଡିକ କବିତା- ପୁଷ୍ପମାଳା, ଉପହାର ଓ ଅବସର ବାସରେ, କାବ୍ୟଗୁଡିକ ହେଉଛି- ଉତ୍କଳ ଭ୍ରମଣ, ବୌଦ୍ଧବତାର କାବ୍ୟ, ପୂଜାଫୁଲ ଧୂଳି ସେ ଥିଲେ ସଫଳ ଅନୁବାଦକ, ମହାଭାରତ (ଅସଂପୂର୍ଣ୍ଣ), ରାମାୟଣ, ଶ୍ରୀମଦ୍ ଭଗବତ୍ ଗୀତା ଓ ଉପନିଷଦର ଅନୁବାଦ କରିଛନ୍ତି। ତାଙ୍କର ରାମାୟଣ ଓ ମହାଭାରତ ରଚନା ଦ୍ୱୟ ଓଡ଼ିଆ



ସାହିତ୍ୟକୁ ସମୃଦ୍ଧ କରିଥିବାରୁ ତାଙ୍କୁ ବ୍ୟାସକବିର ଆଖ୍ୟା ଦିଆଯାଇଛି। ତତ୍କାଳୀନ ବାମଣ୍ଡାର ରାଜାଙ୍କଦ୍ୱାରା ସେ ମଧ "ସରସ୍ୱତୀ" ଉପାଧିରେ ପୁରସ୍କୃତ ହୋଇଥିଲେ।

ଇତିହାସ ରଚନାରେ ଭାରତବର୍ଷର ଇତିହାସ ଗ୍ରନ୍ଥ ଦ୍ୱୟ ଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ତାଙ୍କର କୋଡିଏଟି ଗଳ୍ପ ଓ ଚାରୋଟି ଉପନ୍ୟାସ- ଛ'ମାଣ ଆଠଗଣ୍ଠ, ଲଚ୍ଛମା, ମାମୁ ଓ ପ୍ରାୟଶ୍ଚିତ ଏକ ଏକ ଅମର କୃତି ତାଙ୍କ ରଚିତ କବିତା ଓ କାବ୍ୟ ଗୁଡିକରେ ବ୍ୟକ୍ତିଗତ ବିଷାଦବୋଧ, ଅତୀତପ୍ରୀତି, ପଲ୍ଲୀପ୍ରାଣତା ଜାତୀୟତା , ସମାଜଚିନ୍ତନ, ନାରୀବାଦୀ ଦୃଷ୍ଟିଭଙ୍ଗୀ, ମୃତ୍ୟୁବୋଧ, ବ୍ୟଙ୍ଗଧର୍ମିତା ଆଦିରେ ସ୍ୱରସଂଭାର ରହିଛି। ବିଶେଷତଃ ଦୁଇଦୁଇଟି ପତ୍ନୀ ଓ ମାତାମହୀ ଆଦିଙ୍କ ପ୍ରଭାବପୁଷ୍ଟ ତିକ୍ତ-ମଧୁର ଅନୁଭୂତି ତାଙ୍କ କାବ୍ୟ କବିତା, ଗଳ୍ପ ଉପନ୍ୟାସ ଓ ଆତ୍ମକାହାଣୀରେ ନାନା ଚରିତ୍ର ଓ ଭାବଭାବନାରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ପ୍ରକାଶଲାଭ କରି ପାଠକୀୟ ହୃଦୟ ମନ୍ଥନ କରିଛି। ପ୍ରତ୍ୟେକଟି ଗଳ୍ପ, ଉପନ୍ୟାସ ଓ ଆତ୍ମଜୀବନୀରେ ସମାଜ, ସଂସ୍କୃତି, ରାଜନୀତି, ଧର୍ମ ଆଦି ନାନା ପ୍ରସଂଗ ଉପସ୍ଥାପନର କଳାତ୍ମକ ଚିତ୍ର ପ୍ରତିଫଳିତ। ବିଶେଷତଃ ଊନବିଂଶ ଓ ବିଂଶ ଶତକର ଜୀବନଚିତ୍ର ଅଙ୍କନ କରିବା ତାଙ୍କ ସୃଷ୍ଟିର ଶ୍ରେଷ୍ଠ ଉପାଦାନ ଥିଲା। ହାସ୍ୟବ୍ୟଙ୍ଗ ଶୈଳୀ, କଟାକ୍ଷ, କରୁଣ ମଧୁର ରସ ପରିବେଷଣହିଁ ତାଙ୍କ ସାହିତ୍ୟର ବୈଶିଷ୍ଟ୍ୟ। ବିଶିଷ୍ଟ କବି ଓ ସମାଲୋଚକ ଡକ୍ଟର ମାୟାଧର ମାନସିଂ ତାଙ୍କୁ ସମଗ୍ର ଆଧୁନିକ ଭାରତୀୟ ସାହିତ୍ୟର ପ୍ରଥମ ଲୋକ-ଲେଖକର ସମ୍ମାନ ଦେବାକୁ ଯାଇ ବିଖ୍ୟାତ ବଙ୍ଗଳା ଔପନ୍ୟାସିକ ବଙ୍କିମଚନ୍ଦ୍ର ଓ ହିନ୍ଦୀ ଔପନ୍ୟାସିକ ପ୍ରେମ୍ ଚନ୍ଦ୍ରଙ୍କ ସହ ତୁଳନା କରିଛନ୍ତି।

ଉତ୍କଳୀୟ ନବ ଜାଗରଣ ଯୁଗର ସେ ଜଣେ ସମୟ ସଚେତନ କର୍ମୀ ଓ କଳାକାର। ଓଡ଼ିଆ ସାହିତ୍ୟରେ ଏକ ଅଭିନବ ଗଦ୍ୟରୀତିର ପ୍ରବର୍ତ୍ତକ ଓ ସଫଳ ପରୀକ୍ଷକ ରୂପେ ସ୍ୱୀକୃତ ଓ ସମ୍ମାନିତ ତଥା ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ସେନାପତି ଫକୀର ମୋହନ ଓଡ଼ିଆ ଭାଷାରେ ସାର୍ଥକ ଉପନ୍ୟାସ ଓ ଆଧୁନିକ କ୍ଷୁଦ୍ରଗଳ୍ପର ସ୍ରଷ୍ଟା। ଓଡ଼ିଶାର ବିଭିନ୍ନ ଅଞ୍ଚଳର ସାଧାରଣ ଜନତାଙ୍କ ସଂସ୍ପର୍ଶରେ ଆସିଥିବା ପ୍ରତ୍ୟକ୍ଷ ଅନୁଭୂତି ତଥା ପ୍ରଶାସକ ଜୀବନର ପ୍ରଚୁର ଅଭିଜ୍ଞତାକୁ ଭିତ୍ତି କରି ପରିଣତ ବୟସରେ ସୃଷ୍ଟି କରିଥିବା ତାଙ୍କ କଥା ସାହିତ୍ୟରେ ସାଧାରଣ ଲୋକ ଜୀବନର ପ୍ରତିଛବି ଫୁଟି ଉଠିଛି।

ପ୍ରକୃତ ପକ୍ଷେ ଫକୀର ମୋହନ ଆଧୁନିକ ଓଡ଼ିଆ ଗଳ୍ପର ଆଦ୍ୟ ଜନକ। ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରେ ତାଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟରେ କ୍ଷୁଦ୍ରଗଳ୍ପ ରଚନାର ଭିତ୍ତି ପ୍ରସ୍ତୁତି ଆରମ୍ଭ ହୋଇଥିଲେ ମଧ ଏହି ପ୍ରାକ୍ ଫକୀର ମୋହନୀୟ ଗଳ୍ପରେ ମୁଖ୍ୟତଃ ବିଦେଶୀୟ କଥାବସ୍ତୁ ଅନୁସରଣରେ ପ୍ରେମ ଓ କାରୁଣ୍ୟ ଦେଖିବାକୁ ମିଳିଛି।ଉତ୍କଳୀୟ ସମାଜ ସଂସ୍କାର ଆଧାରରେ ବ୍ୟଙ୍ଗାତ୍ମକ ଧାରାକୁ ଭିତ୍ତି କରି ଗଳ୍ପ ରଚନା ହୋଇଥିବା ଦୃଷ୍ଟିଗୋଚର ହୁଏ। ଗଳ୍ପଗୁଡ଼ିକରେ ରୋମାଞ୍ଚକର ପରିବେଶ, ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି, କଥାବସ୍ତୁର ଆରମ୍ଭ ଓ ପରିଣତିରେ ଚମତ୍କାରିତା ଓ କଥାର କ୍ରମବିକାଶ ଥିଲେ ମଧ କ୍ଷୁଦ୍ରଗଳ୍ପର ଆତ୍ମିକ ଓ ଆଙ୍ଗିକ ମୂଲ୍ୟବୋଧ ନ ଥିବାରୁ ତାହାକୁ ଯଥାର୍ଥ କ୍ଷୁଦ୍ରଗଳ୍ପ ବୋଲି କୁହାଯାଇ ପାରେନାହିଁ।

୧୮୯୮ ମସିହା ଅକ୍ଟୋବର ମାସରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶିତ 'ରେବତୀ' ଗଳ୍ପ ଓଡ଼ିଆ ଭାଷାରେ ପ୍ରକାଶିତ ପ୍ରଥମ ସାର୍ଥକ କ୍ଷୁଦ୍ରଗଳ୍ପ। 'ରେବତୀ' ଗଳ୍ପ ରଚନା ପୂର୍ବରୁ ଫକୀର ମୋହନ 'ବୋଧଦାୟିନୀ' ପତ୍ରିକାରେ 'ଲଛମନିଆ' ନାମକ ଏକ କ୍ଷୁଦ୍ରଗଳ୍ପ ଲେଖିଥିଲେ ଫକୀର ମୋହନ ତାଙ୍କ ଆତ୍ମଜୀବନୀରେ ଏପରି ଉଲ୍ଲେଖ କରି ଲେଖିଛନ୍ତି – "ବାଲେଶ୍ୱରରେ ଶିକ୍ଷକତା କାର୍ଯ୍ୟ କରୁଥିବା ସମୟରେ ମୋର କବିତା ଲେଖିବାର ପ୍ରବୃତ୍ତି ଥିଲା। ସେଠାକାର ପ୍ରେସ୍‌ରୁ ଖଣ୍ଡେ ମାସିକ ପତ୍ରିକା ବାହାରୁ ଥିଲା ମୁଁ ସେଥିରେ ଆମୋଦ ଜନକ କବିତା ଲେଖୁଥିଲି।"

କୁହାଯାଇପାରେ ଫକୀରମୋହନ ତାଙ୍କ ଜୀବନର ଶେଷ ୨୧ ବର୍ଷ ମଧ୍ୟରେ ଗଳ୍ପ ଓ ଉପନ୍ୟାସ ରଚନା କରିଥିଲେ। ୧୮୬୦ରେ ଫକୀରମୋହନଙ୍କ ରଚିତ କ୍ଷୁଦ୍ରଗଳ୍ପ 'ଲଛମନିଆ', ତାଙ୍କରିଦ୍ୱାରା ସମ୍ପାଦିତ ଓ ବାଲେଶ୍ୱରରୁ ପ୍ରକାଶିତ ବୋଧଦାୟିନୀ ପତ୍ରିକାରେ ପ୍ରକାଶିତ ହୋଇଥିଲା। ତେବେ ଦୁର୍ଭାଗ୍ୟବଶତଃ ତାଙ୍କର ଆତ୍ମଜୀବନୀରେ ଏ ବିଷୟରେ ସାମନ୍ୟ ଟିକିଏ ବର୍ଣ୍ଣନା ବ୍ୟତୀତ ଏହି ଗଳ୍ପର ସ୍ରୋତ ସମ୍ବନ୍ଧରେ ଅନ୍ୟ କୌଣସି ଖିଅ ମିଳେନାହିଁ। ନଚେତ୍ ସେ ସମଗ୍ର ଭାରତବର୍ଷରେ ସାହିତ୍ୟିକ ବିଭାଗର ସ୍ରଷ୍ଟା ରୂପେ ବିବେଚିତ ହୋଇଥା'ନ୍ତେ। ୧୮୯୮ରେ ତାଙ୍କ ରଚିତ 'ରେବତୀ' ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇ ପ୍ରଥମ ଓଡ଼ିଆ ଗଳ୍ପର ମାନ୍ୟତା ପାଇଲା। 'ରେବତୀ' ଗଳ୍ପଟିରେ ଗୋଟିଏ ଛୋଟ ଝିଅର ପାଠ ପଢିବାର ଉତ୍ସାହ ଓ ଏଥିରେ ତା'ର ଅନ୍ତରାୟ ସାଜୁଥିବା ପାରମ୍ପରିକ ଅନ୍ଧବିଶ୍ୱାସପୂର୍ଣ୍ଣ ଗ୍ରାମୀଣ ସମାଜର ଚିତ୍ରଣ କରାଯାଇଛି। ପରେ ଯେବେ ଗାଁରେ ମହାମାରୀ ବ୍ୟାପିଛି ଏଥିପାଇଁ ତା'ର ଅଧ୍ୟୟନକୁ ଦାୟୀ କରାଯାଇଛି।

ଫକୀର ମୋହନ ସେନାପତି ଜାତୀୟତା ଓ ଭାଷାକୁ ଏକତ୍ର କରିଥିଲେ। କାରଣ ସେ ବିଶ୍ୱାସ କରୁଥିଲେ ଯେ 'ଜାତୀୟତା ଭାଷା ଦ୍ୱାରା ନିର୍ଣ୍ଣୟ କରାଯାଏ'। ଏଥିପାଇଁ ସେ ଚାରୋଟି ଅର୍ଥ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ଜାତୀୟ ସାହିତ୍ୟକୁ ପ୍ରୋତ୍ସାହିତ କରିବା ପାଇଁ କରିବା ଉଚିତ୍। ଏହାକୁ ପଢ଼ିବା, ଲେଖିବା ଓ ଅନ୍ୟମାନଙ୍କୁ ଏହାକୁ ଲେଖିବା ପାଇଁ ପ୍ରବର୍ତ୍ତାଇବା। ସେ କହିଛନ୍ତି ଯେ ମାତୃଭାଷା ହରାଇ ଏକ ରାଷ୍ଟ୍ର ଅଗ୍ରଗତି କରିପାରିବ ନାହିଁ ଓ ବିଶ୍ୱାସ କରେ ଯେ ଗୋଟିଏ ଦେଶର ଭାଷା ପାଇଁ ସାହିତ୍ୟର ବିକାଶ ଏକ ମୌଳିକ ଅଟେ। ଅର୍ଥାତ୍ ତାଙ୍କ ଭାଷାରେ "ଯେଉଁ ଦେଶର ଭାଷା ବିକଶିତ ହୋଇନାହିଁ, ଜାଗ୍ରତ ନୁହେଁ। ଏଥିରେ ଉଦ୍ୟମର ଅଭାବ ରହିଛି ଏବଂ ଆତ୍ମ ସମ୍ମାନ ବଜାୟ ରଖିବାରେ ଅସମର୍ଥ। "

ବାସ୍ତବରେ ଫକୀରମୋହନଙ୍କ ସୃଷ୍ଟି ସଂପଦକୁ ଅନୁଶୀଳନ କଲେ ସ୍ପଷ୍ଟ ହୁଏ ସେ ଯେଭଳି ଜଣସାଧାରଣଙ୍କ ଲୌକିକ ଭାଷାକୁ ମାଟି ଓ ପ୍ରକୃତି ସହ ଘନିଷ୍ଠ ଭାବେ ସଂପୃକ୍ତଥିବା ନରନାରୀମାନଙ୍କୁ ସାହିତ୍ୟରେ ଅଙ୍ଗୀକାର କରି ଆମକୁ ବିଶ୍ୱଜନୀନତାର ଯେଉଁ ସ୍ୱାଦ ଦେଇଛନ୍ତି , ଯର୍ଥାଥରେ ସେ 'ବ୍ୟାସକବି' ଓ 'ସରସ୍ୱତୀ' ଉପାଧିର ଯୋଗ୍ୟ ଏକ ଅମ୍ଳାନ ମହାପୁରୁଷ। ଯୁଗଜନ୍ମା ସଂକ୍ରାନ୍ତି ପୁରୁଷ ଫକିର ମୋହନ ସଂକ୍ରାନ୍ତି ଭୂମିଷ୍ଠ ହୋଇ ସଂକ୍ରାନ୍ତିରେ ଇହଲୀଳା ସମ୍ବରଣ କରିଥିଲେ...!!!!

**ଅଧ୍ୟକ୍ଷ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ- ୪ ମୋବାଇଲ୍: ୯୦୪୦୧୫ ୧୪୭୫**

# ସୂର୍ଯ୍ୟ, ସଂସ୍କୃତି ଏବଂ ସ୍ତ୍ରୀ: ମକର ସଂକ୍ରାନ୍ତିର ସ୍ୱରୂପ

**ଗୋପାଳ ମହାପାତ୍ର**



ଶୀତଋତୁରେ ଜାଡ଼ ମଧ୍ୟରେ ସୂର୍ଯ୍ୟ ଉତ୍ତରାୟଣ ହୋଇଥାନ୍ତି ଏବଂ ଅନ୍ଧକାର ରୁ ପ୍ରକାଶ ଆଡ଼କୁ ଯାତ୍ରା ଆରମ୍ଭ ହୋଇଥାଏ। ସେତେବେଳେ ମକର ସଂକ୍ରାନ୍ତି କେବଳ ତିଥି ପରିବର୍ତ୍ତନର ସଂଙ୍କେତ ଦେଇନଥାଏ ବରଂ ଭାରତୀୟ ଚେତନାର ନବ ଜାଗରଣ ର ଉଦ୍‌ଘୋଷ କରିଥାଏ। ମକର ସଂକ୍ରାନ୍ତି ପର୍ବ ଋତୁ, କୃଷି, ଆସ୍ଥା ଏବଂ ସାମାଜିକ ଏକତାର ସଙ୍ଗମ ଅଟେ। ଭାରତ ଭଳି ସଂସ୍କୃତି ସମୃଦ୍ଧ ଦେଶରେ ମକର ସଂକ୍ରାନ୍ତି ଅନେକ ନାମରେ ଓ ଅନେକ ରୂପରେ ପାଳିତ ହୋଇଥାଏ କିନ୍ତୁ ଏହାର ଆତ୍ମା ଗୋଟିଏ ଥାଏ। ଆଧୁନିକ ଯୁଗର ବ୍ୟବସ୍ଥା ସତ୍ୱେ ନାରୀ ଶକ୍ତି ଏହି ପର୍ବକୁ ପରମ୍ପରା ଏବଂ ପରିବର୍ତ୍ତନର ସନ୍ତୁଳନ ସହ ଆଗକୁ ବଢ଼ାଇଥାନ୍ତି। ମକର ସଂକ୍ରାନ୍ତି ହେଉଛି ସୂର୍ଯ୍ୟ ଉପାସନାର ପର୍ବ ଯାହା ଜୀବନର ସକାରାତ୍ମକତା, ଶକ୍ତି ଏବଂ ସନ୍ତୁଳନର ପ୍ରତୀକ ଅଟେ। ମକର ସଂକ୍ରାନ୍ତି ଏଭଳି ଏକ ସମୟ ଯେଉଁ ସମୟରେ କୃଷକ ନୂଆ ଫସଲ ଅମଳ କରି ଉତ୍ସବ ପାଳନ କରିଥାନ୍ତି ଏବଂ ସମାଜ ଶ୍ରମ ସମ୍ମାନକୁ ସ୍ୱିକାର କରିଥାଏ। ମହିଳା ମାନଙ୍କ ପାଇଁ ଏହି ପର୍ବ କେବଳ ଧାର୍ମିକ ଅନୁଷ୍ଠାନ ନୁହେଁ ବରଂ ପରିବାର ଓ ସମାଜକୁ ଯୋଡିବାର



ଏକ ମାଧ୍ୟମ ଅଟେ। ଘରର ରୋଷେଇ ଠାରୁ ଆରମ୍ଭ କରି ସାମୁଦାୟିକ ଆୟୋଜନ ପର୍ଯ୍ୟନ୍ତ ସବୁ ସ୍ତରରେ ପର୍ବର ଆତ୍ମାକୁ ସାକାର କରିଥାନ୍ତି ମହିଳାମାନେ। ମହିଳାଙ୍କ ସହଭାଗିତାରେ ଏହି ଉତ୍ସବ ଭାବନାତ୍ମକ, ସାମାଜିକ ଏବଂ ସଂସ୍କୃତିକ ରୂପରେ ସମୃଦ୍ଧ ହୋଇଥାଏ। ଅଗ୍ନିର ଚାରିପଟେ ପ୍ରଦକ୍ଷିଣ କରିବା ସହ ରାଷି, ଗୁଡ଼, ବାଦାମ ଏବଂ ଖୀର (ରାବିଡ଼ି) ଅର୍ପଣ କରିଥାନ୍ତି।

ଓଡ଼ିଶାରେ ମକର ସଂକ୍ରାନ୍ତି ଦିନ ମକର •ଉଳ କରାଯିବାର ବିଧି ରହିଛି। ଉତ୍ତରଭାରତରେ ଏହାକୁ ଲୁହାଡି ଓ ମାଘି ରୂପରେ ପାଳନ କରାଯାଥାଏ। ପଞ୍ଜାବ ହରିଆଣାରେ ଏହିଦିନ ନବ ବିବାହିତ ବୋହୁ ମାନଙ୍କୁ ବିଶେଷ ଭାବେ ସମ୍ମାନ ପ୍ରଦର୍ଶନ କରାଯାଇଥାଏ। ପଶ୍ଚିମ ଭାରତରେ ଏହି ପର୍ବକୁ ମଧ ଧୁମ୍‌ଧାମରେ ପାଳନ କରାଯାଇଥାଏ। ମହାରାଷ୍ଟ୍ରରେ ମକର ସଂକ୍ରାନ୍ତି ନାମରେ ହଳଦୀ-କୁଙ୍କୁମ ଏବଂ ରାଷି, ଗୁଡ଼୍‌ର ପରମ୍ପରା ରହିଛି। ବିବାହିତ ମହିଳାମାନେ ପରସ୍ପରକୁ ରାଷି ଏବଂ ଗୁଡ଼ରେ ପ୍ରସ୍ତୁତ ରାଷିମୁଆଁ ପ୍ରଦାନ କରିଥାନ୍ତି ଘରେ ଘରେ ସୌହାର୍ଦ୍ଦ୍ୟ ଏବଂ ଆପଣାପଣର ବାତାବରଣ ସୃଷ୍ଟି ହୋଇଥାଏ। ନବ ବିବାହିତା ମହିଳାମାନେ ଏହିଦିନ ପୂଜାର୍ଚ୍ଚନା କରିଥାନ୍ତି ଏବଂ ପାରମ୍ପାରିକ ବସ୍ତ୍ର ପରିଧାନ କରିବାର ପରମ୍ପରା ମଧ ରହିଛି। ଏହି ପର୍ବ ମହିଳା ମାନଙ୍କ ମଧ୍ୟରେ ସହଯୋଗ, ସମ୍ମାନ ଏବଂ ସାମାଜିକ ସମ୍ପର୍କକୁ ମଜଭୁତ କରିବାର ଏକ ମାଧ୍ୟମ ପାଲଟିଯାଇଥାଏ। ମଧ ଭାରତରେ ମକର ସଂକ୍ରାନ୍ତିକୁ ସୁକରାତ ବା ସତ୍‌କ୍ରାତ କୁହାଯାଏ। ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ ମହିଳାମାନେ ହଳଦୀ କୁଙ୍କୁମ ଲଗାଇଥାନ୍ତି, ପରସ୍ପରକୁ ଆମନ୍ତ୍ରିତ କରି ରାଷି ଲଡ୍ଡୁ, ଖେଚେଡ଼ି ଓ ବିଭିନ୍ନ ପ୍ରକାରର ମିଠାର ଆଦାନ ପ୍ରଦାନ କରିଥାନ୍ତି।

ନଦୀରେ ସ୍ନାନ, ପୂଜା-ଅର୍ଚ୍ଚନା ଏବଂ ଦାନ-ପୁଣ୍ୟର ପରମ୍ପରା ସୌଭାଗ୍ୟ ଏବଂ ପାରିବାରିକ ସୁଖର କାମନାରେ ଯୋଡି ହୋଇଥାଏ। ଏହି ପର୍ବକୁ ମହିଳା ଶସକ୍ତିକରଣ ଏବଂ ସାମାଜିକ ସମରସତାର ପ୍ରତୀକ ବୋଲି କୁହାଯାଇପାରେ। ଗୁଜୁରାଟରେ ମକର ସଂକ୍ରାନ୍ତିକୁ ଉତ୍ତରାୟଣ ନାମରେ ପାଳନ କରାଯାଇଥାଏ। ରଙ୍ଗ ବେରଙ୍ଗର ଗୁଡି ଉଡ଼ାଯାଇଥାଏ। ମହିଳାମାନେ ମଧ ଗୁଡି ଉଡ଼ାଉଥିବା ଦେଖାଯାଇଥାଏ। ଓଡ଼ିଶାରେ ମଧ ଏହିଦିନ ଗୁଡି ଉଡ଼ାଇବା ଓ ଗୁଡି ଉଡ଼ାଇବାର ପ୍ରତିଯୋଗିତା ହୋଇଥାଏ। ରାଜସ୍ଥାନ ରେ ଏହି ପର୍ବ ସୁହାଗ ଏବଂ ସୌଭାଗ୍ୟ ସହ ଯୋଡିହୋଇଛି। ମହିଳାମାନେ ଗୁରୁଜନ ମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଥାନ୍ତି ଏପରିକି ବିବାହିତ ମହିଳାମାନଙ୍କୁ ବସ୍ତ୍ର ଏବଂ ଅନ୍ୟ ଶୃଙ୍ଗାର ସାମଗ୍ରୀ ପ୍ରଦାନ କରିଥାନ୍ତି। ଏହି ଦିନ ଅନେକ ପରିବାର ପକ୍ଷରୁ ସାମୁହିକ ଭୋଜିର ଆୟୋଜନ ମଧ କରାଯାଇଥାଏ। ଏହି ପରମ୍ପରା ମହିଳାମାନଙ୍କ ସାମାଜିକ ଭୂମିକା ଏବଂ ପାରିବାରିକ ସନ୍ତୁଳନକୁ ଉଜାଗର କରିଥାଏ। ତାମିଲନାଡୁରେ ଏହାକୁ ପୋଙ୍ଗଲ ନାମରେ ପାଳନ କରାଯାଇଥାଏ କିନ୍ତୁ କର୍ଣ୍ଣାଟକ, କେରଳ ତଥା ଆନ୍ଧ୍ର ପ୍ରଦେଶରେ ଏହାକୁ କେବଳ ସଂକ୍ରାନ୍ତ ବୋଲି କହିଥାନ୍ତି। ଭାରତର ଏହା ଏକ ପ୍ରମୁଖ ପର୍ବ ହୋଇଥିବା ବେଳେ ପଡ଼ୋଶୀ ଦେଶ ନେପାଳରେ ମଧ ଏହି ପର୍ବ ପାଳିତ ହୋଇଥାଏ।

ମକର ସଂକ୍ରାନ୍ତି ପାଳନ ପଛରେ ଅନେକ ପୌରାଣିକ କାହାଣୀ ମଧ ରହିଛି। ଶାସ୍ତ୍ର ଅନୁସାରେ ମକର ସଂକ୍ରାନ୍ତି ଦିନ ଭଗବାନ ସୂର୍ଯ୍ୟ ତାଙ୍କ ପୁତ୍ର ଶନିଦେବଙ୍କୁ ଭେଟିବା ପାଇଁ ତାଙ୍କର ଘର (ମକର ରାଷି)କୁ ଯାଇଥାନ୍ତି। ଅନ୍ୟ ଏକ ତଥ୍ୟ ଅନୁସାରେ ଏହି ଦିନ ଗଙ୍ଗା ନଦୀ ରାଜା ଭଗିରଥଙ୍କ ତପସ୍ୟାରେ ପ୍ରସନ୍ନ ହୋଇ କପିଳ ମୂନୀଙ୍କ ଆଶ୍ରମ ଦେଇ ସାଗରରେ ମିଶିଥିଲେ। ମହାଭାରତ କଳରେ ଭୀଷ୍ମ ପିତାମହ ତାଙ୍କର ଇଚ୍ଛା ମୃତ୍ୟୁ ପାଇଁ ଏହି ଦିନଟିକୁ ବାଛିଥିଲେ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସୂର୍ଯ୍ୟ ଏହିଦିନ ଧନୁରାଶିରୁ ମକର ରାଷିକୁ ଚଳନ କରିଥାନ୍ତି ଯାହାକୁ ସୂର୍ଯ୍ୟଙ୍କ ଉତ୍ତରାୟ ବୋଲି କୁହାଯାଏ।

# ଆଜି ନୂଆ କାର୍ଯ୍ୟାଳୟକୁ ଯିବ ପିଏମ୍‌ଓ



## ନୂଆ ଅଫିସର ଠିକଣା ରଖାଯାଇଛି 'ସେବାତୀର୍ଥ'

## ୨,୨୬,୨୦୩ ବର୍ଗଫୁଟ ଜମିରେ ପରିବ୍ୟାପ୍ତ

## ଖର୍ଚ୍ଚ ହୋଇଛି ୧ହଜାର ୧୮୯ କୋଟି ଟଙ୍କା

ନୂଆଦିଲ୍ଲୀ ୧୩।୧ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ଅଫିସ୍ ପ୍ରସ୍ତୁତ। ପବିତ୍ର ମକର ସଂକ୍ରାନ୍ତି ଅବସରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସାଉଥ ବ୍ଲକରୁ ଏହି ନୂଆ ଅଫିସକୁ ସ୍ଥାନାନ୍ତର ହେବ। ଫଳରେ ଏକ ଯୁଗର ଅନ୍ତ ଘଟିବ। ଦେଶ ସ୍ୱାଧୀନତା ଲାଭକରିବା ପରଠାରୁ ଅର୍ଥାତ ୧୯୪୭ ମସିହାରୁ ପିଏମ୍‌ଓ ସାଉଥ୍ ବ୍ଲକରେ କାର୍ଯ୍ୟକ୍ଷମ ହୋଇଆସୁଛି। ନୂଆ ଅଫିସର ଠିକଣା ସେବାତୀର୍ଥ ରଖାଯାଇଛି। ସେଣ୍ଟ୍ରାଲ ଭିଷ୍ଟା ରିଡେଭେଲପମେଣ୍ଟ ପ୍ରୋଜେକ୍ଟ ଅଧୀନରେ ଏହାର ନିର୍ମାଣ କରାଯାଇଛି। ଏହି କମ୍ପ୍ଲେକ୍ସରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କେନ୍ଦ୍ରୀୟ ସଚିବାଳୟ ଏବଂ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ରହିଛି। ପ୍ରତିଟି କାର୍ଯ୍ୟାଳୟ ପାଇଁ ପୃଥକ ବିଲ୍ଡିଂ ନିର୍ମାଣ କରାଯାଇଛି। ପିଏମଓ ଯେଉଁ କମ୍ପ୍ଲେକ୍ସରେ ରହିବ ତାହାର ନାମ ରଖାଯାଇଛି ସେବାତୀର୍ଥ-୧। ସେଠାରେ ରହିଛି ଅତ୍ୟାଧୁନିକ କାର୍ଯ୍ୟସ୍ଥଳ ଓ ଭବ୍ୟ ସମାରୋହ ପ୍ରକୋଷ୍ଠ।

ସେହିଭଳି ସେବାତୀର୍ଥ-୨ରେ କ୍ୟାବିନେଟ ସଚିବାଳୟ ରହିଛି, ଯାହାକି ଗତବର୍ଷ ସେପ୍ଟେମ୍ବରରୁ ସେଠାରେ କାର୍ଯ୍ୟକ୍ଷମ ହୋଇସାରିଛି। ସେବାତୀର୍ଥ-୩ରେ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ଅଫିସ୍ ଓ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ରହିବ। ସାଉଥ୍ ଓ ନର୍ଥ ବ୍ଲକରୁ ସବୁ ସରକାରୀ ଅଫିସ ହଟିବା ପରେ ତାକୁ ସର୍ବସାଧାରଣ ସଂଗ୍ରହାଳୟରେ ପରିଣତ କରାଯିବ।

ଏହି ପ୍ରସ୍ତାବିତ ମ୍ୟୁଜିୟମ ନିର୍ମାଣ ତଥା ସହଯୋଗ କରିବା ଲାଗି ଫ୍ରାନ୍ସର ମ୍ୟୁଜିୟମ ଉନ୍ନୟନ ସଂସ୍ଥା ସହ ୨୦୨୪ରେ ରାଜିନାମା ସ୍ୱାକ୍ଷର କରାଯାଇଛି। ୨ ଲକ୍ଷ ୨୬ ହଜାର ୨୦୩ ବର୍ଗଫୁଟ ଜମିରେ ପରିବ୍ୟାପ୍ତ ଏହି ସେବାତୀର୍ଥ ନିର୍ମାଣରେ ମୋଟ ୧ହଜାର ୧୮୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସେହିଭଳି ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନ ଲାଗି ନୂଆ ବିଲଡିଂର ନିର୍ମାଣ କରାଯାଉଛି।

# ଭାରତକୁ ମହଙ୍ଗା ପଡ଼ିବ ଇରାନ ସହ ବନ୍ଧୁତା



## ୨୫% ଶୁଳ୍କ ଲଗାଇଲେ ଟ୍ରମ୍ପ

ନୂଆଦିଲ୍ଲୀ,୧୩।୧: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହ କାରବାର କରୁଥିବା ଦେଶଗୁଡ଼ିକ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଏ ସମ୍ପର୍କରେ ସେ ସୋସିଆଲ ମିଡିଆରେ ଘୋଷଣା କରିଛନ୍ତି। ଇରାନ ସହ ଭାରତର ଯଥେଷ୍ଟ ଅଧିକ ବାଣିଜ୍ୟିକ ସମ୍ପର୍କ ଥିବାରୁ ଏହା ଗୁରୁତର ସମସ୍ୟା ସାମ୍ନା କରିବା ଆଶଙ୍କା କରାଯାଉଛି। ପୂର୍ବରୁ ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଶୁଳ୍କ ଲଗାଇଛି। ପାଲଟା ଶୁଳ୍କ ଭାବେ ୨୫ ପ୍ରତିଶତ ଓ ରୁଷରୁ ତେଲ କିଣୁଥିବାରୁ ଜରିମାନା ଭାବେ ଆଉ ୨୫ ପ୍ରତିଶତ ଶୁଳ୍କ ଲଗାଯାଇଛି। ଏହାବାଦ ଯଦି ଇରାନ ସହ ସମ୍ପର୍କ ପାଇଁ ଆଉ ୨୫ ପ୍ରତିଶତ ଶୁଳ୍କ ଲାଗିବ ତେବେ ଭାରତ ଉପରେ ଆମେରିକା ଲଗାଇଥିବା ଶୁଳ୍କ ପରିମାଣ ୭୫ ପ୍ରତିଶତ ହୋଇଯିବ। ଏହାହେଲେ ଭାରତୀୟ ସାମଗ୍ରୀ ଆମେରିକା ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବ ନାହିଁ, ଯାହା ରପ୍ତାନୀକୁ ଗୁରୁତର ପ୍ରଭାବିତ କରିବ।

ଇରାନ ସମ୍ପର୍କରେ ଟ୍ରମ୍ପ କହିଛନ୍ତି ଯେ, ଇରାନ ସହ କାରବାର କରୁଥିବା ଦେଶମାନଙ୍କୁ ଆମେରିକା ସହ କାରବାର କରିବାକୁ ହେଲେ ୨୫ ପ୍ରତିଶତ ଶୁଳ୍କ ଦେବାକୁ ପଡ଼ିବ। ଏହି ନିର୍ଦ୍ଦେଶ ଚୂଡ଼ାନ୍ତ ବୋଲି ସେ କହିଛନ୍ତି। ଇରାନରେ ଦରଦାମ ବୃଦ୍ଧିକୁ ନେଇ ବ୍ୟାପକ ପ୍ରତିବାଦ ଦେଖିବାକୁ ମିଳିଛି। ସେହି ଅନ୍ଦୋଳନକୁ ସରକାର ଦମନ କରୁଥିବା ଅଭିଯୋଗ ରହିଛି। ଇରାନ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ଲାଗି ଟ୍ରମ୍ପ 'ଶୁଳ୍କ'କୁ ଅସ୍ତ୍ର ଭାବେ ବ୍ୟବହାର କରିଛନ୍ତି। ଟ୍ରମ୍ପଙ୍କ ନିଷ୍ପତ୍ତି ଦ୍ୱାରା ଭାରତ ଗୁରୁତର ପ୍ରଭାବିତ ହେବ। କାରଣ ଇରାନ ହେଉଛି ଭାରତର ପଞ୍ଚମ ବୃହତ୍ ବ୍ୟବସାୟ ସହଯୋଗୀ।

୨୦୨୫ର ୧୦ ମାସରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ପରିମାଣ ୧୩୪ କୋଟି ଡଲାର ଥିଲା। ଇରାନକୁ ଭାରତ ମୁଖ୍ୟତଃ ଚାଉଳ, ଚା, ଚିନି, ଔଷଧ, ହାତ ତିଆରି ସୁତା, ଇଲେକ୍ଟ୍ରିକ୍ ମେସିନ, କୃତ୍ରିମ ଗହଣା ପଠାଉଛି। ସେହିପରି, ଇରାନରୁ ଡ୍ରାଏ ଫ୍ରୁଟ୍‌ସ, ଅର୍ଗାନିକ୍ କେମିକାଲ୍ ଓ ଗ୍ଲାସ୍‌ୱେର୍ ଆମଦାନୀ କରୁଛି। ଇରାନ ଉପରେ ଲଗାଯାଇଥିବା କଟକଣା ବାସୁମତୀ ଚାଉଳ ରପ୍ତାନିକାରୀମାନଙ୍କୁ ପ୍ରଭାବିତ କରୁଛି। ରପ୍ତାନୀରେ ବିଳମ୍ବ, ପେମେଣ୍ଟ ଅନିଶ୍ଚିତତା ଆଦି କାରଣ ପାଇଁ ଇରାନକୁ ବାସୁମତି ପଠାଇ ହେଉନାହିଁ। ଫଳରେ ଦେଶ ଭିତରେ ତାହାର ଉପଲବ୍ଧତା ବଢ଼ିବା ସହ ଦାମ୍ କମ୍ ହେବାରେ ଲାଗିଛି। ଯଦି ଇରାନ ସହ ସମ୍ପର୍କ ପାଇଁ ଭାରତ ଉପରେ ଆଉ ୨୫ ପ୍ରତିଶତ ଶୁଳ୍କ ଲାଗିବ ତେବେ ଆମେରିକାକୁ ଭାରତର ବୟନ ସାମଗ୍ରୀ, ପୋଷାକ, ରତ୍ନପଥର ଓ ଗହଣା, ଚମଡ଼ା ସାମଗ୍ରୀ ଓ ଜୋତା, ଅଟୋମୋବାଇଲ୍ ଉପକରଣ, ରାସାୟନିକ ପଦାର୍ଥ ଓ ସାମୁଦ୍ରିକ ସାମଗ୍ରୀ ରପ୍ତାନୀ ଆହୁରି ପ୍ରଭାବିତ ହେବ। ଇରାନରୁ ଆସୁଥିବା ଅଶୋଧିତ ତୈଳ ମଧ୍ୟ ମହଙ୍ଗା ହୋଇଯିବ। ଇରାନ ସଙ୍କଟ ପ୍ରଭାବରେ ଅଶୋଧିତ ତୈଳ ଦର ବଢ଼ିଲେ ତାହା ମଧ୍ୟ ଦେଶକୁ ପ୍ରଭାବିତ କରିବ।

## ଭାରତର ମାଟି ଉପରେ ଜିନପିଙ୍ଗଙ୍କ ଲୋଭ

# ଶାକ୍ସଗାମ୍ ଉପତ୍ୟକାକୁ ଚୀନ ନିଜର କହିଲା



ନୂଆଦିଲ୍ଲୀ,୧୩।୧: ଭାରତର ମାଟିକୁ ନିଜର କହିଲା ଚୀନ। ଶାକ୍ସଗାମ୍ ଉପତ୍ୟକା ଉପରେ ନିଜର ଆଞ୍ଚଳିକ ଦାବିକୁ ପୁନର୍ବାର ଦୋହରାଇଛି ବେଜିଂ। ଏହି ଅଞ୍ଚଳରେ ଚୀନର ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ଯଥାର୍ଥ ବୋଲି କହିଛି ଚୀନ। ଗତ ଶୁକ୍ରବାର ଭାରତର ଶାକ୍ସଗାମ୍ ଉପତ୍ୟକାରେ ଚୀନର ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ସମାଲୋଚନା କରି ଜୟଶଙ୍କର କହିଥିଲେ ଯେ, ଏହା ଭାରତୀୟ ଅଞ୍ଚଳ ଏବଂ ଭାରତକୁ ତା'ର ସ୍ୱାର୍ଥ ରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାର ଅଧିକାର ଅଛି। ପାକିସ୍ତାନ ୧୯୬୩ ମସିହାରେ ଅବୈଧ ଭାବରେ ଅଧିକୃତ ଭାରତୀୟ ଅଞ୍ଚଳରୁ ୫,୧୮୦ ବର୍ଗ କିଲୋମିଟର ଶାକ୍ସଗାମ୍ ଉପତ୍ୟକା ଚୀନ୍‌କୁ ହସ୍ତାନ୍ତର କରିଥିଲା। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି, ଶାକ୍ସଗାମ୍ ଉପତ୍ୟକା ହେଉଛି ଭାରତୀୟ ଅଞ୍ଚଳ। ଆମେ ୧୯୬୩ ମସିହାରେ ସ୍ୱାକ୍ଷରିତ ତଥାକଥିତ ଚୀନ୍-ପାକିସ୍ତାନ 'ସୀମା ଚୁକ୍ତିନାମା'କୁ କେବେବି ସ୍ୱୀକୃତି ଦେଇନାହୁଁ। ଆମେ ନିରନ୍ତର ଭାବରେ କହିଛୁ ଯେ, ଏହି ଚୁକ୍ତି ଅବୈଧ। ଆମେ ତଥାକଥିତ ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡରକୁ ମଧ୍ୟ ସ୍ୱୀକୃତି ଦେଉନାହୁଁ, କାରଣ ଏହା ଭାରତୀୟ ଅଞ୍ଚଳ ଦେଇ ଗତି କରେ ଯାହାକୁ ପାକିସ୍ତାନ ଅବୈଧ ଏବଂ ବଳପୂର୍ବକ ଦଖଲ କରିଛି।

ଜୟସ୍ୱାଲଙ୍କ ମନ୍ତବ୍ୟର ଜବାବରେ, ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି, ପ୍ରଥମେ, ଆପଣ ଯେଉଁ ଅଞ୍ଚଳ ବିଷୟରେ କହୁଛନ୍ତି ତାହା ଚୀନ୍‌ର ଏକ ଅଂଶ। ସେ ଆହୁରି ମଧ୍ୟ କହିଛନ୍ତି, ଚୀନ୍‌ର ନିଜସ୍ୱ ଅଞ୍ଚଳରେ ଭିତ୍ତିଭୂମି କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଯଥାର୍ଥ। ଚୀନ୍ ଏବଂ ପାକିସ୍ତାନ ୧୯୬୦ ଦଶକରେ ଏକ ସୀମା ଚୁକ୍ତିନାମା ସ୍ୱାକ୍ଷର କରିଥିଲେ, ଯାହା ଦୁଇ ଦେଶ ମଧ୍ୟରେ ସୀମା ନିର୍ଣ୍ଣୟ କରିଥିଲା। ଏହା ସାର୍ବଭୌମ ରାଷ୍ଟ୍ର ଭାବରେ ଚୀନ୍ ଏବଂ ପାକିସ୍ତାନର ଅଧିକାର।

## ସୀମାରେ ୮ ଆତଙ୍କବାଦୀ ଶିବିର ସକ୍ରିୟ

# ପାକିସ୍ତାନକୁ ସେନା ମୁଖ୍ୟଙ୍କ ଚରମ ଚେତାବନୀ



ନୂଆଦିଲ୍ଲୀ,୧୩।୧: ଜାରି ରହିଛି ଅପରେସନ ସିନ୍ଦୂର। ପୂରା ଆଲର୍ଟରେ ଅଛି ଭାରତୀୟ ସେନା। ଖାଲି ଅର୍ଡରକୁ ଅପେକ୍ଷା। ସୀମା ଆରପାରିରେ ଆତଙ୍କୀ ଗତିବିଧିକୁ ନେଇ କଡ଼ା ଚେତାବନୀ ଦେଇଛନ୍ତି ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ। ପାକିସ୍ତାନ ସୀମାରେ ୮ଟି ଆତଙ୍କବାଦୀ ତାଲିମ ଶିବିର ଆକ୍ଟିଭ ଥିବା ସେ କହିଛନ୍ତି। ଗତିବିଧି ଦେଖିଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏପରିକି ପାକିସ୍ତାନର ମେରୁଦଣ୍ଡ ଥରହର ହୋଇଯିବ।

ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ସ୍ପଷ୍ଟ ଭାବରେ ଚେତାବନୀ ଦେଇଛନ୍ତି ଯେ, ଯଦି ଏହି ଶିବିରଗୁଡ଼ିକ କୌଣସି ଉତ୍ତେଜନାମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ତେବେ ଭାରତ କଡ଼ା ଜବାବ ଦେବାକୁ ପଛାଇବୁ ନାହିଁ।

ସେନା ମୁଖ୍ୟ କହିଛନ୍ତି ଯେ, ମୋଟ ୮ଟି ଆତଙ୍କବାଦୀ ତାଲିମ ଶିବିର ଏବେ ବି ସକ୍ରିୟ ଅଛି। ଏଥିମଧ୍ୟରୁ ଦୁଇଟି ଅନ୍ତର୍ଜାତୀୟ ସୀମାରେ ଏବଂ ଛଅଟି ନିୟନ୍ତ୍ରଣ ରେଖା ନିକଟରେ ଅବସ୍ଥିତ। ଗୁଇନ୍ଦା ସଂସ୍ଥାଗୁଡ଼ିକରୁ ସୂଚନା ଆଧାରରେ ସେନା ନିରନ୍ତର ସେମାନଙ୍କ ଉପରେ ନଜର ରଖିଛି। ସେ ଆହୁରି କହିଛନ୍ତି ଯେ, ଏହି ଶିବିରଗୁଡ଼ିକରେ ୧୦୦-୧୫୦ ଆତଙ୍କବାଦୀ ଥାଇପାରନ୍ତି। ସେ କହିଥିଲେ ଯେ, ଅପରେସନ ସିନ୍ଦୁର ପରେ, ଡିଜିଏମଓ ସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ଯେ, ଉଭୟ ଦେଶର ସେନା ସେମାନଙ୍କର ଆଗୁଆ ନିୟୋଜିତ ସେନା ହ୍ରାସ କରିବେ। ସେନା ମୁଖ୍ୟ ସ୍ପଷ୍ଟ କରିଛନ୍ତି ଯେ, ଡିଜିଏମଓ ଆଲୋଚନାରେ ପରମାଣୁ ଅସ୍ତ୍ର ବିଷୟରେ ଆଲୋଚନା କରାଯାଇନାହିଁ। ସେ କହିଛନ୍ତି ଯେ, ପରମାଣୁ ଅସ୍ତ୍ର ସମ୍ପର୍କରେ ଦିଆଯାଇଥିବା ବିବୃତ୍ତି ରାଜନେତା କିମ୍ବା ସାର୍ବଜନୀନ ମଞ୍ଚରୁ ଆସିଥିଲା। ସେନା ଦ୍ୱାରା ଏପରି କୌଣସି ବାର୍ତ୍ତା ଦିଆଯାଇ ନଥିଲା। ଜେନେରାଲ ଦ୍ୱିବେଦୀ କହିଛନ୍ତି ଯେ, ପ୍ରଥମ ଥର ପାଇଁ, ଭାରତ ପରମାଣୁ ଏବଂ ପାରମ୍ପରିକ ଯୁଦ୍ଧ ମଧ୍ୟରେ ମଧ୍ୟବର୍ତ୍ତୀ କ୍ଷମତା ବ୍ୟବହାର କରି ପାକିସ୍ତାନ ବିରୁଦ୍ଧରେ ଏକ ଅଭିଯାନ ଚଳାଇଛି। ଏହା ସ୍ପଷ୍ଟ କରିଛି ଯେ, ଭାରତ ପ୍ରତ୍ୟେକ ସ୍ତରରେ ଜବାବ ଦେବାକୁ ସକ୍ଷମ।

## ବାଂଲାଦେଶରେ ବଢୁଛି ସଂଖ୍ୟାଲଘୁ ବିରୋଧୀ ହିଂସା

# ହାଜତରେ ହିନ୍ଦୁ ରାଜନେତାଙ୍କୁ ମାରିଦେଲେ



ନୂଆଦିଲ୍ଲୀ, ୧୩।୧: ବାଂଲାଦେଶରେ ଏବେ ଅସହାୟ ହିନ୍ଦୁ। ଦେଶର ପ୍ରସିଦ୍ଧ ଗାୟକ ତଥା ଆୱାମି ଲିଗର ବରିଷ୍ଠ ନେତା ପ୍ରଳୟ ଚକି ଜେଲ୍ ହାଜତରେ ପ୍ରାଣ ହରାଇଛନ୍ତି। ତାଙ୍କୁ ହାଜତରେ ହତ୍ୟା କରାଯାଇଥିବା ଦଳର କିଛି କର୍ମୀ ଅଭିଯୋଗ କରିଛନ୍ତି। ତେବେ ଚିକିତ୍ସା ନମିଳିବାରୁ ସେ ପ୍ରାଣ ହରାଇଥିବା ପରିବାର ଲୋକେ କହିଛନ୍ତି। ୨୦୨୪ରେ ବାଂଲାଦେଶରେ ଘଟିଥିବା ଏକ ବିସ୍ଫୋରଣ ମାମଲାରେ ପ୍ରଳୟଙ୍କୁ ଗିରଫ କରାଯାଇଥିଲା। ସେ ସେଖ୍ ହସିନାଙ୍କ ସହଯୋଗୀ ଥିଲେ। ଗତ ଡିସେମ୍ବର୧୬ରୁ ତାଙ୍କୁ ହାଜତରେ ରଖାଯାଇଥିଲା। ହେଲେ ରବିବାର ସେ ପ୍ରାଣ ହରାଇଛନ୍ତି। ଦିଲାଲପୁରରେ ଥିବା ବାସଭବନରୁ ପ୍ରଳୟଙ୍କୁ ପୁଲିସ ଘୋଷାରି ନେଇ ଜବରଦସ୍ତି ହାଜତରେ ରଖିଥିବା ପରିବାର ଲୋକେ କହିଛନ୍ତି।

ପ୍ରଳୟଙ୍କ ମୃତ୍ୟୁ ଖବର ଆସିବା ପରେ ବାଂଲାଦେଶରେ ସଂଖ୍ୟାଲଘୁ କେତେ ଅସୁରକ୍ଷିତ ତାହା ସ୍ପଷ୍ଟ ହୋଇଯାଇଛି। ଏଠାରେ ଲଗାତାର ଭାବେ ହିନ୍ଦୁ ବିରୋଧୀ ହିଂସା ଦେଖିବାକୁ ମିଳୁଛି। ହିନ୍ଦୁ ବ୍ୟକ୍ତି, ସଙ୍ଗଠନକୁ ଟାର୍ଗେଟ୍ କରାଯାଉଛି। ପ୍ରଳୟଙ୍କ ପୁଅ ସୋନୀ ଚକି କହିଛନ୍ତି ଯେ, ବାପା କୌଣସି ମାମଲାରେ ସାମିଲ ନଥିଲେ। ତଥାପି ପୁଲିସ ତାଙ୍କୁ ଗିରଫ କରିଥିଲା। ଦୀର୍ଘଦିନ ଧରି ଅନେକ ରୋଗରେ ସେ ପୀଡିତ ଥିଲେ। ଜେଲରେ ତାଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। କିନ୍ତୁ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଏନେଇ କିଛି ଜଣାଇ ନଥିଲେ। ଅନ୍ୟମାନଙ୍କଠୁ ଖବର ପାଇଁ ସେ ହସ୍ପିଟାଲ ଯାଇଥିଲେ। ସେଠାରେ ତାଙ୍କୁ ସଠିକ୍ ଚିକିତ୍ସା ମିଳିନଥିବା ଜଣାପଡିଥିଲା।

## ତେଲଙ୍ଗାନା ସରକାରଙ୍କ ବଡ଼ ପଦକ୍ଷେପ

# ପିତାମାତାଙ୍କୁ ଅବହେଳା କଲେ ଦରମା କଟିବ



ହାଇଦ୍ରାବାଦ,୧୩।୧: ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ କହିଛନ୍ତି, ରାଜ୍ୟ ସରକାର ଖୁବ୍ ଶୀଘ୍ର ପିତାମାତାଙ୍କ ଯତ୍ନ ନେଉ ନଥିବା ସରକାରୀ କର୍ମଚାରୀଙ୍କ ପାଇଁ ଏକ ଆଇନ ପ୍ରଣୟନ କରିବେ। ଯାହା ଦ୍ୱାରା ଜଣେ ସରକାରୀ କର୍ମଚାରୀଙ୍କ ଦରମାର ୧୦ ପ୍ରତିଶତ କଟାଯିବ। ଏହି ଟଙ୍କା ସିଧାସଳଖ ପିତାମାତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ। ରାଜ୍ୟର ବୃଦ୍ଧ ଏବଂ ଦିବ୍ୟାଙ୍ଗ ଜନସଂଖ୍ୟାକୁ ସୁରକ୍ଷା ଦେବା ପାଇଁ ଅନେକ କଲ୍ୟାଣକାରୀ ଯୋଜନା ଘୋଷଣା କରାଯିବା ପରେ ମୁଖ୍ୟମନ୍ତ୍ରୀ ଏଭଳି କହିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ବୃଦ୍ଧ ପିତାମାତାଙ୍କ ଦ୍ୱାରା ସେମାନଙ୍କ ପିଲାମାନଙ୍କ ବିରୋଧରେ କରାଯାଇଥିବା ଅଭିଯୋଗକୁ ଗମ୍ଭୀରତାର ସହ ନିଆଯିବା ଉଚିତ। ସରକାର ବରିଷ୍ଠ ନାଗରିକଙ୍କ ପାଇଁ ଡେ-କେୟାର ସେଣ୍ଟର ସ୍ଥାପନ କରୁଛନ୍ତି। ତାଙ୍କ ସରକାର ୨୦୨୬-୨୭ ବଜେଟରେ ଏକ ନୂତନ ସ୍ୱାସ୍ଥ୍ୟସେବା ନୀତି ପ୍ରଣୟନ କରିବେ। ରାଜ୍ୟର ସମସ୍ତ ନାଗରିକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ସୁବିଧା ଯୋଗାଇବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ପ୍ରଜା ଭବନରୁ ରେଟ୍ରୋଫିଟେଡ୍ ମୋଟରସାଇକେଲ୍, ବ୍ୟାଟେରୀ ଚାଳିତ ଟ୍ରାଇସାଇକେଲ୍, ବ୍ୟାଟେରୀ ଚାଳିତ ହ୍ୱିଲଚେୟାର, ଲାପଟପ୍, ଶ୍ରବଣ ଯନ୍ତ୍ର, ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ଆଧୁନିକ ଉପକରଣର ମାଗଣା ବଣ୍ଟନ ଶୁଭାରମ୍ଭ କରିଛନ୍ତି। ତେଲଙ୍ଗାନା ସରକାର ଏହି ଯୋଜନା ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି।

# ଅତ୍ୟାଧୁନିକ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା



ନୂଆଦିଲ୍ଲୀ ୧୩।୦୧ : ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଆଉ ଏକ ଉପଲବ୍ଧି ହାସଲ କରିଛି। ଡିଆରଡିଓ ପକ୍ଷରୁ ବିକଶିତ ତଥା ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅତ୍ୟାଧୁନିକ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ମହାରାଷ୍ଟ୍ରର ଅହିଲ୍ୟାନଗରଠାରେ ଥିବା କେକେ ରେଞ୍ଜରେ ମ୍ୟାନ୍ ପୋର୍ଟେବଲ ଆଣ୍ଟି ଟ୍ୟାଙ୍କ ଗାଇଡେଡ ମିସାଇଲର ସଫଳ ପରୀକ୍ଷା ହୋଇଛି। ଏହି ମିସାଇଲ ଟପ୍ ଆଟାକ ମୋଡରେ ଚାଲୁଥିବା କୌଣସି ଟ୍ୟାଙ୍କକୁ ନିମିଷକ ମଧ୍ୟରେ ଧ୍ୱଂସ କରିଦେବ। ଅର୍ଥାତ ଏହି ମିସାଇଲ ସିଧା ଟ୍ୟାଙ୍କକୁ ଏହାର ଉପରୁ ଟାର୍ଗେଟ କରିବ। କାରଣ ଟ୍ୟାଙ୍କର ଉପରି ଭାଗ ବେଶ୍ ପତଳା ହୋଇଥାଏ। ତା'ଛଡା ଏହି ମିସାଇଲ ଉଭୟ ଦିନ ଓ ରାତିରେ କାମ କରିପାରିବ। ଏଥିରେ ଥିବା ଥର୍ମାଲ ଇମେଜିଂରେ ଏହା ଟାର୍ଗେଟକୁ ଦେଖିପାରିବ। ଏଥିରେ ଦୁଇଟି ଯୁଦ୍ଧାସ୍ତ୍ର ରହିବ। ଗୋଟିଏ ଟ୍ୟାଙ୍କର ଗୋଳା ବା ଯୁଦ୍ଧାସ୍ତ୍ରକୁ ନଷ୍ଟ କରିବ। ଦ୍ୱିତୀୟଟି ଟ୍ୟାଙ୍କର ମୁଖ୍ୟ ବଡିକୁ ନଷ୍ଟ କରିବ। ଭାରତୀୟ ସେନା ପାଇଁ ଏହା ଏକ ବଡ ପଦକ୍ଷେପ। କାରଣ ଏହା ଆଧୁନିକ ମୁଖ୍ୟ ଯୁଦ୍ଧ ଟ୍ୟାଙ୍କକୁ ସହଜରେ ଟାର୍ଗେଟ କରି ନଷ୍ଟ କରିବାରେ ସକ୍ଷମ ହେବ। ଏମ୍ପିଏଟିଜିଏମ ହେଉଛି ତୃତୀୟ ପିଢ଼ିର ଫାୟାର ଆଣ୍ଡ ଫର୍ଗେଟ ମିସାଇଲ। ସୈନିକମାନେ ଏହି ମିସାଇଲକୁ ଛାଡିବା ପରେ ଆଉ ଗାଇଡ୍ କରିବାକୁ ପଡିବ ନାହିଁ। କାରଣ ଏହି ମିସାଇଲ ଖୋଦ୍ ଲକ୍ଷ୍ୟକୁ ଖୋଜି ଧ୍ୱଂସ କରିବ। ତା'ଛଡା ଏହି ମିସାଇଲ ବହୁତ ହାଲୁକା। ଯାହାଫଳରେ ସୈନିକ ଏହାକୁ ନିଜ କାନ୍ଧରେ ବୋହି ନେଇପାରିବେ। ଡିଆରଡିଓର ଏହି ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହାର ବୈଜ୍ଞାନିକ ଓ ଏଥିରେ ସହଯୋଗ କରିଥିବା କମ୍ପାନିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କହିଛନ୍ତି ଆତ୍ମନିର୍ଭର ଭାରତ ଦିଗରେ ଏହା ଏକ ବଡ ଉପଲବ୍ଧି। ସେହିଭଳି ଡିଆରଡିଓ ମୁଖ୍ୟ ଡକ୍ଟର ସମୀର ବି. କାମାଥ କହିଛନ୍ତି ମିସାଇଲର ସଫଳ ପରୀକ୍ଷଣ ଯୁଦ୍ଧାସ୍ତ୍ର ପ୍ରଣାଳୀ ତଥା ଏହାକୁ ଭାରତୀୟ ସେନାରେ ସାମିଲ କରିବା ଦିଗରେ ଏକ ବଡ଼ ପଦକ୍ଷେପ।

# ଟେରର ଲିଙ୍କ୍: ୫ ସରକାରୀ କର୍ମଚାରୀ ବହିଷ୍କୃତ



## ଶୀର୍ଷ ଏଲଇଟି କମାଣ୍ଡରଙ୍କ ସହ ଥିଲା ଯୋଗାଯୋଗ

ନୂଆଦିଲ୍ଲୀ,୧୩।୧: ଆତଙ୍କବାଦୀ ଅନୁଷ୍ଠାନ ସହ ସମ୍ପୃକ୍ତି ଥିବା ସନ୍ଦେହରେ ଜମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ମଙ୍ଗଳବାର ୫ ଜଣ ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିଛନ୍ତି। ସମ୍ବିଧାନର ଧାରା ୩୧୧ (୨)(ସି) ଅଧୀନରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି। ବହିଷ୍କୃତ କର୍ମଚାରୀମାନେ ହେଉଛନ୍ତି ମହମ୍ମଦ ଇସଫାକ୍ (ଶିକ୍ଷକ), ତାରିକ ଅହମଦ ରାହ (ଲ୍ୟାବ ଟେକନିସିଆନ), ବସିର ଅହମଦ ମୀର (ଆସିଷ୍ଟାଣ୍ଟ ଲାଇନମ୍ୟାନ୍), ଫାରୁକ ଅହମଦ ଭଟ (ବନ ବିଭାଗରେ ଜଣେ କର୍ମଚାରୀ) ଏବଂ ମହମ୍ମଦ ୟୁସୁଫ (ସ୍ୱାସ୍ଥ୍ୟ ବିଭାଗରେ ଜଣେ ଡ୍ରାଇଭର)। ସେମାନଙ୍କ ବିରୋଧରେ ଥିବା ତଥ୍ୟ ଅନୁଯାୟୀ ମହମ୍ମଦ ଇସଫାକ ପାକିସ୍ତାନୀ ଆତଙ୍କବାଦୀ ଗୋଷ୍ଠୀ ଲସ୍କର ଏ ତଏବା (ଏଲ୍‌ଇଟି) ପାଇଁ କାର୍ଯ୍ୟ କରୁଥିଲା। ସେ ଏଲଇଟି କମାଣ୍ଡର ମହମ୍ମଦ ଅମିନ ଓରଫ ଅବୁ ଖୁବେବ ସହ ନିୟମିତ ଯୋଗାଯୋଗରେ ଥିଲା। ଇସଫାକକୁ ଏଲ୍‌ଇଟି ଦ୍ୱାରା ଏକ ସକ୍ରିୟ ସଞ୍ଚାଳକ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ୨୦୨୨ରେ ଦୋଦାରେ ଜଣେ ପୁଲିସ ଅଫିସରଙ୍କୁ ହତ୍ୟା ଘଟଣାରେ ତା'ର ସମ୍ପୃକ୍ତି ଥିଲା। ତାରିକ ଅହମଦ ଯୁବ ବୟସରୁ ହିଜବୁଲ ମୁଜାହିଦ୍ଦିନ ଦ୍ୱାରା ପ୍ରଭାବିତ ହୋଇଛି। ୨୦୦୫ରେ ହିଜବୁଲ ଆତଙ୍କବାଦୀ ଅମିନ ବାବା ପାକିସ୍ତାନକୁ ଖସି ପଳାଇବା ଘଟଣାରେ ଏସ୍‌ଆଇଏ ( ରାଜ୍ୟ ତଦନ୍ତକାରୀ ସଂସ୍ଥା) ର ତଦନ୍ତ ପରେ ରାହ ଆତଙ୍କବାଦୀ ସଂଗଠନ ସହ ଜଡ଼ିତ ଥିବା ଜଣାପଡ଼ିଥିଲା। ବସିର ଅହମଦ ମୀରର ସ୍ୱାସ୍ଥ୍ୟ ବିଭାଗରେ ଚାକିରି ୧୯୯୬ରେ ରେଗୁଲାର ହୋଇଥିଲା। ବାନ୍ଦିପୁରାର ଗୁରେଜ ଅଞ୍ଚଳରେ ଏଲ୍‌ଇଟିର ସେ ଜଣେ ସକ୍ରିୟ ସଦସ୍ୟ। ଫାରୁକ ଅହମଦ ସକ୍ରିୟ ଭାବେ ହିଜବୁଲ ମୁଜାହିଦ୍ଦିନ ସହ କାମ କରୁଛି। ମହମ୍ମଦ ୟୁସୁଫ ଆତଙ୍କବାଦୀଙ୍କ ସହ ନିୟମିତ ଯୋଗାଯୋଗରେ ଥିଲା। ଉଲ୍ଲେଖଯୋଗ୍ୟ ଯେ, ୨୦୨୦ରୁ ସିହ୍ନାଙ୍କ ଅଧୀନରେ କେନ୍ଦ୍ରଶାସିତ ପ୍ରଶାସନ ୮୫ ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିଛି। ଆତଙ୍କୀ ଇକୋସିଷ୍ଟମ୍‌ର ମୂଳକୁ ଟାର୍ଗେଟ୍ କରିବା ଏହାର ମୂଳ ଲକ୍ଷ୍ୟ ବୋଲି ଅଧିକାରୀମାନେ କହିଛନ୍ତି।

## ବାୟୁସେନାର ଶକ୍ତି ବଢ଼ାଇବ 'ରାଫେଲ୍'

# ଫ୍ରାନ୍ସ ସହ ୩.୨୫ ଲକ୍ଷ କୋଟିର ମେଗା ଡିଲ୍

ନୂଆଦିଲ୍ଲୀ,୧୩।୧: ଭାରତୀୟ ବାୟୁସେନାକୁ ଶକ୍ତିଶାଳୀ କରିବ ରାଫେଲ। ଭାରତ ସରକାର ଫ୍ରାନ୍ସରୁ ଆହୁରି ୧୧୪ଟି ରାଫେଲ୍ ଯୁଦ୍ଧ ବିମାନ କିଣିବାକୁ ଯୋଜନା କରୁଛନ୍ତି। ପ୍ରାୟ ୩.୨୫ ଲକ୍ଷ କୋଟି ଟଙ୍କାର ଏହି ବୃହତ ଚୁକ୍ତି ଆସନ୍ତା ମାସରେ ଚୂଡ଼ାନ୍ତ ହେବ। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନଙ୍କ ଭାରତ ଗସ୍ତ ସମୟରେ ଏଥିରେ ମୋହର ଲାଗିବ। ଭାରତ ପୂର୍ବରୁ ନୌସେନା ପାଇଁ ୨୬ଟି 'ରାଫେଲ୍-ଏମ୍' ବିମାନ କିଣିବାକୁ ଚୁକ୍ତି କରିସାରିଛି। ଏହି ଚୁକ୍ତିର ସବୁଠାରୁ ବଡ଼ ଦିଗ ହେଉଛି ଯେ, ଅଧିକାଂଶ ଯୁଦ୍ଧ ବିମାନ ଭାରତରେ ହିଁ ନିର୍ମାଣ କରାଯିବ। ହାଇଦ୍ରାବାଦରେ 'ଟାଟା ଆଡଭାନ୍ସଡ୍ ସିଷ୍ଟମ୍ସ' ଏବଂ ଫ୍ରାନ୍ସର 'ଡାସଲ୍ଟ ଆଭିଏସନ୍' ମିଳିତ ଭାବେ ରାଫେଲର ଫ୍ୟୁଜଲେଜ୍ ନିର୍ମାଣ କରିବେ। ଏହି ପ୍ରକଳ୍ପ ଦ୍ୱାରା ରାଫେଲ୍ ନିର୍ମାଣର ପ୍ରାୟ ୬୦ ପ୍ରତିଶତ କାର୍ଯ୍ୟ ଭାରତରେ ହେବ। ଯାହା ଦେଶର ପ୍ରତିରକ୍ଷା ଶିଳ୍ପକୁ ନୂତନ ଜ୍ଞାନକୌଶଳ ଯୋଗାଇବ। ଭାରତୀୟ ବାୟୁସେନାରେ କମୁଥିବା ଯୁଦ୍ଧ ବିମାନ ସ୍କ୍ୱାଡ୍ରନ ସଂଖ୍ୟାକୁ ସ୍ଥିର ରଖିବା ପାଇଁ ଏହି ୧୧୪ଟି ବିମାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

## ଖେମିନିଙ୍କ ବିରୋଧରେ ଇସ୍ରାଏଲ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ

# ଇରାନରେ ନିଆଁ ଲଗାଇଛି ମୋସାଦ

ତେହେରାନ,୧୩।୧: ଇରାନରେ ଚାଲିଥିବା ପ୍ରତିବାଦ ମଧ୍ୟରେ ଇସ୍ରାଏଲର ଗୁପ୍ତଚର ସଂସ୍ଥା ମୋସାଦ ସମ୍ପର୍କରେ ଏକ ବଡ଼ ଖୁଲାସା ହୋଇଛି। ତେହେରାନରେ ପ୍ରତିବାଦକୁ ଉସୁକାଇବାରେ ମୋସାଦ ସମ୍ପୃକ୍ତ ଥିବା ଅଭିଯୋଗ ଆସିଛି। ରିପୋର୍ଟ ଅନୁଯାୟୀ, ମୋସାଦ ଏଜେଣ୍ଟମାନେ ଖୋଲାଖୋଲି ଭାବରେ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନି ସରକାରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇବାକୁ ସାଧାରଣ ଲୋକଙ୍କୁ ଉସୁକାଇଥିଲେ। ଏହା ସହିତ, ଏଜେଣ୍ଟମାନେ ହିଂସାକୁ ଉସୁକାଇବା ଏବଂ ପ୍ରତିବାଦକୁ ନିୟନ୍ତ୍ରଣ କରିବା ପାଇଁ କିଛି ବ୍ୟକ୍ତିଙ୍କୁ ତାଲିମ ମଧ୍ୟ ଦେଇଥିଲେ।



## ଗିରଫ ହେଲେଣି ୧୦ରୁ ଅଧିକ ଏଜେଣ୍ଟ

ଇରାନ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ମୋସାଦ ସହିତ ଜଡିତ ୧୦ରୁ ଅଧିକ ଏଜେଣ୍ଟଙ୍କୁ ଗିରଫ କରିଛନ୍ତି। ମଙ୍ଗଳବାର ଦିନ ଆଉ ଦୁଇଜଣ ଏଜେଣ୍ଟଙ୍କୁ ଗିରଫ କରାଯାଇଛି, ସେମାନଙ୍କଠାରୁ ମାନଚିତ୍ର ଏବଂ ଭିଡିଓ ଫୁଟେଜ୍ ଜବତ କରାଯାଇଛି। ସରକାର ଏଜେଣ୍ଟଙ୍କ ମଧ୍ୟରୁ ଜଣଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ପ୍ରସ୍ତୁତ ହେଉଛନ୍ତି। ଇରାନ ଅନୁଯାୟୀ, ଜୁନ୍ ୨୦୨୫ ପରେ ଆଜରବାଇଜାନ ଦେଇ ଦେଶକୁ ଅସ୍ତ୍ରଶସ୍ତ୍ର ଅଣାଯାଇଥିଲା ଏବଂ ମୋସାଦ ଦ୍ୱାରା ସ୍ଥାନୀୟ ଲୋକଙ୍କୁ ସରକାରଙ୍କ ବିରୋଧରେ ଉସୁକାଇ ଯାଇଥିଲା। ମୋସାଦ ଏଜେଣ୍ଟମାନେ ବିରୋଧ ପ୍ରଦର୍ଶନ ସମୟରେ କାର୍ଯ୍ୟକଳାପ ଉପରେ ନିରନ୍ତର ନଜର ରଖିଥିଲେ। ମୋସାଦ ଖୋଲାଖୋଲି ଭାବରେ ଇରାନରେ ହିଂସାକୁ ଉସୁକାଇବାରେ ନିଜର ଭୂମିକାକୁ ସ୍ୱୀକାର କରିଛି। ଏପରି ଗୁପ୍ତଚର କାର୍ଯ୍ୟକଳାପକୁ ସାଧାରଣତଃ ଅତ୍ୟନ୍ତ ଗୁପ୍ତ ରଖାଯାଇଥାଏ। ସୋସିଆଲ ମିଡିଆ ଏକ୍ସରେ ଏକ ରିପୋର୍ଟରେ କୁହାଯାଇଛି ଯେ, ଇରାନୀ ସୁରକ୍ଷା ବାହିନୀ ଅନେକ ବିଶ୍ୱାସଘାତକଙ୍କୁ ଗିରଫ କରିଛି ଯେଉଁମାନେ ପ୍ରତିବାଦର ଭିଡିଓ ରେକର୍ଡିଂ କରୁଥିଲେ ଓ ଇସ୍ରାଏଲ ସମର୍ଥକ ଚ୍ୟାନେଲଗୁଡ଼ିକୁ ପଠାଉଥିଲେ।

## ବୁଲା କୁକୁର ନେଇ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ରାସ୍ତାରେ କୁକୁରଙ୍କୁ ଖାଦ୍ୟ ଦେଲେ ରହିବେ ଦାୟୀ

## ରାଜ୍ୟ ସରକାର ଗଣିବେ ମୋଟା ଜରିମାନା



ନୂଆଦିଲ୍ଲୀ,୧୩।୧: ବୁଲା କୁକୁର ସମ୍ପର୍କିତ ଏକ ମାମଲାର ଶୁଣାଣି କରି ମଙ୍ଗଳବାର ସୁପ୍ରିମକୋର୍ଟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି ଯେ, କୁକୁର କାମୁଡ଼ା ଏବଂ ମୃତ୍ୟୁର ପ୍ରତ୍ୟେକ ମାମଲା ପାଇଁ ଭାରୀ କ୍ଷତିପୂରଣ ଲାଗୁ କରାଯାଇପାରେ। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ, କୁକୁର କାମୁଡ଼ାର ପ୍ରଭାବ ଜୀବନବ୍ୟାପୀ ରହିଥାଏ, ତେଣୁ ଆକ୍ରମଣ ପାଇଁ କୁକୁର ଖାଦ୍ୟଦାତାଙ୍କୁ ମଧ୍ୟ ଦାୟୀ କରାଯିବା ଉଚିତ୍।

ବିଚାରପତି ବିକ୍ରମ ନାଥ, ସନ୍ଦୀପ ମେହେଟ୍ଟା ଏବଂ ଏନ.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। କୋର୍ଟ କହିଛନ୍ତି, ପ୍ରତ୍ୟେକ କୁକୁର କାମୁଡ଼ା ଏବଂ ମୃତ୍ୟୁ ପାଇଁ, ଆମେ ଆବଶ୍ୟକୀୟ ବ୍ୟବସ୍ଥା କରିବାରେ ବିଫଳ ରାଜ୍ୟଗୁଡ଼ିକ ଉପରେ ଭାରୀ କ୍ଷତିପୂରଣ ଲାଗୁ କରିବୁ। ଏହା ବ୍ୟତୀତ, ଯେଉଁମାନେ କୁକୁରମାନଙ୍କୁ ଖାଦ୍ୟ ଦିଅନ୍ତି ସେମାନଙ୍କୁ ମଧ୍ୟ ଦାୟୀ କରାଯିବ। ଯଦି ବୁଲା କୁକୁର କାହାକୁ କାମୁଡ଼ିବ କିମ୍ବା କୁକୁର କାମୁଡ଼ିବା ଯୋଗୁ କାହାର ମୃତ୍ୟୁ ହେବ, ତା'ହେଲେ ରାଜ୍ୟ ସରକାରଙ୍କ ଉପରେ ସର୍ବୋଚ୍ଚ ଅଦାଲତ ମୋଟା ଅଙ୍କର ଫାଇନ ଲାଗୁ କରିବାକୁ ପଛାଇବେ ନାହିଁ।

ସୁପ୍ରିମକୋର୍ଟ କହିଛନ୍ତି ଯେ, ହସ୍ପିଟାଲ, ରେଳ ଷ୍ଟେଶନ, ବସ୍ ଡିପୋ ଏବଂ ଶିକ୍ଷାନୁଷ୍ଠାନ ଭଳି ସାର୍ବଜନୀନ ସ୍ଥାନଗୁଡ଼ିକୁ କୁକୁର ଆଶ୍ରୟସ୍ଥଳ ଭାବରେ ବ୍ୟବହାର କରାଯାଇପାରିବ ନାହିଁ। ଗୁଜରାଟ ହାଇକୋର୍ଟର ଏକ ଘଟଣାର ଉଦାହରଣ ଦେଇ ଜଷ୍ଟିସ ମେହେଟ୍ଟା କହିଛନ୍ତି ଯେ, ପରିସ୍ଥିତି ଏତେ ଭୟଙ୍କର ଯେ କୋର୍ଟ ରୁମରେ ମଧ୍ୟ କୁକୁର ଆକ୍ରମଣ ଘଟୁଛି। ସବୁଠାରୁ ଖରାପ କଥା ହେଉଛି ଯେତେବେଳେ ପୌର କର୍ମଚାରୀମାନେ କୁକୁରମାନଙ୍କୁ ଧରିବାକୁ ଯାଆନ୍ତି, କୁକୁର ପ୍ରେମୀ ଏବଂ ଓକିଲମାନେ୍ୱ ସେମାନଙ୍କ ଉପରେ ଆକ୍ରମଣ କରନ୍ତି। ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି, ଯେତେବେଳେ କୁକୁର ଜଣେ ନିର୍ଦ୍ଦୋଷ ୯ ବର୍ଷର ଶିଶୁକୁ ଆକ୍ରମଣ କରେ, ସେତେବେଳେ ଏହାର ଦାୟିତ୍ୱ କିଏ ନେବ? ବୁଲା କୁକୁରମାନଙ୍କୁ ଖାଦ୍ୟ ଦେଉଥିବା ସଂଗଠନ କ'ଣ ଦାୟିତ୍ୱ ନେବ?

● ହାଇକୋର୍ଟଙ୍କ ଗୁରୁତ୍ୱାରୋପ

## ବିବାହ ନିଷ୍ପତ୍ତିରେ ଝିଅର ସ୍ୱୀକୃତି ଆବଶ୍ୟକ



**କଟକ, ୧୩।୧ (ସଂଚାର ବ୍ୟୁରୋ):** ବିବାହ କ୍ଷେତ୍ରରେ ଝିଅର ନିଷ୍ପତ୍ତି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏପରି କୌଣସି ନିଷ୍ପତ୍ତି ଅଭିଭାବକଙ୍କ ଦ୍ୱାରା ନିଆଯିବା ପୂର୍ବରୁ ଝିଅର ଅନୁମତି ନିଆଯିବା ଉଚିତ। ଜୋର୍ ଜବରଦସ୍ତି କନ୍ୟାର ବିବାହ କରିପାରିବେ ନାହିଁ ଅଭିଭାବକ। ଝିଅ ନିଖୋଜ ଅଭିଯୋଗରେ ଦାୟର ହୋଇଥିବା ଏକ 'ହେବିୟସ କର୍ପସ' ପିଟିସନର ଶୁଣାଣି କରି ହାଇକୋର୍ଟ ଏଭଳି ଉଲ୍ଲେଖ କରିଛନ୍ତି। ଯେତେବେଳେ ଜଣେ ଝିଅ ବିବାହ ପାଇଁ ପ୍ରସ୍ତୁତ ନଥାଏ, ମାନସିକ ଚାପ କିମ୍ବା ବଳ ପ୍ରୟୋଗ କରି ତାଙ୍କୁ ବାହାଦେବା ଏହା ସମାଜ ପାଇଁ ଅନୁକୂଳ ନୁହେଁ। ଅଭିଭାବକମାନେ ନିଜ ନିଷ୍ପତ୍ତି ପିଲାମାନଙ୍କ ଉପରେ ଲଦି ଦେବାର ଭାବନା ବିରୋଧରେ ପ୍ରଶାସନ ସଚେତନ କରିବା ଆବଶ୍ୟକ। ପ୍ରାପ୍ତ ବୟସ୍କ ଝିଅର ନିଷ୍ପତ୍ତିକୁ ସମ୍ମାନ ଦେବା ଉପରେ ମଧ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ମାମଲାର ବିଚାର କରି ପୁଲିସକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ରହୁଥିବା ସ୍ଥାନକୁ ଝିଅ ଯେପରି ସହଜରେ ଫେରିପାରିବ ଏବଂ ତାଙ୍କ ଜୀବନରେ ଅଭିଭାବକ ଓ ସ୍ୱାମୀଙ୍କର କୌଣସି ହସ୍ତକ୍ଷେପ ନ ରହିବ ତାହା ସୁନିଶ୍ଚିତ କରିବାକୁ ହେବ।

## ୧୬ରୁ ଜାତୀୟ ସବ୍-ଜୁନିୟର ରଗବୀ ସେଭେନ୍ସ ଚାମ୍ପିୟନସିପ୍

**ଭୁବନେଶ୍ୱର, ୧୩।୧ (ସଂଚାର ବ୍ୟୁରୋ):** ଆସନ୍ତା ୧୬ରୁ ୨୧ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ରଗବୀ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ୍ ରଗବୀ ଆସୋସିଏସନ ମିଳିତ ସହଯୋଗରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଦଶମ ସବ୍-ଜୁନିୟର ଜାତୀୟ ରଗବୀ ସେଭେନ୍ସ ଚାମ୍ପିୟନସିପ୍-୨୦୨୫ ଅନୁଷ୍ଠିତ ହେବ। ଆଜି କଳିଙ୍ଗ ଷ୍ଟାଡ଼ିୟମରେ ଆୟୋଜିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ଓ ଯୁବସେବା ବିଭାଗର କ୍ରୀଡ଼ା ନିର୍ଦ୍ଦେଶକ ଡା. ଯେଦୁଲା ବିଜୟ, ରଗବୀ ଇଣ୍ଡିଆ ସଭାପତି ରାହୁଲ ବୋଷ ଏବଂ ଓଡ଼ିଶା ରଗବୀ ଫୁଟବଲ ଆସୋସିଏସନ ସଭାପତି ପ୍ରିୟଦର୍ଶୀ ମିଶ୍ର ଗଣମାଧ୍ୟମକୁ ସମ୍ବୋଧିତ କରି ପ୍ରତିଯୋଗିତାର ରୂପରେଖ ଓ ବୈଷୟିକ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ। କ୍ରୀଡ଼ା ନିର୍ଦ୍ଦେଶକ ଡା. ଯେଦୁଲା ବିଜୟ ଏହି କ୍ରୀଡ଼ା ମହାକୁମ୍ଭର




ଆନୁଷ୍ଠାନିକ ଘୋଷଣା କରି କହିଛନ୍ତି ଯେ ଏହି ପ୍ରତିଯୋଗିତାରେ ଦେଶର ୨୪ଟି ରାଜ୍ୟରୁ ୫୫୦ରୁ ଅଧିକ ୧୫ ବର୍ଷରୁ କମ୍ ବୟସ୍କ ଖେଳାଳି, ୧୩୦ରୁ ଅଧିକ ଅଫିସିଆଲ୍ସ ଓ ବୈଷୟିକ ଅଧିକାରୀ ସାମିଲ ହେବ। ପ୍ରତିଯୋଗିତାରେ ଉଭୟ ବାଳକ ଓ ବାଳିକା ବର୍ଗରେ ସମୁଦାୟ ୬୮ଟି ଲେଖାଏଁ ମ୍ୟାଚ୍ ଖେଳାଯିବ। ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଖେଳାଳିମାନଙ୍କ ପାଇଁ ରହିବାଠାରୁ ଆରମ୍ଭ କରି ଉଚ୍ଚକୋଟୀର ଆତିଥେୟତା, ଶୃଙ୍ଖଳିତ ମ୍ୟାଚ୍ ପରିଚାଳନା ପାଇଁ ଅନୁଷ୍ଠାନିକ ବ୍ୟବସ୍ଥା କରାଯାଇଛି। କ୍ରୀଡ଼ାବିତମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ କେବଳ ନିଜ ଖେଳ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିପାରିବେ, ସେଥିପାଇଁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ସମ୍ପୂର୍ଣ୍ଣ ସଜାଗ ରହିଛି ବୋଲି ଡା. ବିଜୟ କହିଛନ୍ତି।

ରଗବୀ ଇଣ୍ଡିଆର ସଭାପତି ଶ୍ରୀ ବୋଷ କହିଛନ୍ତି ଯେ ଭାରତୀୟ ରଗବୀର ବିକାଶ ଏବଂ ସଫଳତା ପଛରେ ଓଡ଼ିଶାର ଅବଦାନ ଅତୁଳନୀୟ। ଓଡ଼ିଶା ଆଜି ଦେଶର ରଗବୀ ଇକୋସିଷ୍ଟମକୁ ସମର୍ଥନ କରୁଥିବା ଏକ ପ୍ରମୁଖ ରାଜ୍ୟ ଭାବେ ଉଭା ହୋଇଛି। ତୃଣମୂଳ ସ୍ତରର ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଗଢ଼ି ତୋଳିବାରେ ଓଡ଼ିଶା ମଡେଲ୍ ସାଜିଛି। ଏହି ଚାମ୍ପିୟନସିପ୍ ମାଧ୍ୟମରେ ଆମେ ଆଗାମୀ ପିଢ଼ିର ଅନେକ ଦକ୍ଷ ଖେଳାଳିଙ୍କୁ ଦେଖିବାକୁ ପାଇବା ଓ ଭବିଷ୍ୟତରେ ସେମାନେ ଓଡ଼ିଶା ତଥା ଭାରତ ପାଇଁ ଗୌରବ ଆଣିବେ ବୋଲି ଶ୍ରୀ ବୋଷ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ଶ୍ରୀ ମିଶ୍ର ଓଡ଼ିଶାର ରଗବୀ ଖେଳାଳିମାନେ ଜାତୀୟ ସ୍ତରରେ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଥିବା କହିଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ଓ ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ୧୭ରୁ ପ୍ରତି ଜିଲ୍ଲାରେ ସମବାୟବିତ୍‌ଙ୍କୁ ଭେଟିବ ପ୍ରଦେଶ କଂଗ୍ରେସ ସମବାୟ ପ୍ରକୋଷ୍ଠ

**ଭୁବନେଶ୍ୱର, ୧୩।୧ (ସଂଚାର ବ୍ୟୁରୋ):** ସବୁ ବର୍ଗର ଲୋକଙ୍କର ଅର୍ଥନୈତିକ ପ୍ରଗତିରେ ସମବାୟ ଏକ ବଳିଷ୍ଠ ମାଧ୍ୟମ। ସମବାୟ ସଂସ୍ଥାଗୁଡ଼ିକ ଯେତିକି ସଶକ୍ତ ଓ କ୍ରିୟାଶୀଳ ହେବ ସଭ୍ୟ ସଭ୍ୟାମାନଙ୍କର ସେତିକି ବିକାଶ ହେବା ସହିତ ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧି ଘଟିବ। କିନ୍ତୁ ବିଗତ ୨୫ ବର୍ଷ ମଧ୍ୟରେ ବିଜେଡି ଓ ବିଜେପି ସରକାରରେ ସମବାୟ ସଂସ୍ଥାଗୁଡ଼ିକ ଦେବାଳିଆ ଆଡ଼କୁ ଗତି କରିଚାଲିଛି। ଏହାର କାରଣ ସଠିକ୍ ଭିତ୍ତିଭୂମି ନ ଥିବା ମାନବ ସମ୍ବଳର ଅଭାବ ଏବଂ ପରିଚାଳନାଗତ ତ୍ରୁଟି, ନିର୍ବାଚନରେ ସ୍ୱଚ୍ଛତା ନ ଥିବା, ସମବାୟ ସଂସ୍ଥାର କର୍ମଚାରୀମାନଙ୍କ ଦୀର୍ଘ ଦିନର ନ୍ୟାର୍ଯ୍ୟ ଦାବି ପୂରଣ ନ ହେବା। ଏହି ପ୍ରସଙ୍ଗକୁ ନେଇ ସମବାୟକୁ ସମୃଦ୍ଧିଶାଳୀ କରି ଗଢ଼ି ତୋଳିବା ପାଇଁ ଓପିସିସି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠ ଚଳିତମାସ ଜାନୁଆରୀ ୧୭ରୁ ପର୍ଯ୍ୟାୟକ୍ରମେ ପ୍ରତି ଜିଲ୍ଲାସ୍ତରରେ ସମବାୟବିତ୍‌ମାନଙ୍କୁ ନେଇ ସମବାୟର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ର ଓ ସମବାୟବିତ୍‌ମାନଙ୍କ ଅନୁଭୂତିପୂର୍ଣ୍ଣ ମତାମତକୁ ନେଇ ପରବର୍ତ୍ତୀ ପର୍ଯ୍ୟାୟରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ପିସିସି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି। ପ୍ରଥମେ ଗଞ୍ଜାମ ଜିଲ୍ଲାର ବାପୁଜୀ ଆଶ୍ରମଠାରେ ଜିଲ୍ଲା କଂଗ୍ରେସ ସମବାୟ ପ୍ରକୋଷ୍ଠର ପ୍ରଥମ ବୈଠକ ଅନୁଷ୍ଠିତ ହେବ। ଏଣୁ ପ୍ରତି ଜିଲ୍ଲାସ୍ତରରେ ଆୟୋଜିତ ହେବାକୁ ଥିବା କର୍ମଶାଳାରେ ପ୍ରାଥମିକଠାରୁ ଶୀର୍ଷ ସମବାୟ ସଂସ୍ଥା ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ କଂଗ୍ରେସ ପ୍ରେମୀ ସମବାୟବିତ୍‌ମାନେ ଅଂଶଗ୍ରହଣ କରିବାକୁ ରାଜ୍ୟ ପ୍ରକୋଷ୍ଠର ଉପାଧ୍ୟକ୍ଷ ବୃନ୍ଦାବନ ଖଟେଇ ଅନୁରୋଧ କରିଛନ୍ତି।

## ଗାଡ଼ିରୁ ବିପୁଳ ପରିମାଣର ଗଞ୍ଜେଇ ଜବତ

**ଧର୍ମଶାଳା, ୧୩ ।୧ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଅବକାରୀ ବିଭାଗକୁ ମିଳିଛି ବଡ ସଫଳତା। ଯାଜପୁର ଟାଉନ ଅଞ୍ଚଳରୁ ଏକ ପିକଅପରୁ ଗଞ୍ଜେଇ ଜବତ କରାଯାଇଛି। ପିକ୍ ଅପ ଗାଡ଼ିରେ ଉପରେ ପାଣି ବୋତଲ ସହ ଭିତରେ ଗଞ୍ଜେଇ ଚାଲାଣ ହୋଉଥିବା କୌଣସି ସୂତ୍ରରୁ ସୂଚନା ପାଇ ଅବକାରୀ ବିଭାଗ ପାଟ୍ରୋଲିଂ କରିବା ସମୟରେ ଚଢ଼ଉ କରିଥିଲା। ୧ କୁଇଣ୍ଟାଲ ୬୦ କେଜି ଗଞ୍ଜେଇ ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୧୬ ଲକ୍ଷ ଟଙ୍କା ହେବ। ଘଟଣାରେ ୨ ଜଣଙ୍କୁ ଗିରଫ କରି ତଦନ୍ତ ଜାରି ରହିଛି। ଗିରଫ ଅଭିଯୁକ୍ତ ହେଲେ ବୌଦ୍ଧ ଜିଲାର ଆନନ୍ଦ ଭୋଇ ଓ ଅନୁଗୁଳ ଜିଲାର ରେଙ୍ଗାଲବେଢାର ଅନୀଲ ବେହେରା ବୋଲି ଜଣାପଡିଛି। ଏମାନେ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ବୌଦ୍ଧ ଜିଲ୍ଲାରୁ ଗଞ୍ଜେଇ ଆଣି ଚାଲାଣ କରୁଥିଲେ।

● ଜମି ପଟ୍ଟା କାର୍ଯ୍ୟ ପାଇଁ ୮ ହଜାର ଟଙ୍କା ଲାଞ୍ଚ

## ଅଭିଯୁକ୍ତକୁ ୩ ବର୍ଷ ଜେଲ

**କନ୍ଧମାଳ, ୧୩।୧ (ସଂଚାର ବ୍ୟୁରୋ):** ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି, ରାଜେଶ ଦାଶ ଆଜି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ତହସିଲ ଅନ୍ତର୍ଗତ ବାଲନ୍ଦାପଡା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ପୂର୍ବତନ ଆରଆଇ ଅଜୟ କୁମାର ମଲ୍ଲିକଙ୍କୁ ୮ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ, ସାକ୍ଷ୍ୟ ପ୍ରମାଣ ଆଧାରରେ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଓ ୨୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନାନୁସାରେ ଗତ ୨୦୨୩ ମସିହାରେ ଅଜୟ ବାଲନ୍ଦାପଡା ଅଞ୍ଚଳର ଜଣେ ଚାଷୀଙ୍କ ଜମିର ଡିମାର୍କେସନ କରିବା ସହ ତାଙ୍କର ଏବଂ ତାଙ୍କର ପରିବାରର ଅନ୍ୟ ଉତରାଧିକାରୀଙ୍କ ନାମରେ ଜମି ପଟ୍ଟା କରାଇବା ପାଇଁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏହି ସଂକ୍ରାନ୍ତରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଏକ ମାମଲାର ୧୫/୨୦୨୩ ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏସିଡ୍ ମାଡ଼

● ୨ ଗୁରୁତର, ଅଭିଯୁକ୍ତ ଗିରଫ

**ପଟ୍ଟାମୁଣ୍ଡାଇ, ୧୩।୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବାଛରା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏସିଡ ମାଡ଼ ଯୋଗୁଁ ମା', ପୁଅ ଗୁରୁତର ଆହତ ହୋଇ ପଟ୍ଟାମୁଣ୍ଡାଇ କେନ୍ଦ୍ରାପଡ଼ା ପରେ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଏହି ଘଟଣା ପଟ୍ଟାମୁଣ୍ଡାଇରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିବା ସହିତ ଆଜି କୋର୍ଟ ଚାଲାଣ କରିଛି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବାଛରା ଗ୍ରାମର ରବିନ୍ଦ୍ର ସାହୁ (୩୦)ଙ୍କ ତାଙ୍କ ପଡୋଶୀ ବିଜୟ କୁମାର ସାହୁ (୬୨)ଙ୍କ ସହିତ ପୂର୍ବରୁ ଶତ୍ରୁତା ରହିଥିଲା। ଗତକାଲି ଅପରାହ୍ନ ପ୍ରାୟ ୪ଟା ୩୦ ମିନିଟ ସମୟରେ ରବୀନ୍ଦ୍ର ତାଙ୍କର ନିର୍ମାଣାଧୀନ କୋଠା ଘର ସମ୍ମୁଖରୁ ବାଲି ଗୋଟାଉଥିବା ସମୟରେ ବିଜୟ ଓରଫ ବୁଲୁ ତାଙ୍କ ଉପରେ ଏସିଡ ଢାଳି ଦେଇଥିଲା। ଫଳରେ ରବୀନ୍ଦ୍ରଙ୍କ ମୁଣ୍ଡ, ଛାତି, ବେକ, ପେଟରେ ଏସିଡ ଜନିତ କ୍ଷତ ସୃଷ୍ଟି ହୋଇଥିଲା। ଏହା ଦେଖି ରବୀନ୍ଦ୍ରଙ୍କ ନିକଟରେ ଥିବା ତାଙ୍କ ମା ଟୁକୁନି ସାହୁ (୫୨) ପାଟି କରିବାରୁ ଅଭିଯୁକ୍ତ ବିଜୟ ତାଙ୍କ ଉପରେ ଏସିଡ ଢାଳି ଦେବାରୁ ତାଙ୍କର ମୁହଁ ଓ ଆଖିରେ କ୍ଷତ ସୃଷ୍ଟି ହୋଇଥିଲା । ଉଭୟ ରବୀନ୍ଦ୍ର ଓ ତାଙ୍କ ମା ଅସହ୍ୟ ଯନ୍ତ୍ରଣାରେ ଚିତ୍କାର କରିବାରୁ ଗାଁ ଲୋକ ଦୌଡ଼ି ଆସିବା କ୍ଷଣି ଅଭିଯୁକ୍ତ ବିଜୟ ଏକ ମରଣାସ୍ତ୍ର ସାହାଯ୍ୟରେ ଲୋକମାନଙ୍କୁ ଭୟଭୀତ କରିଥିଲା। ଏହି ଘଟଣା ସମ୍ପର୍କରେ ଖବର ପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶରେ ପୁଲିସ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ କାବୁ କରିଥିଲା। ପୁଲିସ ଅଭିଯୁକ୍ତ ଠାରୁ ୩ଟି ଏସିଡ ବୋତଲ, ହ୍ୟାଣ୍ଡ ଗ୍ଲୋବ, ଏକ ବାଲଟି ଓ ଏକ ଷ୍ଟିଲ କଂସା ଏବଂ ଫାର୍ସାକୁ ଜବତ କରିଛି।

## ଓଡ଼ିଶା ଯାତ୍ରୀ: ମାତ୍ର ୩ ସେକେଣ୍ଡରେ ମିଳିବ ଟିକେଟ୍




**ଭୁବନେଶ୍ୱର, ୧୩।୧ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାର 'ଓଡ଼ିଶା ଯାତ୍ରୀ – ଗୋଟିଏ ଆପ୍, ଅନେକ ଯାତ୍ରା, ଏକ ସ୍ମାର୍ଟ ଓଡ଼ିଶା'ର ଶୁଭାରମ୍ଭ କରିଛନ୍ତି। ଏହା ସମଗ୍ର ରାଜ୍ୟରେ ସମନ୍ୱିତ, ଅନ୍ତର୍ଭୁକ୍ତିକରଣ ଓ ନାଗରିକ-କୈନ୍ଦ୍ରିକ ସହରୀ ପରିବହନ କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ କରିଛି। ଡିଜିଟାଲ୍ ଶାସନ, ଯାତ୍ରୀମାନଙ୍କ ସୁବିଧା ଓ ଶେଷ ମାଇଲ୍ ସଂଯୋଗୀକରଣ ଉପରେ ପ୍ରାଧାନ୍ୟ ଦେଇ ପ୍ରସ୍ତୁତ କରାଯାଇଥିବା 'ଓଡ଼ିଶା ଯାତ୍ରୀ' ହେଉଛି ଏକ ସମନ୍ୱିତ ଡିଜିଟାଲ୍ ପରିବହନ ପ୍ଲାଟଫର୍ମ, ଯାହା ଗୋଟିଏ ଆପ୍ଲିକେସନରେ ପରିବହନର ଏକାଧିକ ମାଧ୍ୟମକୁ ସଂଯୋଗ କରୁଛି। ଏହା ନାଗରିକମାନଙ୍କ ଦୈନନ୍ଦିନ ଯାତ୍ରାକୁ ଅଧିକ ଦ୍ରୁତ, ସରଳ ଏବଂ ଭବିଷ୍ୟତ-ଉପଯୋଗୀ କରିବ। ଏହି ପଦକ୍ଷେପର ଅଂଶସ୍ୱରୂପ 'ଆମ ବସ' ସେବା ପାଇଁ 'ଫାସ୍‌ଟିକେଟ୍' ନାମକ ଏକ କ୍ୟୁଆର୍‌ଭିତ୍ତିକ ଇନ୍-ବସ୍ ଡିଜିଟାଲ୍ ଟିକେଟ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି। ପ୍ରତ୍ୟେକ 'ଆମ ବସ' ଭିତରେ କ୍ୟୁଆର୍ କୋଡ୍ ଲଗାଯାଇଛି, ଯାହାଦ୍ୱାରା ଯାତ୍ରୀମାନେ ବସ୍‌ରେ ଚଢ଼ିବା ପରେ 'ଓଡ଼ିଶା ଯାତ୍ରୀ' ଆପ୍ ମାଧ୍ୟମରେ ଟିକେଟ୍ ବୁକ୍ କରିପାରିବେ।

## ଡିଭାଇଡରରେ ପିଟିହେଲା ସ୍କୁଟି : ୧ ମୃତ

**ଖୋର୍ଦ୍ଧା, ୧୩।୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଆଇଆଇଟିରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଡିଭାଇଡରରେ ସ୍କୁଟି ପିଟି ହୋଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଥିବା ସୂଚନା ରହିଛି। ମୃତକ ହେଲେ ପିଏଚଡି ଛାତ୍ର ଶଙ୍ଖ ଶୁଭ୍ର ଚକ୍ରବର୍ତ୍ତୀ । ସାଙ୍ଗରେ ଥିବା ଛାତ୍ର ଶକ୍ତି ଶ୍ରୀବାସ୍ତବ ଗୁରୁତର ହୋଇଥିଲେ। ତେବେ ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ଜଟଣୀ ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି। ତେବେ ଏହି ଦୁର୍ଘଟଣା ସୋମବାର ବିଳମ୍ବିତ ରାତିରେ ଘଟିଥିବା ଜଣାପଡିଛି। ହେଲେ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ।

● ପୁଲିସ ଏସ୍‌ଆଇ ମହାକେଳେଙ୍କାରୀ ମାମଲା

## ୧୦ ପରୀକ୍ଷାର୍ଥୀଙ୍କୁ ସମନ

**ଭୁବନେଶ୍ୱର, ୧୩ ।୧ (ସଂଚାର ବ୍ୟୁରୋ):** ପୁଲିସ ଏସଆଇ ମହାକେଳେଙ୍କାରୀ ମାମଲାରେ ପୁଣି ଆଜି ଆଉ ୧୦ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କୁ ସମନ କରାଯାଇଛି। ସମନ ଜରିଆରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତକାଲି ୭ଜଣ ପରୀକ୍ଷାର୍ଥୀ ସିବିଆଇରେ ହାଜର ହୋଇ ନିଜର ପକ୍ଷ ରଖିଥିଲେ। ଯେଉଁମାନେ ଦଲାଲମାନଙ୍କ ସଂସ୍ପର୍ଶରେ ଆସିଥିଲେ ମୋଟ ୪୫୦ଜଣ ପରୀକ୍ଷାର୍ଥୀଙ୍କ ତାଲିକା କରିଛି ସିବିଆଇ।

## ଲେଉଟିଲା ଶୀତ, ୪ ଡିଗ୍ରୀ ପର୍ଯ୍ୟନ୍ତ ଖସିଲା ତାପମାତ୍ରା

**ଭୁବନେଶ୍ୱର, ୧୩।୧ (ସଂଚାର ବ୍ୟୁରୋ):** ଦିନକ ପରେ ପୁଣି ଲେଉଟିଛି ଶୀତ। ରାଜ୍ୟର ବିଭିନ୍ନ ସହରରେ ପାରଦ ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଥିବା ବେଳେ ଆଗାମୀ ଦିନରେ ତାପମାତ୍ରା ଆହୁରି ନିମ୍ନଗାମୀ ହେବାର ସମ୍ଭାବନା ବି ରହିଛି। ଫଳରେ ଆଗାମୀ ଦିନରେ ଶୀତ ପ୍ରକୋପ ଆହୁରି ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସୂଚନାନୁସାରେ, ଆଗାମୀ ୩ ଦିନ ସାରା ରାଜ୍ୟରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ବିଭିନ୍ନ ଜିଲ୍ଲାକୁ ସତର୍କ କରାଯାଇଛି। ମଙ୍ଗଳବାର ଓ ବୁଧବାର ଝାରସୁଗୁଡ଼ା, ଅନୁଗୁଳ ଓ ବୌଦ୍ଧ ଜିଲ୍ଲାକୁ ଥଣ୍ଡା ପାଇଁ ୟେଲୋ ୱାର୍ଣ୍ଣିଂ ଦିଆଯାଇଥିବା ବେଳେ ଗୁରୁବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ଢେଙ୍କାନାଳ, ଅନୁଗୁଳ, ବୌଦ୍ଧ, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲ୍ଲାକୁ ଆଲର୍ଟ ଜାରି ହୋଇଛି।

ବିଭାଗୀୟ ତଥ୍ୟ ଅନୁସାରେ, ଗତ ରବିବାର ଦାରିଙ୍ଗବାଡ଼ିରେ ରାତି ସମୟରେ ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ୧୦ ଡିଗ୍ରୀ ତଳେ ୬ଟି ସହରର ତାପମାତ୍ରା ରହିଥିଲା। କିନ୍ତୁ ଗତ ୨୪ ଘଣ୍ଟାରେ ୧୦ଟି ସହରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ଜି. ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ଆହୁରି ରାଉରକେଲାରେ ୬.୭ ଡିଗ୍ରୀ, ଫୁଲବାଣୀ ୬.୮ ଡିଗ୍ରୀ, ଝାରସୁଗୁଡା ୭ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୭ ଡିଗ୍ରୀ, ସୁନ୍ଦରଗଡ଼ରେ ୯ ଡିଗ୍ରୀ, ନବରଙ୍ଗପୁରରେ ୯ ଡିଗ୍ରୀ, ଅନୁଗୁଳରେ ୯.୬ ଡିଗ୍ରୀ ଓ ବୌଦ୍ଧରେ ୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଶୀତ ଅନୁଭୂତ ହେବ। ଏହାପରେ ଅର୍ଥାତ୍ ଆସନ୍ତା ୧୮ ତାରିଖରୁ ରାଜ୍ୟରେ ତାପମାତ୍ରାରେ ଉଲ୍ଲେଖନୀୟ ପରିବର୍ତ୍ତନ ହେବ। ପଶ୍ଚିମାଝଡ଼ ପ୍ରଭାବରେ ତାପମାତ୍ରା ବଢ଼ିବା ଫଳରେ ଶୀତରେ ବ୍ରେକ୍ ଲାଗିବ ବୋଲି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ପୂର୍ବାନୁମାନ କରିଛନ୍ତି। ଏପରିକି ମଙ୍ଗଳବାର ଓ ବୁଧବାର ଝାରସୁଗୁଡ଼ା, ଅନୁଗୁଳ ଓ ବୌଦ୍ଧ ଜିଲ୍ଲାକୁ ଶୀତ ପାଇଁ ୟେଲୋ ୱାର୍ଣ୍ଣିଂ ଦିଆଯାଇଥିବା ବେଳେ ଆସନ୍ତା ଗୁରୁବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ଢେଙ୍କାନାଳ, ଅନୁଗୁଳ, ବୌଦ୍ଧ, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲ୍ଲାକୁ ଆଲର୍ଟ ଜାରି କରାଯାଇଛି।

## ବନ୍ଧା ହେଲେ ଡୁଙ୍ଗୁରିପାଲି ସରପଞ୍ଚ

**ଦେଓଗାଁ/ସଇଁତଳା, ୧୩।୧ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକରେ ଅଟଳ ବସଷ୍ଟାଣ୍ଡ ଉଦଘାଟନ ଫଳକରେ ବ୍ଲକ ଅଧ୍ୟକ୍ଷ ଓ ସରପଞ୍ଚଙ୍କ ନାମ ନଥିବାରୁ ଏହାକୁ ନେଇ ଗତକାଲି ତୁମୁଳକାଣ୍ଡ ଦେଖିବାକୁ ମିଳିଥିଲା। ତେବେ ଏହି ଘଟଣାକୁ ଗୁରୁତର ସହ ନେଇ ବଲାଙ୍ଗୀର ପୁଲିସ ତଦନ୍ତ କରିବା ପରେ ଫଳକ ଭାଙ୍ଗିବା ଅଭିଯୋଗରେ ସରପଞ୍ଚଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ସରପଞ୍ଚ ଜଣକ ହେଲେ ସଇଁତଳା ବ୍ଲକ ଡୁଙ୍ଗୁରିପାଲିର ଗଜପତି ସାହୁ। ସରପଞ୍ଚ ଶ୍ରୀ ସାହୁ ଫଳକ ଭାଙ୍ଗିଥିବାରୁ ତାଙ୍କୁ ଗିରଫ କରିଛି ପୁଲିସ। ଗିରଫ ହୋଇଥିବା ସରପଞ୍ଚଙ୍କୁ କୋର୍ଟ ଚାଲାଣ କରିବା ପାଇ ପୁଲିସ ପ୍ରସ୍ତୁତ ହେଉଥିବା ବେଳେ ବିଜେଡି ପକ୍ଷରୁ ସଇଁତଳା ଥାନା ଘେରାଉ କରିବା ପାଇଁ ସଜ ହେଉଥିବା ଜଣାପଡିଛି। ତେବେ ଏହାକୁ ନେଇ ସଇଁତଳାରେ ଚାପା ଉତ୍ତେଜନା ଲାଗି ରହିଛି। ସୂଚନା ମତେ ଗତକାଲି ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂତନ ଅଟଳ ବସଷ୍ଟାଣ୍ଡକୁ ଉଦଘାଟନ କରିଥିଲେ। ଏଥିରେ ଲାଗିଥିବା ଫଳକକୁ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ଲୋକାର୍ପଣ କରିଥିଲେ ବି ଫଳକରେ ତାଙ୍କ ନାଁ ସହ ସରପଞ୍ଚଙ୍କ ନାମ ବି ନ ଥିଲା, ଯାହାକୁ ନେଇ ଉପସ୍ଥିତ ଥିବା ସମର୍ଥକ ଅସନ୍ତୋଷ ପ୍ରକାଶ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିକାଶରେ...

ଆଇସିଟି ଲ୍ୟାବ୍ ଓ ବାଉଣ୍ଡାରୀ ୱାଲ୍‌ର ମଧ ଉଦ୍‌ଘାଟନ କରାଯାଇଛି। ଏଥିସହ ୧୪ କୋଟି ଟଙ୍କା ବିନିଯୋଗରେ ଚମ୍ପୁଆରେ ନିକଲସନ୍ ଫରେଷ୍ଟ ଟ୍ରେନିଂ ସ୍କୁଲ ମଧ ପ୍ରତିଷ୍ଠା କରାଯାଇଛି। ଆହୁରି ୯.୬୦ କୋଟି ଟଙ୍କାରେ ଖଣି କ୍ଷେତ୍ରରେ ସ୍ଥାନୀୟ ଯୁବକମାନଙ୍କୁ ସ୍କିଲ୍ ଟ୍ରେନିଂ ଦେବା ପାଇଁ ଡିଏମ୍‌ଏଫ୍ ଖଣି ଶକ୍ତିର ଉଦ୍‌ଘାଟନ ବି ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ କେଉଁଝରର କେବଳ ଏକ ଜିଲ୍ଲା ନୁହେଁ, ଏହା ଉତ୍କୃଷ୍ଟ ପ୍ରାକୃତିକ ସମ୍ପଦର ଭୂମି। ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ କର୍ମଠ ଲୋକଙ୍କ ଭୂମି। ଏହି ମାଟି ଓଡ଼ିଶାର ଆର୍ଥିକ ଶକ୍ତିରେ ଅପାର ଅବଦାନ ରଖିଛି। ଖଣିଜ ପଦାର୍ଥଠାରୁ ଆରମ୍ଭ କରି ଜଙ୍ଗଲ, କୃଷିଠାରୁ ମାନବ ସମ୍ବଳ ପର୍ଯ୍ୟନ୍ତ କେନ୍ଦୁଝର ସର୍ବଦା ରାଜ୍ୟର ଅଭିବୃଦ୍ଧିକୁ ଶକ୍ତି ପ୍ରଦାନ କରିଆସିଛି। କେନ୍ଦୁଝର ଏକ ଇସ୍ପାତ ନଗରୀ ଭାବେ ଓଡ଼ିଶାର ଅର୍ଥନୀତିରେ ଆହୁରି ଅବଦାନ ରଖିବ। କେନ୍ଦୁଝରକୁ ପ୍ରାୟ ଅଧିକାଂଶ ରାସ୍ତା ୬ଥାକିଆ ବିଶିଷ୍ଟ କରାଯିବ। ବଡ଼ବିଲରେ ଏକ ରିଙ୍ଗ ରୋଡ୍ କରାଯିବ। ଆସନ୍ତା ୩/୪ ବର୍ଷ ଭିତରେ କେନ୍ଦୁଝର ରାଜ୍ୟର ଏକ ଶ୍ରେଷ୍ଠ ଜିଲ୍ଲା ଭାବେ ପ୍ରତିଷ୍ଠା ହାସଲ କରିବ। ଏହି କ୍ରମରେ କେନ୍ଦୁଝର ପାଇଁ ୧୬୭୦ କୋଟି ଟଙ୍କାର ୩୫ଟି ପ୍ରକଳ୍ପର ଶିଳାନ୍ୟାସ ସହ ୧୯୪ କୋଟି ଟଙ୍କାର ୩୬ଟି ପ୍ରକଳ୍ପ ଉଦ୍‌ଘାଟିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି ମଧ କହିଛନ୍ତି ଯେ ଆମ ସରକାର ରାଜ୍ୟର ସନ୍ତୁଳିତ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି। ୨୦୦୦ ମସିହା ପରେ ମୁଁ ଅନେକ ବାର ବିଧାନସଭା ଭିତରେ ଓ ବାହାରେ ଏହି ଆଞ୍ଚଳିକ ବୈଷମ୍ୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲି। କାରଣ ମୋ ନିଜ ଜିଲ୍ଲା ଏହି ଆଞ୍ଚଳିକ ବୈଷମ୍ୟର ଶିକାର ହୋଇଥିଲା। କିନ୍ତୁ ଆମ ସରକାର ଆସିବା ମାତ୍ରେ ଲୋକଙ୍କ ଏହି ଅଭିଯୋଗର ସମାଧାନ କରିବା ପାଇଁ ସରକାର ତୁରନ୍ତ ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ଏକ ଟାସ୍କ ଫୋର୍ସ ଗଠନ କରିଥିଲେ। ରିପୋର୍ଟ ଆସିବା ପରେ ଏହି ଦୁଇ ବିକାଶ ପରିଷଦ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ। କେନ୍ଦୁଝରକୁ ଆସିବା ପୂର୍ବରୁ ରାଜ୍ୟର ସବୁ ଜିଲ୍ଲା ପାଇଁ ୧୧୦ଟି ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସେହିପରି ଦୁଇ ଦିନ ତଳେ ସମ୍ବଲପୁରରେ ୯୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ହୋଇଛି। ଏହାର କିଛି ଦିନ ପୂର୍ବରୁ ପବିତ୍ର ଧନୁଯାତ୍ରା ଅବସରରେ ବରଗଡ ଜିଲ୍ଲା ପାଇଁ ପ୍ରାୟ ୯୮୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ ଓ ଲୋକାର୍ପଣ କରାଯାଇଥିଲା। ସରକାରଙ୍କ ଏହି ବିକାଶମୂଳକ କାର୍ଯ୍ୟ କେବଳ ଗୋଟିଏ ଜିଲ୍ଲା କି ଗୋଟିଏ ଅଞ୍ଚଳରେ ସୀମିତ ନୁହେଁ, ବର୍ଷତମାମ ପ୍ରତି ଜିଲ୍ଲା ପାଇଁ ଆଖିଦୃଶିଆ ବିକାଶମୂଳକ ପ୍ରକଳ୍ପ, ଯୋଜନା ଓ ଭିତ୍ତିଭୂମି ବିକାଶ ହେଉଛି ବୋଲି ଶ୍ରୀ ମାଝୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବାର୍ଡ୍ସ ଅଫ୍ କେନ୍ଦୁଝର ନାମକ ଏକ କଫି ଟେବୁଲ ବୁକ ଉନ୍ମୋଚନ କରିବା ସହ ବିଭିନ୍ନ ଏସ୍‌ଏଚ୍‌ଜିର ମହିଳା ହିତାଧିକାରୀଙ୍କୁ ସହାୟତା ରାଶି ଚେକ୍ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ଚରଣ ନାୟକ, ବିଧାୟକ ସନାତନ ମହାକୁଡ, ବିଧାୟକ ଡାକ୍ତର ଫକୀର ଚରଣ ନାଏକ, ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲ୍ଲାପାଳ ବିଶାଳ ସିଂ, ଡିଆଇଜି ବ୍ରିଜେଶ ରାୟ, ଏସ୍‌ପି ନିତୀନ କୁଶଲକୁର, ଡିଏଫଓ ଏଚଡି ଧନରାଜ ଉପସ୍ଥିତ ଥିଲେ।

### ମାସକର...

ବିକ୍ରି କରିଥିବା ନେଇ ଭଣ୍ଡାରିପୋଖରୀ ଥାନାରେ ଏତଲା ଦେଇଥିଲେ। ସେ ନାତୁଣୀକୁ ଘରେ ନ ପାଇ ବାରମ୍ବାର ପୁଅ-ବୋହୂଙ୍କୁ ତା' ବିଷୟରେ ପଚାରିବାରୁ ସେମାନେ କୌଣସି ଉତ୍ତର ଦେଇପାରିନଥିଲେ, ବରଂ ତାଙ୍କୁ ମାରପିଟ୍ କରିବା ସହ ଗାଳିଗୁଲଜ କରିଥିବା ସାବିତ୍ରୀ ଅଭିଯୋଗ କରିଛନ୍ତି। ତେବେ ପୁଲିସ୍ ଅଭିଯୋଗ ପାଇବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସିପୁ, ରୀନା ଓ ରୀନାଙ୍କ ମା'ଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛି। ଅନ୍ୟପକ୍ଷରେ ଉକ୍ତ ଶିଶୁକନ୍ୟାଟିକୁ କଟକ ରାଜାବଗିଚା ଅଞ୍ଚଳରେ ବିକ୍ରି କରାଯାଇଥିବା ସୂଚନା ମିଳିଛି। ତେବେ ଏପରି ଏକ ମାମଲା ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ଟଙ୍କା କେଇଟା ପାଇଁ ବାପା-ମା'ଙ୍କ ମମତା ତୁଚ୍ଛ ହୋଇଯାଇଥିବା ଲୋକେ ଆଲୋଚନା କରୁଛନ୍ତି।

### ନିଶାମୁକ୍ତ...

ଦକ୍ଷ ନାଗରିକ ଗଠନ ପଥରେ ଏକ ବିରାଟ ବାଧକ। ଯୁବପିଢ଼ି ସୁସ୍ଥ, ସଚେତନ, ଆତ୍ମନିର୍ଭର ହେବା ସହ ସମାଜରେ ସକାରାତ୍ମକ ପରିବର୍ତ୍ତନ ପାଇଁ ଉଦ୍ଦେଶ୍ୟ ରଖିଲେ ହିଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବିକଶିତ ଭାରତ'ର ସ୍ୱପ୍ନ ସଫଳ ହୋଇପାରିବ। 'ବିକଶିତ ଭାରତ'ର ମାର୍ଗ 'ନିଶାମୁକ୍ତ ଯୁବଶକ୍ତି' ଦେଇ ହିଁ ଗତି କରିଥାଏ ବୋଲି କହିବା ସହ ଶ୍ରୀ ପ୍ରଧାନ ଏଥିପାଇଁ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ଶୁଭେଚ୍ଛା ଜଣାଇବା ସହ ଏହି ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରି ଏହାକୁ ଏକ 'ଜନ-ଆନ୍ଦୋଳନ'ରେ ପରିଣତ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଉପରାଷ୍ଟ୍ରପତି 'ନିଶାମୁକ୍ତ ପରିସର ଅଭିଯାନ' ଅଧୀନରେ ଏକ ସ୍ୱତନ୍ତ୍ର ଇ-ଶପଥ ପ୍ଲାଟଫର୍ମ ଓ ମୋବାଇଲ୍ ଆପ୍‌ର ଶୁଭାରମ୍ଭ କରିଛନ୍ତି। ଏଥିସହ ସେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଏଥିରେ ସକ୍ରିୟ ଅଂଶଗ୍ରହଣ କରି ନିଶାମୁକ୍ତ କ୍ୟାମ୍ପସ ପାଇଁ ଶପଥ ନେବାକୁ ଆହ୍ୱାନ ଦେଇଛନ୍ତି।

### ରିପୋର୍ଟ...

ଏଥିସହ ତୁରନ୍ତ ଏପରି ଏକ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ସକାଶେ ଆଦେଶ ଦେବାକୁ ସେ ହାଇକୋର୍ଟଙ୍କୁ ନିବେଦନ ମଧ କରିଛନ୍ତି। ସୁରକ୍ଷା ଜମା ଥାଇ ମଧ ପୁଣି ଥରେ ହଜାର ହଜାର ଟଙ୍କା ମାଗିବା ଓ ବିଦ୍ୟୁତ କାଟିବାକୁ ଧମକ ଦେବା ବେଆଇନ ବୋଲି ଆବେଦନକାରୀ ତାଙ୍କ ଆବେଦନରେ ଦର୍ଶାଯାଇଛନ୍ତି। ପୂର୍ବରୁ ଟାଟା ପାୱାର ୭,୨୧୫ କୋଟିର ଅତିରିକ୍ତ ଶୁଳ୍କ ଆଦାୟ କରି ବ୍ୟାଙ୍କରେ ରଖିଥିବା ମଧ ମାମଲାରେ ଦର୍ଶାଯାଇଛି। ବିନା ଗ୍ରାହକ ସମ୍ମତି ଓ ସଚେତନତାରେ ସ୍ମାର୍ଟ ମିଟର ସ୍ଥାପନ କରିବା ସମ୍ପୂର୍ଣ୍ଣ ବେଆଇନ ବୋଲି ପିଟିସନରେ ଉଲ୍ଲେଖ କରିଛନ୍ତି ଆବେଦନକାରୀ। ଏହି ପ୍ରକ୍ରିୟା ବିଦ୍ୟୁତ ଆଇନ ୨୦୦୩ ଏବଂ ସମ୍ବିଧାନର ଧାରା ୧୪ ଓ ୨୧ର ଖୋଲାଖୋଲି ଉଲ୍ଲଂଘନ ବୋଲି ସେ ଦର୍ଶାଇଛନ୍ତି।

### ତ୍ରୁଟିଶୂନ୍ୟ...

ମଣ୍ଡପ ଓ ଶ୍ରୀମନ୍ଦିରର ଅନ୍ୟ ବିଭିନ୍ନ କମିଟିର ନିଷ୍ପତ୍ତି କ୍ରମେ ରଥଯାତ୍ରା ପାଳିତ ହେବ ଓ ସେହି ଅନୁସାରେ ୯ ଦିନ ପରେ ବାହୁଡ଼ା ଓ ପରେ ପରେ ସୁନାବେଶ ଆଦି ନୀତି ଅନୁଷ୍ଠିତ ହେବ ବୋଲି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. ପାଢ଼ୀ ସୂଚନା ଦେଇଥିଲେ।

ଆଜିଠାରୁ ରଥଯାତ୍ରା ପ୍ରସ୍ତୁତି ନେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ରଥଯାତ୍ରା ପାଇଁ ରଥକାଠ ସଂଗ୍ରହଠାରୁ ଆରମ୍ଭ କରି ରଥ ନିର୍ମାଣ ଓ ରଥଟଣା ପର୍ଯ୍ୟନ୍ତ ବହୁ ରୀତିନୀତି ରହିଛି। ରଥଯାତ୍ରାରେ ପୁରୀରେ ପ୍ରତିବର୍ଷ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଥିବାରୁ ଶୃଙ୍ଖଳିତ ରଥଯାତ୍ରା ନେଇ ବିଭିନ୍ନ ପ୍ରସ୍ତୁତି ପାଇଁ ସମନ୍ୱୟର ଆବଶ୍ୟକତା ରହିଛି। ରଥଯାତ୍ରା ଆହୁରି ୬ ମାସ ପରେ ଅନୁଷ୍ଠିତ ହେଉଥିବାରୁ ରଥଯାତ୍ରା ପରିଚାଳନାକୁ ତ୍ରୁଟିଶୂନ୍ୟ କରିବା ଲକ୍ଷ୍ୟରେ ସମସ୍ତ କାମ ସମୟ ସୀମା ମଧ୍ୟରେ ସାରିବାକୁ ଆଗୁଆ ପ୍ରସ୍ତୁତି ନେଇ ବୈଠକରେ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

ବିଶେଷକରି ରଥଟଣା ସମୟରେ ରଥ ସମ୍ମୁଖରେ ଭିଡ଼ ନିୟନ୍ତ୍ରଣ ଉପରେ ଆଲୋଚନା କରାଯାଇଥିଲା। ରଥଟଣା ସମୟରେ ଯେପରି ରଥ ପାଖାପାଖି ଅଞ୍ଚଳରେ ଅଧିକ ସଂଖ୍ୟକ ଭକ୍ତଙ୍କ ଭିଡ଼ ନ ହେବ, ସେଥିପାଇଁ ଭକ୍ତ ତଥା ଜନସାଧାରଣଙ୍କ ସୂଚନା ନିମନ୍ତେ ବଡ଼ଦାଣ୍ଡରେ ଅଧିକ ସଂଖ୍ୟକ ଏଲଇଡି ଟିଭି ଲଗାଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିୟମିତ ପ୍ରସ୍ତୁତି ଓ ଚଳିତ ରଥଯାତ୍ରା ପାଇଁ ଅଧିକ ପ୍ରସ୍ତୁତି ନେଇ ବିଭାଗର କମିଶନର ତଥା ଶାସନ ସଚିବ ସୂଚନା ଦେଇଥିଲେ। ବଡ଼ଦାଣ୍ଡ ପାର୍ଶ୍ୱ ଅଞ୍ଚଳର ସ୍ୱଚ୍ଛତା ରକ୍ଷା ପାଇଁ ବିଭିନ୍ନ ଅନୁଷ୍ଠାନ ଉପଯୁକ୍ତ ବ୍ୟବସ୍ଥା ନ କରି ମାଗଣା ରନ୍ଧା ଖାଦ୍ୟ ବିକ୍ରି କରିପାରିବେ ନାହିଁ। ଏଥିପାଇଁ ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ଅନୁମତି ଆବଶ୍ୟକ ହେବ।

ବଡ଼ଦାଣ୍ଡ ପାର୍ଶ୍ୱରେ ବିଶେଷଜ୍ଞ ଡାକ୍ତର ଓ ପାରା ମେଡିକାଲ ଷ୍ଟାଫଙ୍କୁ ନେଇ ଅଧିକ ସଂଖ୍ୟକ ଅସ୍ଥାୟୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କରାଯିବା ନେଇ ଆଲୋଚନା ହୋଇଥିଲା। ୱାଟକୋ ପକ୍ଷରୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରାଯିବ ଓ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ତରଫରୁ ଆବଶ୍ୟକ ସହଯୋଗ କରାଯିବ। ଭକ୍ତ ତଥା ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ବଡ଼ଦାଣ୍ଡ ପାର୍ଶ୍ୱରେ ଓ ନିକଟରେ ଯେଉଁ ସରକାରୀ କାର୍ଯ୍ୟାଳୟ ବା କୋଠାରେ ଯାଗା ସୁବିଧା ଅଛି, ସେଠାରେ ସ୍ଥାୟୀ ଶୌଚାଳୟ ନିର୍ମାଣ ହେବ। ବୈଠକରେ ବାଙ୍କୀ ମୁହାଣ ସଫା ରଖିବା ଓ ପରିଚାଳନା ନେଇ ଆଲୋଚନା କରାଯାଇଥିଲା। ଟିପିସିଓଡିଏଲ ପକ୍ଷରୁ ରଥଯାତ୍ରା ସମୟରେ ଉପଯୁକ୍ତ ଆଲୋକ ବ୍ୟବସ୍ଥା ପାଇଁ ସମସ୍ତ ପ୍ରସ୍ତୁତି ରହିଛି। ପୁରୀ ସହର ଭିତରେ ବିଭିନ୍ନ ରାସ୍ତାର ମରାମତି ଆବଶ୍ୟକ ଥିବାରୁ ଆସନ୍ତା ଏପ୍ରିଲ ସୁଦ୍ଧା ସାରିବାକୁ ପୂର୍ତ୍ତ ବିଭାଗଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ରଥଯାତ୍ରା ସମୟରେ ସମୁଦ୍ର କୂଳରେ ମେଗା ଇଭେଣ୍ଟ ଆୟୋଜନ କରିବାରେ ମଧ କଟକଣା ରହିବ ବୋଲି ସୂଚନା ମିଳିଛି।

● ରବିବାର ବରମୁଣ୍ଡା-ଜାଗମରା ରାସ୍ତାରେ ପଥ ଉତ୍ସବ

## ଧୂମ୍ ମଚାଇବେ ଦୀପ୍ତିରେଖା ଓ ଜୟଶ୍ରୀ ଧଳ



**ଭୁବନେଶ୍ୱର, ୧୩।୧ (ସଂଚାର ବ୍ୟୁରୋ):** ଆସନ୍ତା ୧୮ ତାରିଖ ରବିବାର ପୁଣି ଦୁଲୁକିବ ଭୁବନେଶ୍ୱର। ଶୀତୁଆ ସକାଳରେ ଧୂମ୍ ମଚାଇବେ ଭୁବନେଶ୍ୱରବାସୀ। ବରମୁଣ୍ଡା-ଜାଗମରା ନୂଆ ରାସ୍ତାରେ ହେବ ଚଳିତ ବର୍ଷର ଦ୍ୱିତୀୟ ପଥ ଉତ୍ସବ। ଏଥିପାଇଁ ବିଏମ୍‌ସି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆଜି ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ, ସଦସ୍ୟ ମିହିର କୁମାର ରାଉତ, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଦ୍ୱିତୀୟ ପଥ ଉପରେ ଛୋଟ ଛୋଟ ଶିଶୁମାନଙ୍କ ପାଇଁ ଏଥର ଅଧିକ ଖେଳକୁଦ ବ୍ୟବସ୍ଥା ହୋଇଥିବା ବେଳେ ଯୁବଗୋଷ୍ଠୀଙ୍କ ମନ ମୋହିବେ ଜଣାଶୁଣା କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ଓ ଜୟଶ୍ରୀ ଧଳ। ଏଥିସହ ଦୁଇଟି ଭୁବନେଶ୍ୱର ଗଟ୍ ଟ୍ୟାଲେଣ୍ଟ ମଞ୍ଚରେ ପ୍ରତିଭା ଚିହ୍ନଟ ହେବ। ଦ୍ୱିତୀୟ ମଞ୍ଚରେ ମଧ ଡିଜେର ତାଳେ ତାଳେ ମତୁଆଲ୍ଲା ହେବେ ଦେଖଣାହାରୀ। ପାରମ୍ପାରିକ ନୃତ୍ୟ, ଗୀତ ଓ ଖେଳକୁଦ ସହ ମାଲଖମ୍ବ, ଯୋଗ, କିଡ୍ସ କିଙ୍ଗଡମ୍, ପଜଲ ଗେମ୍, ଲୁଡୁ, ବାଘ ନାଚ ଓ ୩୬୦ ଡିଗ୍ରୀ କ୍ୟାମେରାର ମଜା ନେବେ ରାଜଧାନୀବାସୀ। ଏହି ପଥ ଉତ୍ସବରେ ଅଧିକ ସଂଖ୍ୟା ଯୋଗଦେବା ସକାଶେ କମିଶନର୍ ଚଞ୍ଚଳ ରାଣା ନିବେଦନ କରିଛନ୍ତି।

● ରାତି ପାହିଲେ ମକର ସଂକ୍ରାନ୍ତି

## ପୁଣ୍ୟସ୍ନାନ ପାଇଁ ସାଗରରେ ବଢ଼ୁଛି ଭିଡ଼

**କୋଲକାତା, ୧୩।୧ (ସଂଚାର ବ୍ୟୁରୋ):** ମକର ସଂକ୍ରାନ୍ତି ପୂର୍ବରୁ ଗଙ୍ଗାସାଗର ମେଳାରେ ଭିଡ଼ ବଢ଼ିବା ଆରମ୍ଭ ହୋଇଛି । ୧୧୭ ନମ୍ବର ଜାତୀୟ ରାଜପଥରେ କୋଲକାତାର ବାବୁଘାଟରୁ କାକଦ୍ୱୀପର ଲଟ୍ ନମ୍ବର ୮ ପର୍ଯ୍ୟନ୍ତ ସାଗର ମେଳା ସ୍ୱତନ୍ତ୍ର ବସ୍‌ର ଏକ ଲମ୍ବା ଧାଡ଼ି ଦୃଶ୍ୟମାନ ହେଉଛି। ସାଗରର କାକଦ୍ୱୀପ ଏବଂ କଚୁବେଡିଆ ଜେଟିରେ ମୁଣ୍ଡରେ ଓଢ଼ଣା ଏବଂ ବ୍ୟାଗ ନେଇ ତୀର୍ଥଯାତ୍ରୀଙ୍କ ଏକ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ପ୍ରବଳ ଥଣ୍ଡା ସହିତ ଲମ୍ବା ଯାତ୍ରାର କ୍ଳାନ୍ତିକୁ ଅଣଦେଖା କରି ବିହାର, ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ, ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟର ପୁଣ୍ୟାର୍ଥୀମାନେ ପବିତ୍ର ସ୍ନାନ ପକାଇବା ଆଶାରେ ଆଗକୁ ବଢ଼ୁଛନ୍ତି। ଚଳିତ ବର୍ଷ ମେଳାରେ ତୀର୍ଥଯାତ୍ରୀଙ୍କ ଯାତାୟାତ ପାଇଁ ମୋଟ ୨୧ଟି ଜେଟି ବ୍ୟବହାର କରାଯାଉଛି। ବାବୁଘାଟରୁ ଲଟ୍ ନମ୍ବର ୮ ପର୍ଯ୍ୟନ୍ତ ୩୬୦୦ ବସ୍ ଏବଂ କଚୁବେଡିଆରୁ ସାଗର ପର୍ଯ୍ୟନ୍ତ ଆଉ ୩୦୦ ବସ୍ ଚଳାଚଳ କରୁଛି। ଏହା ସହିତ, ୧୩ଟି ବାର୍ଜ, ୪୫ଟି ଜାହାଜ ଏବଂ ୧୨୦ଟି ଲଞ୍ଚ ବ୍ୟବସ୍ଥା କରାଯାଇଛି।

## ୧୯ରୁ ସୋଆରେ ଦୁଇ ଦିନିଆ ପ୍ରଥମ ପୁଷ୍ପ ଉତ୍ସବ



**ଭୁବନେଶ୍ୱର,୧୩।୧ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ କୃଷି ମହାବିଦ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ପ୍ରଥମ ସୋଆ ପୁଷ୍ପ ଉତ୍ସବ ଆୟୋଜନ ହେବାକୁ ଯାଉଛି।

ଆନ୍ତର୍ଜାତିକ ପୁଷ୍ପ ଦିବସ ପରିପ୍ରେକ୍ଷୀରେ ଜାନୁଆରୀ ୧୯ ଓ ୨୦ ତାରିଖରେ ଦୁଇ ଦିନ ଧରି ସୋଆ କ୍ୟାମ୍ପସ-୪ କୃଷି ମହାବିଦ୍ୟାଳୟ ପରିସରରେ ଏହି ପୁଷ୍ପ ଉତ୍ସବର ଆୟୋଜନ କରାଯାଉଛି। ପୁଷ୍ପ ଉତ୍ସବର ପ୍ରଥମ ଦିବସରେ ଭିନ୍ନ ଭିନ୍ନ ଫୁଲର ପ୍ରଦର୍ଶନୀ ସହ ଫୁଲକୁ ନେଇ ଭିନ୍ନ ଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିବା ବେଳେ ଦ୍ୱିତୀୟ ଦିବସରେ ଫୁଲ ଚାଷର ବୈଜ୍ଞାନିକ ପ୍ରଣାଳୀ, ଫୁଲ ଚାଷ ନିମନ୍ତେ ସରକାରଙ୍କ ପକ୍ଷରୁ ମିଳୁଥିବା ପ୍ରୋତ୍ସାହନ, ବ୍ୟାଙ୍କରୁ ମିଳୁଥିବା କୃଷି ଋଣ ତଥା ପୁଷ୍ପ ଉଦ୍ୟୋଗୀକରଣ ସମ୍ପର୍କିତ ଆଲୋଚନାଚକ୍ରରେ ବିଶିଷ୍ଟ ପୁଷ୍ପ ବିଜ୍ଞାନୀ, ବ୍ୟାଙ୍କ ଅଫିସର, ଉଦ୍ୟାନ ନିର୍ଦ୍ଦେଶାଳୟ ଏବଂ ସଫଳ ପୁଷ୍ପ ଉଦ୍ୟୋଗୀ ଯୋଗ ଦେବେ ଯାହା ଫୁଲ ଚାଷୀମାନଙ୍କୁ କୃଷି କ୍ଷେତ୍ରରେ ଅନେକ ପ୍ରେରଣା ଯୋଗାଇବ ବୋଲି ସୋଆ କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ରାଉତ ଆଶା ବ୍ୟକ୍ତ କରିଛନ୍ତି।

ଏହି ଉତ୍ସବରେ ପୁଷ୍ପ ପ୍ରଦର୍ଶନୀ ନିମନ୍ତେ ଭିନ୍ନ ଭିନ୍ନ ପ୍ରତିଯୋଗିତାରେ ଯୋଗଦାନ ପାଇଁ ଏବଂ ପୁଷ୍ପ ସମ୍ବନ୍ଧିତ ଆଲୋଚନାରେ ଭାଗ ନେବା ପାଇଁ ଫୁଲ ଚାଷୀ, ଫୁଲ ଉଦ୍ୟୋଗୀ, ବିଭିନ୍ନ ନର୍ସରୀ, ଅନୁଷ୍ଠାନ ଓ ଫୁଲ ପ୍ରେମୀମାନଙ୍କୁ ଆହ୍ୱାନ କରାଯାଉଛି। ଏହି ପୁଷ୍ପ ଉତ୍ସବରେ ଭାଗ ନେବା ପାଇଁ କୌଣସି ପଞ୍ଜୀକରଣ ଶୁଳ୍କ ରଖାଯାଇ ନାହିଁ।

# ସରକାରୀ ଗାଡ଼ି କି ଅଧିକାରୀଙ୍କ ବ୍ୟକ୍ତିଗତ ସମ୍ପତ୍ତି ?



### ଲଗ୍‌ବୁକ୍ ଶୂନ୍ୟ, ତେଲଭଡ଼ା ଫୁଲ୍
### ସରକାରୀ ଧନ ଲୁଟ୍ ଅଭିଯୋଗ!

**ଯାଜପୁର,୧୩।୧ (ସଂଚାର ବ୍ୟୁରୋ):** ସରକାରୀ ନିର୍ଦ୍ଦେଶ ସ୍ପଷ୍ଟ। ମାସିକ ଭଡ଼ା ଆଧାରରେ ନିଆଯାଇଥିବା କାର, ବୋଲେରୋ, ସ୍କର୍ପିଓ ଭଳି ସରକାରୀ ଗାଡ଼ି କେବଳ ସରକାରୀ କାର୍ଯ୍ୟରେ ବ୍ୟବହୃତ ହେବା ପ୍ରତ୍ୟେକ ଗାଡ଼ି ପାଇଁ ଲଗ୍‌ବୁକ୍, ଟୁର୍ ଡାଏରୀ ଓ କିଲୋମିଟର ହିସାବ ରଖିବା ଅନିବାର୍ଯ୍ୟ। କିନ୍ତୁ ଯାଜପୁର ଜିଲ୍ଲାର କିଛି ସରକାରୀ କାର୍ଯ୍ୟାଳୟରେ ଘଟୁଥିବା ଘଟଣା ସରକାରୀ ନିୟମକୁ ସିଧାସଳଖ ପ୍ରଶ୍ନ କରୁଛି। ଏଠାରେ ନିୟମ କାଗଜରେ ଅଟକିଛି, ଗାଡ଼ି ରାସ୍ତାରେ ଦୌଡ଼ୁଛି। ଲଗ୍‌ବୁକ୍ ନାହିଁ, ଟୁର ଡାଏରୀ ଶୂନ୍ୟ ଅଥଚ ତେଲଭଡ଼ା ପାସ୍ ହେଉଛି।

ଅଭିଯୋଗ ଅନୁସାରେ, ଜିଲ୍ଲାପାଳ କାର୍ଯ୍ୟାଳୟ ଅଧୀନରେ ଥିବା କିଛି କାର୍ଯ୍ୟାଳୟରେ ଲଗ୍‌ବୁକ୍ ରଖାଯାଉନାହିଁ, ଟୁର ଡାଏରୀ ଅପଡେଟ୍ ହେଉନାହିଁ, କିଲୋମିଟର ହିସାବ ଅସ୍ପଷ୍ଟ ତଥାପି ମାସକୁ ମାସ ତେଲଭଡ଼ା, ମେଣ୍ଟେନାନ୍ସ ବିଲ୍ ଓ ଡ୍ରାଇଭର ଖର୍ଚ୍ଚ ପାସ୍ ହେଉଛି। କିଏ, କେଉଁ ଆଧାରରେ ଏହି ବିଲ୍ କିଏ ପାସ୍ କରୁଛି ଏହା ଏବେ ସରକାରୀ ମହଲରେ ଗଭୀର ପ୍ରଶ୍ନ। ଭିତରୁ ମିଳୁଥିବା ସୂଚନା ଆହୁରି ଉଦ୍‌ବେଗଜନକ। ଭିତରୁ ଆସୁଥିବା ସୂଚନା ଅନୁସାରେ କିଛି କର୍ମଚାରୀ ଓ ଅଧିକାରୀ ମୋଟା ଅଙ୍କର ଲେନଦେନ ମାଧ୍ୟମରେ ବିଲ୍ ପାସ୍ କରାଉଥିବା ଗମ୍ଭୀର ଅଭିଯୋଗ ଉଠିଛି। ଫଳରେ ସିଧାସଳଖ ସରକାରୀ ଧନର ଲୁଟ୍ ହେଉଛି। ସରକାରୀ ଗାଡ଼ିରେ ଘର, ବଜାର, ପାରିବାରିକ କାମ ହେଉଛି। ଅଭିଯୋଗ ଅନୁସାରେ,କିଛି ଅଧିକାରୀ ସରକାରୀ ଗାଡ଼ିକୁ, ଘରୁ-ଅଫିସ ଯାତ୍ରା, ପାରିବାରିକ କାମ, ବଜାର, ବେସରକାରୀ ଯାତ୍ରା ପାଇଁ ନିୟମିତ ବ୍ୟବହାର କରୁଛନ୍ତି। ଏହା ସରକାରୀ ନିୟମର ଖୋଲା ଉଲ୍ଲଂଘନ ହେଉଛି।

ଲଗ୍‌ବୁକ୍ ନଥିବାର ଅର୍ଥ- କିଲୋମିଟର ଇଚ୍ଛାମତେ ବଢ଼ାଇବା, ତେଲ ଖର୍ଚ୍ଚ ବଢ଼ିବା, ବିଲ୍ ବଢ଼ିବା, ସରକାରୀ ଟଙ୍କା ହରାଇବା, ଏପରି ଗୁରୁତର ଅଭିଯୋଗ ସତ୍ତ୍ୱେ ଯଦି ଜିଲ୍ଲାପାଳ କାର୍ଯ୍ୟାଳୟ ନିରବ ରହୁଛି, ତେବେ ଏହାକୁ ଦାୟିତ୍ୱହୀନତା ଓ ପ୍ରଶାସନିକ ଅବହେଳା ଛଡ଼ା ଆଉ କଣ କୁହାଯିବ। ସରକାରୀ ଗାଡ଼ି ସରକାର ପାଇଁ ନା ଅଧିକାରୀଙ୍କ ବ୍ୟକ୍ତିଗତ ସୁବିଧା ପାଇଁ।

## ଦେୱାନୀ ଅଦାଲତ ଦ୍ୱାରା ଟାଟା ପାୱାର ଦଣ୍ଡିତ

**ନବରଙ୍ଗପୁର,୧୩।୧ (ସଂଚାର ବ୍ୟୁରୋ):** ଏକ ମାମଲାର ବିଚାରଣା କରି ବରିଷ୍ଠ ଦେୱାନୀ ଅଦାଲତର ବିଚାରପତି ମୋନିକା ତ୍ରିପାଠୀ ଟାଟା ପାୱାର କମ୍ପାନୀକୁ ଷୋହଳ ଲକ୍ଷ ଅଠାନବେ ହଜାର ତିନିଶହ ପଞ୍ଚତିରିଶ ଟଙ୍କା କୋଡିଏ ପଇସା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି । ଯଦି ଟାଟା ପାୱାର ଉକ୍ତ ଅର୍ଥକୁ ନ ଦିଏ ତେବେ ବାର୍ଷିକ ୬ ପ୍ରତିଶତ ସୁଧ ସହ କ୍ଷତି ଭରଣା କରିବେ ।

ସୂଚନା ଅନୁଯାୟୀ ବିଦ୍ୟୁତ ବିଭାଗର ଚରମ ଅବହେଳା ଯୋଗୁଁ ନବରଙ୍ଗପୁର ବସଷ୍ଟାଣ୍ଡ ନିକଟରେ ଜବଗୁଡା ଗ୍ରାମର ଫିରୋଜ ନାଗ ଗତ ତା ୧୫.୭.୨୦୨୧ ରିଖ ଦିନ ଡାଳ କାଟୁଥିବା ବେଳେ ଗଛରେ ଓହଳି ଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ । ଉକ୍ତ ଘଟଣାକୁ ନେଇ ମୃତକଙ୍କ ପରିବାର ତରଫରୁ ଟାଟା ପାୱାର କମ୍ପାନୀକୁ ଅନେକ ବାର ଗୁହାରି କରିବା ପରେ ମଧ କମ୍ପାନୀ ତରଫରୁ କୌଣସି ପ୍ରକାର ପଦକ୍ଷେପ ନିଆଗଲା ନାହିଁ । ପରିଶେଷରେ ମୃତକଙ୍କ ପରିବାର ପକ୍ଷରୁ ସ୍ଥାନୀୟ ନବରଙ୍ଗପୁର ବରିଷ୍ଠ ଦେୱାନୀ ଅଦାଲତର ଆଶ୍ରୟ ନେଇଥିଲେ । ସମସ୍ତ ସାକ୍ଷ୍ୟ ଓ ଦଲିଲକୁ ବିଚାରଣା କରିବା ପରେ ମାନ୍ୟବର ଅଦାଲତ ଟାଟା ପାୱାର କମ୍ପାନୀକୁ ଉକ୍ତ ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଆବେଦନକାରୀ ମାନଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ନରସିଂହ ତ୍ରିପାଠୀ ଓ ତାଙ୍କ ସହଯୋଗୀ ମାମଲାକୁ ପରିଚାଳନା କରୁଥିଲେ।

## ବେଆଇନ ବାଲି ବୋଝେଇ ହାଇୱା ଜବତ, ଚାଳକ ଗିରଫ

**ବାଲିଅନ୍ତା,୧୩।୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ପୁଲିସ ଗତକାଲି ଏକ ବେଆଇନ ବାଲି ବୋଝେଇ ହାଇୱା ଜବତ କରିବା ସହ ଏହାର ଚାଳକ କଟକ ଜିଲ୍ଲା ବାଙ୍କି ଥାନା ଅଧୀନ କୁସୁଣ୍ଡା ଗ୍ରାମର ବିକାଶ ବେହେରା (୩୮)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ବାଲିଅନ୍ତା ଥାନାଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ସମ୍ପୃକ୍ତ ଥାନାର ଏକ ପେଟ୍ରୋଲିଙ୍ଗ ଟିମ ନିଜ ଅଞ୍ଚଳରେ ରାତ୍ରିକାଳୀନ ପେଟ୍ରୋଲିଙ୍ଗ ଡ୍ୟୁଟି ସମ୍ପାଦନ କରୁଥିବା ବେଳେ, ରାତି ୧୨.୪୫ ସମୟରେ ଏକ ହାଇୱା ଟ୍ରକ ଖୁବ ଦ୍ରୁତ ଗତିରେ ହଂସପାଳ ପାର୍ଶ୍ୱରୁ ଆସୁଥିବା ଦେଖିବାକୁ ପାଇଥିଲେ। ପାଟ୍ରୋଲିଙ୍ଗ ଟିମ ସମ୍ପୃକ୍ତ ଟ୍ରକକୁ ଆଞ୍ଜେଲ୍ ଆପାର୍ଟମେଣ୍ଟ ନିକଟରେ ଅଟକାଇବା ସହ ଛାନଭିନ କରିଥିଲେ । ଛାନଭିନ ସମୟରେ ଉକ୍ତ ଟ୍ରକରେ ବେଆଇନ ବାଲି ଚାଲାଣ ହେଉଥିବା ଜଣାପଡ଼ିଥିଲା। ପୁଲିସ ଅଭିଯୁକ୍ତ ଚାଳକଙ୍କୁ କାବୁ କରିବା ସହ ତାଙ୍କ ହେପାଜତରୁ ବାଲି ଭର୍ତ୍ତି ହାଇୱା ଟ୍ରକକୁ ଜବତ କରିଥିଲେ।

## ସବୁଜ ଯୋଦ୍ଧା ରାକେଶ କୁମାର ରଥଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବାଲିଅନ୍ତା,୧୩।୧ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନ ୧୦ଘ ୩୦ ମିନିଟ୍ ସମୟରେ ପରଣ ପଧାନ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାବା ହରିହରାନନ୍ଦ ବ୍ରହ୍ମଚାରଙ୍କ ଆଶ୍ରମ ଠାରେ ସବୁଜ ଯୋଦ୍ଧା ସ୍ୱର୍ଗତ ରାକେଶ କୁମାର ରଥଙ୍କ ଅମର ଆତ୍ମାର ସଦଗତି ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ' ହୋଇ ଯାଇଅଛି।ଜୟଦେବ ପରିବେଶ ସୁରକ୍ଷା ସଂଗଠନର ପ୍ରତିଷ୍ଠାତା ପ୍ରଶନ୍ନ କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବ୍ରହ୍ମଚାରୀ ସ୍ୱର୍ଗତ ରାକେଶ ରଥଙ୍କ ନିଶ୍ୱାର୍ଥପର ସମାଜ ସେବା , ବୃକ୍ଷ ରୋପଣ ଓ ତାର ସୁରକ୍ଷା, ଅସହାୟ ଜୀବ ଜନ୍ତୁଙ୍କ ସେବା ଜତ୍ନରେ ସର୍ବଦା ନିଜକୁ ନିୟୋଜିତ କରିଥିଲେ।ତାଙ୍କର ଅକାଳ ବିୟୋଗରେ ସଂଗଠନର ଏକ ଅପୁରଣିୟ କ୍ଷତି ହେଲା ବୋଲି ଶ୍ରୀ ସାମନ୍ତରା ମତବ୍ୟକ୍ତ କରିଛନ୍ତି।



# ପାଠପଢ଼ା, ଖେଳକୁଦ ବୟସରେ କିଡ୍‌ନୀ ରୋଗରେ ଆକ୍ରାନ୍ତ

### ଅର୍ଥ ଅଭାବରୁ ଚିକିତ୍ସାରେ ସାଜୁଛି ବାଧକ
### ଆପଣଙ୍କ ଏକ ଛୋଟ ସହାୟତା କୁନିପୁଅ ମୁହଁରେ ହସ ଫୁଟାଇବ



**କାକଟପୁର/ଅସ୍ତରଙ୍ଗ,୧୩।୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନ ରାମଚନ୍ଦ୍ରପୁର ଗ୍ରାମର ପଞ୍ଚାନନ ସ୍ୱାଇଁ ଓ ରଞ୍ଜୁଲତା ସ୍ୱାଇଁଙ୍କ ୧୫ବର୍ଷୀୟ ଏକମାତ୍ର ପୁଅ ସତ୍ୟ ପ୍ରକାଶ ସ୍ୱାଇଁ। ବିଗତ ୧୫ଦିନ ପୂର୍ବରୁ ହଠାତ ପୁଅର ଦେହ ଅସୁସ୍ଥ ହେବାରୁ ବାପା ମା' ପୁଅକୁ ଚିକିତ୍ସା କରିବାକୁ ମେଡିକାଲ ନେଇଥିଲେ। ଚିକିତ୍ସା ପରେ ଡକ୍ଟର ସୂଚନା ଦେଲେ ସତ୍ୟ ପ୍ରକାଶଙ୍କ ୨ଟି କିଡ଼ନୀ ଖରାପ। ଖେଳକୁଦ ବୟସରେ ହଠାତ କାଳ ଆସିଲା, ହସଖୁସିରେ ଚଳୁଥିବା ଏ ପରିବାର ଉପରେ। ବିଦ୍ୟାଳୟରେ ସତ୍ୟ ପ୍ରକାଶ ଦଶମ ଶ୍ରେଣୀ ପଢୁଥିବା ବେଳେ ବିଦ୍ୟାଳୟ ଓ ବ୍ଲକସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇ ବ୍ଲକ ତଥା ସ୍ଥାନୀୟ ଅଞ୍ଚଳ ପାଇଁ କୃତିତ୍ୱ ଅର୍ଜନ କରିଛନ୍ତି।

ବାପା ପଞ୍ଚାନନ ସ୍ୱାଇଁ ଦିନ ମଜୁରିଆ। ଅନ୍ୟ ଘରେ କାମ କଲେ ସ୍ୱଳ୍ପ ରୋଜଗାରରେ ୨ ଝିଅ, ପୁଅ ସହ ସ୍ୱାମୀ ସ୍ତ୍ରୀ ଚଳିଥାନ୍ତି। ପୁଅର ଏଭଳି ଅବସ୍ଥା ଜାଣିବା ପରେ ପରିବାର ପାଦ ତଳୁ ମାଟି ଖସିଯାଇଥିଲା। ପୁଅ କିପରି ଭଲ ହେବ ପରିବାର ଚିନ୍ତାରେ। ଘରର ଏକମାତ୍ର ପୁଅ କିଡ଼ନୀ ରୋଗରେ ପୀଡିତ ହୋଇ ଏବେ ବିଛଣାରେ। ପୁଅର ଡାୟଲିସି ହେଉଥିବାରୁ ପାଖରେ ଅର୍ଥ ନଥିବାରୁ ବାପା ମା ନିଜ ପୁଅର ଜୀବନ ବଞ୍ଚାଇବାକୁ ସାହାଯ୍ୟ କରିବାକୁ ଆକୁଳ ନିବେଦନ କରିଛନ୍ତି। ପ୍ରତି ସପ୍ତାହରେ ଔଷଧ ଓ ଚିକିତ୍ସା ସାତରୁ ଦଶ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଅର୍ଥ ଅଭାବରୁ ସତ୍ୟ ଙ୍କ ଉତ୍ତମ ଚିକିତ୍ସା ହୋଇ ପାରୁନଥିବା ପରିବାରରେ ଏକ ପ୍ରକାର ଚୋରି ବନ୍ଧା ହୋଇଛି।

ଯଦି ଆପଣ ସତ୍ୟ ପ୍ରକାଶଙ୍କୁ ସାହାଯ୍ୟ କରିବାକୁ ଚାହୁଁଛନ୍ତି ତେବେ ତାଙ୍କ ଫୋନ ପେ ନମ୍ବର ଅଥବା ଯୋଗାଯୋଗ ନମ୍ବରରେ ନିଜ ସକ୍ଷମ ଅନୁସାରେ ସାହାଯ୍ୟ କରନ୍ତୁ। ଫୋନ ପେ ନମ୍ବର -୭୮୪୬୮୨୮୪୬୧ ପଠାଇ ପାରିବେ। ଆପଣଙ୍କ ଏକ ଛୋଟ ସହାୟତା କୁନି ସତ୍ୟ ପ୍ରକାଶ ଙ୍କ ମୁହଁରେ ହସ ଫୁଟାଇ ପାରିବ।

### ରାଇକିଆରେ ବିଜେଡିକୁ ପୁଣି ବଡ଼ ଝଟ୍‌କା
## ପଦ୍ମ ଧରିଲେ ବ୍ଲକ ଅଧକ୍ଷା ଓ ସରପଞ୍ଚ



**ଫୁଲବାଣୀ,୧୩।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ରାଇକିଆ ବ୍ଲକରେ ବିଜୁ ଜନତା ଦଳ (ବିଜେଡି) ପାଇଁ ଆଜି ଆସିଛି ଆଉ ଗୋଟିଏ ରାଜନୈତିକ ଝଟ୍‌କା। ବିଜେଡିର ସଂଗଠନୀୟ ମୂଳ ଆଧାରକୁ ଭାଙ୍ଗିଦେଇ ରାଇକିଆ ବ୍ଲକ ଅଧକ୍ଷା ରୀନା ପ୍ରଧାନ ଓ ରାଇକିଆ ସରପଞ୍ଚ ଗୀତାଞ୍ଜଳୀ ନାୟକ ଆଜି ଦଳ ଛାଡ଼ି ପଦ୍ମ ଧରିଛନ୍ତି।

ମଙ୍ଗଳବାର ରାଇକିଆଠାରେ ଆୟୋଜିତ 'ଆତ୍ମନିର୍ଭର ଭାରତ ସମୃଦ୍ଧ ସମାବେଶ' ଅବସରରେ ନିଜ ନିଜ ସମର୍ଥକମାନଙ୍କ ସହ ଉଭୟ ନେତୃନେତ୍ରୀ କନ୍ଧମାଳ ସାଂସଦ ସୁକାନ୍ତି ପାଣିଗ୍ରାହୀ ଓ ଜିଲ୍ଲା ଭାଜପା ସଭାପତି ପଣ୍ଡିତ ବିଶ୍ୱ ମାଝୀଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ରୀନା ପ୍ରଧାନ ଓ ଗୀତାଞ୍ଜଳୀ ନାୟକ ଦୀର୍ଘ ବର୍ଷ ଧରି ବିଜେଡିରେ ରହି ବ୍ଲକ ଓ ପଞ୍ଚାୟତ ସ୍ତରରେ ବିଭିନ୍ନ ସାଙ୍ଗଠନିକ ପଦବୀରେ କାର୍ଯ୍ୟ କରି ଆସୁଥିଲେ। ତେବେ ଦଳୀୟ ଅବହେଳା, ନେତୃତ୍ୱ ବିଫଳତା ଓ ଗୋଷ୍ଠୀ କନ୍ଦଳରେ ଅସନ୍ତୁଷ୍ଟ ହୋଇ ଆଜି ସେମାନେ ବିଜେଡିକୁ ତ୍ୟାଗ କରିଥିବା ଚର୍ଚ୍ଚା ଶକ୍ତିଶାଳୀ ହୋଇଉଠିଛି।

# ପ୍ରତାପରୁଦ୍ରପୁର ଓ କାକରୁଦ୍ରପୁର ସେବା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି



**ବାଲିଅନ୍ତା,୧୩।୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ସେବା ସମବାୟ ସମିତି ଏବଂ କାକରୁଦ୍ରପୁର ସେବା ସମବାୟ ସମିତି ପକ୍ଷରୁ ଗତକାଲି ଠାରୁ ସରକାରୀ ଧାନମଣ୍ଡି ଶୁଭାରମ୍ଭ ହୋଇଛି। ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି, ସରପଞ୍ଚ ଶ୍ରଦ୍ଧେୟା ପାତ୍ର, ସମିତି ସଭ୍ୟା ଉମାରାଣୀ ମହାନ୍ତି, ଡିଆର ସି ଏସ ଅଳକା ନନ୍ଦା ଜେନା,ଏ ଆର ସି ଏସ ପ୍ରିୟବ୍ରତ ପଣ୍ଡା, ଏରିଆ ଅଫିସର ଅମୀୟ ଖୁଣ୍ଟିଆ, ଜଟଣୀ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୂର୍ଯ୍ୟ ନାରାୟଣ ବଳିୟାର ସିଂହ ଓ ସମବାୟ ସମିତି ସଭାପତି ସୁଧିର ଚରଣ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଣ୍ଡିର ଶୁଭାରମ୍ଭ କରିଥିଲେ। ସମ୍ପାଦକ ବିଶ୍ୱନାଥ ପଣ୍ଡା ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

ସେହିପରି କାକରୁଦ୍ରପୁର ସେବା ସମବାୟ ସମିତିରେ ଉପରୋକ୍ତ ଅଧିକାରୀମାନେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ମଣ୍ଡି ଶୁଭାରମ୍ଭ କରିଥିଲେ। ମଣ୍ଡିରେ ଚାଷୀ ମାନଙ୍କ ଧାନ ବିକ୍ରି ନେଇ ସବୁ ପ୍ରକାର ସୁବିଧା କରାଯାଇଥିବା ସଭାପତି ନିଳକଣ୍ଠ ପଣ୍ଡା କହିଛନ୍ତ। ପାରିବାସୁଦେଇ ସ୍ଥିତ ସାନ୍ତୋଲିଆ ରାଇସ ମିଲ ଧାନ ସଂଗ୍ରହ ଦାହିତ୍ୱରେ ରହିଛି । ୧୫ ତାରିଖ ସୁଦ୍ଧା ମଣ୍ଡିରୁ ଧାନ ସଂଗ୍ରହ ହେବ ବୋଲି ଜଣାଯାଇଛି ।

## ଗୋଲାପ ଦେଇ ଭିନ୍ନ ଶୈଳୀରେ ସଡ଼କ ସୁରକ୍ଷା ସଚେତନତା

**କାକଟପୁର/ଅସ୍ତରଙ୍ଗ,୧୩।୧ (ସଂଚାର ବ୍ୟୁରୋ):** ଗୋଲାପ ଫୁଲ ଏବଂ ଚକୋଲେଟ ଦେଇ ଭିନ୍ନ ଶୈଳୀରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା। କାକଟପୁର ଥାନା ପୁଲିସ ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ଥାନୀୟ ସ୍ୱେଚ୍ଛାସେବୀ ମାନଙ୍କ ସହିତ କାକଟପୁର ଥାନା ଅଧିକାରୀ ବସନ୍ତ



କୁମାର ସାହୁ ସାମିଲ ହୋଇ ରାସ୍ତାରେ ଯାତାୟତ କରୁଥିବା ବାଇକ ଚାଳକ ଓ ମୋଟର ଚାଳକଙ୍କୁ ଗୋଲାପ ଫୁଲ ଏବଂ ଚକୋଲେଟ ପ୍ରଦାନ କରି ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସଡ଼କ ସୁରକ୍ଷା ନିୟମ ମାନି ଗାଡି ଚଳାଇବାକୁ ପରାମର୍ଶ ଦେଇଥିଲେ।

## ଜବରଦଖଲ ଉଚ୍ଛେଦକୁ ବିରୋଧ କରିବ ବିଜେଡି




**ଫୁଲବାଣୀ,୧୩।୧ (ସଂଚାର ବ୍ୟୁରୋ):** ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଜବରଦଖଲ ଉଚ୍ଛେଦ ନୋଟିସ ବିରୁଦ୍ଧରେ ଆଜି ବିଜେଡି ପକ୍ଷରୁ ଏକ ପ୍ରେସ ମିଟ ଜରିଆରେ ପ୍ରତିବାଦ କରାଯାଇଛି। ଆସନ୍ତା ୧୬ତାରିଖ ଦିନ ଏହାର ବିରୁଦ୍ଧରେ ବିଜେଡି ଜୋରଦାର ପ୍ରତିବାଦ କରିବ। ବର୍ତ୍ତମାନ ଶୀତଦିନ ଯଦି କାହାର ଘର ଭଙ୍ଗାଯାଇ ଉଚ୍ଛେଦ କରାଯିବ ତାହେଲେ ଶୀତ କାକାରରେ ଛୁଆ ପିଲାଙ୍କୁ ଧରି ସେମାନେ ଅସୁବିଧାରେ ପଡିବେ। ଫୁଲବାଣୀର ଏନକ୍ରୋଚମେଣ୍ଟ ସମସ୍ୟା ବହୁ ପୁରାତନ, ୪୦ରୁ ଅଧିକ ବର୍ଷ ଧରି ଲୋକେ ଘର କରି ରହି ଆସୁଛନ୍ତି, ସେଗୁଡିକର ସ୍ଥାୟୀ ସମାଧାନ ନ କରି ପ୍ରଶାସନ ସେମାନଙ୍କୁ ଉଚ୍ଛେଦ କରିବାକୁ ନୋଟିସ ପଠେଇବା କେତେଦୂର ଯୁକ୍ତିଯୁକ୍ତ ବିଜେଡି ସଭାପତି ପଦ୍ମନାଭ ବେହେରା କହିଛନ୍ତି।

ପୂର୍ବରୁ ଜିଲ୍ଲା ନାଗରିକ ସୁରକ୍ଷା କମିଟି, ବରିଷ୍ଠ ନାଗରିକ ସଂଘ ଓ ବିଭିନ୍ନ ସଙ୍ଘ ପକ୍ଷରୁ ସରକାରଙ୍କ ପାଖରେ ସର୍ବକ୍ଷମା ଯୋଜନା ଲାଗୁ କରିବା କିମ୍ବା ଭୂବନ୍ଦୋବସ୍ତ ଜରିଆରେ ଏନକ୍ରୋଚମେଣ୍ଟ ସମସ୍ୟାର ସମାଧାନ ପାଇଁ ଦାବୀ କରିଥିଲେ। ତତ୍କାଳୀନ ଜିଲ୍ଲାପାଳ ମଧ ସରକାରଙ୍କୁ ଏହାର ସ୍ଥାୟୀ ସମସ୍ୟା ପାଇଁ ଚିଠି ଲେଖିଥିଲେ। ଯଦି ପ୍ରଶାସନ ଏହାକୁ ରୋକିବା ପାଇଁ କିଛି ପଦକ୍ଷେପ ନ ନିଏ ୧୬ ତାରିଖରେ ବିଜେଡି ଏହାର ପ୍ରତିବାଦ କରିବାକୁ ଚେତାବନୀ ଦେଇଛି।

## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ



**ଯାଜପୁର,୧୩।୧ (ସଂଚାର ବ୍ୟୁରୋ):** ଯାଜପୁର ଜଳସମ୍ପଦ ବିଭାଗ ପକ୍ଷରୁ ଯାଜପୁର ବ୍ୟାସନଗର ସ୍ଥିତ ଟାଉନ ହଲଠାରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୨୦୨୬ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ଯାଜପୁର ସାଂସଦ ଡ଼ା. ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ଜିଲ୍ଲା ପରିଷଦ ଅଧକ୍ଷା ନଳିନୀ ପ୍ରଭା ଜେନା, ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଣବ କୁମାର ନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତପନ ମହାପାତ୍ର, ଯାଜପୁର ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ, ଜାରକା ଅଧିକ୍ଷଣ ଯନ୍ତ୍ରୀ ଶିଶିର କୁମାର ଦାସ ଯୋଗ ଦେଇଥିଲେ। ମାନ୍ୟବର ସାଂସଦ ଡ଼ା. ବେହେରା କହିଥିଲେ ଯେ କୃଷିର ବିକାଶରେ ପାଣି ପଞ୍ଚାୟତର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ। କୋରେଇ ବିଧାୟକ ଆକାଶ ଦାସ ନାୟକ ପାଣି ପଞ୍ଚାୟତର ଆବଶ୍ୟକତା ସମ୍ପର୍କରେ ବୁଝାଇବା ସହ ରେଙ୍ଗାଲି କେନାଲ କାର୍ଯ୍ୟକାରୀ ହେବା ପରେ କୋରେଇର ଏକ ବୃହତ ଅଞ୍ଚଳ ଲାଭବାନ ହେବ ବୋଲି କହିଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ଜଳ, ମୃତ୍ତିକା ଭଳି ପ୍ରାକୃତିକ ସମ୍ପଦର ସଂରକ୍ଷଣ ଓ ସୁପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିଭଳି ମଞ୍ଚାସୀନ ଅତିଥିମାନେ ପାଣି ପଞ୍ଚାୟତର ଗୁରୁତ୍ୱ ଏବଂ କାର୍ଯ୍ୟକାରିତା ଉପରେ ସୁଚିନ୍ତିତ ଆଲୋଚନା କରିଥିଲେ।

## ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ




**ନୀଳଗିରି, ୧୩।୧ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନ ୧୨ଘଟିକା ସମୟରେ ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ନୀଳଗିରି ଉପଜିଲ୍ଲାପାଳ ତଥା ଅଧକ୍ଷ ଜାତୀୟ ଦିବସ ପାଳନ କମିଟି ଶୁଭଶ୍ରୀ ରଥଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୀଳଗିରି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଗୋବର୍ଦ୍ଧନ ବିଶ୍ୱାଳ ଗୃହରେ ଉପସ୍ଥିତ ପାଳନ କମିଟିର ସଦସ୍ୟ ସଦସ୍ୟାଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଜାତୀୟ ଦିବସ ପାଳନ ସଂପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ପରେ ଉପଜିଲ୍ଲାପାଳ ତଥା ଅଧକ୍ଷ ଶ୍ରୀମତୀ ରଥ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ବିଗତ ବର୍ଷର ବିବରଣୀ ଅନୁଯାୟୀ ଆଲେଚନା, ପରାମର୍ଶ ଏବଂ ମତାମତ କାମନା କରିଥିଲେ।

ଚଳିତ ବର୍ଷ ମଧ ପ୍ରତି ବର୍ଷ ଭଳି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରତ୍ୟୁଷ ଘ. ୪ଟିକା ସମୟରେ ସହରାଞ୍ଚଳରେ ରାମ ଧୂନ୍ ପ୍ରଚାର କରାଯିବା ସହିତ ଜାତୀୟ ଦିବସ ପାଳନ ପରିପ୍ରେକ୍ଷୀରେ ନୀଳଗିରି ଏନ୍. ଏ. ସି. ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ପ୍ରଭାତ ଫେରି ସକାଳ ଘ. ୬ଟିକା ରୁ ୭ଘଟିକା ମଧ୍ୟରେ କରାଯିବା ପାଇଁ ସ୍ଥିର କରାଯାଇଛି। ୭.୩୦ମିନିଟ ମଧ୍ୟରେ ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ, ବାସଗୃହ ମାନଙ୍କରେ ପତାକାଉତ୍ତୋଳନ ନିମନ୍ତେ ସ୍ଥିର ହୋଇଛି। ଏହି ଜାତୀୟ ଦିବସ ପାଳନର ମୁଖ୍ୟ ଅତିଥି ଭାବେ ସମ୍ମାନନୀୟ ସ୍ଥାନୀୟ ଉପଜିଲ୍ଲାପାଳ ଆନୁଷ୍ଠାନିକ ଭାବେ ଜାତୀୟ ପତାକାକୁ ୮.୩୦ମି ରେ ଉତ୍ତୋଳନ କରି ସମବେତ ଜନତାଙ୍କୁ ଉଦବୋଧନ ଦେବେ।ଏହି ଦିବସ ପାଳନ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ସିଭିଲିଆନ୍ ଓ ନନ ସିଭିଲିଆନ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ୟାରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସ୍ଥିର କରାଯାଇଛି। ଏଥି ସହିତ ୪ଗୋଟି ସ୍ତରରେ ଦେଶାତ୍ମ ବୋଧକ ସଙ୍ଗୀତ, ତର୍କ, ବକ୍ତୃତା, କୁଇଜ୍ ଆଦି ପ୍ରତିଯୋଗୀତା କରାଯାଇ ପୁରସ୍କୃତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ଜଳିଗଲା ଧାନ ଗଦା

**ଛତ୍ରପୁର, ୧୩।୧ (ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ଼ ପଞ୍ଚାୟତର ବରୋଦା ଗ୍ରାମରେ ଆଜି ଅପରାହ୍ନ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ୫ଟି ଧାନ ଗଦାରେ ଅଚାନକ ନିଆଁ ଲାଗି ସମ୍ପୂର୍ଣ୍ଣ ଭାବେ ଭସ୍ମିଭୂତ ହୋଇଯାଇଛି। ବାର ଏକର ଜମିର ଧାନ ଏହି ଆଗ୍ନିକାଣ୍ଡରେ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସୂଚନା ପାଇ ଛତ୍ରପୁର ଅଗ୍ନିଶମ ବାହିନୀ ଦଳ ଘଟଣାସ୍ଥଳରେ ପହଞ୍ଚି ବହୁ ଘଣ୍ଟାର ଚେଷ୍ଟା ପରେ ନିଆଁକୁ ନିୟନ୍ତ୍ରଣ କରିବାରେ ସଫଳ



ହୋଇଛନ୍ତି। କିନ୍ତୁ ଧାନ ଗଦାଗୁଡ଼ିକ ସମୂଳ ଭାବେ ଜଳି ପାଉଁଶରେ ପରିଣତ ହୋଇଯିବାରୁ ପ୍ରଚୁର ଅର୍ଥନୈତିକ କ୍ଷୟକ୍ଷତି ହୋଇଛି। ଏହି ଘଟଣାରେ ବରୋଦା ଗ୍ରାମର ନରସିଂହ ସ୍ୱାଇଁ, ମହେଶ୍ୱର ସ୍ୱାଇଁ, ଆଦିତ୍ୟ ରାଉତ, ଜମ୍ବିଲ ରାଉତ ବିଶେଷ କ୍ଷୟକ୍ଷତିଗ୍ରସ୍ତ ହୋଇଛନ୍ତି। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଓ ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର ସ୍ଥଳ ପରିଦର୍ଶନ କରି ସ୍ଥିତିର ଅନୁଧାନ କରିବା ସହ ପୀଡିତ ଚାଷୀ ମାନଙ୍କ ସହ ଆଲୋଚନା କରିଛନ୍ତି।

### ବିଦ୍ୟାଳୟସ୍ତରୀୟ ପିଏମ ଶ୍ରୀ ଉତ୍ସବ
# ଶିକ୍ଷାର ମାନ ଓ ଭିତ୍ତିଭୂମି ଉନ୍ନୟନକୁ ପ୍ରାଥମିକତା



**ବୋରିଗୁମ୍ମା, ୧୩।୧ (ସଂଚାର ବ୍ୟୁରୋ):** ଶିକ୍ଷା, ସଂସ୍କାର, ଦିନଚର୍ଯ୍ୟା ସହିତ ଜୀବନ କୌଶଳ ଶିକ୍ଷା, ପାରମ୍ପରିକ ଓ ଆଧୁନିକ ଶିକ୍ଷାକୁ ପ୍ରାଥମିକତାର ସହିତ ଗ୍ରହଣ କରିବା ପିଏମଶ୍ରୀ ଯୋଜନାର ମୂଳ ଲକ୍ଷ୍ୟ। ଆଗାମୀ ଦିନରେ ଛାତ୍ରୀମାନଙ୍କ ମଧ୍ୟରେ ପାଠପଢ଼ା ସହିତ ଜୀବନ ଧାରଣର ମାନ ବୃଦ୍ଧି କରିବା ପାଇଁ ବିଦ୍ୟାଳୟରେ ଶୈକ୍ଷିକ ଓ ଅନ୍ୟାନ୍ୟ ଭିତ୍ତିଭୂମି ଉନ୍ନୟନ ଏକ ଆବଶ୍ୟକତା ଓ କାଠରଗଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ବୋରିଗୁମ୍ମା ବ୍ଲକ କାଠରଗଡା ପିଏମ ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ଆଜି ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ମହା ସମାରୋହରେ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବୋରିଗୁମ୍ମା ତହସିଲଦାର ଶୋଭନ କୁମାର ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବୋରିଗୁମ୍ମା ବିଡିଓ ସୁକାନ୍ତ କୁମାର ପଟନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ସୁବାଷ ଚନ୍ଦ୍ର ମାଝୀ, ଏବିଇଓ ସଂଯୁକ୍ତା ପଣ୍ଡା ବ୍ଲକ ମଙ୍ଗଳ ଅଧିକାରୀ ସୋନାଲି ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ତ୍ରିପାଠୀ, ଏଲ. କଣ୍ଡେଲ ରାଓ ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀମନ୍ତ ମଣ୍ଡଳ, ସମିତି ସଭ୍ୟ ବୃନ୍ଦାବନ ନାୟକ, ସରପଞ୍ଚ ମଦନ ଗୌଡ଼, ସ୍କୁଲ ପରିଚାଳନା କମିଟି ସଭାପତି ଗଙ୍ଗାଧର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।ଏବଂ ବିଦ୍ୟାଳୟର ଶିକ୍ଷକ ଗୌତମ ପାତ୍ର, ପ୍ରଦୀପ କୁମାର ଜେନାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ଓ ରାଷ୍ଟ୍ରୀୟ ସଙ୍ଗୀତ ଗାନ



**ନୀଳଗିରି, ୧୩।୧ (ସଂଚାର ବ୍ୟୁରୋ):** ବରହମପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନଏସଏସ ଏବଂ ୟୁଥ ରେଡ଼କ୍ରସ ଶାଖା ଆନୁକୂଲ୍ୟରେ ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ଉଭୟ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଗହଣରେ ସାମୂହିକ ଭାବେ ବନ୍ଦେ ମାତରମ ଗାନ କରାଯାଇଥିଲା। ଏହାପରେ ଅଧକ୍ଷ ଡ଼ ଅମରନାଥ ସ ଛାତ୍ରଛାତ୍ରୀମାନଙ୍କୁ ସ୍ୱଦେଶୀ ସଂକଳ୍ପ ପାଠ କରାଇଥିଲେ । ତା ପରେ ଅଧକ୍ଷଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା।

ଉକ୍ତ ସଭାରେ ଅଧକ୍ଷ ଡ଼ଅମରନାଥ ସ ଉଦବୋଧନ ଦେଇ ଭାରତ କିପରି ଆତ୍ମନିର୍ଭରଶୀଳ ହୋଇପାରିବ ଓ ସ୍ୱଦେଶୀ ଉତ୍ପନ ବସ୍ତୁକୁ ଗହଣ କରିପାରିଲେ, ଭାରତ କିପରି ଲକ୍ଷ୍ୟ ପୂରଣ କରିପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ପ୍ରାଧାପକ ହୃଷିକେଶ ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରି ସ୍ୱଦେଶୀ ଦ୍ରବ୍ୟକୁ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଏନ ଏସ ଏସ ପିଓ ଅଧାପକ ପୁର୍ଣଚନ୍ଦ୍ର ଗୋଛାୟତ ଜାତୀୟ ଯୁବଦିବସର ତାତ୍ପର୍ଯ୍ୟ ଓ ସ୍ୱଦେଶୀ ଦ୍ରବ୍ୟକୁ ଆପଣେଇବାକୁ ଆହ୍ୱାନ ଦେଇଥିଲେ । ଅଧାପକ ବିଜୟ କୁମାର ଜେନା ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ରଛାତ୍ରୀମାନେ ଦେଶ ଗଠନରେ ସହାୟ ହେବାକୁ ଉଦବୋଧନ ଦେଇଥିଲେ।

## ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ

# ୪ ଦିନରେ ୫.୩୮ କୋଟିରର ମାଦକ ଦ୍ରବ୍ୟ ଜବତ

● ୩.୨୧ କୋଟି ଟଙ୍କାର ଗଞ୍ଜେଇ ଗଛ ନଷ୍ଟ କରାଗଲା

**ଭୁବନେଶ୍ୱର, ୧୩।୧ (ସଂଚାର ବ୍ୟୁରୋ):** ଅବକାରୀ ବିଭାଗ ପକ୍ଷରୁ ଗତ ଡିସେମ୍ବର ୨୦ ତାରିଖରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଚଢ଼ାଉ ଅଭିଯାନର ୨୧ତମରୁ ୨୪ତମ ଦିନ ମଧ୍ୟରେ ମୋଟ ୯୨୦ଟି ମାମଲା ରୁଜୁ ହୋଇଛି । ଏଥି ମଧ୍ୟରେ ୩୬ଟି ମାମଲା ଏନଡିପିଏସ୍ ଆଇନ ଅଧୀନରେ ରୁଜୁ ହୋଇଛି। ଏହି ଅବଧିରେ ମୋଟ ୫.୩୮ କୋଟି ଟଙ୍କା ମୂଲ୍ୟର ବେଆଇନ ସାମଗ୍ରୀ ଜବତ କରାଯାଇଥିବା ବେଳେ ୩.୨୧ କୋଟି ଟଙ୍କା ମୂଲ୍ୟର ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଛି। ମାମଲାରେ ସମ୍ପୃକ୍ତ ୪୬୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୬୫ଟି ଗାଡ଼ି ଜବତ ହୋଇଛି।

ଜବତ ହୋଇଥିବା ସାମଗ୍ରୀ ମଧ୍ୟରେ ୪୨,୩୯୯ ଲିଟର ଅବୈଧ ଦେଶୀ ମଦ ଏବଂ ୧,୫୦୪ ଲିଟର ଡ୍ୟୁଟି ପେଡ ଲିକ୍ୟୁର ରହିଛି। ଏହା ସହିତ ୩,୮୩,୭୪୨ ଲିଟର ମହୁଲି ପୋଚ, ୫୬,୫୦୦ କିଲୋଗ୍ରାମ ଗୁଡ଼ ପୋଚ, ୧,୨୦୦ କିଲୋଗ୍ରାମ ମହୁଲି ଫୁଲ ଏବଂ ୧୫ କିଲୋଗ୍ରାମ ଭାଙ୍ଗ ମଧ ଜବତ କରାଯାଇଛି।

ନିଷିଦ୍ଧ ନିଶା ଦ୍ରବ୍ୟ ସ୍ୱରୂପ ଏହି ଚଢ଼ାଉ ସମୟରେ ୩୮୧ କିଲୋଗ୍ରାମ ଗଞ୍ଜେଇ ଏବଂ ୧,୦୮୪ ଗ୍ରାମ ବ୍ରାଉନ୍ ସୁଗର ଜବତ କରାଯାଇଛି। ସେହିପରି ଗଞ୍ଜେଇ ଗଛର ଅବୈଧ ଚାଷ ସମ୍ପର୍କିତ ୪ଟି ମାମଲା ରୁଜୁ ହୋଇଛି, ଏଥିରେ କୋରାପୁଟ ଓ ଅନୁଗୁଳରେ ଗୋଟିଏ ଲେଖାଏଁ ମାମଲା ରୁଜୁ ହୋଇଥିବା ବେଳେ ମାଲକାନଗିରିରେ ଦୁଇଟି ମାମଲା ରୁଜୁ ହୋଇଛି।

## ସ୍ପିରିଜା ଏବଂ ନ୍ୟାସନାଲ ସ୍କୁଲ ଅଫ ଡ୍ରାମାର ଅଭିନୟ କର୍ମଶାଳା

# ଚିନ୍ତାଧାରା ପ୍ରଦର୍ଶନର ବଳିଷ୍ଠ ମାଧ୍ୟମ ନାଟକ: ମୁଖ୍ୟମନ୍ତ୍ରୀ

● ଏନ୍ଏସ୍‌ଡିର ରାଜ୍ୟ ଶାଖା କେନ୍ଦୁଝରରେ ଖୋଲିବ

● ଅନୁଷ୍ଠାନର ଉନ୍ନତି ପାଇଁ ସରକାର ଖର୍ଚ୍ଚ ବହନ କରିବେ



**ଭୁବନେଶ୍ୱର, ୧୩।୧ (ସଂଚାର ବ୍ୟୁରୋ):** କଳା ଏବଂ ସଂସ୍କୃତି ଯେକୌଣସି ସମାଜର ଆତ୍ମା। ଏହା ଦ୍ୱାରା ଆମର ଚିନ୍ତାଧାରା, ଆମର ସଂଘର୍ଷ, ଆମର ଆଶା ଏବଂ ଆମର ସ୍ୱପ୍ନକୁ ପ୍ରତିଫଳିତ ହୋଇଥାଏ ବୋଲି ଆଜି ନୃତ୍ୟ ଅନୁଷ୍ଠାନ ସ୍ପିରଜା ଏବଂ ନ୍ୟାସନାଲ ସ୍କୁଲ ଅଫ ଡ୍ରାମା ପକ୍ଷରୁ ଆୟୋଜିତ ଅଭିନୟ କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କେନ୍ଦୁଝର ଜିଲ୍ଲା ଅଡିଟୋରିୟମଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ସହଯୋଗରେ ନ୍ୟାସନାଲ ସ୍କୁଲ ଅଫ ଡ୍ରାମାର ଶାଖା କେନ୍ଦୁଝରରେ ପ୍ରତିଷ୍ଠା ହେବ ଏବଂ ଏହାର ସମସ୍ତ ଆନୁସଙ୍ଗିକ ଉନ୍ନତି ପାଇଁ ରାଜ୍ୟ ସରକାର ସମସ୍ତ ସାହାଯ୍ୟ କରିବେ। ନାଟକ ଆମ ଚିନ୍ତାଧାରାକୁ ପ୍ରଦର୍ଶିତ କରିବାର ଏକ ଶକ୍ତିଶାଳୀ ମାଧ୍ୟମ। ଏହା କେବଳ ମନୋରଞ୍ଜନ କରେ ନାହିଁ ବରଂ ଶିକ୍ଷା ମଧ ଦିଏ। ସେ କହିଥିଲେ ଯେ, ଜାତୀୟ ନାଟ୍ୟ ବିଦ୍ୟାଳୟ ଭାରତୀୟ ନାଟ୍ୟଶାଳାକୁ ଗଠନ କରିବାରେ ଏବଂ କଳାକାରମାନଙ୍କୁ ପିଢ଼ି ପରେ ପିଢ଼ି ଅଭିନୟ କଳା ସହିତ ଯୋଡି ରଖିବାରେ ଏକ ଐତିହାସିକ ଭୂମିକା ଗ୍ରହଣ କରିଛି। କଳା ଏବଂ କଳାକାରକୁ ଉଚିତ ସମ୍ମାନ ଦେଖାଇ ଆମ ସରକାର କଳାକାରମାନଙ୍କ ଭତ୍ତା ବୃଦ୍ଧି କରିଛନ୍ତି। କଳା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ଯୁବ ପ୍ରତିଭାକୁ ସମର୍ଥନ କରିବା, ପାରମ୍ପରିକ ରୂପ ସଂରକ୍ଷଣ କରିବା ଏବଂ ସୃଜନଶୀଳ ପ୍ରକାଶନ ପାଇଁ ନୂତନ ପ୍ଲାଟଫର୍ମ ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ।

ଗଞ୍ଜାମ ଜିଲ୍ଲାର ଭାରତ ଲୀଳା ଯାହା ସୁଭଦ୍ରା ଓ ଅର୍ଜୁନଙ୍କ ବିବାହ ଉପରେ ଆଧାରିତ ହୋଇଛି। ଆଉ ଏକ ଅତ୍ୟନ୍ତ ଲୋକପ୍ରିୟ ଗଣ ନାଟ୍ୟ ହେଉଛି 'ଦଣ୍ଡ ନାଚ' ଯାହାକୁ ଅନେକ ଜାଗାରେ 'ଝାମୁ ଯାତ୍ରା' ବି କୁହାଯାଇଥାଏ। ଏହି ଯାତ୍ରାରେ ଗ୍ରାମାଞ୍ଚଳ ଓ ଜନଜାତିଙ୍କ ଜୀବନଶୈଳୀ ଓ ପରମ୍ପରା ପ୍ରଦର୍ଶିତ ହୋଇଥାଏ। ଆମ ପଡୋଶୀ ଜିଲ୍ଲା ମୟୂରଭଞ୍ଜର ବିଶ୍ୱପ୍ରସିଦ୍ଧ 'ଛଉ ନାଚ' ଶାସ୍ତ୍ରୀୟ ଏବଂ ମାର୍ଶାଲ ଆର୍ଟ ଫର୍ମର ଏକ ସୁନ୍ଦର ସମାହାର। ତେଣୁ ଓଡିଶାର ଏହିସବୁ ନାଟ୍ୟ ପରମ୍ପରା ସହିତ ଲୋକକଳା ଓ ଲୋକ ପରମ୍ପରାକୁ ସୁରକ୍ଷିତ ରଖି ତାର ପ୍ରଚାର-ପ୍ରସାର କରିବା ପାଇଁ ଆମେ ବଦ୍ଧ ପରିକର। ନୃତ୍ୟ ଅନୁଷ୍ଠାନ ସ୍ପିରଜା ଏବଂ ନ୍ୟାସନାଲ ସ୍କୁଲ ଅଫ ଡ୍ରାମା ପକ୍ଷରୁ ଆୟୋଜିତ ଏହି ସମାରୋହରେ ସାଂସଦ ଅନନ୍ତ ଚରଣ ନାୟକ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, ତେଲକୋଇ ବିଧାୟକ ଡାକ୍ତର ଫକୀରମୋହନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହିତ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ବିଶାଳ ସିଂହ, ଏନ୍ଏସଡ଼ିର ରେଜିଷ୍ଟ୍ରାର ପ୍ରଦୀପ ମହାନ୍ତି, ସ୍ପିରିଜାର ପ୍ରତିଷ୍ଠାତା ପ୍ରଗତିକା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଭାଇବ୍ରାଣ୍ଟ ଗୁଜରାଟ ସମ୍ମିଳନୀ ଓଡ଼ିଶାର ନୀଳ ଅର୍ଥନୀତି ଦୃଷ୍ଟିକୋଣ



**ଭୁବନେଶ୍ୱର, ୧୩।୧ (ସଂଚାର ବ୍ୟୁରୋ):** ଭାଇବ୍ରାଣ୍ଟ ଗୁଜରାଟ ଆଞ୍ଚଳିକ ସମ୍ମିଳନୀରେ ଜାତୀୟ ନୀଳ ଅର୍ଥନୀତିରେ ଓଡ଼ିଶାର ବର୍ଦ୍ଧିତ ପ୍ରଭାବ ଏକ ପ୍ରମୁଖ ଆକର୍ଷଣ ଥିଲା, ଯେଉଁଠାରେ ସାମୁଦ୍ରିକ ନବସୃଜନ ଏବଂ ସ୍ଥାୟୀ ଅଭିବୃଦ୍ଧି ପାଇଁ ରାଜ୍ୟର ସମ୍ଭାବନା କେନ୍ଦ୍ର ମଞ୍ଚରେ ଥିଲା। ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରି, ମ୍ୟାଗନମ୍ ଗ୍ରୁପ୍ ଅଫ୍ କମ୍ପାନିଜ୍‌ର ଗୋଷ୍ଠୀ ପରିଚାଳନା ନିର୍ଦ୍ଦେଶକ ଏବଂ ନୀଳ ଅର୍ଥନୀତି ଷ୍ଟାର୍ଟଅପ୍‌ର ଜଣେ ପ୍ରମୁଖ ପରାମର୍ଶଦାତା ପ୍ରେମ ଶଙ୍କର ଶତପଥୀ, ମୂଲ୍ୟ ସୃଷ୍ଟି ଏବଂ ଜୈବ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସାମୁଦ୍ରିକ ଖାଦ୍ୟ କ୍ଷେତ୍ରକୁ ପରିବର୍ତ୍ତନ କରିବା ପାଇଁ ଏକ ରଣନୈତିକ ଦୃଷ୍ଟିକୋଣ ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉଦଘାଟିତ ଏହି ସମ୍ମିଳନୀ ଏବଂ ମୁକେଶ ଅମ୍ବାନୀ ଏବଂ ଗୌତମ ଆଦାନୀଙ୍କ ପରି ଶୀର୍ଷ ଶିଳ୍ପ ନେତାମାନେ ଯୋଗ ଦେଇଥିଲେ, ଯାହା ଓଡିଶା ପାଇଁ ମତ୍ସ୍ୟଚାଷ ବିକାଶ, ଜଳବାୟୁ ପଦକ୍ଷେପ ଏବଂ ଦକ୍ଷତା ବୃଦ୍ଧିରେ ଏହାର ପ୍ରଗତି ପ୍ରଦର୍ଶନ କରିବା ପାଇଁ ଏକ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା।

ଶ୍ରୀ ଶତପଥୀ ଗୁରୁତ୍ୱାରୋପ କରିଥିଲେ ଯେ, କଞ୍ଚାମାଲ ରପ୍ତାନିରୁ ଉଚ୍ଚ-ମୂଲ୍ୟ, ଗ୍ରାହକ-ପ୍ରସ୍ତୁତ ଉତ୍ପାଦକୁ ପରିବର୍ତ୍ତନ କରିବାର ଜରୁରୀ ଆବଶ୍ୟକତା ରହିଛି। ଓଡ଼ିଶା-କେନ୍ଦ୍ରିକ ଦୃଷ୍ଟିକୋଣରୁ, ଉପସ୍ଥାପିତ ରୋଡମ୍ୟାପ୍ ନିମ୍ନଲିଖିତ ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ। ଅର୍ଥନୈତିକ ମୂଲ୍ୟ ଗୁଣନ ରଣନୀତିରେ ସାମୁଦ୍ରିକ ଖାଦ୍ୟ ରପ୍ତାନିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶକୁ ତୁରନ୍ତ ଖାଦ୍ୟ ପ୍ରସ୍ତୁତ ଏବଂ ଖାଦ୍ୟ ପାଇଁ ପ୍ରସ୍ତୁତ ଫର୍ମାଟରେ ସ୍ଥାନାନ୍ତରିତ କରିବାକୁ ପରାମର୍ଶ ଦିଆଯାଇଛି। ଏହି ପରିବର୍ତ୍ତନ ମାଛ ଧରିବା କିମ୍ବା ଜଳ କୃଷି କାର୍ଯ୍ୟକଳାପରେ ବୃଦ୍ଧି ନକରି ରପ୍ତାନି ମୂଲ୍ୟକୁ ଦୁଇରୁ ପାଞ୍ଚ ଗୁଣ ବୃଦ୍ଧି କରିପାରିବ, ଯାହା ନିଶ୍ଚିତ କରିବ ଯେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ଆର୍ଥିକ ଅଭିବୃଦ୍ଧି ପରିବେଶଗତ ଭାବରେ ସ୍ଥାୟୀ ରହିବ। ଜାପାନ ଏବଂ ନରୱେ ପରି ୧୦୦ ପ୍ରତିଶତ ବ୍ୟବହାର ମଡେଲ ଗ୍ରହଣ କରି ଓଡ଼ିଶା ଶୂନ୍ୟ-ଅପଚୟ ପ୍ରକ୍ରିୟାକରଣ ଏବଂ ସାମୁଦ୍ରିକ ଜୈବ-ଶିଳ୍ପରେ ନେତୃତ୍ୱ ନେଇପାରିବ। ବିଶ୍ୱ ସାମୁଦ୍ରିକ ଖାଦ୍ୟ ବଜାରରେ ଭାରତର ସ୍ଥିତିକୁ ଉଚ୍ଚ କରିବା ପାଇଁ ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ଗଭୀର ଆନ୍ତଃରାଜ୍ୟ ସହଯୋଗ ପାଇଁ ପରାମର୍ଶ ଦେଇଥିଲା।

# ୯ ବିଧାୟକଙ୍କ ସହ ନବୀନଙ୍କ ଆଲୋଚନା



**ଭୁବନେଶ୍ୱର, ୧୩।୧ (ସଂଚାର ବ୍ୟୁରୋ):** ଆଜି ସନ୍ଧ୍ୟାରେ ନବୀନ ନିବାସ ରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ବିଜେଡିର ୯ ଜଣ ବିଧାୟକଙ୍କୁ ଭେଟି ସେମାନଙ୍କ ନିର୍ବାଚନମଣ୍ଡଳୀ ର ସମସ୍ୟା ଓ ଦଳୀୟ ସଂଗଠନ ସମ୍ପର୍କରେ ଆଲୋଚନା କରିଛନ୍ତି। ତୃଣମୂଳ ସ୍ତରରେ ଦଳୀୟ ସଂଗଠନକୁ ମଜବୁତ କରିବା ସହ ସାଧାରଣ ଲୋକଙ୍କ ସମସ୍ୟାର ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବାକୁ ଶ୍ରୀ ପଟ୍ଟନାୟକ ବିଧାୟକମାନଙ୍କୁ ପରାମର୍ଶ ଦେଇଛନ୍ତି। ସେମାନଙ୍କ ନିର୍ବାଚନମଣ୍ଡଳୀର ବିକାଶ କାମ ବିଷୟରେ ମଧ ସେ ପଚାରି ବୁଝିଥିଲେ। ବିଜେଡି ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ସେମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ବିଧାୟିକା ମନୋରମା ମହାନ୍ତି, ବିଧାୟକ ନିରଞ୍ଜନ ପୂଜାରୀ, ଅଶ୍ୱିନୀ ପାତ୍ର, ବ୍ରଜକିଶୋର ପ୍ରଧାନ, ବ୍ୟୋମକେଶ ରାୟ, ସଞ୍ଜୀବ ମଲ୍ଲିକ, ଚକ୍ରମଣି କହଁର, ଗୌତମବୁଦ୍ଧ ଦାସ ଓ ମାଧବ ଧଡ଼ା ଯୋଗଦେଇଥିଲେ।

# ତୃତୀୟ ଖୋର୍ଦ୍ଧା ଜିଲ୍ଲା ଓପନ୍ କରାଟେ ଚାମ୍ପିୟନସିପ

**ଭୁବନେଶ୍ୱର, ୧୩।୧ (ସଂଚାର ବ୍ୟୁରୋ):** ଚଳିତ ମାସ ୧୧ ତାରିଖରେ ପୋଖରୀପୁଟ ସ୍ଥିତ ରାଜ୍ୟ ଜବାହରଲାଲ ଠାରେ ତୃତୀୟ ଜିଲ୍ଲାସ୍ତରୀୟ କରାଟେ ଚାମ୍ପିୟନସିପ୍ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ଏବଂ ବିଦ୍ୟାଳୟ ରୁ ୨୦୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏବଂ ୨୬ କର୍ମକର୍ତ୍ତା ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ସିନେମା ଓ ଧାରାବାହିକ କଳାକାର ଉଦୟ ଭାନୁ ମହାପାତ୍ର ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଆଇଏସ୍‌କେଓଆଇ ଓଡ଼ିଶାର ସଭାପତି ଶୁଭେନ୍ଦୁ ସାମନ୍ତରାୟ, ସମ୍ପାଦକ ସୁଧାଂଶୁ କୁମାର ପଣ୍ଡା ଏବଂ ସହ ସମ୍ପାଦକ ଶରତ କୁମାର ଦାସ୍ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ରାଜ୍ୟ ଜବାହର ବାଲ୍ ଭବନର ଅଧକ୍ଷ ସ୍ୱପ୍ନେନ୍ଦୁ ସାମନ୍ତରାୟ ଏବଂ ମଧୁମିତା ମହାପାତ୍ର ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ।




● ବ୍ରାହ୍ମଣ ନିଯୋଗ ସହ ବିବାଦ

# ମକରରେ ବନ୍ଦ ରହିବ ଲିଙ୍ଗରାଜ ମନ୍ଦିର ନୀତିକାନ୍ତି



**ଭୁବନେଶ୍ୱର, ୧୩।୧ (ସଂଚାର ବ୍ୟୁରୋ):** ବୁଧବାର ବି ଲିଙ୍ଗରାଜ ମନ୍ଦିରରେ ବନ୍ଦ ରହିବ ନୀତିକାନ୍ତି। ବ୍ରାହ୍ମଣ ନିଯୋଗ ସହ ବିବାଦ ଯୋଗୁଁ ନୀତି ବନ୍ଦକରିବ ବଡ଼ୁ ନିଯୋଗ। ଆଜି ସନ୍ଧ୍ୟାରୁ କ୍ଷୀର ଆଉଟା ନୀତିଠାରୁ ଆଉ ନୀତି ଆଗକୁ ବଢ଼ିନାହିଁ। କୋର୍ଟଙ୍କ ନିର୍ଦ୍ଦେଶ ପରେ ବଡ଼ୁ ନିଯୋଗ ନେଇଛି ନିଷ୍ପତ୍ତି। ଗତବର୍ଷ ମକର ସଂକ୍ରାନ୍ତିରେ ବଡ଼ୁ ଓ ବ୍ରାହ୍ମଣ ନିଯୋଗ ବିବାଦ ଯୋଗୁଁ ମଧ ନୀତି ବନ୍ଦ ହୋଇଥିଲା।

ନିୟମ ଅନୁସାରେ ବଡ଼ୁ ନିଯୋଗ କ୍ଷୀର ଆଉଟା ନୀତି ସମ୍ପନ୍ନ କରିବା କଥା। କିନ୍ତୁ ବ୍ରାହ୍ମଣ ନିଯୋଗ କରୁଛି। ନୀତି ବନ୍ଦ ନେଇ ଖୋର୍ଦ୍ଧା ଜିଲ୍ଲାପାଳ, ମନ୍ଦିର ପ୍ରଶାସକ ଆଦି ସମସ୍ତଙ୍କୁ ଚିଠି ଦିଆଯାଇଛି। ବୁଧବାର ମନ୍ଦିର ଖୋଲା ରହିବ। ଶ୍ରଦ୍ଧାଳୁ ଦର୍ଶନ କରିବେ ହେଲେ ମହାପ୍ରଭୁଙ୍କ ପାଖରେ ନୀତି ହେବନାହିଁ ବୋଲି କହିଛନ୍ତି ବଡ଼ୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡ଼ୁ। ଏହା ପୂର୍ବରୁ ମଧ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ପ୍ରଭୁ ଲିଙ୍ଗରାଜଙ୍କୁ ଅନେକ ଦିନ ଖାଡ଼ା ଉପବାସ ରହିବାକୁ ପଡ଼ିଛି। ପ୍ରତିଥର ବିବାଦ ସମାଧାନ ହୋଇଯାଏ। କିନ୍ତୁ ପୁଣି ଥରେ ଯଉ କଥାକୁ ସେହି କଥା। ବିବାଦ କାରଣରୁ ବାରମ୍ବାର ନୀତିକାନ୍ତି ବନ୍ଦ ହେଉଛି। ଭୋଗ ମଧ ପ୍ରସ୍ତୁତ ହୋଇପାରୁନି।

● ବେଆଇନ ସିମ୍ ବିକ୍ରି ଲିଙ୍କ୍

# ଭଦ୍ରକର ବିଭିନ୍ନ ଅଞ୍ଚଳରୁ ୪ ଅଭିଯୁକ୍ତ ଗିରଫ

**ଭଦ୍ରକ, ୧୩।୧ (ସଂଚାର ବ୍ୟୁରୋ):** ସିମ୍ ଜାଲିଆତି କରି ବାହାର ରାଜ୍ୟକୁ ବେଆଇନ ସିମ୍ ବିକ୍ରି ଘଟଣାରେ ଭଦ୍ରକରୁ ଦୁଇ ଗିରଫ ଘଟଣା ପରେ ଆକ୍ସନ ମୋଡକୁ ଆସିଛି ପୁଲିସ। ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀରୁ ଆଉ ୪ ଜଣଙ୍କୁ ଗିରଫ କରାଯାଇଛି। ଏହି ଯୁବକମାନେ ସିମ୍ ଗୁଡ଼ିକୁ ବ୍ୟକ୍ତିଙ୍କ ଅଜାଣତରେ ତାଙ୍କ ନାମରେ ଆକ୍ଟିଭ କରୁଥିଲେ। ପରେ ମୋଟା ଅଙ୍କର ଟଙ୍କା ନେଇ ବାହାର ରାଜ୍ୟରେ ବିକ୍ରି କରୁଥିଲେ। ଏହି ସିମକୁ ବ୍ୟବହାର କରି ସାଇବର କ୍ରାଇମ୍ ଓ ଡିଜିଟାଲ ଆରେଷ୍ଟ ଭଳି କାର୍ଯ୍ୟ କରାଯାଉଥିଲା।

ଏହି ଅଭିଯୋଗରେ ଦିଲ୍ଲୀ ପୁଲିସ ଗିରଫ କରିଥିବା ଅଭିଯୁକ୍ତଙ୍କ ବୟାନ ଆଧାରରେ ପୁଣି ୪ ଜଣଙ୍କୁ ଭଦ୍ରକ ପୁଲିସ ବିଭିନ୍ନ ଅଞ୍ଚଳରୁ ଗିରଫ କରିଛି। ତେବେ ଏହି ରାକେଟରେ ଅନେକ ଲିଙ୍କ୍ ରହିଥିବା ସନ୍ଦେହ କରାଯାଉଛି। ବେଆଇନ ସିମ୍ କାରବାରର ଚେର କେଉଁଆଡେ ଲମ୍ବିଛି ସେ ନେଇ ଅଧିକ ଖୋଳତାଡ଼ ଜାରି ରହିଛି। ଏଥିରେ ଏକାଧିକ ବ୍ୟକ୍ତିଙ୍କ ସଂପୃକ୍ତି ଥିବା ସନ୍ଦେହ କରାଯାଉଛି। ଭଦ୍ରକରୁ ପୂର୍ବରୁ ଦୁଇଜଣ ଗିରଫ ହୋଇଥିବା ବେଳେ ଏବେ ଆଉ ୪ ଜଣ ଗିରଫ ହେବା ପରେ ଗିରଫଦାରୀ ବଢ଼ିପାରେ ବୋଲି ସନ୍ଦେହ କରାଯାଉଛି।

## ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ସମୀକ୍ଷା

# ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ କାର୍ଯ୍ୟର ତଦାରଖ



**ଭୁବନେଶ୍ୱର/ଆନନ୍ଦପୁର, ୧୩।୧ (ସଂଚାର ବ୍ୟୁରୋ):** ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଗସ୍ତ କରି ନିର୍ମାଣାଧୀନ ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ ସମୟରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ସାଗର ମହାନ୍ତି ଏବଂ ଓଡ଼ିଶା ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଇଂ. ବିଘ୍ନରାଜ ପୁରୋହିତ ଉପସ୍ଥିତ ଥିଲେ। ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶର୍ମା ଆନନ୍ଦପୁର ବ୍ୟାରେଜ୍ ସ୍ଥଳ ଏବଂ କେନାଲ୍ ସାଇଟ୍ ପରିଦର୍ଶନ କରି ଚାଲୁ ରହିଥିବା ବିଭିନ୍ନ ବୈଷୟିକ କାର୍ଯ୍ୟର ତଦାରଖ କରିଥିଲେ ।

ପରିଦର୍ଶନ ସମୟରେ ପ୍ରମୁଖ ଶାସନ ସଚିବ ବୈତରଣୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ, ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ, ଶାଳନ୍ଦୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ଏବଂ ଏହି କେନାଲଗୁଡ଼ିକର ବିତରଣ ପ୍ରଣାଳୀର କାର୍ଯ୍ୟକାରିତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଗସ୍ତ ପରିପ୍ରେକ୍ଷୀରେ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପର ସେ ସମୀକ୍ଷା ବୈଠକ କରିଥିଲେ। ସେଥିରେ ସେ ବିଭିନ୍ନ କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି, ଯାହାଦ୍ୱାରା ସ୍ଥାନୀୟ ଚାଷୀମାନେ ଜଳସେଚନର ସୁବିଧା ଶୀଘ୍ର ପାଇପାରିବେ। ଏହି ଅବସରରେ ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ମାନସ ରଞ୍ଜନ ମଣ୍ଡଳ, ଆନନ୍ଦପୁର ବ୍ୟାରେଜ୍ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ. କେ. ପ୍ରେମ କୁମାର, ଅଧୀକ୍ଷଣ ଯନ୍ତ୍ରୀ, ଆନନ୍ଦପୁର କେନାଲ ବିଭାଗ, ଶାଳପଦା ଇଂ ଅସିତ କୁମାର ମହାନ୍ତି, ମାର୍କୋଣା କେନାଲ ବିଭାଗ, ମାର୍କୋଣା ଇଂ ସ୍ନେହାଶିଷ ବେହେରା, ସୋର କେନାଲ ବିଭାଗ, ସୋର ଇଂ. ଦୀପକ ମହାନ୍ତି ଏବଂ ଅନ୍ୟାନ୍ୟ ବୈଷୟିକ ପଦାଧିକାରୀମାନେ ଉପସ୍ଥିତ ରହି ପ୍ରକଳ୍ପ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିଥିଲେ।

ଷ୍ଟେଜ୍‌ରେ ନିଶାଙ୍କ ଅଶ୍ଲୀଳ ନୃତ୍ୟ

# ୧୭ ଆୟୋଜକ ଗିରଫ, ବଦଳିଲେ ଉପଜିଲ୍ଲାପାଳ

## ୩ ପୁଲିସ କର୍ମଚାରୀ ନିଲମ୍ବିତ

ନୂଆପଡ଼ା, ୧୩।୧: ନିଶା ମହାରଣାଙ୍କ ଅଶ୍ଳୀଳ ନୃତ୍ୟକୁ ନେଇ ଜୋରଦାର ହଙ୍ଗାମା ହୋଇଛି। ଏଭଳି ଅଶ୍ଳୀଳ ନୃତ୍ୟ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ଗରିଆବନ୍ଧ ଜିଲ୍ଲାପାଳ ତଦନ୍ତ ନିର୍ଦ୍ଦେଶ ଦେବା ସହ ମୈନପୁର ଉପଜିଲ୍ଲାପାଳଙ୍କୁ ବଦଳି କରିଛନ୍ତି। ସେହିଭଳି ୧୭ ଜଣ ଆୟୋଜକଙ୍କୁ ଗିରଫ କରାଯାଇଥିବା ବେଳେ ୩ ପୁଲିସ କର୍ମଚାରୀ ନିଲମ୍ବିତ ହୋଇଛନ୍ତି।

ଛତିଶଗଡ଼ ଉରମାଳରେ ଓଡ଼ିଶାର ବନଦୁର୍ଗା ଗଣନାଟ୍ୟକୁ ଗତ ୪ରୁ ୧୦ ତାରିଖ ଯାଏଁ ଯାତ୍ରା ପରିବେଷଣ ପାଇଁ ଅନୁମତି ମିଳିଥିଲା। ୯ ତାରିଖ ଯାତ୍ରା ପେଣ୍ଡାଲରେ ଆଇଟମ୍ ଗର୍ଲ ନିଶା ମହାରଣା ଅଶ୍ଳୀଳ ନୃତ୍ୟ ପରିବେଷଣ କରିଥିଲେ। ଯାହାକି ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପରବର୍ତ୍ତୀ ସମୟରେ ଗରିଆବନ୍ଦ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ୧୦ ତାରିଖରେ ଯାତ୍ରାକୁ ବନ୍ଦ କରାଯାଇଥିଲା। ଏହାକୁ ନେଇ ଛତିଶଗଡ଼ ଗରିଆବନ୍ଦ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଛତିଶଗଡ଼ ପୁଲିସ ୧୭ ଜଣ ଆୟୋଜକଙ୍କୁ ଗିରଫ କରିଥିବା ବେଳେ ଅପେରା ପାଇଁ ଅନୁମତି ଦେଇଥିବା ଉପଜିଲ୍ଲାପାଳ ତୁଳସୀଦାସ ମକରମ୍‌ଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ସେପଟେ ଯାତ୍ରା ପରିବେଷଣ ବେଳେ ଉପସ୍ଥିତ ଥିବା ୩ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି।

ଛତିଶଗଡ ରାଜ୍ୟ ଗରିଆବନ୍ଧ ଜିଲ୍ଲା ମେନପୁର ଥାନା ରୁମାଲ ଗ୍ରାମରେ ଅପେରାରେ ଅଧିକ ମନୋରଞ୍ଜନ କରିବାକୁ ନେଇ ନିଶା ମହାରଣାଙ୍କୁ ଆୟୋଜକ କମିଟି ଆଣିଥିଲେ। ନିଶାଙ୍କ ସହ ଆଉ କିଛି ଆଇଟମ୍ ଗର୍ଲ ପେଣ୍ଡାଲରେ ମନୋରଞ୍ଜନ ନାମରେ ଅଙ୍ଗ ପ୍ରଦର୍ଶନ କରିବା ସହ ସର୍ବ ସମ୍ମୁଖରେ ଅଶ୍ଳୀଳତା ପ୍ରଦର୍ଶନ କରିଥିଲେ। ଯାହାକୁ ଖୋଦ୍ ମେନପୁର ଏସ୍‌ଡିଏମ୍ ପେଣ୍ଡାଲ ଭିତରେ ରହି ମସ୍ତି କରିବା ସହ ଅଶ୍ଳୀଳତାକୁ ପ୍ରଶ୍ରୟ ଦେଇଥିଲେ। ତେବେ ସୋସିଆଲ ମିଡ଼ିଆରେ ଅଶ୍ଳୀଳ ଭିଡିଓ ଭାଇରାଲ ହେବାପରେ ଗରିଆବନ୍ଧ ଜିଲ୍ଲାପାଳ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ତଦନ୍ତ ପରେ ଆୟୋଜକ କମିଟି ୧୪ ଜଣ ସଦସ୍ୟଙ୍କୁ ଗିରଫ କରିବା ସହ ୩ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିଲା।

ମାଓ ଡମ୍ପ ଠାବ

# ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ



**ମାଲକାନଗିରି, ୧୩।୧ (ସଂଚାର ବ୍ୟୁରୋ):** ମାଲକାନଗିରି ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାର ଆବୁଝମାଡ ଜଙ୍ଗଲରେ ସୁରକ୍ଷାକର୍ମୀ ସର୍ଚ୍ଚ ଅପରେସନ କରୁଥିବା ବେଳେ ମାଓ ଡମ୍ପକୁ ଉଦ୍ଧାର କରିଛନ୍ତି। ଏହି ମାଓ ଡମ୍ପରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ବିସ୍ଫୋରକ, ଔଷଧ ସମେତ ନକ୍ସଲ ସାମଗ୍ରୀ ଜବତ କରାଯାଇଛି। ନକ୍ସଲ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଜଙ୍ଗଲରେ ବନ୍ଧୁକ ସହ ବିସ୍ଫୋରକ ଓ ଅନ୍ୟ ସାମଗ୍ରୀ ଲୁଚାଇ ରଖିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ସୁରକ୍ଷାକର୍ମୀ ଚଢ଼ାଉ କରି ଏହି ଡମ୍ପକୁ ଉଦ୍ଧାର କରିଛନ୍ତି। ନାରାୟଣପୁର ଜିଲ୍ଲାର କହକାମେଟା ଥାନା ଅନ୍ତର୍ଗତ ମାଦାଡ ଅଞ୍ଚଳରେ ଏହି ଡମ୍ପ ରହିଥିଲା। ଆବୁଝମାଡ ଜଙ୍ଗଲରୁ ନକ୍ସଲ ଏବେ ହଟିବା ପରେ ଯବାନ ଏହି ଜଙ୍ଗଲକୁ କବଜା କରିନେଇଛନ୍ତି। ଜଙ୍ଗଲର କୋଣ ଅନୁକୋଣ ଖୋଜି ସେଠାରୁ ମାଓ ସାମଗ୍ରୀ ଜବତ କରାଯାଉଛି। ଆବୁଝମାଡ ନକ୍ସଲଙ୍କର ରାଜଧାନୀ ଥିଲା। ସେଠାରେ ନକ୍ସଲ ସୁରକ୍ଷିତ ରହିପାରୁଥିଲେ। କିନ୍ତୁ ଏବେ ଯବାନ ଏହି ଅଞ୍ଚଳକୁ ଘନ ଘନ ଗସ୍ତ କରି ନକ୍ସଲଙ୍କୁ ବ୍ୟାକଫୁଟକୁ ନେଇଛନ୍ତି।

## ମହିଳା ଓ ଶିଶୁ ବିକାଶ ବିଭାଗର ବହୁମୁଖୀ ଯୋଜନା ଓ ଅଭିଯାନ ଉଦଘାଟିତ

# ବାଲ୍ୟବିବାହ ରୋକିବାକୁ ୧୦୦ ଦିନିଆ କାର୍ଯ୍ୟକ୍ରମର ଶୁଭାରମ୍ଭ

● କିଶୋରୀ ଗର୍ଭଧାରଣ ରୋକିବା ନିମିତ୍ତ ପାଇଲଟ୍ ପ୍ରକଳ୍ପର ଶୁଭାରମ୍ଭ

● ପିରାମଲ ଫାଉଣ୍ଡେସନ ସହ ଚୁକ୍ତି ସ୍ୱାକ୍ଷରିତ

● କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରେ ଆଇସିଡିଏସ୍ କର୍ମଚାରୀ ଆବାସିକ କ୍ୱାର୍ଟର୍ସର ଉଦଘାଟିତ

● ବରପାଲି, ବରଗଡ଼ ଜିଲ୍ଲାରେ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ଭବନ ଉଦଘାଟିତ



**ଭୁବନେଶ୍ୱର, ୧୩,୧ (ସଂଚାର ବ୍ୟୁରୋ):** ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ଅଭିଯାନ, ପ୍ରକଳ୍ପର ଶୁଭ ଉଦଘାଟନ ହେବା ସହ ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ଲୋକସେବା ଭବନସ୍ଥିତ କନଭେନସନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ବୈଠକରେ ଅଧକ୍ଷତା କରି କହିଲେ ଯେ, ମହିଳା ସଶକ୍ତିକରଣ ହେଉଛି ବିକଶିତ ଓଡ଼ିଶାର ଚାବିକାଠି। 'ଆମେ ପଢ଼ିବା ଆମ ଭାଷାରେ' ନାମକ ପାଞ୍ଚବର୍ଷୀୟ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନା ଅଧୀନରେ ଜାତୀୟ ଶିକ୍ଷା ନୀତି–୨୦୨୦ ସହ ସମନ୍ୱୟରେ ୩–୬ ବର୍ଷ ବୟସର ଶିଶୁମାନଙ୍କୁ ମାତୃଭାଷାରେ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର, କନ୍ଧମାଳ, ଗଜପତି, ରାୟଗଡା, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ ମୁଣ୍ଡା, କୁଇ, ସଉରା, କୁଭି, ଗୋଣ୍ଡି ଓ କୋୟା ଭାଷାରେ ଯୋଜନାଟି କାର୍ଯ୍ୟକାରୀ ହେବ। ଏହା ସହ ବାଲ୍ୟ ବିବାହ ରୋକିବା ଉଦ୍ଦେଶ୍ୟରେ ୧୦୦-ଦିନିଆ ରାଜ୍ୟସ୍ତରୀୟ ଅଭିଯାନ ଆରମ୍ଭ କରାଯାଇଛି।

ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ମୟୂରଭଞ୍ଜ ଜିଲ୍ଲାରେ ୟୁନିସେଫ ସହଯୋଗରେ କିଶୋରୀ ମାଆ ସହାୟତା ଓ କିଶୋରୀ ଗର୍ଭଧାରଣ ରୋକିବା ପାଇଁ ପାଇଲଟ୍ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏହି ପ୍ରକଳ୍ପ ଭବିଷ୍ୟତରେ ରାଜ୍ୟସ୍ତରୀୟ ମଡେଲ୍ ଭାବେ କାମ କରିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବରପାଲିସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନର ନୂତନ ପ୍ରଶାସନିକ ଭବନ ଓ ଆନୁସଙ୍ଗିକ ସୁବିଧାର ଉଦଘାଟନ କରିଛନ୍ତି। ସେହିଭଳି, ସେ ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରେ ଆଇସିଡିଏସ୍ କ୍ଷେତ୍ର ଅଧିକାରୀଙ୍କ ପାଇଁ ଆବାସିକ କ୍ୱାର୍ଟର୍ସର ମଧ ଉଦଘାଟନ କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଆଭାସୀ ମାଧ୍ୟମରେ ଯୋଗଦେଇ ଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୦,୪୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୮,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୦,୪୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୮,୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୦,୪୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ, ୧,୨୮,୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୦,୬୧୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୮,୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୯,୬୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୯,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୦,୪୬୦ ଓ ୧,୨୮,୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୦,୦୦୦ ଟଙ୍କା ହୋଇଛି।




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।




### କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ୧୦ ମିନିଟ୍ ଡେଲିଭରି ଉପରେ ରୋକ

ନୂଆଦିଲ୍ଲୀ,୧୩।୧ଃ କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଦୃଢ଼ ପଦକ୍ଷେପ ପରେ, କ୍ୱିକ କମର୍ସ କମ୍ପାନୀ ବ୍ଲିଙ୍କିଟ ଏହାର ସମସ୍ତ ବ୍ରାଣ୍ଡ ପ୍ଲାଟଫର୍ମରୁ '୧୦-ମିନିଟ ଡେଲିଭରି' ଦାବିକୁ ସମ୍ପୂର୍ଣ୍ଣ ଭାବରେ ହଟାଇ ଦେଇଛି। ଡେଲିଭରି କର୍ମଚାରୀଙ୍କ ସୁରକ୍ଷା ଏବଂ ଉନ୍ନତ କାର୍ଯ୍ୟ ପରିସ୍ଥିତିକୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ମନ୍ତ୍ରୀ ବ୍ଲିଙ୍କିଟ, ଜେପ୍ଟୋ, ସ୍ୱିଗି ଏବଂ ଜୋମାଟୋର ଅଧିକାରୀଙ୍କ ସହିତ ଏକ ବୈଠକ କରିଛନ୍ତି। ସେ ଏହି କମ୍ପାନୀଗୁଡ଼ିକୁ କଠୋର ଡେଲିଭରି ସମୟ ସୀମା ହଟାଇବା ପାଇଁ ପରାମର୍ଶ ଦେଇଛନ୍ତି, ଯାହା ଦାରା ଡେଲିଭରି ଅଂଶୀଦାରମାନଙ୍କ ଜୀବନ ବିପଦରେ ନ ପଡ଼େ ଏବଂ ସେମାନେ ସୁରକ୍ଷିତ ଭାବରେ କାମ କରିପାରିବେ। ବୈଠକରେ ସମସ୍ତ କମ୍ପାନୀ ସରକାରଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ସେମାନେ ସେମାନଙ୍କର ବ୍ରାଣ୍ଡ ବିଜ୍ଞାପନ, ସୋସିଆଲ ମିଡିଆ ଏବଂ ଅନ୍ୟାନ୍ୟ ପ୍ଲାଟଫର୍ମରୁ କଠୋର ଡେଲିଭରି ସମୟ ପ୍ରତିବଦ୍ଧତା ହଟାଇବେ। ବ୍ଲିଙ୍କିଟ ଏହି ପରିବର୍ତ୍ତନକୁ ତୁରନ୍ତ କାର୍ଯ୍ୟକାରୀ କରିଛି, ଯେତେବେଳେ ଅନ୍ୟ କମ୍ପାନୀଗୁଡ଼ିକ ଖୁବ ଶୀଘ୍ର ଏହା ଅନୁସରଣ କରିବେ। ଗତ କିଛି ସପ୍ତାହ ମଧ୍ୟରେ, ଗିଗ କର୍ମଚାରୀ ସଂଘଗୁଡ଼ିକ ବଡ଼ ଧରଣର ପ୍ରତିବାଦ ଏବଂ ଧର୍ମଘଟ କରିଛନ୍ତି। ସେମାନେ ୧୦-୨୦ ମିନିଟର ଅତି-ଦ୍ରୁତ ଡେଲିଭରି ମଡେଲକୁ ଅସୁରକ୍ଷିତ ବୋଲି ବର୍ଣ୍ଣନା କରିଛନ୍ତି। କାରଣ ଏହା ଡେଲିଭରି ପାର୍ଟନରମାନଙ୍କୁ ଉଚ୍ଚ ଗତିରେ ଗାଡ଼ି ଚଲାଇବାକୁ ବାଧ କରେ, ଯାହା ଫଳରେ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଏ। ଏପରିକି ୟୁନିଅନଗୁଡ଼ିକ ନୂତନ ବର୍ଷର ପୂର୍ବ ସନ୍ଧ୍ୟାରେ (ଡିସେମ୍ବର ୩୧, ୨୦୨୫) ଧର୍ମଘଟ କରିଥିଲେ ଏବଂ ଶ୍ରମ ମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସରକାର ଏହି ଚିନ୍ତାଗୁଡ଼ିକୁ ଗମ୍ଭୀରତାର ସହ ନେଇଥିଲେ ଏବଂ କମ୍ପାନୀଗୁଡ଼ିକ ସହିତ ଆଲୋଚନା କରିଥିଲେ। ଏହି ପଦକ୍ଷେପ ଡେଲିଭରି କର୍ମଚାରୀଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି।

# ଏଆଇକୁ ଉନ୍ନତ କରିବାକୁ ଆପଲ ଓ ଗୁଗଲ ମଧ୍ୟରେ ସହମତି

ନୂଆଦିଲ୍ଲୀ, ୧୩।୧ଃ ଆପଲ ଏବଂ ଗୁଗୁଲ ମଧ୍ୟରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସକୁ ନେଇ ଏକ ଚୁକ୍ତିନାମା ହୋଇଛି। ଆପଲର ଏଆଇ ଫାଉଣ୍ଡେସନ ମଡେଲଗୁଡ଼ିକ ଏବେ ଗୁଗୁଲର ଜେମିନି ଏଆଇ ମଡେଲ ଏବଂ କ୍ଲାଉଡ ଇନ୍ଫ୍ରାଷ୍ଟ୍ରକ୍ଚର ଉପରେ ନିର୍ମିତ ହେବ। ଏହାଦ୍ୱାରା ଗୁଗୁଲ ଜେମିନି ମଡେଲ ଆପଲର ନୂଆ ସିରି ଏବଂ ଆପଲ ଇଣ୍ଟେଲିଜେନ୍ସ ଫିଚର୍ସଗୁଡ଼ିକୁ ଆହୁରି ଉନ୍ନତ ବନାଇବ। ଏନେଇ (ଗୁଗଲ)Google ସୋସିଆଲ୍ ମିଡିଆ ସାଇଟ୍ ଏକ୍ସରେ ଏକ ପୋଷ୍ଟ କରି ସହଭାଗୀତା ବିଷୟରେ ଘୋଷଣା କରିଛି। କମ୍ପାନୀ କହିଛି ଯେ ଏହି ସହଭାଗୀତା iPhones, iPads ଏବଂ MacBooks ରେ ଆପଲର ଇଣ୍ଟେଲିଜେନ୍ସ ଫିଚର୍ସଗୁଡ଼ିକୁ ଉନ୍ନତ କରିବା ସହିତ ସିରିକୁ ଅଧିକ ପର୍ସନାଲାଇଜ୍ଡ କରିବାକୁ ଏହି ପାର୍ଟନର୍ସିପ୍ ହୋଇଛି। ସିରିର ନୂଆ ଭର୍ସନକୁ ଚଳିତ ବର୍ଷ ଲଞ୍ଚ କରାଯିବ ବୋଲି ଗୁଗଲ କହିଛି। ତେବେ ଆପଲ ଓ ଗୁଗଲର ପାର୍ଟନର୍ସିପ୍କୁ ନେଇ ଖୁସୀ ନାହାନ୍ତି ଏଲନ ମସ୍କ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପ୍ରତିକ୍ରିୟା ଦେଇ ମସ୍କ ଲେଖିଛନ୍ତି ଯେ ଗୁଗୁଲରେ ପୂର୍ବରୁ ଆଣ୍ଡ୍ରଏଡ୍ ଏବଂ କ୍ରୋମ୍ ଅଛି, ତେଣୁ ଏହି ଚୁକ୍ତି ଏହାର କ୍ଷମତାର ଅପବ୍ୟବହାର ପରି ମନେ ହେଉଛି। ମସ୍କଙ୍କ କମ୍ପାନୀ, xAIର "Grok" ନାମକ ଏକ AI ଚାଟବଟ୍ ରହିଛି। ଯାହା ସିଧାସଳଖ Google ର Geminiକୁ ଟକ୍କର ଦିଏ। ମସ୍କ ପୂର୍ବରୁ ହିଁ ଆପଲ ଏବଂ OpenAI ବିରୁଦ୍ଧରେ ଏକ ଆଇନଗତ ଲଢ଼େଇ ଲଢୁଛନ୍ତି। ସେ ସେ ଅଭିଯୋଗ କରିଛନ୍ତି ଯେ ଏହି କମ୍ପାନୀଗୁଡ଼ିକ App Store ରୁ ପ୍ରତିଦ୍ୱନ୍ଦ୍ୱୀ AI ସେବାଗୁଡ଼ିକୁ ଅବରୋଧ କରୁଛନ୍ତି। ଯାହାଦ୍ୱାରା ଅନ୍ୟ ଏଆଇ ପ୍ରତିଦ୍ୱନ୍ଦ୍ୱିତା କରିପାରୁ ନାହାନ୍ତି। ବର୍ତ୍ତମାନ ଏହି ମାମଲା କୋର୍ଟରେ ଚାଲିଛି। ସୋମବାର ଦିନ ଡିଲ୍ ହୋଇଥିବା ଖବର ଆସିବା ପରେ ଗୁଗୁଲର ମୂଳ କମ୍ପାନୀ ଆଲଫାବେଟର ସେୟାର ୧% ରୁ ଅଧିକ ବୃଦ୍ଧି ପାଇଛି। ଯାହା ଫଳରେ କମ୍ପାନୀର ବଜାର ମୂଲ୍ୟ ୪ ଟ୍ରିଲିୟନ ଡଲାର (୩୬୧ ଲକ୍ଷ କୋଟି ଟଙ୍କା) ଅତିକ୍ରମ କରିଛି। ଗୁଗୁଲ୍ ବିଶ୍ୱର ଦ୍ୱିତୀୟ ସବୁଠାରୁ ମୂଲ୍ୟବାନ କମ୍ପାନୀ ପାଲଟିଛି। ଏହି ସହଭାଗୀତା ଅଧୀନରେ, ଗୁଗୁଲ୍ର ଜେମିନି ମଡେଲ୍ଗୁଡ଼ିକ ଆପଲ୍ର "ପ୍ରାଇଭେଟ୍ କ୍ଲାଉଡ୍ କମ୍ପ୍ୟୁଟିଂ" ଭିତ୍ତିଭୂମିରେ ଚାଲିବ, ଏବଂ ଏହି ବର୍ଷ ଶେଷ ସୁଦ୍ଧା ଏକ ନୂଆ ସିରି ଲଞ୍ଚ ହୋଇପାରେ।







# ତୃପ୍ତି କିଆରେ ଅତ୍ୟାଧୁନିକ ଏସ୍‌ୟୁଭି ମଡେଲ୍ ନ୍ୟୁ ସେଲ୍ଟୋସ୍‌ର ବଜାର ପ୍ରବେଶ

ଭୁବନେଶ୍ୱର,୧୩।୧(ସଂଚାର ବ୍ୟୁରୋ)ଃ ତୃପ୍ତି କିଆରେ କିଆ ମୋଟର୍ସ ପକ୍ଷରୁ ଆଜି ଏହାର ନୂଆ ଓ ଅତ୍ୟାଧୁନିକ ଏସ୍‌ୟୁଭି ମଡେଲ ନ୍ୟୁ ସେଲ୍ଟୋସ୍ ରାଜ୍ୟରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛି। ନୂଆ ସେଲ୍ଟୋସ୍ ୮ଟି ଭାରିଆଣ୍ଟରେ ଉପଲବ୍ଧ ଅଛି, ଯାହାର ମୂଲ୍ୟ ୧୦.୯୯ ଲକ୍ଷ ଟଙ୍କାରୁ ଆରମ୍ଭ। ଗ୍ରାହକଙ୍କୁ ପେଟ୍ରୋଲ ଓ ଡିଜେଲ ଉଭୟ ଇଞ୍ଜିନ୍‌ର ବିକଳ୍ପ ଦିଆଯାଇଛି। ଏହି ମଡେଲ୍ ଏକ ପ୍ରଗତିଶୀଳ ଟ୍ରିନିଟି ଡିସ୍‌ପ୍ଲେ, ୧୦-ୱେ ପାୱାର ଡ୍ରାଇଭର୍ ସିଟ୍ ସହ ମେମୋରି ଫଙ୍କସନ୍, ଏଲ୍ଇଡି, ଡିଆର୍ଏଲ୍ ସହ ୱେଲକମ୍ ଫଙ୍କସନ୍ ଆଦି ଅତ୍ୟାଧୁନିକ ସୁବିଧାରେ ସଜ୍ଜିତ। ପୂର୍ବ ମଡେଲ୍ ତୁଳନାରେ ଏଥିରେ ଅଧିକ ସ୍ଥାନ, ଅଧିକ ଗ୍ରାଉଣ୍ଡ କ୍ଲିଅରାନ୍ସ, ଲମ୍ବ ଓ ଓସାର ରହିଛି ଏବଂ ଏହା ୧୨ଟି ଆକର୍ଷଣୀୟ ରଙ୍ଗରେ ମଧ୍ୟ ଉପଲବ୍ଧ। ବିଶେଷକରି ମୂଳ ଭେରିଆଣ୍ଟରୁ ହିଁ ଅଟୋମେଟିକ୍ ଏସି ଓ କ୍ରୁଜ୍ କଣ୍ଟ୍ରୋଲ୍ ଭଳି ସୁବିଧା ରହିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିରେ ତୃପ୍ତି କିଆର ମ୍ୟାନେଜିଂ ଡାଇରେକ୍ଟର ବଦ୍ରିନାରାୟଣ ସାମନ୍ତରାୟ, ଡାଇରେକ୍ଟର ରୁଦ୍ର ନାରାୟଣ ସାମନ୍ତରାୟ ଓ ଜେନେରାଲ୍ ମ୍ୟାନେଜର ଗୋପାଳ ସିଂହ ମଧ୍ୟ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ କିଆ ମୋଟର୍ସର ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ସାମନ୍ତରାୟ କହିଛନ୍ତି ଯେ ନ୍ୟୁ ସେଲ୍ଟୋସ୍‌ର ଡିଜାଇନ୍ ଆମ ଗ୍ରାହକଙ୍କ ଅଭିବୃଦ୍ଧିଶୀଳ ଆକାଂକ୍ଷା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି କରାଯାଇଛି। ଏହା ଡିଜାଇନ୍, ପ୍ରଦର୍ଶନ ଓ ଟେକ୍ନୋଲୋଜିରେ ସମ୍ପୂର୍ଣ୍ଣ ସନ୍ତୁଳନ ରକ୍ଷା କରିବା ସହ ଓଡ଼ିଶାର ଗ୍ରାହକଙ୍କ ପାଇଁ ଏକ ଆଦର୍ଶ ଏସୟୁଭି ହେବ ବୋଲି ସେ ଆଶା କରିଛନ୍ତି। ଏହି ନୂଆ ମଡେଲ୍ ଖରିଦ୍ କରିବା ପାଇଁ ଆଗ୍ରହୀ ଥିବା ଗ୍ରାହକମାନେ ତୁରନ୍ତ ଯୋଗାଯୋଗ କରିବାକୁ ତୃପ୍ତି କିଆ ପକ୍ଷରୁ କୁହାଯାଇଛି।

# ବିଏମଡବ୍ଲ୍ୟୁ ଗ୍ରୁପ ଇଣ୍ଡିଆର ଉଚ୍ଚ ଅଭିବୃଦ୍ଧି ସହ ରେକର୍ଡଭଙ୍ଗା ବାର୍ଷିକ ବିକ୍ରୟ



ଗୁରୁଗ୍ରାମ, ୧୩।୧ଃ ବିଏମଡବ୍ଲ୍ୟୁ ଗ୍ରୁପ ଇଣ୍ଡିଆ ପୁଣିଥରେ ଏହାର ସର୍ବାଧିକ ବାର୍ଷିକ କାର୍ ବିକ୍ରୟ ପୋଷ୍ଟ କରିଛି, ଏକ ଗତିଶୀଳ ବ୍ୟବସାୟିକ ପରିବେଶରେ ନିରନ୍ତର ଉଚ୍ଚ ପ୍ରଦର୍ଶନ ପଞ୍ଜିକରଣ କରିଛି। କମ୍ପାନୀ କ୍ୟାଲେଣ୍ଡର ବର୍ଷ ୨୦୨୫ରେ ୧୮,୦୦୧ କାର୍ ବିକ୍ରି କରିଛି, ଯାହା ପୂର୍ବ ବର୍ଷ ତୁଳନାରେ +୧୪% ଉଚ୍ଚ ଅଭିବୃଦ୍ଧି ହାସଲ କରିଛି। ବିଏମଡବ୍ଲ୍ୟୁ ୧୭,୨୭୧ ୟୁନିଟ୍ ଏବଂ ମିନି ୭୩୦ ୟୁନିଟ୍ ଡେଲିଭର କରିଛି। ବିଏମଡବ୍ଲ୍ୟୁ ମୋଟୋରାଡ ୫,୮୪୧ ମୋଟରସାଇକେଲ୍ ଡେଲିଭର କରିଛି। ଭାରତୀୟ ଗ୍ରାହକଙ୍କ ମଧ୍ୟରେ ଦୃଢ଼ ମୌଳିକତା ଏବଂ ଉଚ୍ଚ ବ୍ରାଣ୍ଡ ପ୍ରଶଂସାକୁ ସୁଦୃଢ଼ କରି, ବିଏମଡବ୍ଲ୍ୟୁ ଗ୍ରୁପ ଇଣ୍ଡିଆ ଗତ ଚାରି ବର୍ଷ ଧରି ନିରନ୍ତର ଦୁଇ-ଅଙ୍କ ଅଭିବୃଦ୍ଧି ଏବଂ ସର୍ବୋଚ୍ଚ ବିକ୍ରୟ ପ୍ରଦାନ କରିଆସୁଛି। ୨୦୨୫ରେ, ପ୍ରତି ମାସ ଏବଂ ପ୍ରତ୍ୟେକ ତ୍ରୈମାସିକ ସର୍ବାଧିକ ବିକ୍ରୟ ପ୍ରଦର୍ଶନ ସହିତ ରହିଥିଲା, ଭାରତରେ ହାରାହାରି ଲଗଜରୀ ସେଗମେଣ୍ଟ ତୁଳନାରେ ତ୍ରୈମାସିକ ଅଭିବୃଦ୍ଧି ହାର ଅଧିକ ଥିଲା। ତ୍ରୈମାସିକ ୪ (ଅକ୍ଟୋବର - ଡିସେମ୍ବର) କାର୍ ବିକ୍ରୟ ସର୍ବକାଳୀନ ସର୍ବାଧିକ ୬,୦୨୩ ୟୁନିଟ୍ ଥିଲା ଯାହା +୧୭% ବାର୍ଷିକ ଅଭିବୃଦ୍ଧି ସହିତ ଥିଲା। ବିଏମଡବ୍ଲ୍ୟୁ ଗ୍ରୁପ ଇଣ୍ଡିଆ ର ସଭାପତି ଏବଂ ସିଇଓ ଶ୍ରୀଯୁକ୍ତ ହରଦୀପ ସିଂହ ବ୍ରାର କହିଛନ୍ତି, "୨୦୨୫ ବର୍ଷ ବିଏମଡବ୍ଲ୍ୟୁ ଗ୍ରୁପ ଇଣ୍ଡିଆ ପାଇଁ ଏପର୍ଯ୍ୟନ୍ତ ସର୍ବାଧିକ ବିକ୍ରୟ ସହିତ ଏକ ରେକର୍ଡ ଭାଙ୍ଗିବା ବର୍ଷ ହୋଇଛି। ଆମେ କାର ବିକ୍ରୟରେ ୧୮,୦୦୦ ୟୁନିଟ୍ ଅତିକ୍ରମ କରିଛୁ ଏବଂ ଆମେ ଲଗଜରୀ ସେଗମେଣ୍ଟର ହାରାହାରି ବୃଦ୍ଧି ହାରଠାରୁ ଅଧିକ +୧୪% ବୃଦ୍ଧି ପାଉଛୁ, ଏହା ଆମ ମୂଲ୍ୟବାନ ଗ୍ରାହକମାନଙ୍କର ଆମ ବ୍ରାଣ୍ଡଗୁଡ଼ିକ ପ୍ରତି ଥିବା ଦୃଢ଼ ଆକାଂକ୍ଷା ଏବଂ ବିଶ୍ୱାସକୁ ପ୍ରତିଫଳିତ କରେ। ସେଗମେଣ୍ଟଗୁଡ଼ିକ ମଧ୍ୟରେ ବିକ୍ରୟ ବୃଦ୍ଧି ପାଉଛି, ତାହା ଇଣ୍ଟରନାଲ୍ କମ୍ବସନ ଇଞ୍ଜିନ୍ ହେଉ କିମ୍ବା ଇଲେକ୍‌ଟ୍ରିକ୍ ଭେଇକିଲ୍, ଏସଏଭି କିମ୍ବା ସେଡାନ୍ କିମ୍ବା ଲଙ୍ଗ ହ୍ୱିଲବେସ୍ ମଡେଲ୍। ଲଗଜୁରୀ ଇଲେକ୍ଟ୍ରିକ୍ ସେଗମେଣ୍ଟରେ ଆମର ନେତୃତ୍ୱ କେବଳ ସ୍ଥାୟୀ ଗତିଶୀଳତାକୁ ପ୍ରଗତି ପ୍ରଦାନ ନାହିଁ ବରଂ ଭାରତରେ ଲଗଜୁରୀ କାର୍ ମାର୍କେଟର ଆକାର ବୃଦ୍ଧି କରିବାର ସମ୍ଭାବନାକୁ ମଧ୍ୟ ଉନ୍ମୁକ୍ତ କରୁଛି। ଆଗକୁ ବଢ଼ି, ଆମେ ଆମକୁ ଭିନ୍ନ କରୁଥିବା ଜିନିଷଗୁଡ଼ିକ ଉପରେ ଧ୍ୟାନ ଦେବୁ - ସିୟର ଡ୍ରାଇଭିଂ ପ୍ଲେଜର, ଅତୁଳନୀୟ ଗ୍ରାହକ କେନ୍ଦ୍ରିକତା ଏବଂ ଏକ ଦୃଢ଼ ଡିଲର ନେଟୱାର୍କ ଯାହା ଆମ ଗ୍ରାହକମାନଙ୍କ ସହିତ ପାରସ୍ପରିକ କ୍ରିୟାର ପ୍ରତ୍ୟେକ ପଦକ୍ଷେପରେ ଉତ୍ସାହ ପ୍ରଦାନ କରେ।"

**ମନ୍ଥର ଗତିରେ ଚାଲୁଛି ଧାନକିଣା ନୀତି**

# କୋହଲା ପାଗକୁ ନେଇ ଚିନ୍ତାରେ ଚାଷୀ

**କଳାହାଣ୍ଡି,୧୩।୧ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ଧାନକିଣା ମନ୍ଥର ଗତିରେ ଚାଲିଛି। ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟରେ ଆସିଥିବା ଧାନକିଣା ଟାର୍ଗେଟ ୩୬ଲକ୍ଷ କ୍ୱିଣ୍ଟାଲ ଥିବା ବେଳେ ବର୍ତ୍ତମାନ ଏହା ୫୪ ଲକ୍ଷ କ୍ୱିଣ୍ଟାଲ ପହଞ୍ଚିଛି । ଅନ୍ୟପଟେ ଧାନ ଉଠାଣରେ ବିଳମ୍ବ ଯୋଗୁଁ ଧାନକିଣା ମନ୍ଥର ଯୋଗୁଁ ଏପର୍ଯ୍ୟନ୍ତ ପ୍ରାୟ ୨୫ ଲକ୍ଷ କ୍ୱିଣ୍ଟାଲ ଧାନକିଣା ସରିଛି।



ଜିଲ୍ଲାର ୨୩୦ଟି ମଣ୍ଡିରେ ଧାନକିଣାରେ ମନ୍ଥରତା ଯୋଗୁଁ ଏବେ ମଧ୍ୟ ଚାଷୀମାନେ ମଣ୍ଡିରେ ଧାନରଖି ଅପେକ୍ଷା କରି ରହିଛନ୍ତି । ଜିଲ୍ଲାକୁ ପ୍ରଥମ ପର୍ଯ୍ୟାୟରେ ୩୬ଲକ୍ଷ ୫୮ ହଜାର କ୍ୱିଣ୍ଟାଲ ଟାର୍ଗେଟ ଆସିଥିଲା। ଆଜି ଆହୁରି ୧୭ ଲକ୍ଷରୁ ଅଧିକ କ୍ୱିଣ୍ଟାଲ ଦ୍ୱିତୀୟ ପର୍ଯ୍ୟାୟ ଟାର୍ଗେଟ ଆସିଛି। ଏବେ ଧାନକିଣା ଟାର୍ଗେଟ ୫୪ ଲକ୍ଷ କ୍ୱିଣ୍ଟାଲରେ ପହଞ୍ଚିଛି । ଗୋଟିଏ ପଟେ ଟୋକନ ବିଭ୍ରାଟ ଅନ୍ୟପଟେ ପର୍ଯ୍ୟାପ୍ତ ଅଖା ନଥିବା ଯୋଗୁଁ ଧାନକିଣାରେ ବିଳମ୍ବ ହେଉଥିବା ଦେଖିବାକୁ ମିଳୁଛି। ସେହିଭଳି ମିଲରମାନେ ଧାନ ଉଠାଣ ପାଇଁ କମ ଟ୍ରକ ପଠାଉଥିବା ଯୋଗୁଁ ଜାଣିଶୁଣି ବିଳମ୍ବକରୁଥିବା ଚାଷୀଙ୍କ ମହଲରେ କ୍ଷୋଭ ପ୍ରକାଶ ପାଇଛି । ଗତ କିଛିଦିନ ଧରି ଟୋକନ ବିଭ୍ରାଟ ଥିବା ବେଳେ ବହୁ ଚାଷୀଙ୍କ ଟୋକନ ଲାପ୍ସ ହେବା ଘଟଣା ଚାଷୀମାନଙ୍କ ମଧ୍ୟରେ ଚିନ୍ତାର କାରଣ ପାଲଟିଛି। ଲାପ୍ସ ଟୋକନର ଅବଧି ବୃଦ୍ଧି ପାଇଁ ଟୋଲଫ୍ରି ନମ୍ବରରେ ଯୋଗାଯୋଗ କରି ଅପେକ୍ଷା କରିଥିବା ବେଳେ ଧାନ ବିକ୍ରି ନେଇ ଅନିଶ୍ଚିତତା ଦେଖାଦେଇଛି। ଚାଷୀମାନେ ଗତ କିଛିଦିନ ଧରି ଜିଲ୍ଲାରେ ଶୀତ ବୃଦ୍ଧି ପାଇଥିବା ବେଳେ ଥଣ୍ଡାରେ ମଣ୍ଡିରେ ପଡ଼ିରହିଛନ୍ତି। କେବେ ଧାନକିଣା ସରିବ ଓ ରବି ଚାଷ ପାଇଁ ପ୍ରସ୍ତୁତି ହେବେ ସେନେଇ ଚିନ୍ତାରେ ରହିଛନ୍ତି । ଅନ୍ୟପଟେ ଇନ୍ଦ୍ରାବତୀ ଜଳସେଚନ ଆରମ୍ଭ ହୋଇଥିବା ଯୋଗୁଁ ଚାଷୀମାନେ କ୍ୱିଣ୍ଟାଲ ପିଛା ୧୭ ଶହ ଟଙ୍କାରେ ଧାନ ବିକ୍ରିକରି ମଣ୍ଡି ଉପରେ ଭରସା ତୁଟାଇ ସାରିଲେଣି। ଏନେଇ ଜିଲ୍ଲା ପ୍ରଶାସନ ତୁରନ୍ତ ଧାନ ଉଠାଣ ପାଇଁ ପଦକ୍ଷେପ ନନେଲେ ଆଗକୁ ଚାଷୀମାନେ ଦଲାଲ ହାତକୁ ଧାନ ଟେକିଦେବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି ।

## ଅଟଳ ସେନା ପକ୍ଷରୁ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳିତ



**ସାଲେପୁର,୧୩।୧ (ସଂଚାର ବ୍ୟୁରୋ):** ଅଟଳ ସେନା ପକ୍ଷରୁ ସାଲେପୁରସ୍ଥିତ ରାଜ୍ୟ କାର୍ଯ୍ୟାଳୟଠାରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଜୟନ୍ତୀ ଓ ଜାତୀୟ ଯୁବ ଦିବସ ଅଟଳ ସେନା ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଯୁବଶକ୍ତି ରାଷ୍ଟ୍ରଶକ୍ତି ଶୀର୍ଷକ ଏକ ଆଲୋଚନା ଚକ୍ରକୁ ମୁଖ୍ୟଅତିଥି ଓ ପୂର୍ଣ୍ଣଚନ୍ଦ୍ର ଓଝା ପ୍ରଦୀପ ପ୍ରଜ୍ଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରାକ୍ତନ ବାୟୁସେନା ଅଧିକାରୀ ଇଂ. ଉଦ୍ଧବ ଚରଣ ନାୟକ ଓ ଅଟଳ ସେନା ଭିନ୍ନକ୍ଷମ ସଂଘର ସମ୍ପାଦକ ଜୟଦେବ ମିର୍ଦ୍ଧାଙ୍କ ଅକାଳ ବିୟୋଗରେ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଅଶୋକ କୁମାର ସ୍ୱାଇଁ ଯୋଗଦେଇ ହିନ୍ଦୁ ଏକତା ଦ୍ୱାରା ହିଁ ସ୍ୱାମୀଜୀଙ୍କ ସ୍ୱପ୍ନର ଭାରତ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଉପଦେଷ୍ଟା ଭିକାରୀ ଚରଣ ବେହେରା ଆଜିର ଯୁବ ସମାଜ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟକଲେ ଅଖଣ୍ଡ ଭାରତ ଗଠନର ସ୍ୱପ୍ନ ସାକାର ହୋଇପାରିବ ବୋଲି କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଟଳ ମହିଳା ସଂଘ ସମ୍ପାଦିକା ବିନତା ପ୍ରଧାନ, ସାମାଜିକ ଗଣମାଧ୍ୟମ ରାଜ୍ୟ ସଂଯୋଜକ ହରେକୃଷ୍ଣ ସାମଲ, ସେବା ପ୍ରମୁଖ କୃଷ୍ଣଚନ୍ଦ୍ର ବାରିକ, ଉପଦେଷ୍ଟା ତୁଫାନ ସ୍ୱାଇଁ, ଅଟଳ ଯୁବସଂଘ ଉପସଭାପତି ଅନିରୁଦ୍ଧ ବେହେରା, ସମ୍ପାଦକ ସନ୍ତୋଷ ସାମ ପ୍ରମୁଖ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**କନ୍ଧମାଳ,୧୩।୧ (ସଂଚାର ବ୍ୟୁରୋ):** ଦିନକୁ ଦିନ ବୃଦ୍ଧି ପାଉଛି ସଡ଼କ ଦୁର୍ଘଟଣା ନିଜର ସତର୍କ ନ ହେବା ଯୋଗୁ ଘଟୁଛି ସଡ଼କ ଦୁର୍ଘଟଣା। ଦୁର୍ଘଟଣାରେ ଅନେକ ଲୋକ ପ୍ରାଣ ହରାଉଥିବା ଦୃଶ୍ୟ ମଧ୍ୟ ଆପଣମାନେ ଦେଖୁଛନ୍ତି। ଏହାର ମୂଳ କାରଣ ହେଉଛି ପରିବହନ ବିଭାଗର ନିୟମାବଳୀ ନ ମାନିବା ହେତୁ କାହାର ହାତ ଗୋଡ଼ ଭାଙ୍ଗୁଛି, ତ ଆଉ କାହାର ମୁଣ୍ଡ ଫାଟି ମୃତ୍ୟୁ ବରଣ କରୁଛନ୍ତି। ଏଣୁ ଜାନୁଆରୀ ୧ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ଦିବସ ପାଳନ କରିବା ସହ ଲୋକଙ୍କୁ ସଚେତନ କରିବାକୁ ପଡ଼ୁଛି ପରିବହନ ବିଭାଗ ପକ୍ଷରୁ। ବର୍ତ୍ତମାନ ଚାଲିଛି ସଡ଼କ ସୁରକ୍ଷା ଦିବସ। ଜିଲ୍ଲାର ବିଭିନ୍ନ ସ୍ଥାନରେ ସଡ଼କ ସୁରକ୍ଷା ସଚେତନ କରୁଛନ୍ତି କନ୍ଧମାଳ ପରିବହନ ବିଭାଗ ଅଧିକାରୀଏ ମିଳି ସାହୁ ରବିବାର ଦିନ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ସହରରେ ଜାଗୃତି କାର୍ଯ୍ୟାଳୟ ରୁ ବାହାରି ତିନି ଛକ ବସ୍ ଷ୍ଟାଣ୍ଡ ବ୍ଲକ୍ କାର୍ଯ୍ୟାଳୟ ଏପରି ସହର ପରିକ୍ରମା କରି ଯେ ପରି ଦୁର୍ଘଟଣା ରୁ ମୁକ୍ତି ପାଇବେ ଏ ନେଇ ଦାରିଙ୍ଗବାଡ଼ି ବ୍ଲକ୍ ମହକୁମାରେ ଥିବା ଜାଗୃତି କାର୍ଯ୍ୟାଳୟର ସମ୍ପାଦକ କୈଳାଶ ଚରଣ ଦଣ୍ଡପାଟ, ଚନ୍ଦେଶ୍ୱର ସାହୁ, ଦୃବ ଚରଣ ନାୟକ, କୁନ୍ଦିୟର ଏମ୍‌ଭିଆଇ ବଟ କୃଷ୍ଣ ବିଶ୍ୱାଳ, ସଦାନନ୍ଦ ସିଂ ସମେତ ଜଗୃତିର ସମସ୍ତ କର୍ମକର୍ତ୍ତାଙ୍କ ଦ୍ୱାରା ଏହି ସଡ଼କ ସୁରକ୍ଷା ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା । ଦାରିଙ୍ଗବାଡ଼ି ସହର ହେଉଛି କନ୍ଧମାଳର ପର୍ଯ୍ୟଟନ ସ୍ଥଳୀ ଏଣୁ ପ୍ରତି ଦିନ ପ୍ରବଳ ଭିଡ଼ ହେଉଥିବାରୁ ଗାଡ଼ି ଧୀରେ ଚଳାଇବା, ହେଲମେଟ ବ୍ୟବହାର କରିବା, ଗାଡ଼ି ଚଳାଇବା ସମୟରେ ମଦ୍ୟପାନ ନ କରିବା, ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର ନ କରିବା, ନାବାଳକ ମାନଙ୍କୁ ଗାଡ଼ି ଚଳାଇବାକୁ ନ ଦେବାକୁ ଲୋକମାନଙ୍କୁ ସଚେତନ କରାଯାଇଥିଲା।

**କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ ଉପଲକ୍ଷେ**

# ଭୈରବ ପୀଠରୁ ବାହାରିଲା ମଶାଲ ଶୋଭାଯାତ୍ରା

**ଲାଞ୍ଜିଗଡ଼,୧୩।୧ (ସଂଚାର ବ୍ୟୁରୋ):** ୨୮ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ର ଅବ୍ୟବହିତ ପୂର୍ବରୁ ବିଭିନ୍ନ ପ୍ରସିଦ୍ଧ ପୀଠରୁ ଜିଲ୍ଲାସ୍ତରୀୟ ଉତ୍ସବ ପାଇଁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଛି।ଏହିକ୍ରମରେ ଆଜି ଲାଞ୍ଜିଗଡ଼ ସ୍ଥିତ ସୁପ୍ରସିଦ୍ଧ ଭୈରବ ପୀଠରେ ମୁଖ୍ୟ ପୂଜକ ଅଭିମନ୍ୟୁ ପାତ୍ର ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରିବା ପରେ ଭୈରବଙ୍କ ପ୍ରତୀକ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା,ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ନାଏବ ସରପଞ୍ଚ ହରେକୃଷ୍ଣ ନାଏକ, ସମାଜସେବୀ ସୁବାଷ ଚନ୍ଦ୍ର ଅଗ୍ରୱାଲ, ସମାଜସେବୀ ଚନ୍ଦ୍ରମଣି ମହାଖୁଡ, ଲାଞ୍ଜିଗଡ଼ ପିଇଓ ଭୀଷ୍ମ ମେହେର, ପିତାମ୍ବର ଦଳେଇ, ୱାର୍ଡ଼ ସଭ୍ୟ ଧନିଆଁ ମାଝୀ ଓ ଚନ୍ଦ୍ର ନାଏକ, ସାମ୍ବାଦିକ କ୍ଷମାନିଧି ମହାଖୁଡ ସମେତ ଲାଞ୍ଜିଗଡ଼ ଅଞ୍ଚଳବାସୀ ଉପସ୍ଥିତ ରହିଥିବା ବେଳେ ଜାତୀୟ ଯୁବ ସ୍ୱେଚ୍ଛାସେବୀ ତଥା ପ୍ରଗତିଯୁବା କେନ୍ଦ୍ର ସୁଶୀଳ ପ୍ରଧାନ, ନବୀନ ସାହୁ ସହିତ ଲାଞ୍ଜିଗଡର ସୁବାଷ ଚନ୍ଦ୍ର ଅଗ୍ରୱାଲ ଓ ଚନ୍ଦ୍ରମଣି ମହାଖୁଡ ପ୍ରମୁଖ ଭୈରବ ପୀଠରୁ ଭୈରବଙ୍କ ମଶାଲକୁ ସ୍ୱାଗତ କରିବା ସହିତ ପାଛୋଟି ନେଇ ଭବାନୀପାଟଣା ଅଭିମୁଖେ ବାହାରି ଥିଲେ।



ସେହିପରି ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ବିଶ୍ୱନାଥପୁର ସ୍ଥିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଡିଓ ଶଶାଙ୍କ ପାତ୍ର, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡେଇ, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଲିୟାରସିଂହ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର, ସମାଜସେବୀ ଲକ୍ଷ୍ମୀନାରାୟଣ ସନ୍ତୋଷରାୟଙ୍କ ସହିତ ଅନ୍ୟ ଅଧିକାରୀ, କର୍ମଚାରୀ, ମିଶନଶକ୍ତିର କର୍ମକର୍ତ୍ତା ଉପସ୍ଥିତ ରହି ମଶାଲଯାତ୍ରାକୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ସିକେରକୁପାଠାରେ ଲାଞ୍ଜିଗଡରୋଡ଼ ପିଇଓ ଡମ୍ବରୁଧର ସେନାପତିଙ୍କ ସହିତ ଅନ୍ୟମାନେ ଉପସ୍ଥିତ ରହି ମଶାଲଯାତ୍ରାକୁ ଭବ୍ୟ ସ୍ୱାଗତ ଜଣାଇଥିଲେ। କିଡିଙ୍ଗରେ ଲାଞ୍ଜିଗଡ ରୋଡ଼ ସରପଞ୍ଚ ସୁଶ୍ରୀ ମମତା ଶବର ଭବ୍ୟ ସ୍ୱାଗତ ଜଣାଇଥିଲେ। ସେଠାରୁ ବାହାରି ନର୍ଲା ବ୍ଲକ ସାନ୍ତପୁର ଠାରେ ଜନ ସାଧାରଣ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଆଜି ସେଠାରେ ରାତ୍ରି ଜାପାନ କରିବା ପରେ ଆସନ୍ତାକାଲି ଏହି ଅଭିଯାତ୍ରୀ ଦଳ ସଦର ବ୍ଲକ ମେଦିନୀପୁର ଦେଇ ଭବାନୀପାଟଣା ପହଞ୍ଚିବା ପରେ ଉତ୍ସବ ସ୍ଥଳ ରେଣ୍ଡୋ ମାଝୀ ମଞ୍ଚରେ ସ୍ଥାପନ କରାଯିବ ବୋଲି ମଶାଲ ସବକମିଟି ତରଫରୁ ଜଣାପଡିଛି।

## ୨୦ ବର୍ଷର ପୂର୍ତ୍ତି ପାଳିଲେ ପୁରାତନ ଛାତ୍ରଛାତ୍ରୀ



**ଗଡ଼ଦପୁର,୧୩।୧ (ସଂଚାର ବ୍ୟୁରୋ):** ଗଡ଼ଦପୁର ବ୍ଲକ ଅନ୍ତର୍ଗତ ନୈଳିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୨୦୦୬ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀମାନଙ୍କ ୨୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସୁରମ୍ୟ ବନ୍ଧୁମିଳନ ଉତ୍ସବ ଆୟୋଜିତ ହୋଇଯାଇଛି। ଦୀର୍ଘ ୨୦ ବର୍ଷ ପରେ ପୁଣିଥରେ ସମସ୍ତେ ଏକାଠି ହୋଇ ଛାତ୍ରଜୀବନର ସୁନ୍ଦର ସ୍ମୃତିଗୁଡ଼ିକୁ ସ୍ମରଣ କରିଥିଲେ।ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସ୍ନେହ, ବିଦ୍ୟାଳୟ ଦିନର ମଜାଦାର ଅନୁଭବ ଓ ସାଙ୍ଗମାନଙ୍କ ସହ କଟାଇଥିବା ଅମୂଲ୍ୟ ସମୟକୁ ମନେ ପକାଇ ସମସ୍ତେ ଆନନ୍ଦ ଓ ଉଲ୍ଲାସରେ ମତେଇଥିଲେ। ଏହି ଉତ୍ସବ ଅବସରରେ ଆଗାମୀ ଦିନରେ ଏପରି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ନିୟମିତ ଭାବେ ଆୟୋଜନ କରିବା ଏବଂ ପୁରୁଣା ସମ୍ପର୍କକୁ ଅତୁଟ ରଖିବା ପାଇଁ ସମସ୍ତଙ୍କ ମଧ୍ୟରେ ସମ୍ମତି ପ୍ରକାଶ ପାଇଥିଲା। ଏହି ବନ୍ଧୁମିଳନ ଉତ୍ସବ ବିଦ୍ୟାଳୟ ପ୍ରତି ପୁରାତନ ଛାତ୍ରଛାତ୍ରୀମାନଙ୍କର ଗଭୀର ଭଲପାଇବା ଓ ଗର୍ବକୁ ପୁନଃଜାଗ୍ରତ କରିଥିବା ସହ ଶିକ୍ଷାନୁଷ୍ଠାନ ସହିତ ସମ୍ପର୍କର ମହତ୍ତ୍ୱକୁ ଆହୁରି ସ୍ପଷ୍ଟ କରିଛି। ଏହି ଅବସରରେ ବିଶ୍ୱରଞ୍ଜନ ପାତ୍ର, ସୁଭ୍ରଜିତ ସାହୁ, ନିର୍ମଳ ମହାନ୍ତି, ପିନାକୀ ପ୍ରସାଦ ଦାସ, ଶୁଭାଂଶୁ ମଲ୍ଲ, ବିରଞ୍ଚି ବାରିକ, ନର୍ମଦା ବେହେରା ପ୍ରମୁଖ କାର୍ଯ୍ୟକ୍ରମ କୁ ସହଯୋଗ କରିଥିଲେ ।

## ଚୋରଦାଠାରୁ ଥାନା ଛକ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




**ଯାଜପୁର ରୋଡ଼, ୧୩।୧ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ପରିବହନ ବିଭାଗ ଓ ଯାଜପୁର ରୋଡ ପୁଲିସର ମିଳିତ ସହଭାଗିତାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଆଂଚଳିକ ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକ, ସହକାରୀ ଏମଭିଆଇ ପ୍ରଦୀପ କୁମାର ବେହେରା ଓ ଯାଜପୁର ରୋଡ ଥାନା ଅଧିକାରୀ ଆଶିଷ କୁମାର ସାହୁଙ୍କ ମିଳିତ ସହଯୋଗରେ ପ୍ରୟାସ ସ୍କୁଲର ଛାତ୍ରଛାତ୍ରୀମାନେ ହାତରେ ସଡ଼କ ସୁରକ୍ଷା ସଚେତନତାର ଫ୍ଲାଗ କାର୍ଡ ଧରି ଚୋରଦା ଛକ ଠାରୁ ଥାନା ଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରି ଗାଡିଚାଳକ ମାନଙ୍କୁ ସଡ଼କ ସୁରକ୍ଷାର ନିୟମାବଳୀ ଉପରେ ସଚେତନ କରାଇଥିଲେ। ଦ୍ରୁତ ଗତିରେ ଗାଡି ନଚଳାଇବା, ମଦ୍ୟପାନ କରି ଗାଡି ନଚଳାଇବା, ହେଲମେଟ ଓ ସିଟବେଲ୍ଟ ପିନ୍ଧି ଗାଡି ଚଳାଇବା, ବିନା ଲାଇସେନ୍ସରେ ଗାଡି ନଚଳାଇବା, ମୋବାଇଲରେ କଥା ହୋଇ ଗାଡି ନଚଳାଇବା ପ୍ରଭୃତି ବିଷୟରେ ଏମଭିଆଇ ଗାଡ଼ି ଚାଳକ ମାନଙ୍କୁ ପରାମର୍ଶ ଦେଇଥିଲେ।

**ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୭ତମ ବାର୍ଷିକ ଉତ୍ସବ**

# ଶିଶୁ ଶିକ୍ଷାରେ ଦେଶାତ୍ମବୋଧ ଜାଗ୍ରତ ହେଲେ ଦେଶ ବିଶ୍ୱଗୁରୁ ହୋଇପାରିବ

**ସାଲେପୁର,୧୩।୧ (ସଂଚାର ବ୍ୟୁରୋ):** ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୭ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଶାସକ ପ୍ରଶାନ୍ତ କୁମାର କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ନ୍ୟାୟାଧିଶ ତଥା ରାଜ୍ୟ ବିଧିଆୟୁକ୍ତର ଅଧକ୍ଷ ବିଚାରପତି ବିଶ୍ୱନାଥ ରଥ ଯୋଗଦେଇ ଶିଶୁ ଶିକ୍ଷାରେ ଦେଶାତ୍ମବୋଧ, ସମାଜ ସଂସ୍କୃତି ଓ ଆଧାତ୍ମିକ ବୋଧ ଜାଗ୍ରତ ହେଲେ ଆମ ଦେଶ ଭାରତ ବିଶ୍ୱଗୁରୁ ହେବାର ମାର୍ଗ ସହଜ ହେବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ତାରକା ଅରିନ୍ଦମ ରାୟ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଭାରତୀ ଶିକ୍ଷାବିକାଶ ସମିତିର ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ଦାଶ ଯୋଗଦେଇ ଦେଶ ପ୍ରଗତିରେ ବର୍ତ୍ତମାନର ଆହ୍ୱାନ ସ୍ୱଦେଶୀ ଗ୍ରହଣ, ଆଦର୍ଶ ପରିବାର ଗଠନ, ସାମାଜିକ ସଦ୍‌ଭାବନା, ପରିବେଶ ସୁରକ୍ଷା ଓ ନାଗରିକ କର୍ତ୍ତବ୍ୟ ଦାୟିତ୍ୱ ପ୍ରତି ସଚେତନ ହେବା ପାଇଁ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ପ୍ରଶାସନିକ ସଦସ୍ୟ ସଞ୍ଜୟ କୁମାର ଦଳାଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଧାନଆଚାର୍ଯ୍ୟ ଶଙ୍କର୍ଷଣ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ମୁଖପତ୍ର 'ମନିଷା' ଉନ୍ମୋଚନ ହୋଇଥିଲାବେଳେ ପ୍ରଶାସନିକ ସଦସ୍ୟ ରମାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସାଲେପୁର ଅଞ୍ଚଳର ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷ, ଶିକ୍ଷାପ୍ରେମୀ ଅଭିଭାବକ, ଅଭିଭାବିକା ଉପସ୍ଥିତ ରହି ଶିଶୁମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉତ୍ସାହର ସହ ଦେଖିଥିଲେ। ଶେଷରେ କୃତି କଳାକାରମାନଙ୍କୁ ପୁରସ୍କୃତ କରାଯାଇଥିଲା।



# ୧୯୮୦ ବ୍ୟାଚ ପୁରାତନ ଛାତ୍ର ବନ୍ଧୁମିଳନ




**ମାର୍ଶାଘାଇ,୧୩।୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୦ ମସିହା ମାଟ୍ରିକ (ଏକାଦଶ) ବ୍ୟାଚ ପୁରାତନ ଛାତ୍ର ଙ୍କ ବନ୍ଧୁମିଳନ ଉତ୍ସବ ରବିବାର ମାର୍ଶାଘାଇ ଯଜ୍ଞ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ର ସମୟର ବନ୍ଧୁତା ସବୁଠୁ ନିବିଡ଼ ବୋଲି ପୁରାତନ ଛାତ୍ର ବନ୍ଧୁମିଳନରେ ଯୋଗଦେଇ ବିଜେପି ରାଜ୍ୟ ମୁଖପାତ୍ର ଇଂ ଜ୍ଞାନଦେବ ବେଉରା କହିଥିଲେ ।

ଏହି ବ୍ୟାଚର ପୁରାତନଛାତ୍ର ଇଂ ଶଶୀଭୁଷଣ ରଥ, ଇଂ ଚିତ୍ତରଞ୍ଜନ ରଥ,ଇଂ ରମାକାନ୍ତ ଦାସ,ଇଂ ନୀଳାଦ୍ରି ବିହାରୀ ରାଉତ ପ୍ରମୁଖ ଯୋଗଦେଇ ଛାତ୍ର ଜୀବନ ସମୟର ସ୍ମୃତି ସାଉଁଟି ଥିଲେ, ଅବସରପ୍ରାପ୍ତ ଶିକ୍ଷକ ଜୟନ୍ତ ନାୟକ, ରବିନ୍ଦ୍ର ରାଉତ, ସୁମନ ମହାପାତ୍ର, ଧୀରେନ୍ଦ୍ର ପ୍ରଧାନ,ପ୍ରମୋଦ ଦ୍ୱିବେଦୀ, ପ୍ରଦୀପ୍ତ ରାଉତରାୟ,ଅମୁଲ୍ୟ ଦାସ, ଦିଲ୍ଲୀପ ପ୍ରଧାନ,ଭବାନୀ ଶଙ୍କର ନାୟକ,ଦିଲ୍ଲୀପ ନାୟକ, ନିତ୍ୟାନନ୍ଦ ରଣା,ବିଶ୍ୱନାଥ ନାୟକ, ସୁରେନ୍ଦ୍ର ଜେନା,ଗଗନ ବସନ୍ତିଆ, ରମେଶ ଚୁଳି,ବୈକୁଣ୍ଠନାଥ ସ୍ୱାଇଁ, ଖଗେଶ୍ୱର ସ୍ୱାଇଁ,ରଶ୍ମିରଂଜନ ସାମଲ, ନୃସିଂହ ପାତ୍ର, ମଦନ ନାୟକ,ବାବାଜୀ ପ୍ରଧାନ, ଅନିରୁଦ୍ଧ ଦାସ,ହୃଷିକେଶ ବେହେରା, ଗୋପୀନାଥ ସାହୁ,ବାବୁଲି ଚରଣ ଜେନା,ହେମନ୍ତ ବେଉରା, ଶାରଦା ପ୍ରସନ ବେଉରା, କୈଳାସ ଲେଙ୍କା, ମହେନ୍ଦ୍ର ସାମଲ, ରନେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ । ସୁଢଳ କୁମାର ସାହୁ ଏବଂ କୀର୍ତ୍ତନ କୁମାର ବେଉରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ବନ୍ଦେ ମାତରଂ ଓ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ




**ନୀଳଗିରି, ୧୩।୧ (ସଂଚାର ବ୍ୟୁରୋ):** ଉଠ, ଜାଗ୍ରତ ହୁଅ, ଲକ୍ଷ୍ୟ ସାଧନ ନ ହେବା ପର୍ଯ୍ୟନ୍ତ ବିଶ୍ରାମ ନେବା ନାହିଁ ବୋଲି ସେଦିନ ଉଦବୋଧନ ଦେଇଥିବା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ବନ୍ଦେ ମାତରଂ ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଅଧକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ବରିଷ୍ଠ ଅଧାପିକା ମମତା ବରାଳ, ମୁଖ୍ୟବକ୍ତା ଭାବରେ ବରିଷ୍ଠ ଅଧାପିକା ଡ. ଶିବାନୀ ଡଗର, ସମ୍ମାନୀତ ଅତିଥି ଭାବରେ ଅଧାପକ ଡ. ହରିପଦ ଦାଶ, ଅଧାପିକା ମଣିମାଳା ବିଶ୍ୱାଳ, ମମତା ପ୍ରିୟଦର୍ଶିନୀ ସାହୁ, ସୁଷମା ସିଂହ, ମୋନାଲିସା ଭୋଳ, ପବିତ୍ରା ବେହୁରିଆ, ନିରୁପମା ନାୟକ, ଗ୍ରାନ୍ଥଗାରିକ ପ୍ରସନ୍ନ ମହାପାତ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧରେ କର୍ମଚାରୀ ବ୍ରହ୍ମାନନ୍ଦ ଗିରି, ଆଦିକନ୍ଦ ମହାପାତ୍ର, ମନୋରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ବନ୍ଦେ ମାତରଂ ସଂଗୀତ ଗାନ କରାଯାଇଥିବାବେଳେ ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା ।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ରାଷ୍ଟ୍ରୀୟ ଯୁବ ଦିବସ




**ରାଜନଗର,୧୩।୧ (ସଂଚାର ବ୍ୟୁରୋ):** ସ୍ୱାମୀ ବିବେକାନନ୍ଦ ଥିଲେ ସର୍ବତ୍ୟାଗୀ ସନ୍ନ୍ୟାସୀୟ। କିନ୍ତୁ ତାଙ୍କ ଅନ୍ତରରେ ଯେଉଁ ସ୍ୱଦେଶପ୍ରେମ ଓ ବିଶ୍ୱମାନବତାର ବିକାଶ ହୋଇଥିଲା, ତାହା ଆମକୁ ଅଭିଭୂତ କରେ। ଦେଶସେବା, ମାନବକଲ୍ୟାଣ ଓ ଭଗବତ୍‌ସାଧନା-ସେ ଏକ କରି ଦେଖିଥିଲେ । ଆଜିର ଯୁବ ସମାଜ ଦେଶ ପାଇଁ ଓ ସମାଜ ପାଇଁ ସମର୍ପିତ ହେବା ସହ ରାଷ୍ଟ୍ର ଗଠନରେ ସହାୟକ ହେବା ସହ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ନିଜର ବ୍ୟକ୍ତିଗତ ସ୍ୱାର୍ଥରୁ ଉର୍ଦ୍ଧ୍ୱକୁ ଯାଇ ଜାତୀୟତା ଓ ସମାଜ ପାଇଁ ନିଜକୁ ସମର୍ପଣ କରିବାକୁ ଅତିଥିମାନେ ଆହ୍ୱାନ ଦେଇଛନ୍ତି। ରାଜନଗର ଦେବୀମଣ୍ଡପଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନଗର ସମ୍ପାଦକ ସୁକୁମାର ମାନ୍ନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ତହସିଲଦାର ଯୀଶୁକୃଷ୍ଣ ଦାସ ମୁଖ୍ୟ ଅତିଥି , ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଓଡିଶା ପୂର୍ବ ରାଜ୍ୟ ସହ ସମ୍ପାଦିକା ସୁଶ୍ରୀ ତୁଳସୀ ମଲ୍ଲିକ ସଂମାନିତ ଅତିଥି ଓ ସୁଶ୍ରୀ ଦିପ୍ତିମୟୀ ପଢିହାରୀ ମୁଖ୍ୟବକ୍ତା ଓ ଅତିଥି ଭାବେ ରାଜନଗର ନଗର ସଭାନେତ୍ରୀ ଅଧାପିକା ତନୁଶ୍ରୀ ମିଶ୍ର ଯୋଗଦେଇ ଏହି ମତ ରଖିଛନ୍ତି। ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ ଏକ ଶୋଭାଯାତ୍ରା ରାଜନଗର ଗାଁ ଓ ବଜାର ପରିକ୍ରମା କରି ଦେବୀମଣ୍ଡପ ଛକରେ ପହଁଚିବା ପରେ ଶୋଭାଯାତ୍ରାକୁ ମାଆମାନେ ଫୁଲ ଚନ୍ଦନ ଦେଇ ବନ୍ଦାପନା କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଈଶ୍ୱରପୁର ସେବା ସମବାୟ ସମିତିକୁ ଜିଲ୍ଲା ନିବନ୍ଧକଙ୍କ ଅଚାନକ ପରିଦର୍ଶନ

**ନୀଳଗିରି,୧୩।୧ (ସଂଚାର ବ୍ୟୁରୋ):** ଔପଦା ବ୍ଲକ ଅନ୍ତର୍ଗତ ଈଶ୍ୱରପୁର ସେବା ସମବାୟ ସମିତିରେ ଧାନ କିଣାକୁ ନେଇ ଜଣେ ବେନାମୀ ବ୍ୟକ୍ତି ବାଲେଶ୍ୱର ଜିଲ୍ଲାପାଳଙ୍କୁ ସାମାଜିକ ଗଣମାଧମର ସହାୟତାରେ ସମିତିରେ ଜବରଦସ୍ତି ଚାଷୀମାନଙ୍କ ଠାରୁ କ୍ୱିଣ୍ଟାଲ ପିଛା ୧୦ ପ୍ରତିଶତ ଧାନ କଟନି ଛଟନି ହେଉଛି ବୋଲି ଅଭିଯୋଗ କରିଥିଲେ । ତେଣୁ ବାଲେଶ୍ୱର ଜିଲ୍ଲାପାଳ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ପୂର୍ବାହ୍ନରେ ବାଲେଶ୍ୱର ନିବନ୍ଧକ ସରୋଜିନୀ ନାୟକ, ନୀଳଗିରି ଉପ ନିବନ୍ଧକ ବିଷ୍ଣୁମହୋନ ମଲ୍ଲିକ, ନୀଳଗିରି ମୂଖ୍ୟ ଯୋଗାଣ ଅଧିକାରୀ ସ୍ମିତା ନାୟକ, ଔପଦା ଯୋଗାଣ ନିରିକ୍ଷକ ଦୀପିକା ବେହେରା, ସମିତିରେ ପହଞ୍ଚି ସମିତି ର ଚାଷୀ କମିଟି, ପରିଚାଳନା କମିଟି ର ସଦସ୍ୟ, ସଭାପତି, ପୂର୍ବଦିନ ଧାନ ମଣ୍ଡିରେ ଧାନ ବିକ୍ରୟ କରିଥିବା ଚାଷୀ ଏବଂ ଚାଷୀ ମାନଙ୍କ ଉପସ୍ଥିତରେ ତଦନ୍ତ କରିଥିଲେ ।

# ଜାତୀୟ ଯୁବଦିବସ ପାଳିତ : ମାତୃଭୂମି, ଐତିହ୍ୟ, ଇତିହାସ ଓ ମହପୁରୁଷଙ୍କୁ ଭୁଲି ଯାଉଛନ୍ତି ଯୁବପିଢ଼ି

**କଳିଙ୍ଗନଗର, ୧୩।୧ (ସଂଚାର ବ୍ୟୁରୋ):** କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ପିଙ୍ଗଲ ସରକାରୀ ବିଦ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି, ବିଦ୍ୟାଳୟ ରେ ପ୍ରଭାତ ସମୟରେ ସ୍ୱାମୀ ବିବେକାନନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଏହି ମହାନ ମହାପୁରୁଷଙ୍କ ଜୀବନୀ ବିଷୟରେ ଏକ ଆଲୋଚନା ଚକ୍ର ହୋଇଥିଲା ତତ ସହ ବନ୍ଦେ ମାତରଂ ସଂଗୀତର ୧୫୦ ବର୍ଷ ପୂର୍ତ୍ତୀ ଅବସରରେ ଏହା ବିଷୟରେ ଆଲୋଚନା ହେବା ସହ ସାମୁହିକ ଗାନ କରାଯାଇଥିଲା।



ଏହା ପରେ ବିଦ୍ୟାଳୟ ପରିସରରେ ଜାତୀୟ ଯୁବ ଦିବସ ପାଳନ ଅବସରରେ ଏକ ଆଲୋଚନା ଚକ୍ର ହୋଇଥିଲା, ଏହାକୁ ଯୁବ ସମାସେବୀ ବୁଲୁ ଯାଦବ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହ କୋଷାଧକ୍ଷ ଦୀପକ ମହାନ୍ତି ଯୋଗ ଦେଇ ଜାତୀୟତା ଓ ସ୍ୱଦେଶୀ କୁ ଆମେ ଭାରତୀୟ ଭାବେ ଭୁଲିଯିବା ଉଚିତ ନୁହେଁ ବୋଲି କହିଥିଲେ। ଜାତୀୟ ରାଜପଥ(ନାହି) ର ପିଡି ଇଂ. ଜୟ ପ୍ରକାଶ ଶର୍ମା, ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ଦାସ କହିଥିଲେ ଏହି ମୁହୂର୍ତ୍ତ ବହୁତ ଶିକ୍ଷଣୀୟ ପିଲାମାନେ ଆଜି ବିବେକାନନ୍ଦଙ୍କର ଜୀବନୀ ଆଦର୍ଶରେ ଅନୁପ୍ରାଣିତ ହେବେ ବୋଲି ଶପଥ ପାଠ ହେଲା ତେଣୁ ନିଶ୍ଚିତ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବ ଆଜିର ଦିବସ , ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ ଦାସ, ଯୁବ ନେତା କୃପାସିନ୍ଧୁ ସାମନ୍ତରାୟ,ନନ୍ଦ ପ୍ରଧାନ, ଶିକ୍ଷକ ଅମରେଶ ପଣ୍ଡା ପ୍ରମୁଖ ମଞ୍ଚାସିନ ରହି ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାମୀ ବିବେକାନନ୍ଦ ଙ୍କର ଜୀବନୀ,ଆଦର୍ଶରେ ଅନୁପ୍ରାଣିତ ହୋଇ ରାଷ୍ଟ୍ର ପାଇଁ ଭଲ କାମ କରିବା ପାଇଁ ମାର୍ଗ ଦର୍ଶନ ଦେଇଥିଲେ। ଶେଷରେ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କୁ ମହାପୁରୁଷ ସ୍ୱାମୀ ବିବେକାନନ୍ଦ ଙ୍କର ଜୀବନୀ ସମ୍ବନ୍ଧିୟ ପୁସ୍ତକ ବଣ୍ଟନ କରାଯାଇଥିଲା

## ସୁକାନ୍ତ-ଦିବାକର ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟ: ନରେନ୍ଦ୍ରପୁର ବିଜୟୀ

**ଆଳି,୧୩।୧ (ସଂଚାର ବ୍ୟୁରୋ):** ଆଳି ବ୍ଲକ ମାଳପାଟଣା ଭଳି ପଡିଆଠାରେ ଶିଶୁମଙ୍ଗଳ ଯୁବକ ସଙ୍ଘ ପକ୍ଷରୁ ଶୁକାନ୍ତ ଓ ଦିବାକରଙ୍କ ସ୍ମୃତିରେ ଏକ ଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଚାନ୍ଦବାଲି ଓ ନରେନ୍ଦ୍ରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଚାନ୍ଦବାଲିକୁ ହରାଇ ନରେନ୍ଦ୍ରପୁର ଚାମ୍ପିୟନ ହୋଇଛି । ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ କଂଗ୍ରେସ ଜିଲ୍ଲା ସଭାପତି ଡ଼ଃ ଦେବସ୍ମିତା ଶର୍ମା,ସରପଞ୍ଚ ସନାତନ ସାହୁ,ଜିଲ୍ଲା ପରିଷଦ ପ୍ରତିନିଧି ସୁମନ୍ତ ରାଉତ ପ୍ରମୁଖ ଯୋଗଦେଇ ନରେନ୍ଦ୍ରପୁର ଟିମକୁ ଚାମ୍ପିୟନ ଟ୍ରଫି ସହ ନଗଦ ଅର୍ଥ ରାଶି ଓ ଚାନ୍ଦବାଲି ଟିମକୁ ରନର୍ସ ଅପ ଟ୍ରଫି ସହ ନଗଦ ଅର୍ଥ ପ୍ରଦାନ କରିଥିଲେ । ଏହି ଖେଳକୁ ଶିଶୁ ମଙ୍ଗଳ ଯୁବକ ସଙ୍ଘର ସଦସ୍ୟମାନେ ପରିଚାଳନା କରିଥିଲେ ।



# ଜୋକର

## ଦ୍ୱିତୀ ଚନ୍ଦ୍ର ସାହୁ



ଛୋଟ ଝିଅଟେ ଖୁବ୍ ଭଲ ପାଉଥିଲା ଜୋକର ଚରିତ୍ରକୁ। ସେଥିପାଇଁ ଯାତ୍ରାରୁ ଗୋଟେ ଜୋକର କଣ୍ଢେଇ କିଣି ସବୁବେଳେ ଧରି ଖେଳୁଥିଲା ସେମିତି ଅନ୍ତରଙ୍ଗ ଭାବେ। ଅନେକଥର ତାର ବାପାକୁ କହେ, 'ବାପା! ଥରେ ଜୋକର ପରି ହେଉନା। କେଡ଼େ ମଜା ଲାଗିବ।' ବାପା ଝିଅର କଥାକୁ ବାଆଁରେଇ ଯାଏ ପ୍ରତିଥର। ସେଇ ଚୁଲୁବୁଲି ଝିଅକୁ ଝୁଣିଲେ କିଛି ବ୍ୟଭିଚାରୀ। ଗୁରୁତର ଅବସ୍ଥାରେ ସିଟି ମେଡିକାଲ୍‌ରେ ସେ ଭର୍ତ୍ତି ହେଲା। ସ୍ତବ୍ଧ ହେଲା ଜଗତ। ନାରକୀୟ କାଣ୍ଡର ମୁଖ୍ୟ ଖଳନାୟକ ହେଲା ଫେରାର। ଜନୈକ ମନ୍ତ୍ରୀଙ୍କ ପୁଅ ଓ ସାଙ୍ଗସାଥୀ ସହରରୁ ଉଭାନ୍ ଖବର ବ୍ୟାପିଗଲା ନିଆଁ ପରି।

**ଏକ**

ବାପା ଗଲା ଥାନାକୁ। ସାଙ୍ଗରେ ଥିଲେ ଜଣେ ସମାଜସେବୀ। ଥାନାରେ ଥିବା ଜଣେ ବାବୁଙ୍କୁ ଏତଲା ଦେଲେ। ରାଇଟର୍‌ବାବୁ କହିଲେ, 'ଟିକେ ରୁହ! ଥାନାବାବୁ ଆସିଲେ ଯାହା। ତୁମେ ଦେଇଦେଲେ କଣ ଏମିତି ରିପୋର୍ଟ ରଖିଦେବି ?'

ଥାନା ବାରଣ୍ଡାରେ ଥିବା ଷ୍ଟୁଲ୍‌ରେ ବସିଲେ ଦୁହେଁ। ପୋଲିସ୍ ଓ କେତେ କେତେ ଲୋକ ଥାନାକୁ ଆସୁଥିଲେ ଯାଉଥିଲେ। ଘଣ୍ଟାକଣ୍ଟା ଚକ୍ରାକାରରେ ଘୂରି ବୁଲୁଥିଲା। ଦୀର୍ଘ ସମୟ ପରେ ପୋଲିସ୍ ଗାଡ଼ି ଆସି ଥାନାରେ ଲାଗିଲା। ବାକି ପୋଲିସ୍ ତାଙ୍କୁ ଦେଖି ସ୍ୟାଲୁଟ୍ ମାରିଲେ। ଥାନା ବଡ଼ବାବୁ ଆସିଗଲେ ବୋଲି ଦୁହେଁ ପଛେ ପଛେ ଗଲେ ଭିତରକୁ।

ଥାନାବାବୁ ପୂର୍ବରୁ ଚିହ୍ନିଲା ଢଙ୍ଗରେ ଦେଖୁ ଦେଖୁ କହିଲେ, 'ଏମିତିରେ କଣ ରିପୋର୍ଟ ରଖିହେବ ? ଝିଅର ଡାକ୍ତରୀ ମାଇନା କରିବାକୁ ପଡ଼ିବ। ସେ ଦୁଷ୍କର୍ମ ହୋଇଥିବା ପ୍ରମାଣିତ ହେଲେ ଯାଇ ଏତଲା ରଖିହେବ।'

କାବା ହୋଇଗଲେ ଦୁହେଁ। ଆପତ୍ତି ଉଠେଇଲେ ସମାଜସେବୀ। ଥାନାବାବୁ ଏକଲାରେ ସମାଜସେବୀଙ୍କୁ ଡାକି କହିଲେ, 'କାହିଁକି ଏସବୁ ଝାମେଲାରେ ପଶୁଛନ୍ତି। ଉପରୁ ବଡ଼ ବଡ଼ ଲୋକଙ୍କ ନିର୍ଦ୍ଦେଶ। ଆପଣ ଚୁପ୍ ରହିଲେ ଆପଣଙ୍କ ଶରୀର ପାଇଁ ଭଲ।' ସମାଜସେବୀ ବିରୋଧ କଲେ। ନାବାଳିକାର ବାପା ସବୁ ଜାଣିଲା ପରେ ତାଙ୍କୁ ଲାଗିଲା ଥାନାବାବୁ ଜଣେ ପୋଲିସ୍ ନୁହନ୍ତି, ବରଂ ଜଣେ ଜୋକର। ସେ ଆଉ କାହା ଇସାରାରେ ନାଚୁଛନ୍ତି।

**ଦୁଇ**

ବିରୋଧୀଙ୍କ ପକ୍ଷରୁ ଆରମ୍ଭ ହେଲା ରାଜନୀତି। ହଲ୍ଲାପଟା ଓ ଥାନା ଘେରାଉ। ଗଣମାଧ୍ୟମ ବି ଘେରିଲେ। ଚାଲିଲା ଘନଘନ ବିତର୍କ। ବିଜୁଳି ବେଗରେ ସବୁଆଡ଼େ ଖବର ଖେଳିଗଲା। ଲୋକ ରୁଣ୍ଡ ହୋଇ ପ୍ରତିବାଦ ଜଣାଇଲେ। ଦୋଷୀଙ୍କୁ ଗିରଫ କରିବା ପାଇଁ ରାସ୍ତାରୋକ କଲେ। ସ୍ଥାନୀୟ ବିରୋଧୀ ଦଳ ନେତା ଆନ୍ଦୋଳନର ନେତୃତ୍ୱ ନେଲେ ଏବଂ ବନ୍ଦ ଡାକରା ଦେଲେ। ଘଟଣାକୁ ନେଇ ସରକାରଙ୍କ ବିରୋଧରେ ଦାନା ବି ବାନ୍ଧିଲା। ହଠାତ୍ ଖବର ମିଳିଲା ସ୍ଥାନୀୟ ନେତା ଅସୁସ୍ଥ ଓ ମେଡିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। ତା'ପରେ ଆନ୍ଦୋଳନ କ୍ରମଶଃ ନିରବିଗଲା। ସ୍ଥାନୀୟ ବିରୋଧୀ ଦଳ ନେତାଙ୍କ ଅଚାନକ ଦେହ ଖରାପକୁ ସାଧାରଣ ଲୋକ ହଜମ କରି ପାରୁ ନ ଥିଲେ।

**ତିନି**

ଏହା ସତ୍ତ୍ୱେ ଆନ୍ଦୋଳନ ଥମୁ ନ ଥାଏ। ସାରା ରାଜଧାନୀରେ ପ୍ରକମ୍ପିତ ହେଉଥାଏ ପ୍ରତିବାଦର ସ୍ୱର। ସମସ୍ତଙ୍କର ଦାବି ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ ଏବଂ ପୀଡ଼ିତା ପରିବାରଙ୍କୁ ତିରିଶ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ସରକାର ତ୍ୱରିତ୍ ବେଗରେ ପଦକ୍ଷେପ ଗ୍ରହଣ କଲେ। ଦଶ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଘୋଷଣା କଲେ। ପୀଡ଼ିତାର ଚିକିତ୍ସା ଦାୟିତ୍ୱ ବି ନେଲେ। ଏଥିସହିତ, କେତେଜଣ ଅପରାଧୀ ବି ଗିରଫ ହେଲେ। ମାତ୍ର, ମୁଖ୍ୟ ଅପରାଧୀ ମନ୍ତ୍ରୀଙ୍କ ପୁଅଙ୍କ ନାଁକୁ ତାଲିକାରୁ ବାଦ୍ ଦିଆଗଲା। ଏହିଭଳି ଏକ ଘଟଣା ଭିତରେ ଅଚାନକ ବିରୋଧୀ ଦଳ ନେତା ଶାସକ ଦଳରେ ସାମିଲ ହୋଇଗଲେ। ଟିଭିରେ ସହାସ୍ୟ ବଦନରେ ଦଳୀୟ ଉତ୍ତରୀୟ କାନ୍ଧରେ ପକାଉଥିଲେ ସେ। ପୀଡ଼ିତଙ୍କ ପରିବାରକୁ ଲାଗୁଥିଲା ବିରୋଧୀ ଦଳ ନେତା ସେମିତି ଜୋକର ହୋଇ ରହିଛନ୍ତି।

**ଚାରି**

ଚିକିତ୍ସିତ ଅବସ୍ଥାରେ ଆଖିବୁଜିଲା ପୀଡ଼ିତା। ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଲା ଉପଯୁକ୍ତ ଚିକିତ୍ସା ଅଭାବରୁ ନାବାଳିକା ମୃତ୍ୟୁବରଣ କଲେ। ଏହାକୁ ନେଇ ଦି'ଫାଳ ହେଲା ମିଡିଆ। ଅଧେ ସରକାରଙ୍କ ପକ୍ଷ ନେଇ ଚିକିତ୍ସାରେ ଅବହେଳା ହୋଇନି ଏବଂ ଡାକ୍ତରମାନଙ୍କ ଶତ ଚେଷ୍ଟା ସତ୍ତ୍ୱେ ଝିଅକୁ ବଞ୍ଚେଇବା ସମ୍ଭବ ହେଲାନି ବୋଲି କହିଲେ। ଏଠି ଗଣମାଧ୍ୟମ ବି ନିଜ ରୂପ ବଦଳେଇପାରେ ଏବଂ ଜୋକର ପାଲଟିଯାଏ ? ଏକଥା ବୁଝିବାକୁ ପୀଡ଼ିତାର ପରିବାରକୁ ଟିକେ ସମୟ ଲାଗିଲା।

**ପାଞ୍ଚ**

ଘଟଣା ପରଠାରୁ ବାପା ସତରେ ଆଉ ବାପା ହୋଇ ରହି ନ ଥିଲେ। ଏହା ଭିତରେ ସେ ବି ନିଜେ ଜଣେ ଜୋକର ପାଲଟି ଯାଇଥିଲେ। ଯିଏ ଯାହା କହୁଥିଲେ ଶୁଣୁଥିଲେ। କେବେ କେବେ ଭୋ ଭୋ କାନ୍ଦୁଥିଲେ ତ ପୁଣି ନିରବ ରହୁଥିଲେ। ହଠାତ୍ ଦିନେ ଘୋଷଣା କଲେ, 'ମୋର କ୍ଷତିପୂରଣ ନୁହେଁ, ଝିଅ ଲୋଡ଼ା।' ଅନ୍ୟମାନେ ଏକଥା ଶୁଣିବା ପରେ ତାଙ୍କୁ କହିଲେ, 'କେଡ଼େ ବୋକା ତମେ ? ଝିଅ କ'ଣ ଆଉ ଫେରିବ ? କେହି କ'ଣ ଦଶଲକ୍ଷ ଟଙ୍କାକୁ ଏମିତି ହାତଛଡ଼ା କରିପାରେ ?'

# ଗୋଟିଏ ଗାଁ'ର ଗପ

## ଜ୍ୟୋତି ପ୍ରକାଶ ମହାପାତ୍ର

ଉଦିଆ ବାରିକ।
ଉଦିଆ ବାରିକ ରହୁଥିଲା ଗୁଡ଼ିଆ ସାହି ପଛ ପଟେ
ବାଉଁଶ ବାଡ଼ି ଭିତରେ। ବାଉଁଶ ବୁଦା ଲମ୍ବି ଆସିଥିଲା
ତା ଘର ଦାଣ୍ଡ ଦୁଆରକୁ। ବୁଢ଼ା ଏକା, ଆମ ଗାଁ ମଣିଷ
ସେ ନୁହେଁ। କୋଉ ଦୂର ଗାଁରୁ ଉଠି ଆସିଥିଲା,
ଇତିହାସ ତାର ଅଜଣା।
ଇସ୍କୁଲ ପଛ ଦେଇ ଗୋଟେ ମାଟି ବନ୍ଧ ସେବେ
ଯାଇଥିଲା ମହାଦେବ ମୁଣ୍ଡ ଆଡ଼େ।
ଉଦିଆ ବାରିକ ସେଇ ବନ୍ଧରେ ବସି ପୁରିଆ ସାଆନ୍ତ
ଚୁଟି କାଟୁଥିଲା।
କଥା ଉଠିଲା କିଏ ବଡ଼ ତାସ୍ ଖେଳାଳି !!
ପୁରିଆ ବୁଢ଼ା କହିଲା ମୁଁ।
ଉଦିଆ ବାରିକ କୋଉ ଛାଡ଼ିବା ଜନ୍ତୁ। ସେ କହିଲା ମୁଁ।
ଯୋଉ ଗାମୁଛା ପାରି ଦେଇ ଚୁଟି କାଟୁଥିଲା ଉଦିଆ
ବାରିକ, ସେଇଥିରେ ତାସ ପଡ଼ିଲା ତେଣିକି। ଉଦିଆ
ବାରିକ ଚୁଟି କଟା ଭୁଲିଗଲା, ପୁରିଆ ବୁଢ଼ା ବି।
ଖେଳ ଚାଲିଲା ଦି ଘଣ୍ଟା। କେହି ପଛୁକୁ ହଟୁ ନ
ଥାଆନ୍ତି। କେଇ ଜଣ ଯାଉଥିବା ଲୋକ ସେଇଠି
ବସିଲେ, ଦେଖିଲେ ଖେଳ।
ଶେଷକୁ ବେଳ ବୁଡ଼ିଲା ବେଳକୁ ଘୋଷଣା ହେଲା -
ପୁରିଆ ବୁଢ଼ା ଜିତିଲା।
ଉଦିଆ ବାରିକ ମାନିବାକୁ ନାରାଜ। କହିଲା - ଆଉ
ପାଳିଏ ହଉ।
ଗାଁ ଲୋକେ ଦେଲେ ଗାଳି।
ଉଦିଆ କିନ୍ତୁ ଆଉ ଚୁଟି କରିବାକୁ ମନା କଲା। ପୁରିଆ
ବୁଢ଼ା ଅଧା ଚୁଟି କଟା ବାକି।
କ୍ଷୁର, କଇଁଚି ଧରି ଉଦିଆ ବାରିକ ଉଠିଗଲା।
କଇଲା - ଯା ମ ! ଏ ଭୂତେଇକି ଜିତିଚି, ଯୋଉଠି
ଭଲ ବାରିକ ପାଇବୁ ସେଠି କାଟିବୁ। ଯାଆ ଶଳା।
ପୁରିଆ ବୁଢ଼ା ଅଧା ଚୁଟି କାଟି ରହିଲା ସିନା, ବିଜୟୀ
ପଦରୁ ଆଉ ଓହ୍ଲେଇଲା ନାଇଁ।
ସେଇ ଆମ #ଗାଁ। ଅନେକ ସଜଳ କାହାଣୀର ଭଣ୍ଡାର
ଘରର ମାଆ।





# ପ୍ରତିଛବି

## ଡ଼.ଚନ୍ଦ୍ରକଳା ନାୟକ

ତୁମ ଅପେକ୍ଷାରେ ଅତିକ୍ରାନ୍ତ ହେଲା
ନିଶବ୍ଦ ରାତ୍ରୀଟା
ବୃକ୍ଷର ଡାଳ ମାନଙ୍କ ଭିତରେ ଚାହୁଁଥିଲି ତୁମକୁ
ନକ୍ଷ୍ୟତ୍ରଗୁଡା ହସୁଥିଲେ ସଫା ଆଲୋକରେ
ଘର ସାମନା ପାର୍କରୁ ଦିଶୁଥିଲା ବୁଢିଆଣୀ ବଷା
ମନର ବେଦନାଗୁଡା ଛନ୍ଦି ହେଉଥିଲେ
ଅଙ୍କାବଙ୍କା ପ୍ରଶ୍ନରେ –
ଠିକ ସେତିକି ବେଳେ
ସେଫାଳୀ ଫୁଲଟା ହସିଦେଲା ନୀଳକଇଁକୁ ଚାହିଁ ।
ତୁମ ଅପେକ୍ଷାରେ ବିତିଗଲା
କେତେବର୍ଷ ମାସ
ତଥାପି ମୁଁ ଅଭିମାନିନୀ
ଅପେକ୍ଷାରେ ଅଛି ମୁହୁର୍ତ୍ତ ଗୁଡାକୁ
ଯଦିଓ ଏ ବରଷ ସର୍ତ୍ତ ଥିଲା
ତୁମ ଆସିବା ଏବଂ ମିଳନର
ତୁମେ ତ ଆସିଲ ନାହିଁ
ଖାଲି ତୁଚ୍ଛା ପ୍ରତିଛବିଟାରେ
ଉନର ଆଲୋକ ସବୁ
ଉଜ୍ଜିବୀତ ହେଉଥିଲା ପ୍ରେମ ଅପେକ୍ଷାରେ ।
ଅପେକ୍ଷାର ବନ୍ଧଗୁଡା ଭାଙ୍ଗିରୁଜି ଗଲା
ଉଦର ଜ୍ୱାଳାରେ ସବୁ ଆକ୍ତାମାକ୍ତା ହେଲା
ତୁମେ ହିଁ ତ କହିଥିଲ
ଖାଦ୍ୟରେ କଣ ପେଟ ପୁରେ
ପ୍ରେମ ଥିଲେ ପେଟ ପୁରା ପୁରିଯାଏ
ଆହତ ପ୍ରାଣଟା ଆଜି
ଅପେକ୍ଷାର ବନ୍ଧ ଡେଇଁ ଚାଲେ
ଯଉବନ ଡେଣା ସବୁ ଭଗ୍ନ ହୁଏ, ଛିନ୍ନ ହୁଏ
ଉତ୍କଣ୍ଠାର ମୃତ୍ୟୁ ହୁଏ
ନିର୍ବାପିତ ମନର କୋଣରେ ।
କେମିତି କଟିବ ଆଗାମୀ ଜୀବନ
ପ୍ରତିଛବି କେବେ କଣ ଦେଇପାରେ
ପ୍ରେମର ଫଗୁଣ
ମୁଁ କିନ୍ତୁ ହତାସ ନୁହେଁ
ଆଜି ବି ମୀରା ପରି ଅପେକ୍ଷାରେ ଅଛି
ମୁହଁରେ ରଙ୍ଗ ବୋଳି
ଘୁଙ୍ଗୁରର ତାଳେ ତାଳେ ଗଢିବାକୁ
ସ୍ୱପ୍ନର କୋଣାର୍କ ପରି ତୁମ ପ୍ରତିଛବି ।

**ଅଧାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର**
**ମୋବାଇଲ: ୯୪୩୭୯୫୭୧୬୧୭**



# ବ୍ୟାସକବି ଫକୀରମୋହନ

## ଡଃ ତାନଶ୍ରୀ ପାଣିଗ୍ରାହୀ

ଓଡ଼ିଆ ଭାଷାର ଗର୍ବ ଗୌରବ
ହେ ପୂଜ୍ୟ ଫକୀରମୋହନ
ସେନାପତି ସାଜି ରକ୍ଷାକଲ ତୁମେ
ଓଡ଼ିଆ ଭାଷାର ମାନ...

ଭାଷାର ସଂଗ୍ରାମେ ବଳିଦାନ ଦେଇ
ଭାଷାକୁ କଲ ଉଦ୍ଧାର
ଭରିଦେଇଗଲ ପ୍ରତିଟି ଓଠରେ
ଓଡ଼ିଆ ଭାଷାର ସ୍ୱର...

ଭୂମିଷ୍ଠ ହୋଇଲ ମଲ୍ଲିକାଶପୁରେ
ମକର ସଂକ୍ରାନ୍ତି ଦିନ
ପିତା ଲକ୍ଷ୍ମଣ ମାତା ତୁଳସୀଙ୍କ
କୋଳରେ ନେଲ ଜନମ...

ସମ୍ବାଦବାହିକା, ବୋଧଦାୟିନୀ
ପତ୍ରିକାର ପ୍ରତିଷ୍ଠାତା
ଓଡ଼ିଆ ଭାଷାର ସମୃଦ୍ଧି ପାଇଁ
ସଦା ଥିଲା ତୁମ ଚିନ୍ତା...

ତୁମରି ସୃଷ୍ଟି ଛମାଣ ଆଠଗୁଣ୍ଠ
ମାମୁଁ ଲଛମା ବିଖ୍ୟାତ
ମହାଭାରତକୁ ଅନୁବାଦ କରି
ବ୍ୟାସକବି ନାମେ ଖ୍ୟାତ...

ରେବତୀ ଗଳ୍ପ ମାଧମରେ ତୁମେ
ନାରୀଶିକ୍ଷା ପ୍ରଚାରିଲ
ଡାକମୁନସୀରେ ଅସହାୟ ବାପା
ନିର୍ଯ୍ୟାତିତ ଜଣାଇଲ...

ତୁମର ଅମର ଲେଖନୀ ପାଇଁ ହିଁ
ହୋଇଛି ଉତ୍କଳ ଧନ୍ୟ
ଅନବଦ୍ୟ ସୃଷ୍ଟି ସାହିତ୍ୟ ତୁମର
ଚିର ଶାଶ୍ୱତ ଅମ୍ଲାନ...

ରଜ ସଂକ୍ରାନ୍ତିରେ ନେଲ ଯେ ବିଦାୟ
ଖୋଜୁଛୁ ତୁମ ପରଶ
ଝୁରୁଅଛି ଏଇ ବାଲେଶ୍ୱର ମାଟି
କାହିଁଗଲ ତୁମେ ବ୍ୟାସ...

ତୁମେ ଏ ଉତ୍କଳେ ସଂକ୍ରାନ୍ତି ପୁରୁଷ
ସଦା ଚିର ମହୀୟାନ
ଇତିହାସ ବକ୍ଷେ ତୁମ ଭାଷା ପ୍ରୀତି
ଥିବ ଚିର ଆୟୁଷ୍ମାନ ।।

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର**
**ବାଲିଆ,ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**



# ସଂକ୍ରାନ୍ତି ପୁରୁଷ

## ଚିତ୍ତରଞ୍ଜନ ପୃଷ୍ଟି

ଉତ୍କଳ ସନ୍ତାନ ଫକୀର ମୋହନ
ଯୋଗଜନ୍ମା ଯୋଗ୍ୟସୁତ
ଓଡ଼ିଆ ଭାଷାର ସୁଦକ୍ଷ ବିନ୍ଧାଣୀ
ସଂକ୍ରାନ୍ତିରେ ହେଲ ଜାତ ।

ଭାଷା ଆନ୍ଦୋଳନ ଜାଗ୍ରତ ପ୍ରହରୀ
ତୁମେ ସାରସ୍ୱତ ସ୍ରଷ୍ଟା
କାଳଜୟୀ ଥିଲା ସାହିତ୍ୟର ସୃଷ୍ଟି
ଥିଲ ତୁମେ ଦିବ୍ୟଦ୍ରଷ୍ଟା ।

ଶିକ୍ଷିତ ସମାଜ ଦେଲା ପରିଚୟ
ଉତ୍କଳର ବ୍ୟାସକବି
ସାହିତ୍ୟ ଜଗତେ ଦକ୍ଷ କାରିଗର
ଭାଷା ଆକାଶର ରବି ।

ଓଡ଼ିଆ ସାହିତ୍ୟ ଦୁର୍ଦ୍ଦିନ ସମୟେ
ହେଲାତୁମ ଆବିର୍ଭାବ
ଭାଷା ଆନ୍ଦୋଳନେ ସାଜିଲ ପୁରୋଧା
ଫେରିଲା ଜାତିର ଗର୍ବ ।

ମାମୁଁ ଲଛମା ପ୍ରାୟଶ୍ଚିତ ରେବତୀ
ଛଅ ମାଣ ଆଠ ଗୁଣ୍ଠ
କାଳଜୟୀ ତୁମ ସୃଷ୍ଟିର ସମ୍ଭାର
ଭାଷା ଆଜି ପରିପୁଷ୍ଟ ।

ଆଧୁନିକ ଭାଷା ସାହିତ୍ୟ ଜଗତେ
ଥିଲ ତୁମେ କର୍ଣ୍ଣଧାର
ଓଡ଼ିଆ ଭାଷାର ଯାଦୁଗର ତୁମେ
ନାହିଁ ତୁମ ପଟ୍ଟାନ୍ତର ।

ଆହେ ଯୋଗଜନ୍ମା ସଂକ୍ରାନ୍ତି ପୁରୁଷ
ଅନନ୍ୟ ତୁମ ସୃଜନ
ଉପନ୍ୟାସ ଗଳ୍ପ କବିତାକୁ ରଚି
ଜିଣିଲ ଓଡ଼ିଆ ମନ ।

ବିଶ୍ୱ ଦରବାରେ ଓଡ଼ିଆ ଜାତିର
ବଢାଇଲ ଯଶ ଖ୍ୟାତି
କାଳଜୟୀ ତୁମ ଅମ୍ଳାନ ସୃଷ୍ଟିକୁ
ଝୁରୁଛି ଓଡ଼ିଆ ଜାତି ।

ଆଉଥରେ ନିଅ ତୁମେ ପୁନର୍ଜନ୍ମ
ପୁଣ୍ୟ ଉତ୍କଳ ଭୂମିରେ
ଓଡ଼ିଆ ଭାଷାର ଜୟଧ୍ୱନି ଶୁଭୁ
ସାରା ବିଶ୍ୱ ଦରବାରେ ।

**ନିମାପଡା, ପୁରୀ**
**ମୋବାଇଲ୍: ୯୭୭୮୧୭୭୫୦୧**



# ସଂକ୍ରାନ୍ତି ପୁରୁଷ ଫକୀର ମୋହନ

## ସ୍ୱାଗତିକ ସାହୁ

ଝୁରେ ସଦା ଶୋଷିଲା ମାଟି
ଗର୍ଜେ ସାହିତ୍ୟର ଭୋକିଲା ମେଘ
ବିସ୍ମୟ ବିସ୍ମିତ ଯୋଗାଜନ୍ମ ତାପସ ହେ....
ଶୁଷ୍କ ସାହିତ୍ୟେ ଭର ଜୀବନ୍ୟାସ ର ଅଲ୍ଲଦ !!
ସଂକ୍ରାନ୍ତି ପୁରୁଷ ତୁମେ....
ସାହିତ୍ୟର ମହାସେନାପତି
ବେଦବ୍ୟାସ ତୁମେ ସାହିତ୍ୟରଥୀ
ଜନ୍ମ ସଂକ୍ରାନ୍ତିରେ ମୃତ୍ୟୁ ବି ସଂକ୍ରାନ୍ତିରେ...!
ଦିଗନ୍ତକୁ ସ୍ତବ୍ଧ କରିବାର ଅପୂର୍ବ ସଂଯୋଗ
ଜୀବନ ଜିଜ୍ଞାସାର ଅନ୍ତସ୍ୱର ତୁମ ରଚନା
ସାମାଜିକ, ନୈତିକତ, ସାମ୍ପ୍ରତି ସ୍ଥିତିର ବାସ୍ନା
ମାର୍ମିକ ଅନୁଭବ ପ୍ରତି ପୃଷ୍ଠା ରେ...
ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ଭାଷା ମାନ୍ୟତା
ତା ସଫଳତା ବାଢ଼ିଥିବା ମାନବଟେ
ଘନିଷ୍ଠ ଆତ୍ମୀୟତାକୁ ପୁଞ୍ଜି କରି
ଏକାକାର କରିଥିବା ମାନବ
ଶ୍ରେଷ୍ଠ ତୁମେ ଜନ ମାନସେ...!
ଆଲ୍ହାଦିତ,ପ୍ରାଣବନ୍ତ କରେ ତୁମ
ମାମୁଁ,ଲଛମା,ପ୍ରାୟଶ୍ଚିତ, ରେବତୀ...
ପେଟେଣ୍ଟ ମେଡ଼ିସିନ,ଧୂଳିଆବାବା
ଛଅ ମାଣ ଆଠଗୁଣ୍ଠ ମଧୁ ସର୍ଜନା
ଉତ୍କଳ ଭ୍ରମଣ,"ଗଳ୍ପ ସ୍ୱଳ୍ପ" ତୁମ
ହୃଦୟ ସ୍ପର୍ଶୀ ଶ୍ରଦ୍ଧାଞ୍ଜଳୀ...!
ଅଠର ଶହ ତେୟାଳିଶି
ଜାନୁଆରୀ ତେର ମକର ସଂକ୍ରାନ୍ତି
ଏ ସାହିତ୍ୟ ତାରକାଙ୍କ ଶୁଭଜନ୍ମ
ଆଜିବି ସ୍ମୃତିର ମର୍ମ ଧ୍ୱନୀ ବାଜି ଉଠେ
ହା ହା କରି ସେଇ କୋଳାଗ୍ରତର ସମୟ
ଗୋଧୂଳି ଦେହରେ ପ୍ରଶ୍ନବାଚୀ ସାଜି
ଉଣେଇଶହ ଅଠର ଜୁନ ଚଉଦ
ରଜ ସଂକ୍ରାନ୍ତି ର ପୂଣ୍ୟ ତିଥିରେ
ଇହଧାମ ଛାଡି ହେଲ ପରଲୋକ...!
ନା ଦୁଃଖରେ ଦରିଦ୍ରରେ ଥିଲ ଅସ୍ଥିର
ନା ସୁଖ ସମ୍ମାନରେ ଥିଲ ବିଭୋର....
ବାଲେଶ୍ୱର ଜିଲ୍ଲାର ମଲ୍ଲିକାଶପୁର
ପାଇଥିଲା ତୁମ ପ୍ରଥମ ସ୍ପର୍ଶ..!
ମାତା ତୁଳସୀ ଦେବୀ ପିତା ଲକ୍ଷ୍ମଣ
ଛାଡ଼ିଗଲେ ବାଲ୍ୟ କାଳୁ
ପିତୃ ଦତ ନାମ ବଜ୍ର ମୋହନ
ସଂସାରେ ତୁମେ ଫକୀରମୋହନ...!
ଫକୀର ହାତ ଆଶିଷ ପାଇ
ହୋଇଲ ଫକୀର ମୋହନ...
ନାନା ଭାଷା ପଢ଼ି ନ ମେଣ୍ଟିଲା ଶୋଷ
ଓଡ଼ିଆ ଭାଷାକୁ କଲେ ଆତ୍ମୀୟତା
ସାହିତ୍ୟର ମୂର୍ଚ୍ଛନା ତୋଳି ଥିବା
ସାହିତ୍ୟ ଦହନ ମଧେ
ହୋଇଗଲ ଯୋଗାଜନ୍ମ ପୁରୁଷ...!

**ଉମରକୋଟ, ନବରଙ୍ଗପୁର**

# ଭକ୍ତି ନିବେଦନ

## ଡ଼ଃ ଧୀରେନ୍ଦ୍ର କୁମାର ମଲ୍ଲିକ

ଶ୍ରୀ ମନ୍ଦିରୁ ଜଗା ବାହାରି ଆସି ତୁ
କହିଦେଇ ଯା' ମୋ କାନରେ ଥରେ,
ଜିଇଁ ଥାଉ ଥାଉ ଏଇ ସଂସାରରେ
ପ୍ରତିକ୍ଷଣ ମୁହିଁ କାହିଁକି ମରେ ?
ସତପଥେ ରହି ବହୁଦୁଃଖ ସହି
ବଞ୍ଚିବାଟା ଭୁଲ ଅଟେକି ମୋର,
ଯେ' ପାଇଁ ସହୁଛି ନିନ୍ଦା ଓ ଯାତନା
କରିଦେଉଛନ୍ତି ସଭିଏଁ ପର।
ପିଲାଟି ଦିନରୁ ଆଜିଯାଏ କେବେ
କାହାକୁ ଦେଇନି ଟିକିଏ କଷ୍ଟ,
କିସପାଇଁ ତେବେ ଏତେ ଯେ' ସଅଳ
ହେବାକୁ ବସିଛି ଜୀବନ ନଷ୍ଟ।
ଅନ୍ୟାୟକୁ ଦିଏ ନାହିଁ ମୁଁ ପ୍ରଶ୍ରୟ
ଅଧର୍ମ କରିନି ଜାଣତେ କେବେ,
ସବୁବେଳେ ଠିଆ ହୋଇଛି ପାଖରେ
ବିପଦ ଯାହାର ଆସିଛି ଯେବେ।
କଟୁକଥା ବଳେ ମନରେ କାହାର
ଆଘାତ ଦେଇନି ଗର୍ବୀଟେ ଭଳି,
ହେତୁ ପାଇବା ଠୁଁ କାହାରି ସାଥୀରେ
କରିନି କେବେବି ଜମାରୁ କଳି।
ଏହାପରେ ମଧ ଯୁବା ଅବସ୍ଥାରେ
ଅଲୋଡ଼ା ହେଉଛି ସମାଜ ପାଇଁ,
ଧନ ନାହିଁ ବୋଲି ତୁଚ୍ଛ ଭାବି ସର୍ବେ
ପାଶ ମୋର ଜମା ମାଡ଼ନ୍ତି ନାଇଁ।
ଯେଉଁଠି କୁ ଯାଏ ପାଏ ଅସମ୍ମାନ
ଛୋଟ ନଜରରେ ଦେଖନ୍ତି ସବୁ,
କୁହନ୍ତି ଗରିବ ଜାଣି ତୁ ରଖିଥା
ଆମ ସମକକ୍ଷ କେବେ ନୋହିବୁ।
ଅଧାପେଟ ଖାଇ ରହିଯାଏ ସିନା
କଷ୍ଟ ଲାଗେନାହିଁ କଦାପି ମୋତେ,
ହେଲେ ସଭିଙ୍କ ଠୁ ନିନ୍ଦା ଅପମାନ
ସହିପାରୁନାହିଁ ଆଉ ମୁଁ ଏତେ।
ତେଣୁ ପ୍ରଭୁ ତୁମ ପାଶେ କରୁଅଛି
ଭକତି ଭାବରେ ମୁଁ ନିବେଦନ,
ବଦଳାଇ ଦିଅ ଦୁନିଆରେ ଥିବା
ଗର୍ବୀ ଅହଙ୍କାରୀ ଲୋକଙ୍କ ମନ।
କେହିବି ଯେମିତି ଗରିବ ଲୋକଙ୍କୁ
ଭାବିବେନି ତୁଚ୍ଛ ଅଯୋଗ୍ୟ ବୋଲି,
ଶ୍ରଦ୍ଧା ସନମାନ ଦେବେ ସବୁବେଳେ
ସାଥିରେ ମିଶିବେ ଅନ୍ତର ଖୋଲି।
ତେବେଯାଇ ଆଉ ଲାଗିବନି ଦୁଃଖ
ଯେତେବି ଗରିବ ହୋଇଲେ ସୁଧା,
ଦୁଃଖ କଷ୍ଟ ଯାହା ଆସିବ ଜୀବନେ
ବଞ୍ଚିବା ପାଇଁ ସେ ହେବନି ବାଧା।।

**ସମ୍ପାଦକ: ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ଓ ଆଦର୍ଶ ପାଠାଗାର**
**ନୀଳକଣ୍ଠପୁର,ମଙ୍ଗଳପୁର,ଯାଜପୁର**
**ମୋବାଇଲ୍: ୭୯୦୪୩୯୨୬୮୬**

# ହେ ଦେଶସେବକ ଫକିରମୋହନ

## ଶ୍ରୀମତୀ ବାସନ୍ତୀ ଦାସ

ଆଜତ ଶୁଭନଗନ
ଆଜି ତଜନମ ଦିନ
ଘେନ ପ୍ରଣାମ ଆମ
ଓହ୍ଲାଇ ଆସଏଧାମ
ତୁମରି ବୀର କାହାଣୀ
ଘୋଷୁଛି ମର୍ତ୍ତ୍ୟ ଯେ ପୁଣି
ସ୍ୱାଧିନ ହୋଇଛି ଭାରତ
ଗାନ୍ଧୀ ଗୋପପାଇଁ ତ
ଚାଚା ନେହୁଙ୍କ ବାଣୀ
କେହି ପାରୁନାହିଁ ଶୁଣି
ରମାଦେବୀ ଙ୍କର ସେବା
ସବୁ କରିଥିଲା କାବା
ଫେରିଆସ ଆସ ସର୍ବେ
ତ୍ରୀରଙ୍ଗା ଉଡାଅଗର୍ବେ
ଓଡି ଆଭାଷାର ରକ୍ଷକ
ତୁମସାଜିଥିଲସୈନିକ
ପୁଷ୍ପାଞ୍ଜଳି ଦେଇ ଚରଣ
ସଙ୍ଗୀତ ଗାଏଜନଗଣ

କେନ୍ଦ୍ରାପଡ଼ା

# ସ୍ତ୍ରୀ

## ଡ. ଭାରତୀ ହୋତା



ସେ' ତ ପୂଜା ଖଟୁଲି ପରି
ମୁଣ୍ଡରେ ଉଠେଇ ରଖେ
ସଂସାର ଶାଳଗ୍ରାମ
ମଶାଣିରେ ମେଘ ସହ
ଧୂଆଁ ହୋଇ ମିଳେଇ ନ ଯିବା ଯାଏଁ
ତା ' ବାକି ପାଇଟି ସରେନା ।।

ମେଘକୁ ନେହୁରା ହୁଏ
ତା ' କ୍ଷତସବୁକୁ ବର୍ଷାରେ ଧୋଇ ଦେବାକୁ
ପବନକୁ କହେ
ଯେତେ ପାରିବା ପଣ ସବୁ
ତା 'ପଣତରେ ଅଜାଡ଼ି ଦେବାକୁ ।।

ପାହାନ୍ତି ପ୍ରହରରୁ
ଝାଡି ଝୁଡ଼ି ବାହାର କରିଦିଏ
ତୁମ ଜମାଟ ବନ୍ଧା ଯେତେ ଅନ୍ଧକାର ।।

ତା 'ଠୁଁ ଜହ୍ନ ଶିଖେ ବିମଳ ଆଲିଙ୍ଗନ
ଆକାଶ ଶିଖିନିଏ ସହିବା ପଣ
ଝରଣା ଶିଖେ ପଥର କୁ ମାତ୍ ଦେବା
ଆଉ ବର୍ଷା ଶିଖେ ମାଟିକୁ ବାସ୍ନାୟିତ କରିବା ।।

ରାତିର ଫର୍ଚ୍ଚା ଆଲୁଅରେ ତାରା ମାନେ
ଓହ୍ଲେଇ ଆସନ୍ତି
ଆକାଶରୁ ମାଟିକୁ
ତା ପଣତରେ ମୁହଁ ପୋଛିବାକୁ ।।

କୁହୁକ କୁହୁଡ଼ି କାଟିକାଟି ପରସ୍ତ ପରସ୍ତ
ସେ' ଅମଡ଼ା ବାଟରେ ଚାଲେ
ଅଭିଳାଷର ଅନୁରକ୍ତିରେ
ଥକିଯିବା ଯାଏଁ ପାଦ
ଥମିଯିବା ଯାଏଁ ନିଃଶ୍ୱାସ
ଝର ଝର ଝରି ଯିବା ଯାଏଁ ଶେଷ ବିନ୍ଦୁ ରକ୍ତ ।।

ଖରିଆର ରୋଡ଼
ନୂଆପଡ଼ା

# ମୁଇଁ ଶୀତର୍ ପ୍ରେମିକା

## ଅନୁପମା ବିଶ୍ୱାଳ



ଶୀତ୍ ଆସି ମତେ ଛୁଇଁ ଦେଉ ଦେଉ
ଦେହେ ଯାଏସି ଶୀତେଇ
ତା'ର୍ ସଜ୍ ଧଜ୍ ଦେଖି ମନ୍ ଭରି
ଭାଁଗସି ଘାଏକେ ଘାଇ।
ଢ଼ହକ୍ ତପତ୍ ଚଣେ ଚୁମି ଦେଇ
କରିଦେସି ସେ ଶୀତଲ୍
ଜଳତି ଚୁଲିର୍ କରେଇ ଉପରେ
ପାନିର୍ ମେଲ୍ ଟା ଭଲ୍।
କମଲ୍ ଉମେହି ମାରି ବାହାଦୁରୀ
ତୋଡ୍ ଦେଖାଲେ ତାହାକେ
ନିଜର୍ ଇଜତ୍ ବଁଚାବାର୍ ଲାଗି
ବୁଝେଇଦେସି ମନକେ।
ଝରନ୍ ପାଏନ୍ ବୁହି ଯାଉଥିସି
ଧୁଇସନ୍ ପାଦ୍ କେତେ
ନାଇଁନ୍ ହଁକାର୍ କାହାକେଭି ମୋର୍
ମୁଇଁତ ଜାନିଛେଁ ମତେ।
ତାର୍ ପ୍ରେମେ ପଡି ସାଜିଛେଁ
ପ୍ରେମିକା
ନାଇଁ ଛାଡିପାରେଁ ତାକେ
ଖରାର୍ ଝାଁଜିଟା ଯାହା ହେଲେ ଭିଲ୍
ଖସରି ଯିବା ଦୂରକେ।
ଶୀତର୍ ହଁସିଟା ନୁହେଁ ପାନଚିଆ
ଅବଗା ଆଏ ସୁରୁତ୍
ଚିନି ସଁଗେ ଚାଁଟି ଭେଟ୍ ପଡ଼ିଥିଲେ
ମନ୍ ଲାଗସି ପୁରୁତ୍।

**ସମ୍ବଲପୁର**

● ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

# ୫୨ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ



**ସୁବର୍ଣ୍ଣପୁର,୧୩।୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅନ୍ତର୍ଗତ ଅନ୍ଧାରିବାଞ୍ଜି ଗ୍ରାମ କାର୍ଯ୍ୟାଳୟର ପଶ୍ଚାତ୍ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି। ମିଳିତ ଅଭିଯୋଗ ଶୁଣାଣି ଆରମ୍ଭ ହେବା ପୂର୍ବରୁ ଆନ୍ଧାରିବାଞ୍ଜି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସମସ୍ତ ମହିଳାଙ୍କ ପାଇଁ ନୂତନ ଭାବେ ନିର୍ମିତ ବିଶ୍ରାମ ଗୃହ ସହିତ ନିଜ ଶିଶୁ ମାନଙ୍କ ପାଇଁ ସ୍ତନପାନ ପାଇଁ ମା ଓ ମମତା କକ୍ଷ କୁ ଜିଲ୍ଲାପାଳ ଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା। ତାପରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ, ଶ୍ରୀ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ଅଭିଯୋଗ ସର୍ବମୋଟ ୫୨ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୩୭ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୫ ଗୋଟି ସାମୂହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ତନ୍ମଧ୍ୟରୁ ୦୮ ଗୋଟି ଅଭିଯୋଗ ପତ୍ର ତୁରନ୍ତ ଅଭିଯୋଗ ଶୁଣାଣୀ ଶିବିର ରେ ସମାଧାନ କରାଯାଇଥିଲା। ସମସ୍ତ ସାମୂହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଡୁଙ୍ଗୁରିପାଲି, ଦିଲିପ କୁମାର ବାରା ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ) ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅଶ୍ୱିନୀ କୁମାର ମେହେର, ଡୁଙ୍ଗୁରିପାଲି ପଞ୍ଚାୟତ ସମିତି, ଅଧ୍ୟକ୍ଷା ଅହଲ୍ୟା ସାହୁ, ଉପ - ଜିଲ୍ଲାପାଳ ଙ୍କ ପ୍ରତିନିଧି, ସହକାରୀ ଜିଲ୍ଲାପାଳ, ଶ୍ରୀଅଜିତ କୁମାର ତ୍ରିପାଠୀଙ୍କ ସମେତ ତହସିଲଦାର, ରାମପୁର, ବିମଳ କିଶୋର ପାତ୍ର, ସରପଞ୍ଚ, ଅନ୍ଧାରିବାଞ୍ଜି ଗ୍ରାମ ପଞ୍ଚାୟତ ଚେତେଯୋମୟୀ ସାହୁ ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦ ଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀ ଅର୍ଜ୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଦୁଇ ଜଣ ଭିନ୍ନକ୍ଷମ ହିତାଧିକାରୀ ମାଧବୀ ନାୟକ, ଅନ୍ଧାରିବାଞ୍ଜି ଓ ଟିଟୁ ସୁନା, ଗଣିଆ ଙ୍କୁ ଭିନ୍ନକ୍ଷମ ଭତ୍ତା ବିତରଣ କରିଥିଲେ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



**ସୁବର୍ଣ୍ଣପୁର,୧୩।୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସମଲେଇଚୁଆଁ କ୍ଲଷ୍ଟର ଅନ୍ତର୍ଗତ ଅଇଁଳାସାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ କ୍ରୀଡା ଉତ୍ସବ ପ୍ରଧାନ ଶିକ୍ଷକ ଜୟପ୍ରକାଶ ସେଟ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବିଭୁଦତ୍ତ ରାଜହଂସ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡା ର ବିକାଶ ବିନା ଶିକ୍ଷାର୍ଥୀ ର ସର୍ବାଙ୍ଗୀନ ବିକାଶ କଳ୍ପନା କରାଯାଇ ନପାରେ ତେଣୁ ପାଠ ସହିତ କ୍ରୀଡା କ୍ଷେତ୍ରରେ ମଧ ଛାତ୍ରଛାତ୍ରୀ ମାନେ ଆଗକୁ ବଢିବାକୁ ପ୍ରେରଣା ଦେଇଥିଲେ। ମୁଖ୍ୟବକ୍ତା ଭାବେ ସମଲେଇଚୁଆଁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରାଧେଶ୍ୟାମ ରଥ ଯୋଗଦେଇ ବାର୍ଷିକ କ୍ରୀଡା ଉତ୍ସବର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ୱାର୍ଡ ସଭ୍ୟ ନିରଞ୍ଜନ ଗଡ଼ତିଆ, ପ୍ରାକ୍ତନ ସ୍କୁଲ ସଭାପତି ସନ୍ତୋଷ ସାହୁ, ଶିକ୍ଷାପ୍ରେମୀ ସନ୍ତୋଷ ପଧାନ, ବରିଷ୍ଠ ନାଗରିକ ଘନଶ୍ୟାମ ନାଏକ, ତମାମୁରା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶୁଭଲାଲ ସାହୁ ଯୋଗଦେଇ ଛାତ୍ରଛାତ୍ରୀ ଙ୍କୁ ଉତ୍ସାହିତ କରିଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ଦେବାନନ୍ଦ ନାଏକ ଓ କପିଳେନ୍ଦ୍ର ପଧାନ ଙ୍କ ତତ୍ୱାବଧାନ ରେ ଛାତ୍ରଛାତ୍ରୀ ଙ୍କ ମଧରେ ଦୌଡ଼, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଗୋଳାଫିଙ୍ଗା, ଡ଼ିସକସ ଥ୍ରୋ, ପୁଚି, ଦୌଡ଼ି ଟଣା, ମ୍ୟୁଜିକ ଚେୟାର ପରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଏନଟିପିସି ଦର୍ଲିପାଲି ଟାଉନସିପ୍‌ରେ ଉତ୍କଳିକା ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ



**ସୁନ୍ଦରଗଡ଼,୧୩।୧(ସଂଚାର ବ୍ୟୁରୋ):** ଏନଟିପିସି ଦର୍ଲିପାଲି ଟାଉନସିପ୍‌ରେ ଓଡ଼ିଶାର ହସ୍ତତନ୍ତ ଏବଂ ହସ୍ତଶିଳ୍ପର ସମୃଦ୍ଧ ଐତିହ୍ୟକୁ ପ୍ରଦର୍ଶିତ କରୁଥିବା ଏକ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ରାଜ୍ୟର ସ୍ଥାନୀୟ ବୁଣାକାର ଏବଂ କାରିଗର ମାନଙ୍କୁ ପ୍ରୋତ୍ସାହିତ ଏବଂ ସମର୍ଥନ କରିବା ଉଦ୍ଦେଶ୍ୟରେ ଏହି ପ୍ରଦର୍ଶନୀ ଉତ୍କଳିକା - ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିମିଟେଡ୍ ଦ୍ୱାରା ଆୟୋଜିତ ହେଉଛି। ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ସାଧାରଣ ପରିଚାଳକ ରବିନ୍ଦ୍ର ଶର୍ମା ଦ୍ୱାରା ଉଦ୍ଘାଟିତ କରାଯାଇଥିଲା। ଅଭିଳାଷ ଲେଡିଜ୍ କ୍ଲବର ଅଧକ୍ଷା ତାଜିନ୍ ଜାୱେଦ୍, ଏନଟିପିସି ଦର୍ଲିପାଲି ପ୍ରେରଣା ସଭାପତି କବିତା ସକ୍ସେନା, ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଅଧିକାରୀ ମାନେ ଉପସ୍ଥିତ ଥିଲେ। ପ୍ରଦର୍ଶନୀଟି ଜାନୁଆରୀ ୧୧ ରୁ ୨୦ ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ଖୋଲା ରହିବ, ଯେଉଁଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଦକ୍ଷ କାରିଗରମାନଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ପ୍ରକାରର ପ୍ରାମାଣିକ ହସ୍ତତନ୍ତ କପଡ଼ା, ପାରମ୍ପରିକ ହସ୍ତଶିଳ୍ପ ଏବଂ କଳାତ୍ମକ ଉତ୍ପାଦ ଉପଲବ୍ଧ ହେବ।

## କେ ସି ପିପିଲି କଲେଜରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ବାଲିଆପାଳ,୧୩।୧(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇ, ବାଲିଆପାଳ, ବାଲେଶ୍ୱରରେ ଶକ୍ତିଶ୍ରୀ ସାଥୀ କାର୍ଯ୍ୟକ୍ରମ ପକ୍ଷରୁ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ମାନଙ୍କୁ ନେଇ ୮ ଦିନିଆ ଛାତ୍ରୀ ଆତ୍ମ ସୁରକ୍ଷା ଶିବିର ଅଧକ୍ଷା ଡ଼ ମାନସୀ ସାହୁଙ୍କ ପୌରାହିତ୍ୟରେ ଉଦଯାପନ ହୋଇଯାଇଛି। ଇତିହାସ ବିଭାଗର ମୁଖ୍ୟ ଅଧାପକ ପ୍ରଭାଂଶୁ କୁମାର ସି ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୦୧୨ ମସିହାରୁ ଆରମ୍ଭ ହୋଇଥିବା ନାରୀ ଆତ୍ମାସୁରକ୍ଷା ଅଭିଯାନର ଆବଶ୍ୟକତା ସମ୍ବନ୍ଧରେ ମତ ରଖିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଓଡ଼ିଆ ବିଭାଗ ମୁଖ୍ୟ ଡ଼ ଦୟାନିଧି ସାହୁ ଯୋଗଦେଇ, ଛାତ୍ରୀମାନଙ୍କ ଶାରୀରୀକ, ମାନସିକ ସୁରକ୍ଷାର ଆବଶ୍ୟକତାକୁ ଉପସ୍ଥାପନ କରିଥିଲେ। ବରେଣ୍ୟ ଅତିଥି ଭାବେ ରାଜନୀତି ବିଜ୍ଞାନର ମୁଖ୍ୟ ଅଧାପକ ପ୍ରଭାତ କୁମାର ଜେନା ବିଭିନ୍ନ ଉଦାହରଣ ଦେଇ ଛାତ୍ରୀ ଆତ୍ମ ସୁରକ୍ଷାର ଉଦ୍ଦେଶ୍ୟ ସମ୍ବନ୍ଧରେ ମତ ରଖିଥିବା ବେଳେ ମୁଖ୍ୟ ସଂଯୋଜିକା ଅଧାପିକା ସସ୍ମିତା ସିଂ ଓ ସହ ସଂଯୋଜିକା ଅଧାପିକା ମନସ୍ୱିନୀ ଆଚାର୍ଯ୍ୟ ଆଠ ଦିନର ଶିବିର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଅଧକ୍ଷା ଦୁଇ ମାଷ୍ଟର ଟ୍ରେନର ସରସ୍ୱତୀ ଜେନା ଓ ସସ୍ମିତା ଜେନାଙ୍କୁ ସମ୍ମାନିତ କରିବା ସହ ଛାତ୍ରୀ ଆତ୍ମ ସୁରକ୍ଷାର ମହତ୍ୱର ଦିଗ ସମ୍ବନ୍ଧରେ ସଚେତନ ବାର୍ତ୍ତା ଦେଇଥିଲେ। ପରିଶେଷରେ ଶିବିରର୍ଥୀ ଲିପ୍ସିମୟୀ ପଣ୍ଡା କୃତଜ୍ଞତା ଜ୍ଞାପନ କରିଥିଲେ।

# ସ୍ୱଚ୍ଛ ବିଦ୍ୟାଳୟ ରେଟିଂରେ ୫ ଷ୍ଟାର

## ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଜାତୀୟ ସ୍ତରକୁ ମନୋନୀତ: ଚାରିଆଡୁ ଶୁଭେଚ୍ଛା



**ଜି.ଉଦୟଗିରି,୧୩।୧(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଜି.ଉଦୟଗିରି ପରିଷଦ ଅନ୍ତର୍ଗତ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚମାଧମିକ ବିଦ୍ୟାଳୟ ଜାତୀୟସ୍ତରରେ ସ୍ୱଚ୍ଛ ଏବଂ ହରିତ୍ ରେଟିଂ ପୁରସ୍କାର ପାଇଁ ରାଜ୍ୟ ଚୟନ କମିଟି ଦ୍ୱାରା ମନୋନୀତ। ସୂଚନା ଅନୁସାରେ ଗତ ବର୍ଷ ରାଜ୍ୟର ୨୩୮ ଟି ବିଦ୍ୟାଳୟକୁ ଏକ ରାଜ୍ୟ ଚୟନ କମିଟି ଦ୍ୱାରା ସ୍ୱଚ୍ଛତା, ପରିବେଶ ସୁରକ୍ଷା, ହରିତ୍ ପ୍ରକଳ୍ପ, ପାନୀୟଜଳ ବ୍ୟବସ୍ଥା, ଶୌଚାଳୟ ପରିଷ୍କାର ଓ ପରିଚାଳନା ସହ ଉତ୍ତମ ପରିବେଶ ଆଧାରରେ ସବିଶେଷ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ପରେ ୨୦ଟି ବିଦ୍ୟାଳୟକୁ ଚୟନ କରାଯାଇଥିଲା। ସେଥିମଧ୍ରୁ ଉକ୍ତ ଉଚ୍ଚମାଧମିକ ବିଦ୍ୟାଳୟ ଉଲ୍ଲେଖନୀୟ ସଫଳତା ହାସଲ କରି ୯୪.୯୬ ପଏଣ୍ଟ ସହ ୫ ଷ୍ଟାର୍ ରେଟିଂ ପାଇ ଜାତୀୟ ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ପୁରସ୍କାର ପାଇଁ ମନୋନୀତ ହୋଇଥିବା ନେଇ ସ୍ଥାନୀୟ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମିହିର କାନ୍ତ ପ୍ରଧାନ ସୂଚନା ଦେବା ସହ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତା ପାଇବା ପରେ ପରେ ଅନୁଷ୍ଠାନର ପ୍ରତିଷ୍ଠାତା ଶିଶିର ପଟ୍ଟନାୟକ,ପ୍ରତିଷ୍ଠାତା ସମ୍ପାଦକ କେ.ସୂର୍ଯ୍ୟନାରାୟଣ ପାତ୍ର ଛାତ୍ରୀଙ୍କ ସମେତ ଉଚ୍ଚମାଧମିକ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଏହି ସଫଳତା ପାଇଁ ଗର୍ବିତ ବୋଲି କହିଛନ୍ତି। ଏହି ସଫଳତା ସମସ୍ତ ଛାତ୍ରୀ,ସମେତ ସମସ୍ତ କର୍ମଚାରୀମାନଙ୍କ ପରିଶ୍ରମର ଫଳ ବୋଲି ପ୍ରକାଶ କରିଛନ୍ତି।

## ଭାରସାମ୍ୟ ହରାଇ ଘାଟିରେ ଓଲଟିପଡିଲା ଅଟୋ

**ଗୁଣୁପୁର,୧୩।୧(ସଂଚାର ବ୍ୟୁରୋ):** ରାୟଗଡା ଜିଲା ପୁଟାସିଂ ଥାନା ସିନ୍ଦୁବା ଘାଟିରେ ଭାରସାମ୍ୟ ହରାଇ ଓଲଟିଲା ଯାତ୍ରୀବାହୀ ଅଟୋ । ଅଟୋରେ ପ୍ରାୟ ୧୦ ଜଣ ବସିଥିଲେ। ସେଥିରୁ ୪ ଜଣ ସ୍ୱଳ୍ପ ଆହତ ହୋଇଥିବା ବେଳେ ଜଣେ ବୃଦ୍ଧା ଗୁରୁତର ଆହତ ହୋଇଥିବା ଜଣାପଡିଛି । ମଙ୍ଗଳବାର ସକାଳ ୯ଟା ସମୟରେ ଅଟୋଟି ଯାତ୍ରୀଙ୍କୁ ନେଇ ଗଜପତି ଜିଲା ନୂଆଗଡ଼ ହାଟକୁ ଯାଉଥିଲା । ଘାଟି ରାସ୍ତାରେ ଅଧିକ ଯାତ୍ରୀ ସହ ଜିନିଷର ଓଜନ ଅଧିକ ହୋଇଯିବାରୁ ଅଟୋଟି ଭାରସାମ୍ୟ ହରାଇ ଖାଲରେ ଓଲଟିପଡିଛି। ଗୁରୁତର ଥିବା ବୃଦ୍ଧା ଜଣଙ୍କ ଘର ଆବାଡା ନିକଟ କୁଲୁସିଂ ଗାଁର ବୋଲି ଜଣାପଡ଼ିଛି । ଗୁରୁତର ଓ ଆହତ ଥିବା ସମସ୍ତେ ନୂଆଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।

## ଶିକ୍ଷା ଓ ସାକ୍ଷରତା ମଧରେ ସମନ୍ୱୟ, ପୂର୍ଣ୍ଣ ବିନ୍ୟାସ ହେଲେ ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ଭବ

● ପଲ୍ଲୀ କବି ରାଧାମାଧବ ଗିରିଙ୍କ ୧୨୮ତମ ଜୟନ୍ତୀ ଓ ଗଦାଧର ଗିରିଙ୍କ ୩୯ତମ ଶ୍ରାଦ୍ଧବାର୍ଷିକୀ ପାଳିତ



**ବାଲିଆପାଳ,୧୩।୧(ସଂଚାର ବ୍ୟୁରୋ):** ଶିକ୍ଷାବ୍ୟବସ୍ଥା ମନୁଷ୍ୟକୁ ସୁରକ୍ଷିତ ତଥା ବଞ୍ଚିବାର ରାହା ଦେଖାଇଥାଏ। ଶିକ୍ଷା ଓ ସାକ୍ଷରତା ମଧରେ ପୁର୍ନବିନ୍ୟାସ ହେଲେ ପୂର୍ଣ୍ଣାଙ୍ଗଶିକ୍ଷା ସମ୍ଭବ। ସେହିପରି ସମ୍ପ୍ରତି କଳୁଷିତ ସମାଜ ସକାଶେ ଆବଶ୍ୟକ ହୋଇପଡ଼ିଛି ଭଲ ମଣିଷ। ଏଣୁ ସକାରାତ୍ମକ ଚିନ୍ତାଧାରା, କଠିନ ପରିଶ୍ରମ, ଦୃଢ଼ ଇଚ୍ଛା ଶକ୍ତି ଏବଂ ଈଶ୍ୱର ବିଶ୍ୱାସୀ ହେବା ସହ ପିଲାମାନେ ଭଲ ମଣିଷ ହୁଅନ୍ତୁ ବୋଲି ଆଜି ବାଲିଆପାଳ ବ୍ଲକ ସୁନାରୁଇ ଗଦାଧର ଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରତିଷ୍ଠାତା ପଲ୍ଲିକବି ରାଧାମାଧବ ଗିରିଙ୍କ ୧୨୮ତମ ଜୟନ୍ତୀ ଓ ସ୍ୱର୍ଗତଃ ଗଦାଧରଗିରି ଙ୍କ ୩୯ ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ବସ୍ତା ବିଧାୟିକା ସୁବାସିନୀ ଜେନା ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅର୍ଣ୍ଣପୂର୍ଣ୍ଣା ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବରେ ବିଶିଷ୍ଟ କବି ଡ.କାଳିପଦ ପଣ୍ଡା ସମ୍ମାନୀତ ଅତିଥିଭାବରେ ସାଂସଦ ପ୍ରତିନିଧି ରବୀନ୍ଦ ନାଥ ଅଣ୍ଡିଆ, ବଳରାମପୁର ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ, ପାୟତ ସମିତି ସଦସ୍ୟ ମୀନକେତନ ଦାସମହାପାତ୍ର, ବାଲିଆପାଳପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ବିଶ୍ୱମ୍ବର ପାତ୍ର, ସିଆରସିସି ରବୀନ୍ଦ୍ର ବିଶ୍ୱାଳ, ମହେଶ୍ୱର ସେଠୀ, ପୁରାତନ ଛାତ୍ର ସଂସଦ ସଭାପତି ଇଂ ଅଚ୍ୟୁତା ନନ୍ଦ ଦାସ, ସମ୍ପାଦକ ଇଂ ବିଜୟ କୁମାର ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରେନ୍ଦ୍ର ବେହେରା, ପରିଚାଳନା କମିଟି ଉପଦେଷ୍ଟା କୀ ର୍ନଚନ୍ଦ୍ର ଧଳ, ମହେଶ୍ୱର ସେଠୀ ପ୍ରମୁଖ ଯୋଗଦେଇ ପଲ୍ଲୀ କବି ରାଧାମାଧବ ଗିରିଙ୍କ ସ୍ମୃତିଚାରଣ କରିବା ସହ ଅନୁଷ୍ଠାନର ଅତୀତ ସ୍ମୃତିକୁ ଉଦ୍‌ଜ୍ଜୀବିତ କରିବା ପାଇଁ ଏଭଳି ଉତ୍ସବ ଏକ ବଳିଷ୍ଠ ମାଧମ ବୋଲି କହିଥିଲେ।

## ବିଜେପି ରେଳମଣ୍ଡଳ ବୈଠକରେ ଯୋଗଦେଲେ ଢେଙ୍କାନାଳ ସାଂସଦ



**ତାଳଚେର,୧୩।୧(ସଂଚାର ବ୍ୟୁରୋ):** ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଆଜି ମଙ୍ଗଳବାର ଡେରା ଠାରେ ବିଜେପି ର ରେଳ ମଣ୍ଡଳ ର ବୈଠକ ରେ ଯୋଗ ଦେଇଛନ୍ତି।ମଣ୍ଡଳ ର ସଂଗଠନ ତଥା ବିଭିନ୍ନ ଉର୍ନ୍ନୟନ ମୂଳକ କାର୍ଯ୍ୟ ଉପରେ ସାଂସଦ ସମୀକ୍ଷା କରିଥିଲେ।ଆଗାମୀ ଦିନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଖଣି ଓ କୋଇଲା ବିଭାଗୀୟ ମନ୍ତ୍ରୀ ଜୀ କିସାନ ରେଡ୍ଡୀ ତାଳଚେର ଗସ୍ତ କରି ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ଶୁଭ ଓ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି, ସାଂସଦ ଶ୍ରୀ ପାଣି କେନ୍ଦ୍ରମନ୍ତ୍ରୀ ଙ୍କର ଗସ୍ତ କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରିଥିଲେ।ଉକ୍ତ ବୈଠକ ରେ ବିଧାନସଭା ସଂଯୋଜକ ରତ୍ନାକର ସାହୁ, ଜିଲ୍ଲା ସମ୍ପାଦକ ବୃନ୍ଦାବନ ବେହେରା, ମଣ୍ଡଳ ସଭାପତି ସନ୍ତୋଷ ମହାନ୍ତି, ପ୍ରାକ୍ତନ ମଣ୍ଡଳ ସଭାପତି ବରୁଣ ସାହୁ, ସରପଞ୍ଚ ସହଦେବ ସାହୁ ଓ ଗୀତିଶ ପ୍ରଧାନ, ସମିତି ସଦସ୍ୟ କରୁଣାକର ସାହୁ, ସୁନୀଲ ପଟ୍ଟନାୟକ, ପ୍ରାକ୍ତନ ସରପଞ୍ଚ ସୁନୀଲ ବିଶ୍ୱାଳ, ପ୍ରଦୀପ ସାମଲ, ଚିତ୍ତରଞ୍ଜନ ରଥ, ଶିବରାମ ପ୍ରଧାନ, ନିରଞ୍ଜନ ସାହୁ ଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

# ବେଆଇନ ମାଟି ଖୋଳୁଥିବା ଜେସିବି ବିରୁଦ୍ଧରେ ଥାନାରେ ଅଭିଯୋଗ



**ନାଉଗାଁ,୧୩।୧(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲ ଅନ୍ତର୍ଗତ ଗଳଦାରୀ ଗ୍ରାମ ନିକଟରେ ବେଆଇନ ଭାବେ ମାଟି ଖୋଳାକୁ ନେଇ କନିଷ୍ଠ ଖଣି ଅଧୀକାରୀ ଜିତେନ୍ଦ୍ର କୁମାର ଦାସ ଥାନାରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଗଳଦାରୀ ଗ୍ରାମ ନିକଟରେ ବେଆଇନ ମାଟି ଖୋଳା ଯାଉଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ ପାଇବା ପରେ ଜାନୁଆରୀ ୧୨ ତାରିଖରେ ଉକ୍ତ ସ୍ଥାନକୁ ଯାଇଥିଲି। ଘଟଣାସ୍ଥଳରେ ଏକ ଜେସିବି ମେସିନ (ନଂ-ଓଡିଶାଶାଇ୧୬୪୬) ମାଟି ଖୋଳୁଥିବା ସମୟରେ ଅଟକ ରଖାଯାଇଥିଲା। ଜେସିବି ଚାଳକ ସେହି ସମୟରେ କୌଣସି ଆବଶ୍ୟକୀୟ କାଗଜପତ୍ର ଦେଖାଇ ନ ପାରି ସେଠାରୁ ଫେରାର ହୋଇଯାଇଥିଲା। ସେହି ସମୟରେ ଜେସିବି ମାଲିକ କିଛି ଲୋକଙ୍କୁ ଆଣି ତାଙ୍କୁ ଓ ତାଙ୍କ କର୍ମଚାରୀଙ୍କୁ ଧମକ ଚମକ ଦେବା ସହ ଜେସିବି ମେସିନ ଛାଡି ଦେବା ପାଇଁ କହିଥିଲେ। ଏହାପରେ ସ୍ଥାନୀୟ ପୋଲିସକୁ ଖବର ଦେବା ସହ ସ୍ଥାନୀୟ ତହସିଲଦାରଙ୍କୁ ସୂଚନା ଦେଇଥିଲେ। ସୂଚନା ପାଇବା ପରେ ଥାନାଧିକାରି ଓ ଅତିରିକ୍ତ ତହସିଲଦାର ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ତେଣୁ ବେଆଇନ ମାଟି ଖୋଳାରେ ନିୟୋଜିତ ଜେସିବି ମେସିନକୁ ଜବତ ଜରିବା ସହ ସରକାରୀ ଅଧିକାରୀଙ୍କୁ ତାଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ବ୍ୟକ୍ତି ବିଶେଷ ଓ ଜେସିବି ମାଲିକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗରେ ଦର୍ଶାଯାଇଛି। ଘଟଣା ସମ୍ପର୍କରେ ଯାଜପୁର ସର୍କଲର ଡିଡିଏମ୍ ଙ୍କୁ ଅବଗତି ନିମନ୍ତେ ପତ୍ର ପଠାଯାଇଛି।ଏସମ୍ପର୍କରେ ଥାନାଧିକାରୀ ପ୍ରଦୀପ୍ତ କାନୁନଗୋ ପଚାରିବାରେ ଅଭିଯୋଗ ଉପରେ ତଦନ୍ତ ଜାରି ରହିଥିବା ମତବ୍ୟକ୍ତ କରିଥିଲେ।

## ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ



**କଳିଙ୍ଗନଗର,୧୩।୧(ସଂଚାର ବ୍ୟୁରୋ):** ବାରଗଡିଆ ଗ୍ରାମସ୍ଥିତ ହିଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଆଡମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରଶ୍ମି ରଞ୍ଜନ ରାଜ ଯୋଗଦେଇଥିବାବେଳେ ବାରଗଡିଆ ଗ୍ରାମର ସରପଞ୍ଚ ପ୍ରଦୀପ କୁମାର ଦେଓ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ଦିଦି, ଗଙ୍ଗାଧର ଶତପଥୀ, ବିଶ୍ୱଜିତ ରାଜ (ସମାଜ ସେବୀ), ମୁଟୁନୁ ବ୍ରହ୍ମ ,(ହିଙ୍ଗୁଳା ବିଦ୍ୟାଳୟ ସଭାପତି), ମୃତ୍ୟୁଞ୍ଜୟ ଦେଓ (ସମିତି ସଭ୍ୟ, ବାରଗଡିଆ), ଅଜିତ କୁମାର ଆଇଚ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଆରମ୍ଭ ରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ଫଟୋ ସମ୍ମୁଖରେ ଦୀପ ପ୍ରଜ୍ୱଳନ ହୋଇଥିଲା। ପରେ ଆୟୋଜିତ ସଭାରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ଚରିତ୍ର ନିର୍ମାଣ, ଉଜ୍ଜ୍ୱଳ ଭବିଷ୍ୟତ ଗଠନ ସମ୍ପର୍କରେ ଉପଦେଶ ଦେଇଥିଲେ। ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲ। ସମଗ୍ର କାର୍ଯ୍ୟକ୍ରମଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ସହଯୋଗରେ ସଫଳ ଭାବେ ଶେଷ ହୋଇଥିଲା

## ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ୋତ୍ସବ

**ନାଉଗାଁ,୧୩।୧(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଦେବୀଦୋଳସ୍ଥିତ ମା'କୁତାମଚଣ୍ଡୀ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ କ୍ରିଡାତ୍ସୋବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇ କ୍ରିଡା କେବଳ ବିଦ୍ୟାଳୟସ୍ତରରେ ସୀମିତ ରହିବା ଆବଶ୍ୟକ ନୁହେଁ। ଛାତ୍ରଛାତ୍ରୀମାନେ ଭଲ ଖେଳି ରାଜ୍ୟ ଓ ଜାତୀୟସ୍ତରରେ ସୁନାମ ଅର୍ଜନ କଲେ ଏ ଅଞ୍ଚଳର ଗାରିମା ବୃଦ୍ଧି ହେବ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଅଧକ୍ଷ ପ୍ରସନ୍ନ କୁମାର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ଦାସଙ୍କ ସମେତ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ତଥା ଉପଜିଲାପାଳ ପ୍ରଶାନ୍ତ ତରାଇ, ବିଡିଓ ନିରଞ୍ଜନ ପରିଡ଼ା ପ୍ରମୁଖ ଯୋଗ କ୍ରିଡାର ଉପକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରଷ୍କୃତ କରାଯାଇଥିଲା। ଉଚ୍ଚ ମାଧମିକ ବିଦ୍ୟାଳୟ ପକ୍ଷରୁ ଉପସ୍ଥିତ ଅତିଥିମାନଙ୍କୁ ମାନପତ୍ର ଓ ଉତରୀୟ ପ୍ରଦାବ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ପୁଲିସର ବଡ ସଫଳତା, ୧୦ କେଜି ଗଞ୍ଜେଇ ସହ ୫ ଗିରଫ



**କଳାହାଣ୍ଡି, ୧୩।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ପୋଲିସ କୁ ମିଳିଛି ବଡ ସଫଳତା। କେସିଙ୍ଗା ପୋଲିସ କେସିଙ୍ଗା ରେଳ ଷ୍ଟେସନରୁ ୫ଜଣ ଅନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣ କାରିଙ୍କୁ ଗିରଫ କରିବା ସହ ତାଙ୍କଠାରୁ ପ୍ରାୟ ୧୦ କେଜି ଗଞ୍ଜେଇ ଜବଦ କରାଯାଇଛି।ଅଭିଯୁକ୍ତ ମାନେ ସମସ୍ତେ ମହାରାଷ୍ଟ୍ର ରାଜ୍ୟ ନାଗପୁର ଜିଲ୍ଲା ବାସିନ୍ଦା ବୋଲି ଜଣା ପଡ଼ିଛି। ଅଭିଯୁକ୍ତମାନେ ହେଲେ ରାହୁଲ ସୁରେଶ ରାଉତ (୨୭), ଅଙ୍କେଶ ରାମସିଂ ପାଲ (୨୩), ବିକାଶ ଦିଲୀପ ନନ୍ଦଗୌରୀ (୧୯), ଦୀପ ସିଂ ଟାକ (୨୧), ଗୁରୁପ୍ରିତ ସିଂ ଟାକ(୩୧)। ଅଭିଯୁକ୍ତ ମାନେ କେସିଙ୍ଗା ଠାରୁ ରାୟପୁର ଦେଇ ନାଗପୁର ଯିବାପାଇଁ କେସିଙ୍ଗା ରେଲ ଷ୍ଟେସନ ରେ ଟ୍ରେନ କୁ ଅପେକ୍ଷା କରି ରହିଥିବା ସମୟରେ କେସିଙ୍ଗା ପୋଲିସ ହାବୁଡ଼ରେ ଧରାପଡ଼ି ଥିଲେ। ଗଞ୍ଜେଇ କୋଉଠୁ ଆସିଲା ଓ କିପରି ଆସିଲା ତାହାର ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।କେସିଙ୍ଗା ଥାନା ଅଧିକାରୀ ଜିତେନ୍ଦ୍ର ବିଶ୍ୱାଳ ଙ୍କ ସମେତ ଏସ ଆଇ ଅରକ୍ଷିତ ମାଝୀ, ଏସ ଆଇ ରେଣୁକା ଖେସ, ଏ ଏସ ଆଇ ନୀତିନ ଚତୁର୍ବେଦି ଅନ୍ୟାନ୍ୟ ପୋଲିସ ଷ୍ଟାଫ ପ୍ରମୁଖ ସାମିଲ ଥିଲେ।

# ରାସ୍ତାରୁ ବାଣ ବୋଝେଇ ଅଟୋ ଜବତ



**ବୈଶିଙ୍ଗା,୧୩।୧(ସଂଚାର ବ୍ୟୁରୋ):** ଦୀପାବଳି ସମୟରେ ବାଛୁରୀପଡ଼ା ରେ ବାଣ ତିଆରିକୁ କଟକଣା ଲଗାଯାଇଥିଲା। ଫଳରେ ଲୋକଙ୍କ ମଧରେ ହତାଶା ଭାବ ଦେଖା ଯାଇଥିଲା। ଏହି ଗ୍ରାମରେ ପ୍ରତି ଘରେ ଘରେ ବାଣ ତିଆରି ଏକ କୁଟୀର ଶିଳ୍ପ ଭାବେ ଜଣାଶୁଣା। କାଳୀପୂଜା ପରେ ମୟୂରଭଞ୍ଜର ମକର ପର୍ବ ପାଇଁ ମଧ ବାଣ ତିଆରି ହୋଇଥାଏ ଓ ଏହି ବାଣ ଆଜି ମଙ୍ଗଳବାର ପୂର୍ବାହ୍ନରେ ଏକ ଅଟୋ ଯୋଗେ ରୁପସା ଅଭିମୂଖେ ଯାଉଥିବା ବେଳେ ବୈଶିଙ୍ଗା ଆନାର ପେଟ୍ରୋଲିଂ ଟିମ୍ ରାସ୍ତାରେ ଅଟକାଇ ଅଟୋ ସହିତ ବାଣ ବସ୍ତା ଗୁଡ଼ିକୁ ଥାନା କୁ ନେଇ ଆସିଥିବାର ଜଣାଯାଇଛି। ସମ୍ବାଦ ଲେଖା ହେବା ବେଳକୁ ମାମଲା ରୁଜୁ ହୋଇନଥିବାର ଜଣାଯାଉଛି। ଜବତ ବାଣ ର ଆନୁମାନିକ ମୂଲ୍ୟ ପଚାଶ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଅଟୋ ର ନମ୍ବର ଓଡି ୦୧ ୟୁ ୮୮୬୧ ବୋଲି ଜଣାଯାଇଛି।

## ପିଏମ ଶ୍ରୀ ମଧୁପୁର କନ୍ୟାଶ୍ରମର ବାର୍ଷିକ ଉତ୍ସବ



**ଲାଞ୍ଜିଗଡ଼,୧୩।୧(ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକ ମଧୁପୁରସ୍ଥିତ ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।ଏଥିରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ମୁଖ୍ୟବକ୍ତା ଭାବେ ବିରଞ୍ଚି ନାରାୟଣ ମୁଣ୍ଡ, ବିଶିଷ୍ଟ ଅତିଥି ଭାବେ କୁଟିଆକନ୍ଧ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଶରତ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଉପାଧକ୍ଷ ଜଗଦୀଶ ବେନିଆ, ଶିକ୍ଷାବିତ ଅମରେନ୍ଦ୍ର ସାହୁ, ଉମାଶଙ୍କର ପଣ୍ଡା, ମଧୁସୂଦନ ସାହୁ, ତପନ କୁମାର ଭୋଇ, ସୁଧୀର ରଞ୍ଜନ ମୁଣ୍ଡ, ସନ୍ଦୀପ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଦବ୍ୟାସ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ସୋନାଲିକା ପାଢ଼ୀ ସଭା ପରିଚାଳନା କରିଥିବାବେଳେ ଦିଲୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।ପରିଶେଷରେ ଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ରାଜ୍ୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

**ବାରିପଦା,୧୩।୧(ସଂଚାର ବ୍ୟୁରୋ):** ହସ୍ତତନ୍ତର ପ୍ରଚାର ଓ ପ୍ରସାର ପାଇଁ ବାରିପଦା ଛଉ ପଡ଼ିଆ ଠାରେ ବୟନିକା ପକ୍ଷରୁ ହସ୍ତତନ୍ତ ଉନ୍ନୟନ ଆୟୋଗ, ବସ୍ତ୍ର ମନ୍ତ୍ରାଳୟ, ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ରାଜ୍ୟ ହସ୍ତତନ୍ତ ମେଳାର ଆୟୋଜନ କରାଯାଇଛି। ଏହି ମେଳା ୧୨.୦୧.୨୦୨୬ ରିଖଠାରୁ ୨୩/୦୧/୨୦୨୬ ରିଖ ପଯ୍ୟନ୍ତ ଚାଲିବାକୁ ଥିବାବେଳେ ଏହାର ଉଦଘାଟନୀ ଉତ୍ସବରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଏଠାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ଆକର୍ଷଣୀୟ ହସ୍ତତନ୍ତ ଉତ୍ପାଦ ପ୍ରଦର୍ଶିତ ହେବା ସହିତ ସ୍ୱତନ୍ତ୍ର ରିହାତିରେ ବିକ୍ରି ହେଉଛି। ମୟୂରଭଞ୍ଜରେ ଜାନୁଆରୀ ମାସ ଏକ ପାର୍ବଣ ମାସ ଭାବେ ପରିଚିତ ଥିବାରୁ ତଥା ମକର ପର୍ବ ଥିବାରୁ ବୁଣାକାର ମାନେ ଭଲ ବେପାର ହେବାର ଆଶା ରଖିଛନ୍ତି।

## ରାଇକମା ଆଶ୍ରମ ବିଦ୍ୟାଳୟ ତରଫରୁ ମକର ଅଭିନନ୍ଦନ



**ବୈଶିଙ୍ଗା,୧୩।୧(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ଗଣ ପର୍ବ ଭାବେ ମକର ପର୍ବ ଏକ ସାମାଜିକ ପର୍ବ ଭାବେ ପରିଗଣିତ। ଆଦବାସୀ ଅଧ୍ୟୁଷିତ ଏହି ଜିଲ୍ଲାରେ ମକର ସଂକ୍ରାନ୍ତି ଜାନୁଆରୀ ୧୪ ତାରିଖ ଠାରୁ ଏକ ସପ୍ତାର ରୁ ଉର୍ଦ୍ଧ୍ୱ ପାଳିତ ହୋଇଥାଏ। ରାଇକମା ସ୍ଥିତ ଆଶ୍ରମ ବିଦ୍ୟାଳୟ ପକ୍ଷରୁ ସମସ୍ତଙ୍କ ଉଦ୍ଦେଶ୍ୟରେ ମକର ଅଭିନନ୍ଦନ ଜ୍ଞାପନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅନ୍ୟ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ଓ ପରିଚାଳନା କମିଟୀ ର ସଦସ୍ୟ / ସଦସ୍ୟା ଉପସ୍ଥିତ ରହିଥିଲେ। ଏହି ପର୍ବ ପାଇଁ ଆଶ୍ରମ ବିଦ୍ୟାଳୟ ଗୁଡ଼ିକ ରେ ଏକ ସପ୍ତାହ ଛୁଟି ହୋଇଥାଏ. ମାତ୍ର ଚଳିତ ବର୍ଷ ସମନ୍ୱିତ ଆଦିବାସୀ ଉନ୍ନୟନ ବିଭାଗ ତରଫରୁ ଦଶମ ଶ୍ରେଣୀ ପିଲା ଏବଂ ଶିକ୍ଷକ ଙ୍କ ଛୁଟି ବାତିଲ କରାଯାଇଥିଲା। ମୟୂରଭଞ୍ଜ ବାସୀ ଙ୍କ ବିରୋଧ ପରେ ଏହାକୁ ସ୍ଥଗିତ ରଖାଯାଇଥିବାର ଜଣାଯାଇଛି।